# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ସେପ୍ଟେମ୍ବର ୨ /୨୦୧୮ (୧୬ ପୃଷ୍ଠା) (ଛୁଟିଦିନ ସହ) Rayagada, Sunday, September 2 / 2018 ★

୮ମ ଭାଗ ୨୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ବିଫଳତାକୁ ଭୟ ନାହିଁ: ତାପସୀ


ମୁଁ ବିଫଳତାକୁ ଭୟ କରେନାହିଁ। ମୋର କଳା ପ୍ରଦର୍ଶନ ପରଦାରେ ପ୍ରତିଫଳିତ ହୁଏ ବୋଲି ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି। ୦୨

୦୪

## ଦ୍ରୁତ ବିକାଶ ଜାରି ରହିବ

ବିଶ୍ୱରେ ଦ୍ରୁତ ଅର୍ଥନୀତି ଭାବେ ଭାରତର ଅଗ୍ରଗତି ଜାରି ରହିବ। ତେବେ ଆଗାମୀ ତ୍ରୈମାସିକଗୁଡ଼ିକରେ ବିକାଶ ହାର ପ୍ରଭାବିତ ହେବ ବୋଲି ଅର୍ଥ ମନ୍ତ୍ରଣାଳୟର ପ୍ରମୁଖ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ କହିଛନ୍ତି।





### ଭୋଟର ତାଲିକା ସଂଶୋଧନ ଆରମ୍ଭ

# ବଞ୍ଚିତ ହେବେନି ଯୋଗ୍ୟ

ଭୁବନେଶ୍ୱର,୧।୯(ବ୍ୟୁରୋ)

- ଅକ୍ଟୋବର ୩୧ ଯାଏ ଆବେଦନ
- ୨୦୧୯ ଜାନୁୟାରୀ ୪ରେ ପ୍ରକାଶ ପାଇବ ଚୂଡ଼ାନ୍ତ ତାଲିକା
- ଭୁଲ ତଥ୍ୟ ଦେଲେ ଜେଲ, ଜରିମାନା
- ଅଧିକାରୀ ତ୍ରୁଟି କଲେ କଡ଼ା କାର୍ଯ୍ୟାନୁଷ୍ଠାନ

କୌଣସି ଜଣେ ହେଲେ ଯୋଗ୍ୟ ବ୍ୟକ୍ତି ମତଦାନ ଅଧିକାରରୁ ବଞ୍ଚିତ ହେବେନାହିଁ। ଏହି ଲକ୍ଷ୍ୟ ରଖି ଭାରତର ନିର୍ବାଚନ କମିଶନ (ଇସିଆଇ) ଶନିବାରଠାରୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା-୨୦୧୯ ଆରମ୍ଭ କରିଛନ୍ତି। ଏହା ଆସନ୍ତା ଅକ୍ଟୋବର ୩୧ ଯାଏ ଚାଲିବ। ଚୂଡ଼ାନ୍ତ ଭୋଟର ତାଲିକା ୨୦୧୯ ଜାନୁୟାରୀ ୪ ତାରିଖରେ ପ୍ରକାଶ କରାଯିବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଶନିବାର ଏହି ସୂଚନା ଦେଇଛନ୍ତି।

ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁରେନ୍ଦ୍ର କୁମାର କହିଛନ୍ତି ଯେ, ସମସ୍ତ ଯୋଗ୍ୟ ବ୍ୟକ୍ତି ଯେଉଁମାନଙ୍କୁ ୧୮ ବର୍ଷ ହୋଇଥିବ, ସେମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବ। ସେଥିପାଇଁ ରାଜ୍ୟର ସମସ୍ତ ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇଛି। ଭୋଟର ତାଲିକାରେ ନିଜ ନାମ ସଂଯୋଗ କରିବାକୁ ଚାହୁଁଥିବା ବ୍ୟକ୍ତି ନିର୍ଦ୍ଧାରିତ ଫର୍ମରେ ସେପ୍ଟେମ୍ବର ପହିଲାରୁ ଅକ୍ଟୋବର ୩୧ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଆସନ୍ତା ନଭେମ୍ବର ୩୦ ମଧ୍ୟରେ ଆବେଦନକାରୀ ଆପତ୍ତି ଅଭିଯୋଗ କରିପାରିବେ। ସେହି ସମୟରେ ଅଭିଯୋଗଗୁଡ଼ିକର ଫଇସଲା କରାଯିବ। ଯୁବ ଗୋଷ୍ଠୀଙ୍କୁ ନୂତନ ଭୋଟର ଭାବେ ସାମିଲ କରିବା ଏହାର ମୂଳ ଲକ୍ଷ୍ୟ। ମହିଳା, ଭିନ୍ନକ୍ଷମ ଏବଂ ସମ୍ବେଦନଶୀଳ ବର୍ଗଙ୍କୁ ଭୋଟର ତାଲିକାରେ ସାମିଲ କରିବା ପାଇଁ ବିଶେଷ ଧ୍ୟାନ ଦିଆଯିବ। ଅକ୍ଟୋବର ୩୧ ତାରିଖ ମଧ୍ୟରେ ଆବେଦନକାରୀ ବୁଥସ୍ତରରେ ସେମାନଙ୍କର ନାମ ତାଲିକାକୁ ଯାଞ୍ଚ କରିପାରିବେ। ଏହାଛଡ଼ା ଅନ୍‌ଲାଇନ www.ceoorissa.nic.in କିମ୍ବା www.nvsp.inରେ ମଧ୍ୟ ଆବେଦନ କରାଯାଇ ପାରିବ। ଆବେଦନକାରୀ ଏହି ୱେବ୍‌ସାଇଟ ଜରିଆରେ ମଧ୍ୟ ନିଜ ନାମକୁ ଯାଞ୍ଚ କରିପାରିବେ। ଏହି ସମୟସୀମା ମଧ୍ୟରେ ଯୋଗ୍ୟ ବ୍ୟକ୍ତିମାନେ ନିଜର ନାମ ଭୋଟର ତାଲିକାଭୁକ୍ତ କରିବା ପାଇଁ ଫର୍ମ-୬ ଓ ନାମ କାଟିବା କିମ୍ବା ଆପତ୍ତି କରିବା ପାଇଁ ଫର୍ମ-୭ ଏବଂ ନାମ ସଂଶୋଧନ ପାଇଁ ଫର୍ମ-୮ରେ ଆବେଦନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

୨୦୧୮ ଫେବୃୟାରୀରେ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ରାଜ୍ୟରେ ୩୫ ହଜାର ୮୯୬ ମତଦାନ କେନ୍ଦ୍ର ଥିବାବେଳେ ସେଥିରୁ ୨୯୪ ବୁଥ୍‌କୁ ଅନ୍ୟ ବୁଥ୍‌ରେ ମିଶାଯାଇଛି କିମ୍ବା ଉଚ୍ଛେଦ କରାଯାଇଛି। ୨୦୦୪ ନୂତନ ମତଦାନ କେନ୍ଦ୍ର ସୃଷ୍ଟି କରାଯାଇଛି। ଏବେ ରାଜ୍ୟରେ ସମୁଦାୟ ୩୭ ହଜାର ୬୦୬ ପୋଲିଂ ବୁଥ୍ ରହିଛି। ୨୦୧୯ ଚିଠା ଭୋଟର ତାଲିକା ଅନୁଯାୟୀ ରାଜ୍ୟରେ ୩ କୋଟି ୧୨ ଲକ୍ଷ ୫୨ ହଜାର ୩୩୩ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରୁ ୧ କୋଟି ୫୧ ଲକ୍ଷ ୩୬ ହଜାର ୦୩୬ ଜଣ ମହିଳା, ୧ କୋଟି ☞ପୃଷ୍ଠା-୪



# ଭାରତକୁ ଆଉ ଦୁଇ ସ୍ୱର୍ଣ୍ଣ

ଜାକର୍ତ୍ତା,୧।୯(ପି.ଟି.)

**ଏସିଆନ ଗେମ୍ସ**

ଚଳିତ ଏସିଆନ ଗେମ୍ସର ୧୪ତମ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଆଉ ଦୁଇଟି ସ୍ୱର୍ଣ୍ଣ ସହ ୪ଟି ପଦକ ହାସଲ କରିଛନ୍ତି। ଉଭୟ ଯୁବ ଓ ବୟସ୍କ ପ୍ରତିଯୋଗୀମାନେ ଶନିବାର ଦମ୍‌ଦାର ପ୍ରଦର୍ଶନ କରି ଭାରତର ପଦକ ସଂଖ୍ୟାରେ ରେକର୍ଡ ବୃଦ୍ଧି ଘଟାଇଛନ୍ତି। ବକ୍ସିଂରେ ଅମିତ ପଙ୍ଘାଲ ଓ ବ୍ରିଜ୍‌ରେ ପ୍ରଣବ ବର୍ଦ୍ଧନ ଏବଂ ଶିବନାଥ ସରକାର ଭାରତ ପାଇଁ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ୪୯ କେ.ଜି. ବର୍ଗ ପ୍ରତିଯୋଗିତାରେ ହରିୟାଣାର ତାରକା ବକ୍ସର ଅମିତ ଅଲିମ୍ପିକ୍ସ ତଥା ଏସିଆନ ଚାମ୍ପିୟନ ଉଜ୍‌ବେକିସ୍ତାନର ହାସାନବଏ ଡୁସମାଟୋଭଙ୍କୁ ଫାଇନାଲରେ ୩-୨ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେନାରେ କାର୍ଯ୍ୟରତ ଅମିତ ଏଥିସହିତ ☞ପୃଷ୍ଠା-୪

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ଲଞ୍ଚ ହେଲା ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ

ନୂଆଦିଲ୍ଲୀ,୧।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ(ଆଇପିପିବି)ର ଶୁଭାରମ୍ଭ କରିଛନ୍ତି। ବ୍ୟାଙ୍କିଙ୍ଗ ସେବାକୁ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଇପିପିବିକୁ ଗଠନ କରାଯାଇଛି। ଏହି ବ୍ୟାଙ୍କ ଜରିଆରେ ଟଙ୍କା ଜମା ରଖିବା, ଆଦାନପ୍ରଦାନ, ସରକାରଙ୍କ ଡିବିଟି କାର୍ଯ୍ୟକ୍ରମ ଅଧୀନରେ ସବ୍‌ସିଡି ଆଦି ପ୍ରଦାନ, ବିଲ୍ ଆଦି ପୈଠ କରିବା, ଏଣ୍ଟରପ୍ରାଇଜ ଏବଂ ମର୍ଚ୍ଚାଣ୍ଟ ପେମେଣ୍ଟ ସୁବିଧା ମିଳିପାରିବ। ସ୍ଥାନୀୟ ତାଲକୋଟରା ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଇପିପିବି ଯୋଗୁ ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସହିତ ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିବ।

### ଲ୍ୟାଣ୍ଡମାଇନ୍ ବିସ୍ଫୋରଣ

# ଜଣେ ଯବାନ ଶହୀଦ, ୩ ଗୁରୁତର

ମାଲକାନଗିରି,୧।୯(ଡି.ଏନ.ଏ)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ରାଜ୍ୟ ସୁକ୍‌ମା ଜିଲାରେ ପୁଣି ଲାଲବାହିନୀ ସକ୍ରିୟ ହୋଇଛନ୍ତି। ପୋଲିସକୁ ଟାର୍ଗେଟ କରି ସେମାନେ ହିଂସାକାଣ୍ଡ ଘଟାଇବା ଆରମ୍ଭ କରିଛନ୍ତି। ଶନିବାର ଯବାନମାନେ କୋମ୍ବିଂ ଅପରେଶନରେ ଯାଉଥିବାବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଛନ୍ତି। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ତାଙ୍କ ନାମ ଜାନଚନ୍ଦ୍ର ପ୍ରଧାନୀ। ଏଥିରେ ୩ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଫୁଲଚାନ୍ଦ ବଘେଲ, କମଲ ମଣ୍ଡାବି ଓ ବୀରେନ୍ଦ୍ର ନାଥ। ଫୁଲ୍‌ବଗଡି ଥାନା ଅନ୍ତର୍ଗତ କେର୍ଲାପାଲ ଅଞ୍ଚଳକୁ ଡି.ଆର.ଜି.ର ଯବାନମାନେ କୋମ୍ବିଂ ଅପରେଶନକୁ ଯାଉଥିବାବେଳେ ରାବିରପାରା ନିକଟରେ ମାଓବାଦୀମାନେ ଖଞ୍ଜିଥିବା ଲାଣ୍ଡମାଇନ ବିସ୍ଫୋରଣ ଘଟିଥିଲା। ଫଳରେ ଘଟଣା ସ୍ଥଳରେ ପ୍ରଧାନୀଙ୍କ ମତ୍ୟୁ ହୋଇଥିଲା। ୩ଜଣ ଆହତ ହୋଇଥିଲେ। ଆହତଙ୍କୁ ହେଲକେପ୍ଟର ଯୋଗେ ରାୟପୁର ନିଆଯାଇଛି ବୋଲି ଆଇ.ଜି. ବିବେକାନନ୍ଦ ସିହ୍ନା କହିଛନ୍ତି ।

# ଜଷ୍ଟିସ୍ ଗୋଗୋଇ ହେବେ ପ୍ରଧାନ ବିଚାରପତି

ନୂଆଦିଲ୍ଲୀ, ୧।୯ (ଆଇଏଏନ୍‌ଏସ୍)



- ନାମ ସୁପାରିସ କଲେ ଜଷ୍ଟିସ୍ ଦୀପକ ମିଶ୍ର
- ଅକ୍ଟୋବର ୩ରେ ନୂଆ ସିଜେଆଇଙ୍କ ଶପଥ ଗ୍ରହଣ

ସୁପ୍ରିମକୋର୍ଟର ପରମ୍ପରା ରକ୍ଷାକରି ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ର ଶନିବାର ତାଙ୍କ ଉତ୍ତରାଧିକାରୀ ଭାବେ ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ନାମ ସୁପାରିସ କରିଛନ୍ତି। ସିଜେଆଇ ମିଶ୍ରଙ୍କ ପରେ ଜଷ୍ଟିସ୍ ଗୋଗୋଇ ହେଉଛନ୍ତି ସର୍ବୋଚ୍ଚ ଅଦାଲତର ବରିଷ୍ଠତମ ବିଚାରପତି। କେନ୍ଦ୍ର ସରକାର ଉକ୍ତ ସୁପାରିସକୁ ଅନୁମୋଦନ କରିବା ପରେ ଅକ୍ଟୋବର ୩ରେ ଜଷ୍ଟିସ୍ ଗୋଗୋଇ ସିଜେଆଇ ଭାବେ ଶପଥଗ୍ରହଣ କରିବେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ଅକ୍ଟୋବର ୧ ହେଉଛି ଜଷ୍ଟିସ୍ ମିଶ୍ରଙ୍କ ଶେଷ କାର୍ଯ୍ୟଦିବସ। ପରଦିନ ସେ ଅବସର ଗ୍ରହଣ କରିବେ। ପଦ ଛାଡ଼ିବାର ୩୦ ଦିନ ଅର୍ଥାତ୍ ଯଥେଷ୍ଟ ସମୟ ପୂର୍ବରୁ ସେ ଆଇନ ମନ୍ତ୍ରଣାଳୟର ପରାମର୍ଶ ରକ୍ଷା କରି ନୂଆ ପ୍ରଧାନ ବିଚାରପତିଙ୍କ ନାମ ଚୟନ କରିଛନ୍ତି। ଗତ ଜାନୁୟାରୀରେ ଖବରଦାତା ସମ୍ମିଳନୀ ଡକାଇ ସୁପ୍ରିମକୋର୍ଟର କାର୍ଯ୍ୟଶୈଳୀ ଓ ଜଷ୍ଟିସ୍ ଦୀପକ ମିଶ୍ରଙ୍କ ବିରୋଧରେ ବିଦ୍ରୋହର ସ୍ୱର ଉଠାଇଥିବା ଚାରି ବରିଷ୍ଠ ବିଚାରପତିଙ୍କ ମଧ୍ୟରେ ଥିଲେ ଆସାମ ନିବାସୀ ଜଷ୍ଟିସ୍ ଗୋଗୋଇ। ଅନ୍ୟ ତିନି ବିଚାରପତି ହେଉଛନ୍ତି ଜଷ୍ଟିସ୍ ଜେ. ଚେଲାମେଶ୍ୱର (ଅବସରପ୍ରାପ୍ତ), ଏମ୍.ବି. ଲୋକୁର ଏବଂ କୁରିଏନ୍ ଯୋସେଫ୍। ସୁପ୍ରିମକୋର୍ଟ ଇତିହାସରେ ଏହା ଏକ କଳା ଅଧ୍ୟାୟ ହୋଇ ରହିଯାଇଛି। ଏସବୁ ସତ୍ତ୍ୱେ ଜଷ୍ଟିସ୍ ମିଶ୍ର ବରିଷ୍ଠତା ଭିତ୍ତିରେ ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ପଦ ଲାଗି ଜଷ୍ଟିସ୍ ଗୋଗୋଇଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନ୍ୟାୟର ଗତି କୁଆଡ଼େ

**ଆଜିର ମନ୍ତବ୍ୟ**

" ଟେକ୍ନୋଲୋଜି ତ୍ୱରିତ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସକ୍ଷମ କରିବ।

-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

**କିଛି ତଥ୍ୟ**

ଚଳିତ ବର୍ଷ ଜୁନ ୧ ପରବର୍ତ୍ତୀ ସମୟରେ ବର୍ଷା ସାଧାରଣ ସ୍ତର ଠାରୁ ୭% ନିମ୍ନରେ ରହିଛି। ଏହି ସମୟରେ ଦେଶର ପ୍ରମୁଖ ୯୧ ଜଳ ଭଣ୍ଡାରରେ ଗତ ବର୍ଷ ତୁଳନାରେ ୨୮% ଅଧିକ ଜଳ ରହିଛି।

– ସରକାରଙ୍କ ପ୍ରଦତ୍ତ ତଥ୍ୟ






"ବିଧାୟକ ହେବା ପୂର୍ବରୁ ମୋ ପାଖରେ କୌଣସି ସକ୍ରିୟ ବ୍ୟାଙ୍କ ଆକାଉଣ୍ଟ ନ ଥିଲା। କାରଣ ବ୍ୟାଙ୍କରେ ରଖିବା ପାଇଁ ମୋ ପାଖରେ ସେତିକି ଅର୍ଥ ନ ଥିଲା।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ସୁପ୍ରିମକୋର୍ଟରେ ଇତିହାସର ପୁନରାବୃତ୍ତି
### ସମସ୍ତ ମହିଳା ବିଚାରପତିଙ୍କ ଖଣ୍ଡପୀଠ



**ନୂଆଦିଲ୍ଲୀ, ୧।୯(ପି.ଟି.):** ନିଜେ ସୃଷ୍ଟି କରିଥିବା ଇତିହାସର ପୁନରାବୃତ୍ତି ଘଟାଇବାକୁ ଯାଉଛନ୍ତି ସୁପ୍ରିମ୍‌କୋର୍ଟ। ସେପ୍ଟେମ୍ବର ୫ରେ ସମସ୍ତ ମହିଳା ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରିବେ। ଉକ୍ତ ଖଣ୍ଡପୀଠରେ ଜଷ୍ଟିସ୍ ଆର୍. ବାନୁମଥୀ, ଇନ୍ଦିରା ବାନାର୍ଜୀ ସଦସ୍ୟତା କରିବେ। ୨୦୧୩ରେ ପ୍ରଥମ ଥର ପାଇଁ ଏକ ମାମଲାର ବିଚାର ଲାଗି ମହିଳା ଖଣ୍ଡପୀଠ ଗଠିତ ହୋଇଥିଲା। ଏଥିରେ ସଦସ୍ୟ ଥିଲେ ଜଷ୍ଟିସ୍ ଜ୍ଞାନ ସୁଧା ମିଶ୍ର ଏବଂ ରଞ୍ଜନା ପ୍ରକାଶ ଦେଶାଇ। ଗତ ଅଗଷ୍ଟରେ ଜଷ୍ଟିସ୍ ବାନାର୍ଜୀ ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ଗ୍ରହଣ କରିବା ପରେ ଏକ ରେକର୍ଡ ସୃଷ୍ଟି ହୋଇଥିଲା। ପ୍ରଥମ କରି ସର୍ବୋଚ୍ଚ ଅଦାଲତରେ ଏକକାଳୀନ ତିନି ମହିଳା ବିଚାରପତି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଜଷ୍ଟିସ୍ ବାନୁମଥୀ ହେଉଛନ୍ତି ବରିଷ୍ଠତମ ମହିଳା ବିଚାରପତି। ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଭାବେ ନିଯୁକ୍ତି ପାଇ ଗୌରବ ଆଣିଥିଲେ ଜଷ୍ଟିସ୍ ଫାତିମା ବିବି। ସ୍ୱାଧୀନ ଭାରତରେ ଜଷ୍ଟିସ୍ ବାନାର୍ଜୀ ହେଉଛନ୍ତି ସର୍ବୋଚ୍ଚ ଅଦାଲତର ଅଷ୍ଟମ ମହିଳା ବିଚାରପତି।

### ୩ ଆତଙ୍କବାଦୀ ନିହତ

**ଶ୍ରୀନଗର,୧।୯(ପି.ଟି.):** ଜମ୍ମୁ-କଶ୍ମୀରର ବଣ୍ଡିପୋରା ଜିଲାରେ ଶନିବାର ସୁରକ୍ଷା ବାହିନୀଙ୍କ ସହ ଗୁଳିବିନିମୟ ବେଳେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ଜିଲାର ଦାନା ଅଞ୍ଚଳରେ ସେନା ଅପରେଶନ୍ ଆରମ୍ଭ କରିଥିଲା। ଆତଙ୍କବାଦୀଙ୍କୁ ନିପାତ କରିବା ପରେ ଅପରେଶନ୍ ସ୍ଥଳରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ଶ୍ରୀନଗରସ୍ଥିତ ସେନା ମୁଖପାତ୍ର କଲୋନେଲ ରାଜେଶ କାଲିଆ ସୂଚନା ଦେଇଛନ୍ତି।

### ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଗାଡ଼ି ବିକିବେ ଇମ୍ରାନ

**ଇସ୍‌ଲାମାବାଦ,୧।୯(ପି.ଟି.):** ରାଜକୋଷର ଅଯଥା ଖର୍ଚ୍ଚ କାଟ୍ ଅଭିଯାନରେ ଆଉ ପାଦେ ଆଗେଇଛନ୍ତି ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ରହିଥିବା ବଳକା ବିଳାସପୂର୍ଣ୍ଣ ଗାଡ଼ିମୋଟର ବିକ୍ରି କରିବା ଲାଗି ଇମ୍ରାନ ଘୋଷଣା କରିଛନ୍ତି। ସେପ୍ଟେମ୍ବର ୧୭ରେ ଗାଡ଼ିଗୁଡ଼ିକର ନିଲାମ ହେବ। ଗାଡ଼ିଗୁଡ଼ିକ ମଧ୍ୟରେ ରହିଛି ୮ଟି ବିଳାସପୂର୍ଣ୍ଣ ବିଏମ୍‌ଡବ୍ଲ୍ୟୁ, ୨୦୧୪ ମଡେଲ୍‌ର ୩ କାର୍, ୩ଟି ୫୦୦୦ସିସି ଏସ୍‌ୟୁଭି ଏବଂ ୨ଟି ୩୦୦୦ ସିସି ଏସ୍‌ୟୁଭି, ୨୦୧୬ ମଡେଲ୍‌ର ୪ ମର୍ସିଡିଜ୍ ବେଞ୍ଜ କାର୍, ୧୬ଟି ଟୋୟୋଟା କାର୍, ୪ ବୁଲେଟ୍ ପ୍ରୁଫ୍ ଲ୍ୟାଣ୍ଡ କ୍ରୁଜର୍ ଏବଂ ଆହୁରି ଅନେକ।

### ଇତିହାସର ଆଇନାରେ
### ସେପ୍ଟେମ୍ବର ୨ର ପ୍ରମୁଖ ଘଟଣା

୧୯୬୮ ସେପ୍ଟେମ୍ବର ୨ରେ ନାଇଜେରିଆରେ ଗୃହଯୁଦ୍ଧ ଚାଲିଥିବା ବେଳେ ଅପରେଶନ୍ ଓଏୟୁ ଆରମ୍ଭ ହୋଇଥିଲା। ନାଇଜେରିଆର ୩ଟି ମେରାଇନ୍ କମାଣ୍ଡୋ ଡିଭିଜନ୍(୩ଏସିଡିଓ) ଓ ଦକ୍ଷିଣ ପୂର୍ବ ନାଇଜେରିଆର ୧୨ ଡିଭିଜନ୍ ବାଏଫ୍ରାନ୍ ସୈନିକଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏଥିରେ ଦୁଇପକ୍ଷରୁ ୨୫,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା।

୨୦୦୯ ସେପ୍ଟେମ୍ବର ୨ରେ ଆନ୍ଧ୍ରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀଙ୍କର ମୃତ୍ୟୁ ହୋଇଥିଲା। କୁରନୋଲଠାରୁ ୭୪ କିଲୋମିଟର ଦୂର ରୁଦ୍ରକୋଣ୍ଡା ପାହାଡରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ସେ ପ୍ରାଣ ହରାଇଥିଲେ। କଂଗ୍ରେସ ନେତା ରେଡ୍ଡୀ ୨୦୦୪ରେ ବିଧାନସଭା ନିର୍ବାଚନରେ ବିଜୟୀ ହୋଇ ରାଜ୍ୟର ୧୪ତମ ମୁଖ୍ୟମନ୍ତ୍ରୀ ହୋଇଥିଲେ।

# ଭୂଗୋଳ ବଦଳାଇବାକୁ ସୌଦି ଆରବର ଉଦ୍ୟମ

**ରିୟାଧ(ଏ.ଏଫ୍.ପି.),୧।୯**

ଉପସାଗରୀୟ କ୍ଷେତ୍ରର ଭୂଗୋଳ ପରିବର୍ତ୍ତନ କରିବାକୁ ଯୋଜନା କରୁଛି ସୌଦି ଆରବ। ପଡ଼ୋଶୀ କାତାର ଉପଦ୍ୱୀପକୁ ଏକ ଦ୍ୱୀପରେ ପରିଣତ କରିବାକୁ ସୌଦିଆରବ ପ୍ରସ୍ତୁତି ଶେଷକରି ଦେଇଛି। ସୌଦି ଆରବ ଏବଂ କାତାର ମଧ୍ୟରେ କୂଟନୈତିକ ବିବାଦ ଲାଗିରହିଥିବାବେଳେ ଦୁଇଦେଶ ମଝିରେ ଏକ କେନାଲ ଖନନ ଲାଗି ଉପସାଗରୀୟ ସାମ୍ରାଜ୍ୟର ସରକାର ଯୋଜନା କରୁଛି। ସୌଦି ଆରବ ଯୁବରାଜ ମହମ୍ମଦ ବିନ୍ ସଲ୍‌ମାନଙ୍କ ବରିଷ୍ଠ ଉପଦେଷ୍ଟା ସୌଦ୍ ଅଲ୍-କାହତାନୀ ଶନିବାର ଏ ନେଇ ସୂଚନା ଦେଇଛନ୍ତି। କାହତାନୀ କହିଛନ୍ତି, ପ୍ରସ୍ତାବିତ କେନାଲ ଖନନ ପ୍ରକଳ୍ପକୁ 'ସାଲ୍‌ୱା ଦ୍ୱୀପ ପ୍ରକଳ୍ପ' ନାମ ରଖାଯାଇଛି। ଯୋଜନା ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଅନୁମତି ମିଳିନାହିଁ। ଅନୁମତି ମିଳିଲେ ତୁରନ୍ତ ଏହା କାର୍ଯ୍ୟକାରୀ କରାଯିବ। ଐତିହାସିକ ସାଲ୍‌ୱା ପ୍ରୋଜେକ୍ଟ ଭୂଗୋଳ ପରିବର୍ତ୍ତନ କରିଦେବ। ଏହା ସୌଦି ମୁଖ୍ୟ ଭୂଖଣ୍ଡରୁ କାତାରକୁ ଛିନ୍ନ କରିବ ବୋଲି କାହତାନୀ କହିଛନ୍ତି। ପ୍ରସ୍ତାବିତ କେନାଲ ୬୦ କିଲୋମିଟର ଦୀର୍ଘ ଏବଂ ୨୦୦ ମିଟର ଓସାର ରହିବ ବୋଲି ଜଣାପଡ଼ିଛି।



**କାତାରକୁ ଦ୍ୱୀପରେ ପରିଣତ କରିବାକୁ ଯୋଜନା**

ପ୍ରକାଶ ଯେ, ଆତଙ୍କବାଦକୁ ସମର୍ଥନ ଏବଂ ଇରାନ ସହ ଅତି ଘନିଷ୍ଠ ହେବା ଅଭିଯୋଗରେ ୨୦୧୭ରେ ସୌଦି ଆରବ, ୟୁଏଇ, ବାହାରିନ୍ ଏବଂ ଇଜିପ୍ଟ କାତାରଠାରୁ କୂଟନୈତିକ ସମ୍ପର୍କ ଛିନ୍ନ କରିଥିଲେ। ଏହାପରେ ଉପସାଗରୀୟ କ୍ଷେତ୍ରରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। କିନ୍ତୁ ସମସ୍ତ ଅଭିଯୋଗକୁ କାତାର ପକ୍ଷରୁ ଖଣ୍ଡନ କରାଯାଇଥିଲା।

## ■ ଗୁପ୍ତ ଚିଠିରୁ ପ୍ରମାଣ ମିଳିଥିବା ଦାବି
# କଂଗ୍ରେସର ମାଓବାଦୀ ଲିଙ୍କ୍

**ନୂଆଦିଲ୍ଲୀ,୧।୯**

କେନ୍ଦ୍ର ସରକାରଙ୍କ ବିରୋଧରେ ମାଓବାଦୀଙ୍କ ସାଂଘାତିକ ଷଡ଼ଯନ୍ତ୍ରର ଆଉ ଏକ ଚାଞ୍ଚଲ୍ୟକର ପ୍ରମାଣ ସାମ୍ନାକୁ ଆସିଛି। କର୍ମୀଙ୍କ ପରେ ଏବେ ରାଜନେତାଙ୍କ ମାଓବାଦୀ ଲିଙ୍କ୍ ପ୍ରକାଶ ପାଇଛି। କଂଗ୍ରେସ ଦଳ ସହ ମାଓବାଦୀଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଛି। ସିପିଆଇ (ମାଓବାଦୀ) ଗୋଷ୍ଠୀର ସହରୀ ଶାଖାର ଶୀର୍ଷସ୍ତରର କମ୍ରେଡ୍‌ମାନେ ଦୁଇଜଣ କଂଗ୍ରେସ ନେତାଙ୍କ ସହ ସାକ୍ଷାତ୍ କରିଥିବା ସୂତ୍ରରୁ ପ୍ରକାଶ। ଭୀମା- କୋରେଗାଓଁ ହିଂସା ଘଟଣାର ତଦନ୍ତ ବେଳେ



ପୋଲିସକୁ ଏ ନେଇ ପ୍ରମାଣ ମିଳିଥିବା ଜଣାପଡ଼ିଛି। ପୋଲିସ ଏ ବିଷୟରେ କିଛି ସ୍ପଷ୍ଟ କରି ନ ଥିଲେ ସୁଦ୍ଧା ମାଓବାଦୀଙ୍କ ସହ କଂଗ୍ରେସ ନେତାଙ୍କ ସମ୍ପୃକ୍ତି ସମ୍ପର୍କିତ କିଛି ଚିଠି ହସ୍ତଗତ ହୋଇଥିବା କେତେକ ଜାତୀୟ ଗଣମାଧ୍ୟମରେ ଦାବି କରାଯାଇଛି। ଗୃହବନ୍ଦୀ ହୋଇଥିବା କର୍ମୀଙ୍କୁ ହାଜତକୁ ଅଣାଯିବା ପରେ କଂଗ୍ରେସ ନେତାଙ୍କୁ ପୋଲିସ ସମନ୍ କରିପାରେ ବୋଲି କୁହାଯାଉଛି। ସୂତ୍ର ଅନୁଯାୟୀ, ମାଓବାଦୀମାନେ ନଭେମ୍ବର ୨୦୧୭ରୁ ମେ ୨୦୧୮ଯାଏ ଅନବରତ କଂଗ୍ରେସର କେତେଜଣ ନେତାଙ୍କ ସମ୍ପର୍କରେ ରହିଥିଲେ। କଂଗ୍ରେସ ନେତା ଏବଂ ମାଓବାଦୀଙ୍କ ମଧ୍ୟରେ ଦିଲ୍ଲୀ ଏବଂ ମୁମ୍ବାଇରେ ଅନେକ ବୈଠକ ହୋଇଥିଲା। କେନ୍ଦ୍ର ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର ପାଇଁ ମାଓବାଦୀଙ୍କୁ ଆର୍ଥିକ ଏବଂ ଆଇନଗତ ସହଯୋଗ ଲାଗି ଏଥିରେ ଆଲୋଚନା ହୋଇଥିଲା। ତେବେ ଏହି ଆଲୋଚନା କୌଣସି ସଶସ୍ତ୍ର ସଂଘର୍ଷ କିମ୍ବା ସରକାରଙ୍କୁ ଗାଦିଚ୍ୟୁତ କରିବା ନେଇ ହୋଇ ନ ଥିଲା ବୋଲି ରିପୋର୍ଟରେ କୁହାଯାଇଛି। ଏହି ସମୟ ମଧ୍ୟରେ ଗୁପ୍ତ ଆଲୋଚନା କରିବା ଲାଗି ସମ୍ପୃକ୍ତ ଦୁଇ କଂଗ୍ରେସ ନେତା ପ୍ରୋକ୍ସି ମୋବାଇଲ ନମ୍ବର ବ୍ୟବହାର କରୁଥିବା ରିପୋର୍ଟରେ କୁହାଯାଇଛି।

### ମାଓବାଦୀ ସହରମୁହାଁ

**ନୂଆଦିଲ୍ଲୀ,୧।୯:** ଘଞ୍ଚ ଜଙ୍ଗଲ ତଥା ବିଚ୍ଛିନ୍ନ ଗ୍ରାମାଞ୍ଚଳରେ ସକ୍ରିୟ ରହିଥିବା ମାଓବାଦୀ ଏବେ ସହରକୁ ପ୍ରବେଶ କରିସାରିଲେଣି। କେନ୍ଦ୍ର ସରକାରଙ୍କ ମାଓବାଦୀ ନିରୋଧୀ ଅଭିଯାନ ଯୋଗୁ ସେମାନେ ସହରମୁହାଁ ହୋଇ ଏବେ ଜନମତକୁ ପ୍ରଭାବିତ କରିବାରେ ଲାଗିଛନ୍ତି। ସହରୀ ଭାରତରେ ସେମାନେ ନିଜର ବିଚାରାଧାରା ପ୍ରସାର କରିବା ଆରମ୍ଭ କରିଛନ୍ତି ବୋଲି ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ପ୍ରକାଶ କରିଛନ୍ତି। ରାଜନାଥ କହିଛନ୍ତି, ପୂର୍ବରୁ ୧୨୬ଟି ଜିଲା ମାଓବାଦରେ ପ୍ରଭାବିତ ଥିଲା। ବର୍ତ୍ତମାନ ଏହା ୧୦-୧୨ ମଧ୍ୟରେ ସଙ୍କୁଚିତ ହୋଇଛି। ଏଣୁ ବର୍ତ୍ତମାନ ମାଓବାଦୀମାନେ ଏକ ନୂଆ ରଣନୀତି ଆପଣାଇଛନ୍ତି। ମାଓବାଦୀଙ୍କ ସହରମୁହାଁ ନୀତି ବିଷୟରେ ଗୋଇନ୍ଦା ସୂଚନା ହସ୍ତଗତ ହୋଇଛି ବୋଲି ରାଜନାଥ କହିଛନ୍ତି। ଭୀମା- କୋରେଗାଓଁ ହିଂସା ଘଟଣାରେ ୫ ମାନବାଧିକାର କର୍ମୀଙ୍କ ଗିରଫଦାରିକୁ ରାଜନାଥ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି।



## ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ
# ସୁଗମ ପର୍ଯ୍ୟବେକ୍ଷକ

**ରାୟପୁର, ୧।୯**



ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ। ଏଥିଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ନିର୍ବାଚନ କମିଶନ (ଇସି)। ଦିବ୍ୟାଙ୍ଗ ଓ ନିହାତି ସହଯୋଗ କାମନା କରୁଥିବା ଅନ୍ୟ ଭୋଟରଙ୍କ ପାଇଁ ପ୍ରଥମ ଥର ଲାଗି ସୁଗମ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଶନିବାର ରାୟପୁରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ.ପି. ରାୱତ୍। ନିର୍ବାଚନ ପ୍ରକ୍ରିୟାରେ ଅଧିକ ସଂଖ୍ୟକ ଦିବ୍ୟାଙ୍ଗଙ୍କୁ ସାମିଲ କରିବା ଏବଂ ମତଦାନ ବେଳେ ସେମାନଙ୍କୁ ସହଯୋଗ କରିବା ନିମିତ୍ତ ସୁଗମ ପର୍ଯ୍ୟବେକ୍ଷକଙ୍କୁ ଇସି କାର୍ଯ୍ୟରେ ନିୟୋଜିତ କରିଛନ୍ତି। ଏମାନେ ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ କରିବା ସହ ଭୋଟକେନ୍ଦ୍ରରେ ପହଞ୍ଚିବା ଲାଗି ସେମାନଙ୍କୁ ହ୍ୱିଲ୍‌ଚେୟାର ଯୋଗାଇଦେବେ।

ଚଳିତବର୍ଷ ଶେଷଭାଗ ଆଡ଼କୁ ଛତିଶଗଡ଼ରେ ବିଧାନସଭା ନିର୍ବାଚନ ହେବ। ଏଥିଲାଗି ଇସିଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ବାଚନ କମିଶନଙ୍କ ପୂରା ଟିମ୍ ଏହି ରାଜ୍ୟକୁ ଦୁଇଦିନ ଗସ୍ତ କରି ବିଭିନ୍ନ ଦଳ ସହ ଆଲୋଚନା କରିଛନ୍ତି। ଏହାପରେ ଶନିବାର ସିଇସି ରାୱତ୍ କହିଛନ୍ତି ଯେ, ନିର୍ବାଚନରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯିବ। ଯେଉଁ ସ୍ଥାନରେ ଇଣ୍ଟରନେଟ ସେବା ଉପଲବ୍ଧ ହେବ ସେଠାରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯିବ। ସୁରୁଖୁରରେ ନିର୍ବାଚନ କରାଇବା ପାଇଁ ସବୁ ସ୍ତର ଉପରେ ପର୍ଯ୍ୟବେକ୍ଷଣ କରିବାରେ ଏହା ବେଶ୍ ସହାୟକ ହେବ। ଖାଲି ସେତିକି ନୁହେଁ, ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ଭୋଟବେଳେ ପୋଲିଂ ପାର୍ଟିଗୁଡ଼ିକର ସୁରକ୍ଷା ଓ ନିରାପତ୍ତା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ ହେବ। ଇଭିଏମ୍ ମେଶିନ ସହ ନିର୍ବାଚନ ଅଧିକାରୀମାନେ ଯେପରି ଫେରନ୍ତି ସେଥିପାଇଁ ହେଲିକପ୍ଟର ମୁତୟନ ହେବ ବୋଲି ରାୱତ୍ କହିଛନ୍ତି। ଛତିଶଗଡ଼ ବିଧାନସଭା ନିର୍ବାଚନ ତାରିଖକୁ ଘୁଞ୍ଚାଇ ୨୦୧୯ ଲୋକ ସଭା ନିର୍ବାଚନ ସହିତ କରାଯିବ ବୋଲି ଯେଉଁ ଚର୍ଚ୍ଚା ଜୋର୍ ଧରିଛି, ତାହାକୁ ସିଇସି ଖଣ୍ଡନ କରିଛନ୍ତି।

## ଫୁରସତ

### ସ୍ପେସ୍ ଷ୍ଟେଶନ୍‌ରେ ଛିଦ୍ର


**ୱାଶିଂଟନ୍:** କ୍ୟାବିନ୍ ଚାପ ହ୍ରାସପାଇବା କାରଣରୁ ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)ରେ ଛିଦ୍ର ସୃଷ୍ଟି ହୋଇଛି। ମହାକାଶଚାରୀମାନେ ଏଥିଯୋଗୁ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନ ଥିବା ନାସା ପକ୍ଷରୁ ଏକ ବ୍ଲଗ୍‌ପୋଷ୍ଟରେ ଉଲ୍ଲେଖ କରାଯାଇଛି। ଆଇଏସ୍‌ଏସ୍‌ରେ ୩ଟି ସ୍ପେସ୍‌ଶିପ୍ ସଂଯୁକ୍ତ ରହିଛି। ସେଗୁଡ଼ିକ ହେଉଛି ପ୍ରୋଗ୍ରେସ ୭୦ ରିସପ୍ଲାଏ ଶିପ୍, ସୋୟୁଜ ଏମ୍‌ଏସ୍-୦୮ ଏବଂ ଏମ୍‌ଏସ୍-୦୯ କ୍ରିଉ ଶିପ୍। ବୁଧବାର ରାତିରେ ଫ୍ଲାଇଟ୍ କଣ୍ଟ୍ରୋଲରମାନେ ରସିଆନ୍ ସୋୟୁଜ୍ ସ୍ପେସ୍‌କ୍ରାଫ୍ଟ ଦୁଇଟି ମଧ୍ୟରୁ ଗୋଟିଏରେ ଏକ ଛିଦ୍ର ଦେଖିବାକୁ ପାଇଥିଲେ। କ୍ୟାବିନ୍ ଚାପ ସାମାନ୍ୟ ହ୍ରାସ ପାଇବା କାରଣରୁ ଉକ୍ତ ଛିଦ୍ର ସୃଷ୍ଟି ହୋଇଥିବା ନାସା ବୈଜ୍ଞାନିକ ମାର୍କ ଗାର୍ସିଆ ଗୁରୁବାର ତାଙ୍କ ବ୍ଲଗ୍‌ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଫ୍ଲାଇଟ୍ କଣ୍ଟ୍ରୋଲରମାନେ ଗୁରୁବାର ରାତିରେ ଏହାକୁ ଦେଖିବା ପରେ କୌଣସି ବିପଦ ନାହିଁ ବୋଲି ନିଶ୍ଚିତ ହୋଇଥିଲେ।

### ଉତ୍ତମ ସ୍ୱାସ୍ଥ୍ୟ, ସମ୍ପଦ ପାଇଁ ନଡ଼ିଆ

**ରାୟପୁର:** ବିଶ୍ୱ ନାରିକେଳ ଦିବସର ବାର୍ତ୍ତା ହେଉଛି- 'ଉତ୍ତମ ସ୍ୱାସ୍ଥ୍ୟ, ସମ୍ପଦ ଏବଂ ସନ୍ତୋଷ ପାଇଁ ନାରିକେଳ।' ପ୍ରତିବର୍ଷ ସେପ୍ଟେମ୍ବର ୨ରେ ବିଶ୍ୱ ନାରିକେଳ ଦିବସ ପାଳନ କରାଯାଏ। ଏସିଆନ୍ ପ୍ୟାସିଫିକ୍ କକୋନଟ୍ କମ୍ୟୁନିଟି (ଏପିସିସି)ର ପ୍ରତିଷ୍ଠା ଦିବସକୁ ସ୍ମରଣ କରିବା ପାଇଁ ଏହା ପାଳିତ ହୁଏ। ଏପିସିସି ହେଉଛି ଏକ ଆନ୍ତଃ-ସରକାରୀ ସଂଗଠନ। ଏଥିରେ ବିଶ୍ୱର ୧୮ଟି ରାଷ୍ଟ୍ର ସଦସ୍ୟଭୁକ୍ତ ଅଛନ୍ତି। ୧୯୬୮ ଡିସେମ୍ବର ୨୨ରେ ବ୍ୟାଙ୍କକ୍‌ଠାରେ ଏସିଆନ୍ କୋକୋନଟ୍ କମ୍ୟୁନିଟି ଗଠନ କରାଯିବା ସହିତ ଏ ସଂକ୍ରାନ୍ତୀୟ ଏକ ଚୁକ୍ତିନାମାରେ ଭାରତ, ଇଣ୍ଡୋନେସିଆ ଓ ଫିଲିପାଇନ୍ସ ସ୍ୱାକ୍ଷର କରିଥିଲେ। ଏହାପରେ ଅନ୍ୟ ରାଷ୍ଟ୍ରଗୁଡିକ ସଦସ୍ୟ ହୋଇଥିଲେ। ଏହାର ମୁଖ୍ୟ କାର୍ଯ୍ୟାଳୟ ଜାକର୍ତ୍ତା। ସର୍ବାଧିକ ଅର୍ଥନୈତିକ ପ୍ରଗତି ହାସଲ ଲାଗି ଏସୀୟ ପ୍ୟାସିଫିକ୍ ଅଞ୍ଚଳରେ ନାରିକେଳ ଉନ୍ନୟନ କାର୍ଯ୍ୟକ୍ରମକୁ ଆଗେଇନେବା, ସମନ୍ୱିତ ଏବଂ ସୁସଂଗତ ଭାବରେ କାର୍ଯ୍ୟ କରିବା ଏହି ଦିବସର ଲକ୍ଷ୍ୟ। ଏପିସିସିର ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ଭାରତ ଅନ୍ୟତମ।




ଏହି ପରିପ୍ରେକ୍ଷୀରେ କେନ୍ଦ୍ର କୃଷି ମନ୍ତ୍ରୀ ରାଧାମୋହନ ସିଂ ଛତିଶଗଡର ରାୟପୁରସ୍ଥିତ ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟରେ ବିଶ୍ୱ ନାରିକେଳ ଦିବସ-୨୦୧୮ ଉଦ୍‌ଘାଟନ କରିବେ। ଛତିଶଗଡ ସରକାରଙ୍କ ଉଦ୍ୟାନକୃଷି ବିଭାଗର ସହଯୋଗରେ କୋକୋନଟ୍ ଡେଭଲପମେଣ୍ଟ ବୋର୍ଡ ଏହି ଦିବସ ପାଳନ କରୁଛି। ପାଖାପାଖି ୫୦୦ ନଡିଆ ଚାଷୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ ନଡିଆ ଚାଷ, ନଡିଆର ବିଭିନ୍ନ ଉତ୍ପାଦ ପାଇଁ ବ୍ୟବହାର ହେଉଥିବା ସର୍ବଶେଷ ଜ୍ଞାନକୌଶଳ ସମ୍ପର୍କରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହେବ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୫ | ୨୩.୬ |
| ଚାନ୍ଦବାଲି | ୩୦.୬ | ୨୩.୯ |
| କଟକ | ୩୧.୪ | ୨୨.୮ |
| ପାରାଦ୍ୱୀପ | ୩୦.୨ | ୨୪.୪ |
| ଭୁବନେଶ୍ୱର | ୩୦.୫ | ୨୩.୬ |
| ଗୋପାଳପୁର | ୩୧.୭ | ୨୫.୮ |
| ପୁରୀ | ୩୦.୦ | ୨୩.୬ |
| ଅନୁଗୋଳ | ୩୦.୧ | ୨୨.୦ |
| ବାରିପଦା | ୩୨.୪ | ୨୬.୪ |
| ଝାରସୁଗୁଡ଼ା | ୩୦.୭ | ୨୪.୯ |
| କେନ୍ଦୁଝର | ୩୧.୨ | ୨୩.୨ |
| ସମ୍ବଲପୁର | ୩୦.୩ | ୨୩.୦ |
| ସୁନ୍ଦରଗଡ଼ | --- | ୧୮.୦ |
| ହୀରାକୁଦ | ୩୦.୭ | ୨୧.୪ |
| ତାଳଚେର | ୩୦.୬ | ୨୫.୧ |
| ଭବାନୀପାଟଣା | ୩୧.୦ | ୨୫.୪ |
| ବଲାଙ୍ଗୀର | ୩୦.୫ | ୨୪.୫ |
| କୋରାପୁଟ | ୨୩.୦ | ୨୦.୨ |
| ଫୁଲବାଣୀ | --- | ୨୦.୨ |
| ଟିଟିଲାଗଡ଼ | --- | ୨୩.୦ |
| ମାଲକାନଗିରି | ୨୬.୪ | ୨୪.୮ |
| ସୋନପୁର | ୨୯.୮ | ୨୩.୦ |
| ଦାରିଙ୍ଗିବାଡ଼ି | --- | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ବିଫଳତାକୁ ଭୟ ନାହିଁ

**ମୁମ୍ବାଇ:** ମୁଁ ବିଫଳତାକୁ ଭୟ କରେନାହିଁ। ମୋର କଳା ପ୍ରଦର୍ଶନ ପରଦାରେ ପ୍ରତିଫଳିତ ହୁଏ ବୋଲି ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି। 'ମକ୍' ଏବଂ 'ସୁରମା' ପରେ ଚଳିତ ବର୍ଷର ତୃତୀୟ ଫିଲ୍ମ 'ମନ୍‌ମର୍ଜିୟାଁ'ର ରିଲିଜ୍ ପାଇଁ ସେ ବର୍ତ୍ତମାନ ବ୍ୟସ୍ତ ଅଛନ୍ତି। ତାପସୀ କହନ୍ତି, 'ଜଣେ ବ୍ୟକ୍ତି ଭାବରେ ମୋର ବିଫଳତାକୁ ଭୟ ନାହିଁ। ମୋର କଳାତ୍ମକ ଚିନ୍ତାଧାରା ପରଦାରେ ପ୍ରତିଫଳିତ ହୁଏ। ମୁଁ ସଚ୍ଚୋଟତାର ସହ କାର୍ଯ୍ୟ କରୁଥିବା ବେଳେ କ'ଣ କାଳେ କିଛି ଖରାପ ଘଟିଯିବ କି ବୋଲି ନିଜକୁ ପ୍ରଶ୍ନ କରେ। ମୋ କାର୍ଯ୍ୟରେ ବିଫଳତା ଆସିପାରେ। କିନ୍ତୁ ୟା ମାନେ ନୁହେଁ ଯେ, ସେଇଠାରେ ଅଟକିଯିବି। ନା, ମୁଁ ଆଉଥରେ ଚେଷ୍ଟା କରିବି।' ମୋର ଫିଲ୍ମ ଫ୍ଲପ୍ ହୋଇଗଲେ, ମୁଁ ଅନ୍ୟ କାମରେ ମନୋନିବେଶ କରିପାରେ। କିନ୍ତୁ ଆଦୌ ନିରାଶ ହେବିନାହିଁ। ମୋ ଜୀବନର ସବୁକିଛି ଫିଲ୍ମ ନୁହେଁ। ମୋର ଆତ୍ମବିଶ୍ୱାସ ଏବଂ ମୋ ଭିତରେ ଥିବା ଆତ୍ମ ନିରାପତ୍ତାର ଜ୍ଞାନ ମୋତେ ଆଗକୁ ବଢ଼ିବାକୁ ଉତ୍ସାହିତ କରେ ବୋଲି 'ପିଙ୍କ୍', 'ବେବି' ଏବଂ 'ନାମ୍ ଶାବନା'ରେ ବଳିଷ୍ଠ ଭୂମିକା ପାଇଁ ପରିଚିତ ତାପସୀ ପ୍ରକାଶ କରିଛନ୍ତି। 'ମନ୍‌ମର୍ଜିୟାଁ' ହେଉଛି ଏକ ତ୍ରିକୋଣୀୟ ପ୍ରେମଭିତ୍ତିକ ଫିଲ୍ମ। ଏଥିରେ ଦୁଇ ଅଭିନେତା ଭିକି କୌଶଲ ଏବଂ ଅଭିଷେକ ବଚ୍ଚନ ଉଭୟ ଜଣେ ତରୁଣୀ ପ୍ରେମରେ ପଡିଯାଇଛନ୍ତି। ଉକ୍ତ ଫିଲ୍ମ ସେପ୍ଟେମ୍ବର ୭ରେ ରିଲିଜ୍ ହେବ।



ତାପସୀ ପନ୍ନୁ

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.


PLEDGE 'PLASTIC-FREE' ODISHA
Ratikant Mohapatra
Odissi Artiste
#PlasticFreeOdisha
ଧରିତ୍ରୀ DHARITRI TEAM
02 OCTOBER

**ସଂକ୍ଷେପରେ**


## ଆଜି ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ

- ଚକାପାଦ ଚଳଚଞ୍ଚଳ
- ବିଭିନ୍ନ ସ୍ଥାନରେ କଡ଼ା ସୁରକ୍ଷା

ଶଙ୍କରାଖୋଲ,୧୯(ଡି.ଏନ.ଏ.): କନ୍ଧମାଳ ଜିଲା ଚକାପାଦଠାରେ ଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଶ୍ରମରେ ରବିବାର ଜନ୍ମାଷ୍ଟମୀ ପାଳନ କରାଯିବ। ଏଥିପାଇଁ ଆଶ୍ରମ ପରିସର ଚଳଚଞ୍ଚଳ ହୋଇଉଠିଛି। ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯିବା ସହ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଲକ୍ଷ୍ମଣାନନ୍ଦଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଉତ୍ତରାଧିକାରୀ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଆଶ୍ରମ ପରିସରରେ ପହଞ୍ଚି ସ୍ୱାମୀଜୀଙ୍କ ଶ୍ରାଦ୍ଧ ଦିବସ କିପରି ପାଳନ କରାଯିବ ତା'ର ତଦାରଖ କରିଛନ୍ତି। ଆୟୋଜନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଦାୟିତ୍ୱରେ ଥିବା ସ୍ୱାମୀ କୃଷ୍ଣାନନ୍ଦ ସରସ୍ୱତୀ କହିଛନ୍ତି। ଅନ୍ୟପକ୍ଷରେ ସ୍ୱାମିଜୀଙ୍କର ଶ୍ରାଦ୍ଧ ଦିବସକୁ ଦୃଷ୍ଟିରେ ରଖି କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ଟିକାବାଲି ତେଙ୍ଗେଡ଼ାପଥର ଛକ, ଶଙ୍କରାଖୋଲ, ଜଲେଶପଙ୍ଗା ଓ ଚକାପାଦକୁ ବିଭିନ୍ନ ପଟୁ ପ୍ରବେଶ କରୁଥିବା ଯାନବାହନ ଟିକାବାଲି ଓ ଚକାପାଦ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ଚକାପାଦର ଅତିରିକ୍ତ ଏସ୍‌ପି ଉତ୍କଳ କୁମାର ଦାସ, ଜି. ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଚକାପାଦ ଥାନା ଅଧିକାରୀ ସତ୍ୟଭାମା ବେହେରାଙ୍କ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ରହି ଆଇନଶୃଙ୍ଖଳା ଉପରେ ନଜର ରଖିଛନ୍ତି। ଚକାପାଦ ନିକଟ ବରିଡିକିଆ ଗ୍ରାମରେ ଜନ୍ମାଷ୍ଟମୀ ପାଇଁ ଶନିବାର କଳସଯାତ୍ରା ଶେଷ ହୋଇଥିବାବେଳେ ହନୁମାନ ଚାଳିଶା ପାଠ ଚାଲିଛି।

## ପରଲୋକରେ ବାଲିଆପାଳ ଗାନ୍ଧୀ

ବାଲିଆପାଳ, ୧୯(ଡି.ଏନ.ଏ.)- ବାଲିଆପାଳ ଗାନ୍ଧୀ ଭାବେ ସୁପରିଚିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡାକ୍ତର ହରେକୃଷ୍ଣ ପାତ୍ରଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ହୋଇଥିଲା। ଦୀର୍ଘଦିନ ହେଲା ସେ ଶଯ୍ୟାଶାୟୀ ହୋଇପଡିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ବିଭିନ୍ନ ବର୍ଗର ଲୋକେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରେ ବିରାଟ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରାଯାଇଥିଲା। ଅପରାହ୍ନରେ ଗୁନାପୁର ମୁକ୍ତିଦ୍ୱାର ଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ପ୍ରଦୀପ ପାତ୍ର ମୁଖାଗ୍ନି ଦେଇଥିଲେ। ବରିଷ୍ଠ କୃଷିବୈଜ୍ଞାନିକ ଡ. ଅଦ୍ୱୈତ୍ୟ କୁମାର ପାତ୍ର, ଶିକ୍ଷକ ନେତା ନାରାୟଣ ପ୍ରସାଦ ସାହୁ, ଉତ୍କଳ ସମ୍ମିଳନୀର ବାଲିଆପାଳ ଶାଖାର ସଭାପତି ସନ୍ନ୍ୟାସୀ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।



©Dharitri

# ହକି ଦଳର ୪ ଝିଅଙ୍କୁ କୋଟିଏ ଲେଖାଏ

**ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ମହିଳା ହକି ଦଳରେ ପ୍ରତିନିଧିତ୍ୱ କରିଥିବା ସମସ୍ତ ଓଡ଼ିଆ ଖେଳାଳିଙ୍କ ପାଇଁ ଶନିବାର କୋଟିଏ ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା କରିଛନ୍ତି। ହକି ତାରକା ସୁନୀତା ଲାକ୍ରା, ନମିତା ଟପ୍ପୋ, ନୀଲିମା ମିଞ୍ଜ ଏବଂ ଦୀପ ଗ୍ରେସ ଏକ୍କା ପ୍ରତ୍ୟେକ କୋଟିଏ ଟଙ୍କା ଲେଖାଏ ପୁରସ୍କାର ପାଇବେ। ଭାରତୀୟ ମହିଳା ହକି ଦଳ ଫାଇନାଲରେ ଜାପାନଠାରୁ ପରାସ୍ତ ହୋଇ ରୌପ୍ୟ ପଦକ ପାଇଥିଲା। ଦୀର୍ଘ ୨୦ ବର୍ଷର ବ୍ୟବଧାନ ପରେ ମହିଳା ଦଳ ଏହି ସଫଳତା ଲାଭ କରିଛି। ଏସିଆନ୍ ଗେମ୍ସ-୨୦୧୮ ସଂସ୍କରଣରେ ପୁରୁଷ ହକି ଦଳ ପଡୋଶୀ ପାକିସ୍ତାନକୁ ହରାଇ ବ୍ରୋଞ୍ଜ ଜିତିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ସଂଶୋଧିତ ନୀତି ଅନୁଯାୟୀ ଏସିଆନ୍ ଗେମ୍ସ ପଦକ ବିଜେତା ପ୍ରଶିକ୍ଷକମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ପଦକ ବିଜେତା ପାଉଥିବା ଅର୍ଥ ରାଶିର ୨୦ ପ୍ରତିଶତ ଅର୍ଥ ପୁରସ୍କାର ଭାବେ ପ୍ରଦାନ କରାଯିବ।

## ଉତ୍ତର, ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧।୯(ବ୍ୟୁରୋ)

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଉତ୍ତର ଭାରତରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୩ ଓ ୪ ତାରିଖରେ ବର୍ଷା ପରିମାଣ ହ୍ରାସ ପାଇବ। ପୁଣି ୫ ଓ ୬ ତାରିଖରେ ବର୍ଷା ବଢିବା ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ମେଡିକାଲ କଲେଜର ପ୍ରିକ୍ଲିନିକାଲ, ପାରା କ୍ଲିନିକାଲ ଶିକ୍ଷକଙ୍କୁ ମିଳିବ ମାସିକ ପ୍ରୋତ୍ସାହନ ୨୦,୦୦୦

ଭୁବନେଶ୍ୱର, ୧୯ (ବ୍ୟୁରୋ): ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ପ୍ରିକ୍ଲିନିକାଲ ଏବଂ ପାରା କ୍ଲିନିକାଲର ୮ ବିଭାଗରେ କାର୍ଯ୍ୟରତ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସରମାନଙ୍କୁ ରାଜ୍ୟ ସରକାର ମାସିକ ୨୦,୦୦୦ ଟଙ୍କା ଆର୍ଥିକ ପ୍ରୋତ୍ସାହନ ଦେବାକୁ ଶନିବାର ଘୋଷଣା କରିଛନ୍ତି। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, ଭିମ୍‌ସାର ମେଡିକାଲ ଓ ହସ୍ପିଟାଲ କାର୍ଯ୍ୟରତ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଳିବ। ଏଥିସହିତ ନୂଆ ଖୋଲିଥିବା ମେଡିକାଲ କଲେଜ ଓ ହସ୍ପିଟାଲରେ ନିଯୁକ୍ତି ପାଇଥିବା ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସରମାନଙ୍କୁ ପ୍ରଦାନ କରାଯିବ। ସେମାନଙ୍କ ମାସିକ ଦରମାକୁ ଛାଡି ଅତିରିକ୍ତ ଏହି ୨୦,୦୦୦ ଟଙ୍କା ଲେଖାଏ ଆର୍ଥିକ ପ୍ରୋତ୍ସାହନ ଦିଆଯିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଘୋଷଣା କରିଛି। ଏନେଇ ବିଭାଗୀୟ କମିଶନର ତଥା ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ଏସଂକ୍ରାନ୍ତୀୟ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସେହି ୮ ବିଭାଗଗୁଡିକ ହେଲା, ଆନାଟୋମି, ସାଇକୋଲୋଜି, ବାୟୋକେମିଷ୍ଟ୍ରି, ଫାରମାକୋଲୋଜି, ଫେରେନ୍‌ସିକ୍ ମେଡିସିନ୍ ଆଣ୍ଡ୍ ଟାକ୍ସିକୋଲୋଜି, ପାଥୋଲୋଜି, ମାଇକ୍ରୋବାୟୋଲୋଜି ଏବଂ କମ୍ୟୁନିଟି ମେଡିକାଲ ବିଭାଗର ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ଏହି ଆର୍ଥିକ ପ୍ରୋତ୍ସାହନ ଦିଆଯିବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ଆମେରିକା ଭିଜା ଦୁର୍ନୀତି ମାମଲା

# ଓଡ଼ିଆ ସିଇଓ ଗିରଫ

ନ୍ୟୁୟର୍କ,୧୯

ଆମେରିକାରେ ଡାଇଭେନ୍ସି ଓ ଆଜିମେଟ୍ରି ନାମରେ ଦୁଇଟି କମ୍ପାନୀରେ ସିଇଓ ଥିବା ଓଡ଼ିଆ ଯୁବକ ପ୍ରଦ୍ୟୁମ୍ନ କୁମାର ସାମଲଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଜାଲ୍ କାଗଜପତ୍ର ଜରିଆରେ ୨୦୦ ଜଣ ବିଦେଶୀଙ୍କୁ ଏଚ୍-୧ବି ଓ ଅନ୍ୟ ଭିଜା ଦେବାରେ ସହାୟତା କରିଥିବା ଅଭିଯୋଗ ହୋଇଛି। ଗତ ଏପ୍ରିଲରେ ତାଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ସେ ଫେରାର ହୋଇଯାଇଥିଲେ। ଗତ ସପ୍ତାହରେ ସିଆଟଲ ବିମାନବନ୍ଦରରେ ପହଞ୍ଚିବା କ୍ଷଣି ତାଙ୍କୁ ତୁରନ୍ତ ଗିରଫ କରାଯାଇଥିଲା। ୱାଶିଂଟନରେ ସେ ୨୦୧୦ ଓ ୨୦୧୧ରେ ଦୁଇଟି କମ୍ପାନୀ ଖୋଲି ବେଞ୍ଚ ଆଣ୍ଡ ସ୍ୱିଚ୍ ସ୍କିମ ଜରିଆରେ ଭିଜା ପ୍ରଦାନ କରିବାରେ ସହାୟତା କରିଥିଲେ। ସିଆଟଲ ନିକଟରେ ବେଲେଭ୍ୟୁ ଠାରେ ଡିଭେନ୍ସି ଏବଂ ଆଜିମେଟ୍ରି ନାମକ କମ୍ପାନୀରେ ସେ ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ଭାବେ କାର୍ଯ୍ୟ କରିଥିଲେ। ନିଯୁକ୍ତି ନ ଦେଇ ବିଦେଶୀ ଆଇଟି ପ୍ରଫେଶନାଲଙ୍କ ଠାରୁ ଅର୍ଥ ଆଦାୟ କରୁଥିଲେ ବୋଲି ଶ୍ରୀ ସାମଲଙ୍କ ବିରୋଧରେ ଅଭିଯୋଗ ଆସିଛି। ତାଙ୍କ ବିରୋଧରେ ୨୦୧୫ରେ ଭିଜା ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ ହୋଇଥିଲା। ଏହି ଦୁଇ କମ୍ପାନୀ ଆମେରିକାର ବଡ଼ ବଡ଼ କର୍ପୋରେଟକୁ ସଫ୍ଟୱେର ପ୍ରଫେଶନାଲ ଯୋଗାଉଥିଲା।

## ଯୋଗାଣ ସହାୟକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଆସିକା,୧୯(ଡି.ଏଡ୍.ଏ.)

ଆସିକା-ବାଲିପଦର ମୁଖ୍ୟରାସ୍ତାର ବଡଖୋଲିସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଭିତରେ ଶନିବାର ରାତିରେ ସେହି ପଞ୍ଚାୟତର ଯୋଗାଣ ସହାୟକ ଦୀପକ ପଟ୍ଟନାୟକଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଛି। ବେକରେ ଗାମୁଛା ବାନ୍ଧି ଫ୍ୟାନ ହୁକ୍‌ରେ ଝୁଲୁଥିବା ଲୋକେ ଦେଖି ଆସିକା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ତେବେ କେଉଁ ପରିସ୍ଥିତିରେ ସେ ଏଭଳି ପଦକ୍ଷେପ ନେଇଛନ୍ତି ତାର କୌଣସି ସଠିକ୍ ସୂଚନା ମିଳିପାରିନାହିଁ।

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଉପଲକ୍ଷେ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

HIGH POWER RING WORM OINTMENT SCABIDOL
ତରୁଣ ଆୟୁର୍ବେଦିକ ଫାର୍ମାସୀର
ହାଇପାୱାର ସ୍କେବିଡଲ୍ ®

NECC NATIONAL EGG CO-ORDINATION COMMITTEE
01.09.2018
Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

## ■ମୋମୋ ଚ୍ୟାଲେଞ୍ଜ: କ୍ରାଇମ୍‌ବ୍ରାଞ୍ଚର ପରାମର୍ଶ

# ପରିବାର ଲୋକେ ପିଲାଙ୍କ ଗତିବିଧି ଉପରେ ନଜର ରଖନ୍ତୁ

କଟକ ଅଫିସ,୧।୯

'ବ୍ଲୁ ହ୍ୱେଲ' ପରେ ଏବେ ଚିନ୍ତା ବଢ଼ାଇଛି 'ମୋମୋ ଚ୍ୟାଲେଞ୍ଜ' ଖେଳ। ସୋସିଆଲ ମିଡିଆରେ ଏଭଳି ଚ୍ୟାଲେଞ୍ଜକୁ ଗ୍ରହଣ କରି ଅଳ୍ପବୟସ୍କ ଯୁବପିଢ଼ି ବିପଜ୍ଜନକ କାମ ସାଙ୍ଗକୁ ଆତ୍ମହତ୍ୟା କରୁଛନ୍ତି। ରାଉରକେଲାର ଛାତ୍ର ଏସ୍. ଚେତନ କୁମାର 'ମୋମୋ ଚ୍ୟାଲେଞ୍ଜ' ଗ୍ରହଣ କରି ଚେନ୍ନାଇର ଏକ ୬ ମହଲା କୋଠା ଉପରୁ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଉଛି। ଏ ପରିପ୍ରେକ୍ଷୀରେ ମୋମୋ ଚ୍ୟାଲେଞ୍ଜଠାରୁ କିପରି ଦୂରେଇ ରହିବେ ସେନେଇ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଶନିବାର ଏକ ଆଡଭାଇଜରି ଜାରି କରାଯାଇଛି।

କୁହାଯାଉଛି ଯେ, ମୋମୋ ଚ୍ୟାଲେଞ୍ଜ ବିଶେଷ କରି ହ୍ୱାଟ୍ସଆପ୍ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚୁଛି। ଅଜଣା ନମ୍ବରରୁ ସେଥିରେ ଏକ ୱେବ୍‌ସାଇଟର ଲିଙ୍କ୍ ଥିବା ମେସେଜ୍ ଆସୁଛି। ଉକ୍ତ ଲିଙ୍କ୍ ମାଧ୍ୟମରେ ଜଣେ ଏହି ଖେଳ ଖେଳିପାରିବ। ସେଥିରେ କେତେକ ବିପଜ୍ଜନକ କାର୍ଯ୍ୟ କରିବାକୁ ଟାସ୍କ ଦିଆଯାଉଛି, ଯେଉଁଥିରେ ଆତ୍ମହତ୍ୟା ଶେଷ ଟାସ୍କ ହୋଇଥାଏ ବୋଲି କୁହାଯାଉଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ପରାମର୍ଶ ଦିଆଯାଇଛି ଯେ,

**ଅଜଣା ନମ୍ବରଠାରୁ ଦୂରେଇ ରୁହନ୍ତୁ**

ଅଜଣା ନମ୍ବରରୁ ଯଦି ମେସେଜରେ କୌଣସି ଲିଙ୍କ୍ ଆସୁଛି, ତାହାକୁ ତୁରନ୍ତ ଡିଲିଟ୍ କରିଦିଅନ୍ତୁ। ଅଜଣା ନମ୍ବରରୁ କେହି ଆପଣଙ୍କ ସହ କଥା ହେବାକୁ ଚାହିଁଲେ ତାକୁ ଅଣଦେଖା କରନ୍ତୁ। ଯଦି କୋଣସି ନମ୍ବରରୁ ଆପଣଙ୍କୁ ମେସେଜ ମାଧ୍ୟମରେ ଖେଳିବାକୁ କୁହାଯାଇଛି ତେବେ ସେହି ନମ୍ବରକୁ ବ୍ଲକ କରିଦେବାକୁ ପରାମର୍ଶ ଦିଆଯାଇଛି।

ଯୁବପିଢ଼ି ବିଶେଷ କରି ୧୬ରୁ ୨୨ ବର୍ଷର ପିଲାମାନେ ଏହି ଖେଳ ପ୍ରତି ଆକୃଷ୍ଟ ହେଉଥିବାରୁ ପରିବାର ଲୋକଙ୍କୁ ଏଥିପାଇଁ ସଚେତନ ରହିବାକୁ କୁହାଯାଇଛି। ଯଦି କୋଣସି ପିଲା ଅନଲାଇନ୍‌ରେ ବିଶେଷକରି ସୋସିଆଲ ମିଡିଆରେ ଅଧିକ ସମୟ ବିତାଉଛନ୍ତି, ପିଲାମାନଙ୍କର ବ୍ୟବହାରରେ ଯଦି ପରିବର୍ତ୍ତନ ହେଉଛି, ମୋବାଇଲ ଫୋନ ସ୍କିନ୍‌ର ଛବିକୁ ବାରମ୍ବାର ପରିବର୍ତ୍ତନ କରୁଛନ୍ତି, ଆକସ୍ମିକ ଭାବେ ନୂତନ ଫୋନ୍ ନମ୍ବର ଅବା ଇ-ମେଲ ଆଇଡି ବ୍ୟବହାର କରୁଛନ୍ତି ତାହାହେଲେ ସେମାନଙ୍କ ଉପରେ କଡ଼ା ନଜର ରଖିବାକୁ ପରବାର ଲୋକଙ୍କ ପରାମର୍ଶ ଦିଆଯାଇଛି। ଏସବୁ ଲକ୍ଷଣ ପିଲାଙ୍କଠାରେ ଦେଖାଦେଲେ ତୁରନ୍ତ ତାଙ୍କୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ମଧ୍ୟ କୁହାଯାଉଛି। ସ୍କୁଲ, କଲେଜ ଯାଉଥିବା ପିଲାମାନେ ଫାଙ୍କା ସମୟରେ କ'ଣ କରୁଛନ୍ତି ତାହା ଉପରେ ଶିକ୍ଷକମାନଙ୍କଠାରୁ ପଚାରି ବୁଝନ୍ତୁ। ପିଲାମାନଙ୍କ ସହିତ ସବୁବେଳେ ରହିବା ସହ ସେମାନଙ୍କ ଅସୁବିଧାଗୁଡ଼ିକରେ ତାଙ୍କୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେବା ପାଇଁ ପରିବାର ଲୋକଙ୍କୁ ପରାମର୍ଶ ଦିଆଯାଇଛି।

କୌଣସି ପିଲା ମୋମୋ ଚ୍ୟାଲେଞ୍ଜ ଗେମ୍ ଖେଳୁଥିବା ଯଦି ଅନ୍ୟ କେହି ଜାଣିବାକୁ ପାଉଛନ୍ତି ତାହାହେଲେ ପିଲାର ପରିବାର, ଶିକ୍ଷକଙ୍କୁ ଜଣାଇବାକୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ସେହିପରି ଶିକ୍ଷକମାନଙ୍କ ପାଇଁ ନିର୍ଦ୍ଦେଶାମାନା ଜାରି କରାଯାଇଛି। ସ୍କୁଲରେ ପିଲାମାନଙ୍କ ଉପରେ ନଜର ରଖିବା ସହ ସେମାନଙ୍କ ମୋବାଇଲ ଫୋନ୍ ଯାଞ୍ଚ କରିବାକୁ କୁହାଯାଇଛି। କୌଣସି ପିଲା ମୋମୋ ଖେଳ ସହ ସମ୍ପୃକ୍ତ ଥିଲେ ତୁରନ୍ତ ତାଙ୍କ ପରିବାର ଲୋକଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ପିଲାମାନେ ଯେଭଳି କୌଣସି ହିଂସାତ୍ମକ କାର୍ଯ୍ୟକଳାପରେ ଜଡିତ ନ ରହିବେ ସେଥିପାଇଁ ସେମାନଙ୍କୁ ପରାମର୍ଶ ଦେବାକୁ କୁହାଯାଇଛି।

ଓଡ଼ିଶା ଶାସନ
ODISHA ONE ଓଡ଼ିଶା ଆମ ଗୌରବ
ଉତ୍କଳିକା Utkalika उत्कलिका ୧୯୫୯ 1959
60 years of Excellence

ପବିତ୍ର ଗଣେଶ ପୂଜା ଓ ନୂଆଖାଇ ପର୍ବ ଅବସରରେ ହାର୍ଦ୍ଦିକ ଶୁଭକାମନା
ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଓ ବିକ୍ରୟ
ସମ୍ବଲପୁର
ସ୍ଥାନ :- ରେଡ଼କ୍ରସ ଭବନ, ତା.୦୨.୦୯.୨୦୧୮ ଠାରୁ...
ଶୁଭ ଉଦ୍‌ଘାଟନ
ଶ୍ରୀଯୁକ୍ତ ନଗେନ୍ଦ୍ର କୁମାର ପ୍ରଧାନ
ମାନ୍ୟବର ସାଂସଦ, ସମ୍ବଲପୁରଙ୍କ କରକମଳରେ...
ଭବ୍ୟ ଉପସ୍ଥିତି
ଶ୍ରୀମତୀ ରାସେଶ୍ୱରୀ ପାଣିଗ୍ରାହୀ
ମାନନୀୟା ବିଧାୟିକା, ସମ୍ବଲପୁର
ଶ୍ରୀଯୁକ୍ତ ସମର୍ଥ ବର୍ମା, ଭା.ପ୍ର.ସେ
ଜିଲ୍ଲାପାଳ, ସମ୍ବଲପୁର
ସମୟ :- ସକାଳ ୧୧ ଘଟିକା ତା.୦୨.୦୯.୨୦୧୮ ରିଖ
ରାଉରକେଲା
ଓଡ଼ିଶା ଷ୍ଟେଟ୍ ଏମ୍ପୋରିୟମ, ସେକ୍ଟର-୫
ଶୁଭ ଉଦ୍‌ଘାଟନ
ଶ୍ରୀଯୁକ୍ତ ସୁବ୍ରତ କୁମାର ତରାଇ
ମାନ୍ୟବର ବିଧାୟକ, ରଘୁନାଥପଲ୍ଲୀଙ୍କ କରକମଳରେ...
ଭବ୍ୟ ଉପସ୍ଥିତି
ଶ୍ରୀଯୁକ୍ତ ବିଶ୍ୱଜିତ ମହାପାତ୍ର, ଓ.ପ୍ର.ସେ (ବରିଷ୍ଠ)
ଉପଜିଲ୍ଲାପାଳ, ରାଉରକେଲା
ଶ୍ରୀଯୁକ୍ତ ସନ୍ତୋଷ କୁମାର ଉପାଧ୍ୟାୟ
କୁଳସଚିବ, ଏନ.ଆଇ.ଟି., ରାଉରକେଲା
ସମୟ :- ସନ୍ଧ୍ୟା ୭ ଘଟିକା ତା.୦୨.୦୯.୨୦୧୮ ରିଖ
ବିଶେଷ ରିହାତି
୧୦% ହସ୍ତଶିଳ୍ପ ସାମଗ୍ରୀ ଉପରେ
୧୦%+୨୦% ହସ୍ତତନ୍ତ ସାମଗ୍ରୀ ଉପରେ
ତା.୦୨.୦୯.୨୦୧୮ ଠାରୁ ତା.୧୩.୦୯.୨୦୧୮ ପର୍ଯ୍ୟନ୍ତ
ସମସ୍ତ "ଉତ୍କଳିକା" ଶାଖା ଓ ପ୍ରଦର୍ଶନୀରେ ଉପଲବ୍ଧ

ନିବେଦକ
ଶ୍ରୀଯୁକ୍ତ ସତ୍ୟ ରଞ୍ଜନ ସାହୁ
ପରିଚାଳନା ନିର୍ଦ୍ଦେଶକ, ଉତ୍କଳିକା
ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦୀପ୍ତି ରଞ୍ଜନ
ପରିବାରବର୍ଗ


ସୋନି
ପରିବାରବର୍ଗ


ସୋନାଲିକା
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଏସ୍‌କେୱାଇରେ ୮,୫୦୦ ସରକାରୀ, ୨୦୮ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ମିଳିବ ଚିକିତ୍ସା ସୁବିଧା

ଭୁବନେଶ୍ୱର, ୧।୯ (ବ୍ୟୁରୋ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ହିତାଧିକାରୀଙ୍କୁ ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ ସହିତ ଜିଲାମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମାଗଣାରେ ଚିକିତ୍ସା ସୁବିଧା ମିଳିବ। ରାଜ୍ୟରେ ଥିବା ୮୫୦୦ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୨୦୮ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଚିକିତ୍ସା ସୁବିଧା ମିଳିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କହିଛି।

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାରେ ଓଡ଼ିଶା ସରକାର ସାମିଲ ନ ହୋଇ ନିଜସ୍ୱ ଯୋଜନା ବିଏସ୍‌କେୱାଇ ନିଜସ୍ୱ ଯୋଜନା କରିଛନ୍ତି। ଏହାକୁ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଛି। ଉଭୟ ସରକାର ନିଜର ଯୋଜନା ସମ୍ପର୍କିତ ଉପକାରିତାକୁ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୋଜନାରେ ରାଜ୍ୟର ୭୦ ଲକ୍ଷ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କା ଓ ପରିବାରର ମହିଳା ସଦସ୍ୟଙ୍କୁ ୭ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦିଆଯିବ। ବିଜୁ କୃଷକ କଲ୍ୟାଣ ଯୋଜନା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର କାର୍ଡଧାରୀ ଏବଂ ଗ୍ରାମାଞ୍ଚଳରେ ବାର୍ଷିକ ୫୦ ହଜାରରୁ କମ୍ ଏବଂ ସହରାଞ୍ଚଳରେ ବାର୍ଷିକ ୬୦ ହଜାରରୁ କମ୍ ଆୟକାରୀ ପରିବାର ଏହି ଯୋଜନାରେ ସାମିଲ ହୋଇଛନ୍ତି। ତେବେ ୭୦ ଲକ୍ଷ ପରିବାର ବ୍ୟତୀତ ଅନ୍ୟମାନଙ୍କୁ ମଧ୍ୟ ମେଡିକାଲ କଲେଜଗୁଡ଼ିକରେ ପାଥୋଲୋଜିକାଲ ଏବଂ ରୋଗ ନିରୂପଣ ପରୀକ୍ଷା, କର୍କଟ ରୋଗ ସେବା, ଏମ୍‌ଆରଆଇ, ସିଟି ସ୍କାନ, ଡାୟାଲିସିସ୍ ଭଳି ସୁବିଧାଗୁଡ଼ିକୁ ଦେୟମୁକ୍ତ କରାଯାଇଛି। ନିରାମୟରେ ବିନାମୂଲ୍ୟରେ ରାଜ୍ୟ ସରକାର ଔଷଧ ଯୋଗାଇ ଦେଉଛନ୍ତି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଏତଦ୍‌ବ୍ୟତୀତ ରାଜ୍ୟର ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲାମୁଖ୍ୟ ଚିକିତ୍ସାଳୟରେ ସମସ୍ତ ଲୋକଙ୍କୁ ବାର୍ଷିକ ଆୟସୀମା ଆଧାରରେ ଏହି ଯୋଜନାରେ ମାଗଣା ଚିକିତ୍ସା ସୁବିଧା ମିଳିବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ

# ଦ୍ରୁତ ଅର୍ଥନୀତି ଭାବେ ଭାରତ ଆଗେଇ ଚାଲିବ

ବେଙ୍ଗାଲୁରୁ,୧।୯:

ଆଗାମୀ ତ୍ରୈମାସିକ ଗୁଡ଼ିକରେ ଦେଶର ବିକାଶ ହାର ପ୍ରଭାବିତ ହେବ। ଏହାସତ୍ତ୍ୱେ ବିଶ୍ୱରେ ଦ୍ରୁତ ଅର୍ଥନୀତି ଭାବେ ଭାରତର ଅଗ୍ରଗତି ଜାରି ରହିବ ବୋଲି ଅର୍ଥ ମନ୍ତ୍ରଣାଳୟର ପ୍ରମୁଖ ଆର୍ଥିକ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବାର୍ଷିକ ଆଧାରରେ ବେସ୍ ରିଡିଂ ବୃଦ୍ଧି ପାଇବା ଯୋଗୁ ଅଭିବୃଦ୍ଧି ପ୍ରଭାବିତ ହେବ। ତଥାପି ଦେଶ ଦ୍ରୁତ ବିକାଶ ପଥରେ ଆଗେଇ ଚାଲିବ। ଶୁକ୍ରବାର କେନ୍ଦ୍ର ସରକାର ଜିଡିପି ହାର ପ୍ରକାଶ କରିଥିଲେ। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଏପ୍ରିଲ-ଜୁନରେ ଜିଡିପି ହାର ୮.୨% ରହିଥିବା ପ୍ରକାଶ ପାଇବା ପରେ ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଏହି ହାର ବଜାୟ ରହି ନ ପାରେ ବୋଲି ଆଶଙ୍କାବ୍ୟକ୍ତ କରିଥିଲେ। ଏହା ଉପରେ ନିଜ ପ୍ରତିକ୍ରିୟାରେ ସାନ୍ୟାଲ କହିଥିଲେ ଯେ, ପ୍ରଥମ ତ୍ରୈମାସିକରେ ୮.୨% ଜିଡିପି ହାର ରହିବା ଅସାଧାରଣ ମନେ ହେଉଛି।

### 'କୌନ୍ ବନେଗା କରୋଡ଼ପତି' ନାଁରେ ହେଉଛି ଠକେଇ

# ସତର୍କ ସୂଚନା ଜାରି କଲା କ୍ରାଇମ୍‌ବ୍ରାଞ୍ଚ

କଟକ ଅଫିସ,୧।୯- ଲୋକପ୍ରିୟ ଶୋ 'କୌନ୍ ବନେଗା କରୋଡ଼ପତି' ନାଁରେ ଠକେଇ ହେଉଛି। ଦେଶରେ ବିଭିନ୍ନ ସ୍ଥାନରେ ଏଭଳି ଠକେଇ ହେଉଥିବାବେଳେ ଓଡ଼ିଶାରେ ଏନେଇ ଆଶଙ୍କା ରହିଛି। ତେଣୁ ଜନସାଧାରଣଙ୍କ ନିମନ୍ତେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଶନିବାର ସତର୍କ ସୂଚନା ଜାରି କରାଯାଇଛି। ମୋବାଇଲ ଫୋନକୁ 'କୌନ୍ ବନେଗା କରୋଡପତି' ଶୋରେ ଆପଣ ଲକ୍ଷାଧିକ ଟଙ୍କା ଜିତିଛନ୍ତି ବୋଲି ମେସେଜ ଆସୁଛି। ଏହି ପୁରସ୍କାର ରାଶି ନେବା ପାଇଁ ଆପଣଙ୍କୁ କିଛି ଟଙ୍କା ଜମା କରିବାକୁ କୁହାଯାଉଛି। ଟଙ୍କା ଜମା କରିବା ପରେ କୌଣସି ପୁରସ୍କାର ରାଶି ମିଳୁନାହିଁ। ଆମେରିକାର ଏରିଆ କୋଡ୍(୪୧୦)ରେ ବିଭିନ୍ନ ନମ୍ବରରୁ ଏହି ମେସେଜ ଆସୁଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

## ଉଦ୍‌ଘାଟିତ ହେଲା 'ଆନନ୍ଦ'

ଭୁବନେଶ୍ୱର,୧।୯(ବ୍ୟୁରୋ)-

ବରିଷ୍ଠ ନାଗରିକଙ୍କ ପାଇଁ ଭୁବନେଶ୍ୱର ନୟାପଲ୍ଲୀଠାରେ ରାଜ୍ୟର ପ୍ରଥମ ବହୁମୁଖୀ କାର୍ଯ୍ୟକଳାପ ବିଶିଷ୍ଟ କେନ୍ଦ୍ର 'ଆନନ୍ଦ' ଶନିବାର ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଟାଟା ଟ୍ରଷ୍ଟସ୍‌ର ପରାମର୍ଶ ଅନୁଯାୟୀ ଓଡ଼ିଶା ସରକାରଙ୍କ ଏସ୍‌ଏସ୍‌ଇପିଡି ବିଭାଗ ପକ୍ଷରୁ ଏହାକୁ ବିକଶିତ କରାଯାଇଛି । ହେଲ୍‌ପଏଜ୍ ଇଣ୍ଡିଆ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି।

# 'ଗରିବଙ୍କୁ ଡିଜିଟାଲ ସାକ୍ଷର କରିବ ଡାକବ୍ୟାଙ୍କ'



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ମହିଳାଙ୍କୁ ଆଇପିପିବି ଲୋଗୋ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧।୯(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭାରତୀୟ ଡାକ ବିଭାଗ ଅଧୀନରେ ଶନିବାର ଦେଶବ୍ୟାପୀ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ(ଆଇପିପିବି) ଆରମ୍ଭ ହୋଇଛି । ଏହିକ୍ରମରେ ଭୁବନେଶ୍ୱରସ୍ଥିତ ଓଡିଶା ଡାକ ପରିମଣ୍ଡଳ କାର୍ଯ୍ୟାଳୟରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଡି ହୋଇଥିଲା। ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ କହିଥିଲେ ଯେ, ଶନିବାର ଓଡିଶାରେ ଏକସଙ୍ଗେ ୩୦ ଜିଲାର ସଦର ମହକୁମା ପ୍ରଧାନ ଡାକଘର ସମେତ ସୁନ୍ଦରଗଡ ଜିଲାର ରାଉରକେଲା, ଗଞ୍ଜାମର ଭଞ୍ଜନଗର ଏବଂ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର (୩୩ଟି) ଶାଖା ଏବଂ ୧୬୫ଟି ଡାକଘରେ ଆଇପିପିବି ଖୋଲାଯାଇଛି । ୩୧ ଡିସେମ୍ବର ୨୦୧୮ସୁଦ୍ଧା ରାଜ୍ୟର ଅବଶିଷ୍ଟ ୮୦୫୦ ଡାକଘରେ ଏହି ସେବା ଉପଲବ୍ଧ ହେବ। ୧୩୬୭ ଜଣ ଡାକପିଅନ ଏବଂ ୭୦୦୯ ଜଣ ଡାକ ବିତରକଙ୍କ ମାଧ୍ୟମରେ ଦୂଆର-ମୁହଁରେ ବ୍ୟାଙ୍କ୍ ସେବା ଯୋଗାଇ ଦେବା କେନ୍ଦ୍ର ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରଧାନ କହିଛନ୍ତି।

ସେହିପରି ଔଦ୍ୟୋଗିକ କ୍ରାନ୍ତିର ଅନନ୍ୟ ଦିଗ ହେଲା ଇଣ୍ଟରନେଟ୍‌ର ପ୍ରସାର। ଭାରତୀୟ ଡାକ ବିଭାଗ ନିଜସ୍ୱ ପେମେଣ୍ଟ ସେବା ମାଧ୍ୟମରେ ଡିଜିଟାଲ ସେବାକୁ ତୃଣମୂଳସ୍ତରରେ ପହଞ୍ଚାଇବ। ଗ୍ରାମୀଣ ଡାକ ସେବକ ଓ ପୋଷ୍ଟମ୍ୟାନମାନେ ଡିଜିଟାଲ ସାକ୍ଷରତା ବଢ଼ାଇବା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ । ସେମାନେ ସବୁଠାରୁ ବିଶ୍ୱସନୀୟ ଏବଂ ଆସ୍ଥାର ପ୍ରତୀକ। ଓଡ଼ିଶାର ୪୫୦୦ରୁ ଅଧିକ ପଞ୍ଚାୟତ ଏବେ ମଧ୍ୟ ବ୍ୟାଙ୍କ୍ ସେବାରୁ ବଞ୍ଚିତ। ଡାକଘର ପେମେଣ୍ଟସ୍ ବ୍ୟାଙ୍କ୍ ଗରିବ ଲୋକଙ୍କୁ ଡିଜିଟାଲ ସାକ୍ଷର କରିବା ସହ ସେମାନଙ୍କୁ ନୂତନ ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ କରିବ ବୋଲି କେନ୍ଦ୍ରମନ୍ତ୍ରୀ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ।

ଏହି ପରିପ୍ରେକ୍ଷୀରେ ସେ ବିମୁଦ୍ରୀକରଣ ପ୍ରସଙ୍ଗକୁ ନେଇ ବିରୋଧୀଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ସୁନା ଚାମଚରେ ଖାଇ ବଢ଼ିଥିବା ବଡବଡିଆମାନେ ଏବେ ବିମୁଦ୍ରୀକରଣକୁ ନିନ୍ଦା କରୁଛନ୍ତି। ହେଲେ ଏହା ପଛରେ ଥିବା ମହତ୍ ଉଦ୍ଦେଶ୍ୟକୁ ବୁଝିପାରୁ ନାହାନ୍ତି। ଏହି ପ୍ରକ୍ରିୟା ଦେଶରେ ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବା ସହିତ ଟିକସ ଫାଙ୍କିକୁ ରୋକିବାରେ ବିଶେଷ ଭାବେ ସହାୟକ ହୋଇଛି। ଲୁଚାଛପାରେ ରଖାଯାଇଥିବା ବଡ ବଡ ନୋଟ୍ ଏବେ ବ୍ୟାଙ୍କ୍ ବ୍ୟବସ୍ଥା ମଧ୍ୟକୁ ଆସିଛି। ଜନସାଧାରଣ ଘର ଅପେକ୍ଷା ବ୍ୟାଙ୍କ୍‌ରେ ଅର୍ଥ ଜମା ରଖିବାକୁ ପସନ୍ଦ କରୁଥିବା ଧର୍ମେନ୍ଦ୍ର କହିଛନ୍ତି।

ସମାରୋହରେ କେନ୍ଦ୍ର ମନ୍ତ୍ରୀ ପ୍ରଧାନ ସୁକନ୍ୟା ସମୃଦ୍ଧି ଅଭିଯାନ ଜରିଆରେ ମାନ୍ୟତା ବିଶ୍ୱାଳ ଓ ଆରାଧନା ରାଜକୁମାରୀ ନାମକ ଦୁଇ ଶିଶୁଙ୍କୁ ପାସବୁକ୍ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ପଦ୍ମଶ୍ରୀ କୁମକୁମ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ମୁଖ୍ୟ ମହାଡାକପାଳ ଡ. ସନ୍ତୋଷ କୁମାର କାମିଲା ପ୍ରାରମ୍ଭିକ ଉଦ୍‌ବୋଧନ ଦେବା ସହ ଆଇପିପିବି ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଇପିପିବି ଏକ ସ୍ପେଶାଲ କଭର (ସ୍ୱତନ୍ତ୍ର ଲଫାପା) ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

# ୯ ବ୍ଲକ ପାଇଁ ୩୩.୭୧ କୋଟି ମଞ୍ଜୁର

ଭୁବନେଶ୍ୱର ୧।୯(ବ୍ୟୁରୋ)

**ଆମ ଗାଁ ଆମ ବିକାଶ**

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୭ଟି ଜିଲାର ୯ଟି ବ୍ଲକ ପାଇଁ ୩୩.୭୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ବ୍ଲକଗୁଡିକ ହେଲା କେନ୍ଦ୍ରାପଡା ଜିଲାର ରାଜକନିକା, ବରଗଡର ଗାଇସିଲଟ ଓ ପଦ୍ମପୁର, ମୟୂରଭଞ୍ଜର ବାଙ୍ଗିରିପୋଷୀ ଓ କପ୍ତିପଦା, ସମ୍ବଲପୁର ଜିଲାର ରେଢାଖୋଲ, କୋରାପୁଟ ଜିଲାର ନାରାୟଣପାଟଣା, କନ୍ଧମାଳ ଜିଲାର ରାଇକିଆ ଓ ଗଜପତି ଜିଲାର ଆର. ଉଦୟଗିରି ବ୍ଲକ।

ମୁଖ୍ୟମନ୍ତ୍ରୀ ରାଜକନିକା ବ୍ଲକର ୨୯ଟି ପଞ୍ଚାୟତ ପାଇଁ ୪.୦୧ କୋଟି ଟଙ୍କାର ୨୦୦ଟି ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ଗାଇସିଲଟ ବ୍ଲକର ୧୯ଟି ପଞ୍ଚାୟତ ପାଇଁ ୪.୩୩ କୋଟି ଟଙ୍କାର ୧୭୯ଟି ପ୍ରକଳ୍ପ, ପଦ୍ମପୁର ବ୍ଲକର ୨୨ଟି ପଞ୍ଚାୟତ ପାଇଁ ୪.୩୫ କୋଟି ଟଙ୍କାର ୧୨୫ଟି ପ୍ରକଳ୍ପ, ବାଙ୍ଗିରିପୋଷୀ ବ୍ଲକର ୧୯ଟି ପଞ୍ଚାୟତ ପାଇଁ ୪.୫୫ କୋଟି ଟଙ୍କାରେ ୧୫୫ଟି ପ୍ରକଳ୍ପ, କପ୍ତିପଦା ବ୍ଲକର ୨୫ଟି ପଞ୍ଚାୟତ ପାଇଁ ୬.୪୯କୋଟି ଟଙ୍କାର ୧୬୪ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି। ସେହିପରି ରେଢାଖୋଲ ବ୍ଲକର ୧୪ଟି ପଞ୍ଚାୟତ ପାଇଁ ୩.୧୮କୋଟି ଟଙ୍କାର ୧୮୭ଟି ପ୍ରକଳ୍ପକୁ ମଞ୍ଜୁର କରିଥିବା ବେଳେ ନାରାୟଣପାଟଣା ବ୍ଲକର ୨୨ଟି ପଞ୍ଚାୟତ ପାଇଁ ୪.୩୫ କୋଟି ଟଙ୍କାର ୧୨୫ଟି ପ୍ରକଳ୍ପ, ରାଇକିଆ ବ୍ଲକର ୧୨ଟି ପଞ୍ଚାୟତ ପାଇଁ ୨.୪୦ କୋଟି ଟଙ୍କାର ୧୦୦ଟି ପ୍ରକଳ୍ପ ଓ ଆର. ଉଦୟଗିରି ବ୍ଲକର ୧୭ ପଞ୍ଚାୟତ ପାଇଁ ୨.୦୪ କୋଟି ଟଙ୍କାରେ ୫୧ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି।

ଏହାକୁ ମିଶାଇ ମୁଖ୍ୟମନ୍ତ୍ରୀ ରାଜ୍ୟର ୧୯୩ଟି ବ୍ଲକର ୪୨୨୦ଟି ପଞ୍ଚାୟତର ଜନସାଧାରଣଙ୍କ ସହିତ ଆଲୋଚନା ମାଧ୍ୟମରେ ୩୮୬୧୮ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକଳ୍ପ ପାଇଁ ୯୫୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଲୋକମାନଙ୍କ ସହ ସିଧା ସଳଖ ଆଲୋଚନା ଜରିଆରେ ସେମାନଙ୍କ ପ୍ରସ୍ତାବିତ ପ୍ରକଳ୍ପ ମଞ୍ଜୁର କରୁଛନ୍ତି।

# ଜାନୁୟାରୀ ୪ରେ ପ୍ରକାଶ ପାଇବ ସଂଶୋଧିତ ଭୋଟର ତାଲିକା


ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଭୋଟର ତାଲିକା ସମ୍ପର୍କରେ ସୂଚନା ଦେଉଛନ୍ତି ।

ମାଲକାନଗିରି,୧।୯(ଡି.ଏନ.ଏ)

ମାଲକାନଗିରି ଜିଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆସନ୍ତା ଜାନୁୟାରୀ ୪ ତାରିଖ ସୁଦ୍ଧା ଶେଷ ହୋଇ ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଅତିରିକ୍ତ ଜିଲାପାଳ ଅଯୋଧ୍ୟାକାନ୍ତ ଶତପଥୀ କହିଛନ୍ତି। ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଏହା କହିଛନ୍ତି। ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ମୋଟ ବୁଥ୍ ୫୨୫କୁ ବୃଦ୍ଧି କରାଯାଇ ୫୪୦ କରାଯାଇଛି। ଏହି ମଣ୍ଡଳୀରେ ୮୬ ହଜାର ୪୩ ଜଣ ପୁରୁଷ , ୯୩ ହଜାର ୩୨୩ ମହିଳା ଭୋଟର ଓ ୮ ଜଣ ତୃତୀୟ ଲିଙ୍ଗ ଭୋଟରଙ୍କ ସହ ମୋଟ ୧ ଲକ୍ଷ ୮୦ ହଜାର ୩୭୪ ଜଣ ଭୋଟର ରହିଛନ୍ତି। ଚଳିତ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୧୦ ହଜାର ୫୪୩ ଜଣ ପୁରୁଷ ଭୋଟର, ୧ ଲକ୍ଷ ୧୧ ହଜାର ୨୧୮ ଜଣ ମହିଳା ଭୋଟର, ୫ ଜଣ ତୃତୀୟ ଲିଙ୍ଗ ଭୋଟରଙ୍କ ସମେତ ମୋଟ ୨ ଲକ୍ଷ ୨୧ ହଜାର ୭୬୬ ଜଣ ଭୋଟର ରହିଛନ୍ତି। ଶନିବାର ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କୁ ଭୋଟର ତାଲିକା ପ୍ରଦାନ କରାଯାଇ ଆସନ୍ତା ୨ ମାସ ମଧ୍ୟରେ ସେମାନଙ୍କର ଅଭିଯୋଗ ଦାଖଲ କରିବାକୁ କୁହାଯାଇଛି । ସମସ୍ତ ଅଭିଯୋଗକୁ ଆସନ୍ତା ନଭେମ୍ବର ୩୦ ତାରିଖ ମଧ୍ୟରେ ସମାଧାନ କରାଯିବ । ଜାନୁଆରୀ ୩ ମଧ୍ୟରେ କାଗଜପତ୍ର ପ୍ରସ୍ତୁତ କରାଯାଇ ଜାନୁଆରୀ ୪ରେ ଚୂଡ଼ାନ୍ତ ତାଲିକା ପ୍ରକାଶିତ ହେବ ବୋଲି ଶତପଥୀ କହିଛନ୍ତି। ଏ ଅବସରରେ ସହକାରୀ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ରାମକୃଷ୍ଣ ନାୟକ, ସହକାରୀ ଜିଲାପାଳ ପ୍ରମୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

**ପ୍ରଥମ ପୃଷ୍ଠାରୁ...**

## ବଞ୍ଚିତ ହେବେନି...

୬୧ ଲକ୍ଷ ୧୪ ହଜାର ୨୦୦ ପୁରୁଷ ଓ ୨୦୯୭ ଜଣ ଅନ୍ୟାନ୍ୟ ମତଦାତା ଅଛନ୍ତି। ବୁଥ୍‌ସ୍ତରରେ ସ୍ୱଚ୍ଛ ଭୋଟର ତାଲିକା ପ୍ରକାଶ କରିବା ପାଇଁ ପ୍ରତ୍ୟେକ ବୁଥ୍‌ରେ ଜଣେ ଲେଖାଏ ପ୍ରତିନିଧି ନିଯୁକ୍ତି କରିବାକୁ ଦଳଗୁଡ଼ିକୁ ଅନୁରୋଧ କରାଯାଇଛି। ସଚେତନତା ସୃଷ୍ଟି କରିବାକୁ ସମସ୍ତ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କୁ ଅନୁରୋଧ କରାଯାଇଛି। ଯେଉଁ ମତଦାତାମାନେ ଦୁଇଟି ସ୍ଥାନରେ ନିଜର ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିଥିବେ, ସେମାନେ ଯେକୌଣସି ଗୋଟିଏ ଜାଗାରୁ ନିଜର ନାମ ଉଚ୍ଛେଦ କରିବାକୁ ଆବେଦନ କରିବେ। ସେମାନଙ୍କ ଆବେଦନ ଶୁଣାଣି କରି ନାମ ତାଲିକାରୁ ବାଦ୍ ଦିଆଯିବ। ଯେଉଁମାନେ ମିଥ୍ୟା ତଥ୍ୟ ଦେଇଥିବେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରି କି ଏଥିପାଇଁ ଜରିମାନା ସହ ୧ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡର ବ୍ୟବସ୍ଥା ରହିଛି। କୌଣସି ଅଧିକାରୀ ଯଦି ନିଜ ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ ନ କଲେ ତାଙ୍କ ବିରୋଧରେ ମଧ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଭୋଟରମାନେ ପ୍ରତି ବ୍ଲକ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋଲାଯାଇଥିବା ଭୋଟର ସହାୟତା କେନ୍ଦ୍ରର ମଧ୍ୟ ସାହାଯ୍ୟ ନେଇ ପାରିବେ। ଭୋଟର ତାଲିକାରେ ନାମ ଯୋଡିବା ନେଇ କୌଣସି ସମସ୍ୟା ଥିଲେ ନିଃଶୁଳ୍କ ନଂ ୧୯୫୦ରେ କଲ୍ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳର ପ୍ରତ୍ୟେକ ବୁଥ୍‌ରେ ମତଦାତା ସଂଖ୍ୟା ୧୨୦୦ ଧାର୍ଯ୍ୟ କରାଯାଇଥିବାବେଳେ ସହରାଞ୍ଚଳରେ ୧୪୦୦ ଧାର୍ଯ୍ୟ କରିବାକୁ ଭାରତର ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

## ଜଷ୍ଟିସ୍ ଗୋଗୋଇ ହେବେ...

ନାମ ସୁପାରିସ କରିଛନ୍ତି। ୧୯୫୪ରେ ଜନ୍ମିତ ଜଷ୍ଟିସ୍ ଗୋଗୋଇ ୧୯୭୮ରେ ବାର୍ ସଦସ୍ୟ ଭାବେ ଯୋଗଦେଇ ଓକିଲାତି ଆରମ୍ଭ କରିଥିଲେ। ୨୦୦୧ ଫେବୃୟାରୀ ୨୮ରେ ସେ ଗୁଆହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ୨୦୧୦ ସେପ୍ଟେମ୍ବରରେ ସେ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ବଦଳି ହୋଇଥିଲେ। ୨୦୧୧ ଫେବୃୟାରୀରେ ଜଷ୍ଟିସ୍ ଗୋଗୋଇ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଥିଲେ। ୨୦୧୨ ଏପ୍ରିଲରେ ସେ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ଜଷ୍ଟିସ୍ ଗୋଗୋଇ ନଭେମ୍ବର ୧୭ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ଅବସରଗ୍ରହଣ କରିବେ ବୋଲି ଜଣାପଡ଼ିଛି।

## ଭାରତକୁ ଆଉ ଦୁଇ...

ଅଷ୍ଟମ ଭାରତୀୟ ବକ୍ସର ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୨ ବର୍ଷୀୟ ଅମିତ୍ ଏକମାତ୍ର ଭାରତୀୟ ବକ୍ସର ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଏହାପୂର୍ବରୁ ବକ୍ସିଂରେ ଭାରତର ବିକାଶ କ୍ରିଷ୍ଣନ ମିଡିଲ- ୱେଟ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବକ୍ସିଂରେ ଭାରତକୁ ମାତ୍ର ଦୁଇଟି ପଦକରେ ସନ୍ତୁଷ୍ଟ ହେବାକୁ ପଡିଛି। ପୂର୍ବରୁ ଅମିତ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ସେ ମଧ୍ୟ ବିଶ୍ୱ ଚାମ୍ପିୟନଶିପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ରୌପ୍ୟ ପଦକ ଜିତିଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ସେ ଇଣ୍ଡିଆ ଓପନ୍ ପ୍ରଥମ ସଂସ୍କରଣ ଓ ବୁଲଗେରିଆରେ ଅନୁଷ୍ଠିତ ସମ୍ମାନଜନକ ଷ୍ଟ୍ରାଣ୍ଡଜା ମେମୋରିଆଲ ପ୍ରତିଯୋଗିତାରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ଏସିଆନ ଗେମ୍ସରେ ନିକଟ ଅତୀତରେ ବିଜେନ୍ଦର ସିଂ ଓ ବିକାଶ କ୍ରିଷ୍ଣନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏମ୍.ସି. ମେରିକମ୍ ପ୍ରଥମ ଭାରତୀୟ ମହିଳା ବକ୍ସର ଭାବେ ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିଲେ।

ସେହିପରି ଭାରତୀୟ ଯୋଡି ପ୍ରଣବ ବର୍ଦ୍ଧନ ଓ ଶିବନାଥ ସରକାର ବ୍ରିଜ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଯୋଡି ଶନିବାର ଅନୁଷ୍ଠିତ ପୁରୁଷ ପେୟାର ଇଭେଣ୍ଟରେ ବିଜୟୀ ହୋଇ ଏହି ସଫଳତା ହାସଲ କରିଛନ୍ତି। ଏଥିସହ ପ୍ରଣବ ଭାରତୀୟ ଦଳରେ ସବୁଠାରୁ ବୟସ୍କ ପ୍ରତିଯୋଗୀ ଭାବେ ପଦକ ଜିତିଛନ୍ତି। ୬୦ ବର୍ଷୀୟ ବର୍ଦ୍ଧନ ଓ ୫୬ ବର୍ଷୀୟ ସରକାର ଚାଇନାର ଲିକ୍ସିନ ୟାଙ୍ଗ୍ ଓ ଗାଙ୍ଗ ଚେନଙ୍କୁ ହରାଇ ୩୮୪ ପଏଣ୍ଟ ସ୍କୋର କରି ବାଜି ମାରିଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଚାଇନା ଯୋଡି ୩୭୮ ପଏଣ୍ଟ ସ୍କୋର କରିଥିଲେ। ଏସିଆନ ଗେମ୍ସରେ ବ୍ରିଜ ଏଥର ପଦାର୍ପଣ କରିଛି।

ସେହିପରି ପୁରୁଷ ହକିରେ ଭାରତ ୨-୧ ଗୋଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛି। ସ୍କ୍ୱାଶ୍‌ରେ ଭାରତୀୟ ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରି ରୌପ୍ୟ ପଦକ ଜିତିଛନ୍ତି। ମହିଳା ଟିମ୍ ଫାଇନାଲରେ ଭାରତୀୟ ଦଳ ହଂକଂଠାରୁ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛି।

ଭାରତ ଏପର୍ଯ୍ୟନ୍ତ ମୋଟ ୧୫ଟି ସ୍ୱର୍ଣ୍ଣ ପଦକ ହାସଲ କରି ପୂର୍ବ ରେକର୍ଡର ସମକକ୍ଷ ହୋଇଛି। ସେହିପରି ଭାରତ ୨୪ଟି ରୌପ୍ୟ ଓ ୩୦ଟି ବ୍ରୋଞ୍ଜ୍ ଜିତିଛି। ୧୯୫୧ ଏସିଆନ ଗେମ୍ସରେ ଭାରତ ୧୫ଟି ସ୍ୱର୍ଣ୍ଣ ଜିତିଥିଲା। ସେହିପରି ମୋଟ ପଦକ ହାସଲରେ ମଧ୍ୟ ଏଥର ରେକର୍ଡ କରିଛି। ଗୁଆଙ୍ଗଝୋଉ ଏସିଆନ ଗେମ୍ସରେ ଭାରତ ୬୫ଟି ପଦକ ଜିତିଥିଲା। ତେବେ ଏଥର ଭାରତ ଏହାକୁ ଅତିକ୍ରମ କରିଛି ଓ ପଦକ ତାଲିକାର ଅଷ୍ଟମ ସ୍ଥାନରେ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସକାଳୁ ସକାଳୁ ବନ୍ଧୁମାନଙ୍କ ସହ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ଦିନଟି ହସଖୁସିରେ କଟିବା ସହ ସାମାଜିକ ସ୍ତରରେ ଆଦର, ସମ୍ମାନର ଅଧିକାରୀ ହେବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବେ ଏବଂ ସମସ୍ୟା ମଧ୍ୟ ସମାଧାନ ହୋଇଯିବ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ବୃଷ**
ପ୍ରିୟଜନଙ୍କ ସାନ୍ନିଧ୍ୟଲାଭ କରି ଆନନ୍ଦ ଅନୁଭବ କରିବେ। ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ କରିବାକୁ ପଡ଼ିପାରେ। ଯାତ୍ରା ସମୟରେ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମିଥୁନ**
ଦୈହିକ ଅସୁସ୍ଥତା ସାମୟିକ ଦେଖାଦେଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ବନ୍ଧୁମାନଙ୍କ ସାହାଯ୍ୟରେ ଆଜିର କାମ ସମ୍ପନ୍ନ କରିପାରିବେ। ଅର୍ଥନୈତିକ କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖାଦେଇପାରେ। ଜମିଜମା ସମ୍ପର୍କିତ ସମସ୍ୟା, ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି, କୌଣସି କାମରେ ପ୍ରତୀକ୍ଷାଜନିତ ବିଳମ୍ବକୁ କେନ୍ଦ୍ରକରି କ୍ଷୋଭ ପ୍ରକାଶ କରିବେ।

**କର୍କଟ**
କାର୍ଯ୍ୟବ୍ୟସ୍ତତା କାରଣରୁ ଘରର କାମ କରିବାକୁ ସମୟ ପାଇପାରିବେ ନାହିଁ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ ଚିନ୍ତା ସାୟାହ୍ନେ ଦୂର ହେବ। ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। ବନ୍ଧୁ ଗହଣରେ ଆକସ୍ମିକ ଜଣେ ପୁରୁଣା ବନ୍ଧୁଙ୍କ ଦେଖା ପାଇ ମନ ହାଲୁକା କରିବେ। ଆପଣଙ୍କ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ସ୍ଥାପନ କରିବେ।

**ସିଂହ**
ରବି ଓ ମଙ୍ଗଳଙ୍କ ଷଡାଷ୍ଟକ ସ୍ଥିତି ପ୍ରତ୍ୟେକ କାର୍ଯ୍ୟକୁ ସମସ୍ୟା ବହୁଳ କରାଇବ। ନିଜର କେତେକ କାମକୁ ପରିବାରର ସଦସ୍ୟମାନେ ମଧ୍ୟ ବିରୋଧ କରିବେ। ଅବଶ୍ୟ ଉତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ କୌଣସି ଅସୁବିଧା ହେବନାହିଁ। ଚନ୍ଦ୍ରଙ୍କ ପ୍ରଭାବରୁ ବ୍ୟୟବହୁଳ କରାଇ କାମ ହାସଲ କରିବେ।

**କନ୍ୟା**
ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ କିଛିନା କିଛି ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ପଡ଼ିବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

**ତୁଳା**
ଆଜି ଚନ୍ଦ୍ର ଅଷ୍ଟମସ୍ଥ ହେତୁ ଆର୍ଥିକ ଅଭିବୃଦ୍ଧିରେ କୌଣସି ଅସୁବିଧା ହେବନାହିଁ। ମାତ୍ର ଦିନଟିରେ ଆରମ୍ଭ କରିଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇଯିବ। ନିକଟ ସମ୍ପର୍କୀୟମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। କର୍ମକ୍ଷେତ୍ର, ସଙ୍ଗୀତ ସମାରୋହ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା**
ରାଶିପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି ହେତୁ ବିଭିନ୍ନ ଦିଗରୁ ସୁଖ, ସୁବିଧାର ମାର୍ଗ ଉନ୍ମୁକ୍ତ ହୋଇପାରିବ। ଅବଶ୍ୟ ଶନିଙ୍କ ପ୍ରଭାବରୁ ଧନିଷ୍ଠା ନକ୍ଷତ୍ର ପାଇଁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ଅର୍ଥସମ୍ପର୍କକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି । ବ୍ୟବସାୟ, ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକର ଆଶଙ୍କା କରାଯାଇପାରେ।

**ଧନୁ**
ଆଜି ଚନ୍ଦ୍ରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିପରୀତ ରାଜଯୋଗ ପ୍ରଭାବରୁ ସମସ୍ୟା ଆସିଲେ ମଧ୍ୟ କାର୍ଯ୍ୟ ଅବଶ୍ୟ ପୂର୍ଣ୍ଣାଙ୍ଗ ହୋଇପାରିବ। ବ୍ୟବସାୟିକ ଦିଗରେ ମଧ୍ୟ ସଫଳତା ହାସଲ କରିପାରିବେ। ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ କାର୍ଯ୍ୟ ଅସନ୍ତୋଷଜନକ ରହିବ। ସାମ୍ବାଦିକତା, କଳା, କ୍ରୀଡ଼ା,ସାହିତ୍ୟ, ଚଳଚ୍ଚିତ୍ରରେ ସମ୍ମାନିତ ହେବେ।

**ମକର**
ଆଜି ଚନ୍ଦ୍ରଙ୍କ ଶୁଭତ୍ୱ ପ୍ରତ୍ୟେକ କାର୍ଯ୍ୟରେ ସଫଳତା, ବୈଷୟିକ ଅଭିବୃଦ୍ଧି ଓ ସମସ୍ୟା ସମାଧାନରେ ସହାୟକ ହେବ । କିନ୍ତୁ ବୁଧ ସପ୍ତମଭାବରେ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ପାଖ ପଡୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ଥ ହୋଇପଡ଼ିବେ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ସମାଧାନ କରିବା ସହ ନିଜର ସ୍ଥିତିକୁ ସୁଦୃଢ କରିପାରିବେ। ବନ୍ଧୁମିଳନ ସହ ଦେବଦର୍ଶନ, ପୂଜାର୍ଚ୍ଚନା ଦିଗରେ ନିଷ୍ଠାବାନ୍ ହୋଇପାରନ୍ତି। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମୀନ**
ଆଜି ବନ୍ଧୁମାନଙ୍କ ସହ କୌଣସି ନୂତନ କର୍ମାରମ୍ଭ ସକାଶେ ଲାଗି ପଡିବେ। ଆଧ୍ୟାତ୍ମିକ ଗ୍ରହ ପ୍ରଭାବରେ ଧର୍ମକାର୍ଯ୍ୟ, ସତ୍‌ସଙ୍ଗ ଦିଗକୁ ମନ ବଳାଇ ପାରନ୍ତି। ସାମୟିକ ଭାବରେ ପରିବାରରେ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ । ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ।

ଆଜି ଭାଦ୍ରବ କୃଷ୍ଣ ସପ୍ତମୀ ରାତ୍ରି, ଘ୯।୦୦ମି. ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ(ସ୍ମାର୍ତ୍ତମତ), ଖୁଦୁରୁକୁଣୀ ଓଷା ଆରମ୍ଭ, ସେପ୍ଟେମ୍ବର ୨ ତାରିଖ ରବିବାର, ବିଶ୍ୱ ନାରିକେଳ ଦିବସ, ରାଶି ନକ୍ଷତ୍ର-କୃତିକା/ବୃଷ, ମେଷ ରାଶିର ଘାତବାର,ବିଛା ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୨ମି. ମଧ୍ୟେ ଘ୪।୫୬ମି. ଗତେ, ଘ୬।୧୭ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୯ମି. ଗତେ ଘ୧୦।୦୬ମି. ମଧ୍ୟେ ରାହୁକାଳ।

# ଭୁବନେଶ୍ୱରରେ ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା






ଭୁବନେଶ୍ୱର, ୧।୯(ବ୍ୟୁରୋ)– ସମାଜରେ ଆମର ବଞ୍ଚିବାର ଅଧିକାର ରହିଛି। ସାଧାରଣ ଲୋକଙ୍କ ଭଳି ଆମକୁ ମଧ୍ୟ ସାମାଜିକ ଅଧିକାର ମିଳିବା ଉଚିତ। ଅନ୍ୟମାନଙ୍କ ଭଳି ଆମକୁ ବି ସମ୍ମାନ ମିଳୁ। କାରଣ ଆମେ ମଧ୍ୟ ନାଗରିକ। ଏସବୁ ବାର୍ତ୍ତା ନେଇ ଭୁବନେଶ୍ୱରରେ ଶନିବାର ଅନୁଷ୍ଠିତ ହୋଇଥିଲା ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା। ଏହି ପଦଯାତ୍ରାରେ 'ଏଲ୍‌ଜିବିଟିଆଇକ୍ୟୁଏ+' ଗୋଷ୍ଠୀର ପ୍ରାୟ ୩୦୦ଜଣ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ 'ସମଲିଙ୍ଗୀ ମହିଳା ଓ ପୁରୁଷ', 'ଉଭୟ ମହିଳା, ପୁରୁଷଙ୍କ ସହ ସମ୍ପର୍କ ରଖୁଥିବା ବ୍ୟକ୍ତି', ଟ୍ରାନ୍ସଜେଣ୍ଡର ବ୍ୟକ୍ତି, ଇଣ୍ଟରସେକ୍ସ ଏବଂ ଅନ୍ୟାନ୍ୟ ଯୌନ ସଂଖ୍ୟାଲଘୁ ବ୍ୟକ୍ତିମାନେ, ଯେଉଁମାନେ କି ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଅନ୍ୟ ରାଜ୍ୟଗୁଡ଼ିକରୁ ଆସିଥିଲେ। ଏହି ସ୍ୱାଭିମାନ ପଦଯାତ୍ରା ଅପରାହ୍ନ ୩ଟାରୁ ରାଜମହଲ ଛକଠାରୁ ଆରମ୍ଭ ହୋଇ ମାଷ୍ଟରକ୍ୟାଣ୍ଟିନ ଦେଇ ବିଗ୍‌ବଜାର ନିକଟ ଶୁଭମ୍ ମାର୍କେଟ୍ କମ୍ପ୍ଲେକ୍ସ ପରିସରରେ ଶେଷ ହୋଇଥିଲା। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ସମେତ ବହୁ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବ୍ୟକ୍ତିବିଶେଷ ପଦଯାତ୍ରାରେ ଅଂଶଗ୍ରହଣ କରି 'ଏଲ୍‌ଜିବିଟିଆଇକ୍ୟୁଏ+' ଗୋଷ୍ଠୀଙ୍କୁ ସମର୍ଥନ ଜଣାଇଥିଲେ। ଏହି ଅବସରରେ ସମାଜରେ ଉତ୍ପୀଡ଼ନ ସହ୍ୟ କରି ଅନ୍ୟ ଗୋଷ୍ଠୀକୁ ରାସ୍ତା ଦେଖାଇଥିବା ବ୍ୟକ୍ତିତ୍ୱ ତଥା ନେତାମାନଙ୍କୁ ସ୍ମରଣ କରି ଏକ ମହମ ପ୍ରଜ୍ୱଳନ ସଭା ଅନୁଷ୍ଠିତ ହୋଇଥିଲା।

ସଖା, ସାଥୀ ଓ ପରିଚୟ କଲେକ୍ଟିଭ୍ ଆଦି ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏ ସମ୍ପର୍କରେ ସାଥୀ ସଂସ୍ଥାର ବିଶ୍ୱଭୂଷଣ ପଟ୍ଟନାୟକ କୁହନ୍ତି, ହ୍ୟୁମାନ ସେକ୍ସୁଆଲିଟିକୁ ସେଲିବ୍ରେଶନ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ୨୦୦୯ରେ ଯେତେବେଳେ ଆମେ ଏହାକୁ ଆରମ୍ଭ କରିଥିଲୁ ସେତେବେଳେ ଏହି କମ୍ୟୁନିଟିରୁ ବହୁତ କମ୍ ଅଂଶଗ୍ରହଣ କରିଥିଲେ। କାରଣ ସମାଜକୁ ଭୟ କରି ସାମ୍ନାକୁ ଆସୁ ନ ଥିଲେ। ଦିନକୁ ଦିନ ଲୋକେ ଏହାକୁ ଜାଣିଲେଣି, ଚିନ୍ତାଧାରା ମଧ୍ୟ ବଦଳିଲାଣି। ତେଣୁ ଏହାକୁ ପାଳନ କରିବା ପାଇଁ ସେମାନେ ଆଗକୁ ଆସୁଛନ୍ତି।

ସଖା ସଂସ୍ଥାର ମୀରା ପରିଡ଼ା କୁହନ୍ତି, ଆମମାନଙ୍କ ପାଇଁ ଏହା ବଡ଼ ସୁଯୋଗ ଅଟେ। ସମାଜକୁ ଜଣାଇବାକୁ ଅଛି ଯେ, ଆମମାନଙ୍କର ମଧ୍ୟ ଅସ୍ତିତ୍ୱ ଅଛି। ଏବର୍ଷ ଏହି ପଦଯାତ୍ରା ବହୁ ଗୁରୁତ୍ୱ ବହନ କରୁଛି। କାରଣ ନିକଟରେ ଧାରା ୩୭୭କୁ ନେଇ ଏକ ଜଜ୍‌ମେଣ୍ଟ ଶେଷ ହୋଇଛି, କେବଳ ଶୁଣାଣି ବାକି ରହିଛି ଏବଂ ଟ୍ରାନ୍ସଜେଣ୍ଡର ବିଲ୍ ମଧ୍ୟ ପୁଣିଥରେ ରିପିଟିଶନ୍ ହେଉଛି। ତେଣୁ ସମାଜରେ ଆମ ପ୍ରତି ଯେଉଁ ତାଚ୍ଛଲ୍ୟ ମନୋଭାବ ଥିଲା ସେଥିପ୍ରତି ଏହା ଏକ ଜବାବ ଅଟେ।

ରେନ୍‌ବୋ ଯେଉଁଭଳି ଭାବେ ବିଭିନ୍ନ ରଙ୍ଗର, ହ୍ୟୁମାନ ସେକ୍ସୁଆଲିଟି ମଧ୍ୟ ସେହିଭଳି ବିଭିନ୍ନ ରଙ୍ଗର। ତାକୁ କିଭଳି ଆତ୍ମସମ୍ମାନର ସହ ପାଳନ କରାଯିବ ସେଥିପାଇଁ ଏହାର ନାମ 'ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା' ରହିଛି ବୋଲି ବିଶ୍ୱଭୂଷଣ ପଟ୍ଟନାୟକ କହିଛନ୍ତି। ଚଳିତବର୍ଷ ଓଡ଼ିଶାରେ ଏହି ପଦଯାତ୍ରାର ଷଷ୍ଠ ସଂସ୍କରଣ ଥିଲା। ୨୦୦୯, ୨୦୧୦, ୨୦୧୧ରେ ଭୁବନେଶ୍ୱରରେ ଏବଂ ୨୦୧୨ରେ ଭବାନୀପାଟଣାରେ ଏହି ସ୍ୱାଭିମାନ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ୨୦୧୭ରେ ଟ୍ରାନ୍ସଜେଣ୍ଡରମାନଙ୍କ ସ୍ୱାଭିମାନ ଯାତ୍ରା ଭୁବନେଶ୍ୱରରେ କରାଯାଇଥିଲା। ଶନିବାର ଭୁବନେଶ୍ୱରରେ ଏହି ପଦଯାତ୍ରା ହୋଇଥିବାବେଳେ କିଛିଦିନ ହେଲା କବିତା ପାଠ, ଯୌନ ସଂଖ୍ୟାଲଘୁମାନଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଥିବା ଚଳଚ୍ଚିତ୍ର ପ୍ରଦର୍ଶନୀ ଓ ବିଭିନ୍ନ ବିଶାରଦମାନଙ୍କ ସହ ଆଲୋଚନା ସଭା ଆୟୋଜନ କରାଯାଇଥିଲା।




କଲିକତାରୁ ଯୋଗଦେଇଥିବା ସଙ୍କେତ ଭରଦ୍ୱାଜ।

(ଫଟୋ–ବିକାଶ)








■ପିସିସି ସଭାପତିଙ୍କ ମଇନାପଦର ଗସ୍ତ

# ବିକାଶର ନାରା ସତ୍ତ୍ୱେ ଗାଁକୁ ହୋଇପାରୁନି ରାସ୍ତା

ଝରିଗାଁ,୧।୯(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ମଇନାପଦର ଗ୍ରାମର କାମସାହିରେ ଆମ୍ବକୋଇଲି ପିଠା ଖାଇ ଡମ୍ବରୁ ସାନ୍ତାଙ୍କ ଦୁଇ ବୋହୂ ସୁଧମଣୀ ସାନ୍ତା(୩୦), ପ୍ରମିଳା ସାନ୍ତା(୨୮) ଓ ଝିଅ ନମିତା ସାନ୍ତା(୧୬)ଙ୍କ ଅଗଷ୍ଟ ୨୧ ତାରିକରେ ମୃତ୍ୟୁ ଘଟିଥିଲା। ଡମ୍ବରୁଙ୍କ ନାତି ପ୍ରକାଶ ସାନ୍ତା( ୬) ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସା ହେଉଥିବା ବେଳେ ଏବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିଥିବା ପରିବାର ଲୋକ ସୂଚନା ଦେଇଛନ୍ତି। ଶନିବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ, ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ପିସିସି ମିଡିଆ ସେଲ ସଭାପତି ସତ୍ୟ ନାୟକ, କୋରାପୁଟ ବିଧାୟକ କୃଷ୍ଣ ସଗରିଆ, ଡାବୁଗାଁ ବିଧାୟକ ଭୁଜବଳ ମାଝୀ ମଇନାପଦର ଗାଁକୁ ଗସ୍ତ କରିଥିଲେ। ସେଠାରେ ଡମ୍ବରୁଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଡମ୍ବରୁଙ୍କ ବଡ ପୁଅ ଅର୍ଜୁନ କହିଥିଲେ ଯେ ଆମ୍ବ କୋଇଲି ଗୁଣ୍ଡ ପିଠା କରି ସେମାନେ ଖାଇଥିଲେ। ଏହା ଆମର ପାରମ୍ପରିକ ଖାଦ୍ୟ ବୋଲି କହିଥିଲେ। ରାଜ୍ୟ ସରକାର ଆମ ଗାଁ ଆମ ବିକାଶର ନାରା ଦେଉଥିବା ବେଳେ ମଇନାପଦର ଗାଁକୁ ଭଲ ରାସ୍ତା ନ ଥିବା ନିନ୍ଦନୀୟ । ଜିଲାରେ ରୋଗୀ ସ୍ୱାସ୍ଥ୍ୟ ସେବା ଠିକ୍ ଭାବରେ ପାଇପାରୁ ନ ଥିବା ନିରଞ୍ଜନ ଅଭିଯୋଗ କରିଥିଲେ। ଏହି ଅଞ୍ଚଳରେ ଆମ୍ବୁଲାନ୍ସ ସେବା ଠିକ୍ ଭାବରେ ମିଳୁ ନ ଥିବା ଯୋଗୁଁ ଏଭଳି ଘଟଣା ମଇନାପଦର ଗାଁରେ ଘଟିଥିବା ନେଇ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି । ଅଞ୍ଚଳରେ ପୁଷ୍ଟିକର ଖାଦ୍ୟର ଅଭାବ ରହିଥିବା ନେଇ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଦାସ କହିଛନ୍ତି। ପୂର୍ବତନ ବିଧାୟକ ସଦନ ନାୟକ, ପୂର୍ବତନ ବିଧାୟକ ନିମାଁଇ ସରକାର, ଏଆଇସିସି ସଭ୍ୟା ମନୀଷା ତ୍ରିପାଠୀ, ଆଦିବାସୀ କଂଗ୍ରେସ ଜିଲା ସଭାପତି ଅଖିଳ ଭତ୍ରା, ପ୍ରଦେଶ କଂଗ୍ରେସ ସମ୍ପାଦକ କ୍ଷେମରାଜ ବାଘ , ଝରିଗାଁ ଜୋନ ସଭାପତି ପଦ୍ମନାଗ ପାଣ୍ଡେ, ପିସିସି ସଭ୍ୟ ଗୋକୁଳ ପଟ୍ଟନାୟକ, ପିସିସି ସାଧାରଣ ସମ୍ପାଦକ ସରୋଜ କୁମାର ପାତ୍ର, ଅଜିତ ଦାସ, ପଦ୍ମାକର ଗୁରୁ, ଉଲଧର ମାଝୀ, ଯତିନ୍ ଗଣ୍ଡ, ରାଜ୍ୟ ମିଡିଆ ସେଲ ସଭ୍ୟ ତପନ ଦେବନାଥ, ବୃନ୍ଦା ତ୍ରିପାଠୀ, ଦିଲୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।



ଡମ୍ବୁର ସାନ୍ତାଙ୍କ ପରିବାର ଲୋକଙ୍କ ସହ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଘଟଣା ସମ୍ପର୍କରେ ପଚାରି ବୁଝୁଛନ୍ତି।

■ଆମ୍ବୁଲାନ୍ସ ସେବା ସମ୍ପୂର୍ଣ୍ଣ ଫେଲ ମାରିଛି : ପୂର୍ବତନ ଏମ୍‌ପି ପ୍ରଦୀପ ମାଝି

■ଅଞ୍ଚଳରେ ପୁଷ୍ଟିକର ଖାଦ୍ୟର ଅଭାବ ରହିଛି : ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଦାସ


# କାଶୀନଗରରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କର ଶୁଭାରମ୍ଭ

କାଶୀନଗର, ୧।୯(ଡି.ଏନ୍.ଏ.)

ଭାରତୀୟ ଡାକସେବା ଆନୁକୂଲ୍ୟରେ ଶନିବାର ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ (ଆଇପିପିବି)ର ଶୁଭାରମ୍ଭ ଅବସରରେ ଗଜପତି ଜିଲା କାଶୀନଗର ପୋଷ୍ଟ ଅଫିସରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଏବଂ ଦୁର୍ଗମ ଅଞ୍ଚଳର ଡାକଘରେ କିପରି ଏହି ବ୍ୟାଙ୍କସେବା ମିଳିପାରିବ ସେନେଇ ସୂଚନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡିଓ ସୁଧୀର କୁମାର ସିଂ, ହୃଷିକେଶ ଗୌଡ, ରାମନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାଶୀନଗର ବ୍ଲକର ଗୋରିବନ୍ଧା ଓ କିଡିଗାଁରେ ଏହି ସେବା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପୋଷ୍ଟାଲ ଇନ୍ସପେକ୍ଟର ଚକ୍ରଧର ନାୟକ, ଏନଏସି ଯୁବମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ସାହୁ, ଆର.ନାରାୟଣ ରାଓ, ନଳିନୀକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଜିତ କୁମାର ମହାଙ୍କୁଡ ଧନ୍ୟବାଦ ଦେଇଥିଲେ।








ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ଦିଗରେ ସଂଗଠିତ କରିଚାଲିବ। -ଶ୍ରୀମା

# ନ୍ୟାୟର ଗତି କୁଆଡ଼େ



ଆକାର ପଟେଲ

ଭାରତରେ ବିଭିନ୍ନ ଲୋକଙ୍କ ମୁହଁରୁ ଅନେକ ସମୟରେ ଶୁଣାଯାଏ, 'ମୋର ନ୍ୟାୟପାଳିକା ଉପରେ ପୂର୍ଣ୍ଣବିଶ୍ୱାସ ଅଛି' ବା 'ଆଇନ ତା' ବାଟରେ ଯିବ'। କିନ୍ତୁ ମୋର ନ୍ୟାୟପାଳିକା ଉପରେ ବିଶ୍ୱାସ ନାହିଁ। ଭାରତରେ ଆଇନ ପ୍ରାୟତଃ ତା' ବାଟରେ ଯାଏ ନାହିଁ। ସରକାର ନାଗରିକଙ୍କୁ ହଇରାଣ କରନ୍ତି ଏବଂ ନ୍ୟାୟପାଳିକା ତା'ର ପ୍ରତିରୋଧ କରିପାରେ ନାହିଁ। ମୁଁ ବର୍ତ୍ତମାନ ଏ କଥା ବୁଝାଇବା ପାଇଁ ନିକଟରେ ଘଟିଥିବା ଏକ ଘଟଣାର ଉଦାହରଣ ଦେଉଛି। ନିକଟରେ ପାଞ୍ଚଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି, ଯାହାଙ୍କୁ ସରକାର ଓ ତାଙ୍କ ଗଣମାଧ୍ୟମ 'ସହରୀ ନକ୍ସଲ' ଆଖ୍ୟା ଦେଇଛନ୍ତି। ମୁଁ ପାଠକମାନଙ୍କୁ ଅନୁରୋଧ କରୁଛି, ଗଣମାଧ୍ୟମରୁ ପଢ଼ି ବା ଶୁଣି ସେମାନଙ୍କ ବିଷୟରେ କିଛି ମତାମତ ଦିଅନ୍ତୁ ନାହିଁ। କୌଣସି ବ୍ୟକ୍ତିଙ୍କୁ ଏପରି ଭାବେ ଗିରଫ କରିବା ଏକ ସଭ୍ୟ ଗଣତନ୍ତ୍ରରେ ଉଚିତ ନୁହେଁ କାରଣ ଏକ ସଭ୍ୟ ଗଣତନ୍ତ୍ରରେ ନାଗରିକମାନଙ୍କ ଅଧିକାରର ସୁରକ୍ଷା ପାଇଁ ନ୍ୟାୟପାଳିକା ରହିଛି। ସରକାର ଯାହା ଉପସ୍ଥାପନ କରିବେ, ସେଥିରେ କେବଳ ମୋହର ମାରିବା ସେମାନଙ୍କର କାମ ନୁହେଁ, ଯଦି ତାହା ନାଗରିକ ଅଧିକାରକୁ କ୍ଷୁଣ୍ଣ କରୁଥାଏ।

ମୁଁ ମାନୁଛି ଯେ, ଏହି ଘଟଣାରେ ନ୍ୟାୟପାଳିକା (ଦିଲ୍ଲୀ ହାଇକୋର୍ଟ) ସମସ୍ୟାକୁ ଲୋକଲୋଚନକୁ ଆଣିଛନ୍ତି। ହାଇକୋର୍ଟର ଏକ ଦୁଇଜଣିଆ ବେଞ୍ଚ ଉକ୍ତ ପାଞ୍ଚଜଣଙ୍କ ମଧ୍ୟରୁ ଗୌତମ ନଓ୍ୱଲଖାଙ୍କ ଗିରଫଦାରି ଓ ଟ୍ରାଞ୍ଜିଟ୍ ରିମାଣ୍ଡ ଘଟଣାର ଶୁଣାଣି କରୁଥିଲେ। ଏ ସମ୍ପର୍କରେ ଜଷ୍ଟିସ୍ ଏସ୍. ମୁରଲୀଧର ଯାହା ରାୟ ଦେଇଛନ୍ତି, ତାହା ସମସ୍ତେ ଜାଣିବା ଉଚିତ। ୧୦ ପୃଷ୍ଠାର ଏହି ରାୟ ଅନୁସାରେ ଅଗଷ୍ଟ ୨୮ ତାରିଖରେ ଗୌତମ ନଓ୍ୱଲଖାଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଥିଲା। ପୋଲିସ ପାଖରେ କୌଣସି ସର୍ଚ୍ଚ ଓ୍ୱାରେଣ୍ଟ ନ ଥିବାରୁ ସେମାନଙ୍କୁ ଘରେ ପଶିବା ପାଇଁ ଅନୁମତି ଦିଆଯାଇ ନ ଥିଲା। ଏହାପରେ ପୋଲିସ ଫେରିଯାଇ ଓ୍ୱାରେଣ୍ଟ ଧରି ଆସିଲେ।

ଡିସେମ୍ବର ୩୧, ୨୦୧୭ରେ ଘଟିଥିବା ଏକ ଘଟଣା ସମ୍ପର୍କରେ ଦିଆଯାଇଥିବା ଏତଲା ହେଉଛି ମାମଲାର ଆଧାର। ଉକ୍ତ ଏଫ୍ଆଇଆର୍‌ରେ ଗୌତମଙ୍କ ନାମ ନାହିଁ। ଏପରି କି ସେ କଥିତ ମିଟିଂରେ ଉପସ୍ଥିତ ନ ଥିଲେ ବୋଲି କହିଛନ୍ତି। ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ (ଯାହା ଆତଙ୍କବାଦ ବିରୋଧରେ ବ୍ୟବହୃତ ହୁଏ) ଅନୁସାରେ ଯେଉଁ ଅଭିଯୋଗ ଅଣାଯାଇଛି, ତାହା ବି ମୂଳ ଏଫ୍ଆଇଆର୍‌ରେ ନ ଥିଲା। ଗିରଫ ପରେ ଗୌତମଙ୍କୁ ପୁଣେ ନିଆଯିବାର ଥିଲା। ଦିଲ୍ଲୀରେ ସାକେତର ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ (ସିଏମ୍ଏମ୍) ମନୀଷ୍ ଖୁରାନା ପୁଣେ ନେବା ଲାଗି ତାଙ୍କର ଟ୍ରାଞ୍ଜିଟ୍ ରିମାଣ୍ଡକୁ ଅନୁମତି ଦେଇଦେଲେ। ଟ୍ରାଞ୍ଜିଟ୍ ରିମାଣ୍ଡ ଦରଖାସ୍ତଟି ହିନ୍ଦୀରେ ଲେଖାଯାଇଥିଲା। କିନ୍ତୁ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ଯେଉଁସବୁ କାଗଜପତ୍ର ଉପସ୍ଥାପନ କରାଯାଇଥିଲା, ସେସବୁ ଥିଲା ପ୍ରାୟତଃ ମରାଠୀରେ। ଦିଲ୍ଲୀ ହାଇକୋର୍ଟ କହିଛନ୍ତି- ''ଏ କାଗଜପତ୍ରରୁ ଅଭିଯୁକ୍ତଙ୍କ ନାମରେ ପ୍ରକୃତରେ କ'ଣ ମାମଲା ରହିଛି ବୁଝିବା କଷ୍ଟକର।'' ତା'ହେଲେ ପ୍ରଶ୍ନ ଉଠୁଛି ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବା ଲାଗି ମାଜିଷ୍ଟ୍ରେଟ୍ ଅନୁମତି ଦେଲେ କାହିଁକି? ପରଦିନ ମାମଲାର ଶୁଣାଣି କରିବାକୁ ହାଇକୋର୍ଟ ଆଦେଶ ଦେବା ସହ ତା' ଭିତରେ ପ୍ରଦତ୍ତ ଦଲିଲଗୁଡ଼ିକ ମରାଠୀରୁ ଅନୁବାଦ ହେବା ଆବଶ୍ୟକ ବୋଲି କହିଲେ। ପରଦିନ ସକାଳେ ପୋଲିସ ଓକିଲ କହିଲେ ଯେ, ଅନୁବାଦ କରିବାକୁ ଅଧିକ ସମୟ ଲାଗୁଛି ଏବଂ କୋର୍ଟ ଅପରାହ୍ଣ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଅପରାହ୍ଣ ୨ଟା ୧୫ରେ ଏଫ୍ଆଇଆର୍ କପି ସମେତ କିଛି ପୃଷ୍ଠାର ଅନୁବାଦ ଉପସ୍ଥାପନ କରାଗଲା, କିନ୍ତୁ ସେଥିରେ ଅନେକ ଅଂଶ ତଥାପି ମରାଠୀରେ ଥିଲା। ପୋଲିସ ଓକିଲ ଆଉ କିଛି ସମୟ ମାଗିବାରୁ କୋର୍ଟ ସମୟ ଦେଲେ ନାହିଁ।

କୋର୍ଟ କହିଲେ ଯେ, ଗିରଫଦାରି ତଥା ଟ୍ରାଞ୍ଜିଟ୍ ରିମାଣ୍ଡ ଲାଗି ଦିଆଯାଇଥିବା ଅନୁମତିର ଯଥାର୍ଥତାକୁ ନେଇ ସେମାନେ ଚିନ୍ତିତ। କୁହାଯାଉଛି ଯେ, ଏତଲାରେ ନଓ୍ୱଲଖାଙ୍କ ନାମ ନ ଥିଲା, ତା'ହେଲେ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ସେମାନେ କି ପ୍ରମାଣ ଉପସ୍ଥାପନ କରିଥିଲେ? ଉପସ୍ଥିତ ମହାରାଷ୍ଟ୍ର ପୋଲିସକୁ ପ୍ରଶ୍ନ କରାଯାଇଥିଲା: ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଶୁଣାଣି ଚାଲିଥିବା ବେଳେ ସେ କେସ୍ ଡାଏରୀ ଦେଖିବାକୁ ଚାହିଁଥିଲେ କି? ପୋଲିସ ଉତ୍ତରରେ ନା ବୋଲି କହିଥିଲା। ଉକ୍ତ କେସ୍ ଡାଏରୀ ମଧ୍ୟ ମରାଠୀରେ ଲେଖାଯାଇଥିଲା। ଏହାପରେ ପୋଲିସ କହିଥିଲା ଯେ ଗୌତମ ନିୟମିତ ଜାମିନ ପାଇଁ ଆବେଦନ କରିପାରିବେ। କିନ୍ତୁ ସେଇଠି ଥିଲା ବାସ୍ତବ ସମସ୍ୟା। ହାଇକୋର୍ଟ କହିଲେ ଯେ, ନିୟମ ଅନୁଯାୟୀ ଚାର୍ଜଶୀଟ୍ ହେବା ପୂର୍ବରୁ ନିୟମିତ ଜାମିନ୍ ମିଳିବା ଅତ୍ୟନ୍ତ କଷ୍ଟକର। ଏହାପରେ କୋର୍ଟ କହିଥିଲେ ଯେ, ଟ୍ରାଞ୍ଜିଟ୍ ରିମାଣ୍ଡର ବୈଧତା ଉପରେ ଶୁଣାଣି ଜାରି ରଖିବାର ଆଉ କୌଣସି ଯଥାର୍ଥତା ନାହିଁ। ଆମ ଜାଣିବାରେ ସୁପ୍ରିମ୍‌କୋର୍ଟ କୁଆଡ଼େ ପୁନଶ୍ଚ ଏ ମାମଲାର ଶୁଣାଣି ସେପ୍ଟେମ୍ବର ୬ ତାରିଖରେ କରିବେ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ କି ରାୟ ଦେଉଛନ୍ତି, ତାହା ଦେଖିବାକୁ ଆମେ ଉତ୍ସୁକତାର ସହ ଅପେକ୍ଷା କରିଛୁ।

Email: aakar.patel@gmail.com

## ଚିରନ୍ତନୀ

ଦେଖରେ ବନ, ଦେଖରେ ଗିରି
ଭୁବନ ତାକୁ ଦୂରକୁ ଠେଲି
ତୁମରି କବି କି ହତଶିରୀ
ଯାତନାଦାଗ ଦେଇଛି ଚିରି।

(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | E | 1 | | | | | 0 | 6 | | | | | |
| | 8 | | | 5 | | 9 | | | | | | 7 | | |
| B | 0 | 6 | | | | | 3 | | | E | | | | 9 |
| | | | | B | | 2 | | | | | C | | 3 | |
| 4 | D | | | | 0 | 8 | | | A | | 1 | | | |
| 0 | | | | | | C | | 9 | | | 6 | | | |
| | | C | | | | | 8 | | 9 | 1 | | | | B |
| E | 3 | | | | | | | A | 7 | 0 | B | 2 | C | |
| | | A | | | | | D | | 8 | | | 6 | | 3 |
| | | B | 0 | | 1 | | | | 2 | | | | | 8 |
| | | | | 0 | | | | | | 6 | 3 | | 7 | |
| | 1 | | | | 4 | 3 | | B | | | | | 9 | |
| | B | | 8 | | | D | 7 | | 4 | | 2 | 3 | | A |
| | | | | 2 | 9 | | | E | 5 | | | | 8 | C |
| 8 | | | | D | 5 | | | | | | E | 1 | 6 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | A | 3 | 5 | D | 4 | 2 | C | 6 | 0 | 9 | 7 | B | 8 | E |
| 9 | E | 5 | 2 | C | 3 | 8 | 4 | D | 1 | B | 6 | 0 | 7 | A |
| 4 | 6 | 0 | B | A | 1 | 5 | 7 | 9 | D | 8 | E | C | 2 | 3 |
| 8 | B | 2 | 7 | 9 | 6 | 0 | E | 1 | A | 3 | C | D | 4 | 5 |
| 7 | C | D | 8 | E | 0 | 3 | A | B | 2 | 4 | 5 | 1 | 9 | 6 |
| E | 1 | C | 6 | 0 | D | 4 | 3 | 8 | 7 | 5 | 2 | A | B | 9 |
| 3 | 4 | 7 | C | 2 | 5 | 9 | 1 | A | 8 | 6 | B | E | 0 | D |
| D | 0 | 9 | 3 | B | E | 6 | 2 | 5 | 4 | 1 | A | 8 | C | 7 |
| 6 | 8 | A | 1 | 7 | 9 | B | D | C | 3 | E | 0 | 2 | 5 | 4 |
| 5 | 2 | B | 4 | 8 | A | 7 | 0 | E | C | D | 9 | 3 | 6 | 1 |
| A | 5 | 4 | 9 | 1 | C | E | 8 | 0 | 6 | 2 | 3 | 7 | D | B |
| 2 | D | 6 | E | 3 | B | A | 9 | 7 | 5 | 0 | 8 | 4 | 1 | C |
| C | 3 | 8 | A | 5 | 2 | 1 | 6 | 4 | B | 7 | D | 9 | E | 0 |
| B | 7 | E | 0 | 4 | 8 | D | 5 | 3 | 9 | C | 1 | 6 | A | 2 |
| 0 | 9 | 1 | D | 6 | 7 | C | B | 2 | E | A | 4 | 5 | 3 | 8 |

ଗତକାଲିର ଉତ୍ତର



ଚିତ୍ର-ଚରିତ୍ର

ନିରଞ୍ଜନ ପାଢ଼ୀ

# ଜ୍ଞାନଦାତାଙ୍କ ଜ୍ଞାନ

ମାତାପିତା, ପରିବାର, ସମାଜ ଓ ରାଷ୍ଟ୍ର ପାଇଁ ପ୍ରତ୍ୟେକ ଶିଶୁ ଗୋଟିଏ ଗୋଟିଏ ଆଲୋକିତ ଆସନ୍ତାକାଲି। ଏମାନଙ୍କ ମଧ୍ୟରୁ ଆଉଥରେ ଆବିର୍ଭୂତ ହେବେ ଗାନ୍ଧୀ, ଗୋପବନ୍ଧୁ, ସୁଭାଷ, ବିବେକାନନ୍ଦ ଏବଂ ନୂଆକରି ସର୍ଜନା କରିବେ ଏକ ଶୁଦ୍ଧ ସମାଜର ସୁରଭିତ ସମ୍ବିଧାନ। ଏକ ଆକାଂକ୍ଷିତ ଆସନ୍ତାକାଲିର ଏମାନେ ହେବେ ଜଣେ ଜଣେ କୁଶଳୀ କର୍ମକାର। ମାତ୍ର ଏମାନଙ୍କୁ ଗଢ଼ିବେ କିଏ? କିଏ ହେବେ ଏଇ କର୍ମକାରଙ୍କ କାରିଗର?

କୁହାଯାଏ, ଗୋଟିଏ ଶିଶୁକୁ ଗଢ଼ିବା ପାଇଁ, ତାକୁ ଅବଶିଷ୍ଟ ପୃଥିବୀ ସହ ପରିଚିତ ହେବାକୁ ଠିକ୍ ଜ୍ଞାନ ଦେବା ପାଇଁ ଦୁଇଟି ମନ୍ଦିରର ଆବଶ୍ୟକତା ପଡ଼ିଥାଏ। ପ୍ରଥମଟି ପରିବାର ଓ ଦ୍ୱିତୀୟଟି ବିଦ୍ୟାଳୟ। ଦୁଇଟିଯାକର ସମ୍ବନ୍ଧ ଏତେ ବୈଶିଷ୍ଟ୍ୟପୂର୍ଣ୍ଣ ଯେ, ପରିବାରକୁ ପ୍ରଥମ ବିଦ୍ୟାଳୟ ଓ ବିଦ୍ୟାଳୟକୁ ଦ୍ୱିତୀୟ ପରିବାର ଭାବେ ଗଣାଯାଇଥାଏ। ପରିବାର ଚାଲି ଶିଖାଉଥିଲା ବେଳେ ବିଦ୍ୟାଳୟ ଜୀବନପଥର ସନ୍ଧାନ ଦେଇଥାଏ। ସୁତରାଂ ପରିବାରର ସଂସ୍କାର ଓ ପରମ୍ପରା ସହିତ ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରୁ ଉପଲବ୍ଧ ଶିକ୍ଷା ଲାଭ କରି ବୟସର ବିଭିନ୍ନ ପାହାଚ ଅତିକ୍ରମ କରିବା ମଧ୍ୟରେ ଶିଶୁଟିଏ ଏକ ପୂର୍ଣ୍ଣ ଚେତନଶୀଳ ମଣିଷରେ ପରିଣତ ହୋଇଥାଏ ଓ ନିଜ ପାଇଁ ଏକ ପରିଚୟ ସୃଷ୍ଟି କରିଥାଏ।

ପରିବାରରୁ ଉପଲବ୍ଧ ଜ୍ଞାନକୁ ସଂସ୍କାର ନାମ ଦିଆଯାଇପାରେ। ସେ ପୁରୁଣା ଦିନକୁ ଆଉ ଖୋଜିଲେ ବି ମିଳିବ ନାହିଁ, ଯେତେବେଳେ ମା'ବାପାମାନେ ତାଙ୍କ ପିଲାଙ୍କୁ ସମତା, ସହନଶୀଳତା, ସହୃଦୟତା, ସହଭାଗିତା, ସାଧୁତା, ସତ୍‌ଚରିତ୍ର ବା ସମ୍ବେଦନା ଭଳି ସ୍ୱର୍ଗୀୟ ଗୁଣ ଶିକ୍ଷା ଦେଉଥିଲେ। କେବଳ ମା'ବାପା ନୁହନ୍ତି, ଏକ ସଂଯୁକ୍ତ ପରିବାରରେ ଏକା ଛାତ ତଳେ ରହୁଥିବା ଜେଜେ, ଜେଜେମା', କକା, ଖୁଡ଼ୀ ଓ ସେମାନଙ୍କ ପିଲାଛୁଆମାନେ ହିଁ ଥିଲେ ପରିବାରର ପରିଚୟ। ଯୁଗ୍ମ ପରିବାରରର ସମ୍ମିଳିତ କୋଳାହଳ ମଧ୍ୟରେ ସୃଷ୍ଟି ହେଉଥିଲା ବିଶାଳ ବିଶ୍ୱର ଜୀବନ ସଙ୍ଗୀତ। ନିଜ ପାଖରେ ବା ଅତି ବେଶିରେ ନିଜ ମା'ବାପାଙ୍କ ପାଖରେ ପୃଥିବୀ ସରିଯାଇନାହିଁ ବୋଲି ପିଲାଟି ବୁଝୁଥିଲା। ଜଣେ ଅନ୍ୟ ଜଣକୁ ଟପି ଆଗକୁ ମାଡ଼ିଯିବାକୁ ମନେ କରୁଥିଲା ଚରମ ସ୍ୱାର୍ଥପରତା। ସେକାଳର ସେଇ ପଖାଳ ବଦଳରେ ଆଜିକାର ମା'ବାପାମାନେ ଯେଉଁ ଆଧୁନିକ ତବତରେ ରୁଚି ରଖୁଛନ୍ତି, ତାହାର ଫଳ ଆମ ସମସ୍ତଙ୍କ ଆଖି ଆଗରେ।

ନିଜ ମା'ବାପା, ଭାଇଭଉଣୀ ସମସ୍ତଙ୍କଠୁ ବିଚ୍ଛିନ୍ନ ହୋଇ ପତ୍ନୀଙ୍କୁ ନେଇ ବସା ବାନ୍ଧିଥିବା ପିତାର ପୁତ୍ରକନ୍ୟାମାନେ କେଉଁଠୁ ବା ଅର୍ଜନ କରନ୍ତେ ସହନଶୀଳତା, ସହଭାଗିତା ଓ ସହୃଦୟତାର ଜ୍ଞାନ। ବରଂ ବଡ଼ଲୋକ ହୋଇ ଗଡ଼ାହେବାର ସେମାନଙ୍କ ମା'ବାପାଙ୍କ ବ୍ୟାକୁଳ ପ୍ରବଣତା ଆଗରେ ଭାସିଯାଇ ଭଲ ଲୋକ ଭାବେ ଗଢ଼ି ତୋଳିବାର ଅବକାଶଠାରୁ ନିଜକୁ ଏମିତି ଦୂରେଇ ନେଇଥାନ୍ତି ଯେ ସମାଜ ପାଇଁ ଭଲ ନାଗରିକଟିଏ ହେବା ତ ଦୂରର କଥା, ଶେଷରେ ମା'ବାପାଙ୍କ ଭଲ ପୁଅଟିଏ ମଧ୍ୟ ହୋଇପାରନ୍ତି ନାହିଁ।

ଅଥଚ ଅତୀତରେ ଜଣେ ପିତାଙ୍କର ଏକ ଐତିହାସିକ ପତ୍ର ସ୍ପଷ୍ଟ ଭାବେ ସୂଚାଇଦିଏ ଯେ ପିଲାମାନେ କେଉଁ ଜ୍ଞାନର ଅଧିକାରୀ ହେବା ବାଞ୍ଛନୀୟ। ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ ଥରେ ତାଙ୍କ ପୁତ୍ର ପଢୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପତ୍ରଟିଏ ଲେଖିଥିଲେ। ତହିଁରେ ଲେଖା ଥିଲା- ''ମହାଶୟ, ଶାସନ କାର୍ଯ୍ୟରେ ବ୍ୟସ୍ତ ରହି ପୁଅର ଶିକ୍ଷାଦୀକ୍ଷା ଦାୟିତ୍ୱ ନିଜେ ନେଇ ନ ପାରି ଆପଣଙ୍କ ହାତରେ ଦେଇଛି। ଆପଣ ତାକୁ ଯାହା ବି ଶିକ୍ଷା ଦିଅନ୍ତୁ, ମୋର ଆପତ୍ତି ନାହିଁ। କିନ୍ତୁ ତା' ସହିତ ମୋ ତରଫରୁ ଶିକ୍ଷାଟିଏ ଦେବେ ଯେ ଅସତ୍‌ମାର୍ଗରେ ଯାଇ ସଫଳ ହେବା ଅପେକ୍ଷା ସତ୍‌ମାର୍ଗରେ ଯାଇ ବିଫଳ ହେବା ଶତଗୁଣ ଶ୍ରେୟସ୍କର। ସହଜଲବ୍ଧ ସଫଳତାରେ ଆନନ୍ଦିତ ନ ହୋଇ କଷ୍ଟଲବ୍ଧ ବିଫଳତାରେ ଲୁହ ଗଡାଇଲେ ଲଜ୍ଜିତ ହେବାର କିଛି ନାହିଁ ବୋଲି ତାକୁ ଶିକ୍ଷା ଦେବେ।'' ଆଜିକାର ବାପାମାନେ ଏପରି କଥା ଭାବିପାରିବେ କି?

ଏ ତ ଗଲା ପ୍ରଥମ ମନ୍ଦିରର କଥା। ଏବେ ଦେଖିବା ଦ୍ୱିତୀୟ ମନ୍ଦିରର ପୂଜାରୀଙ୍କ କଥା। ବିଦ୍ୟାଳୟ ମନ୍ଦିରର ଏହି ଶିକ୍ଷକମାନଙ୍କୁ ଆମ ସମାଜ ଏତେ ମହତ୍ତ୍ୱ ଦିଏ ଯେ, ସେମାନଙ୍କୁ ସାଧାରଣ ମଣିଷ ନ ମଣି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସାକ୍ଷାତ୍ ସମନ୍ୱୟ ବୋଲି ମାନ୍ୟତା ଦିଏ। ଜଣେ ବିଦ୍ୟାର୍ଥୀର ଜୀବନରେ ତା' ମାତାପିତାଙ୍କ ପରେ କେବଳ ଶିକ୍ଷକ ହିଁ ଏକମାତ୍ର ଚରିତ୍ର, ଯାହାଙ୍କୁ ସେ ବିଶ୍ୱାସ କରେ ଓ ତାଙ୍କ ମୁଖନିଃସୃତ ବାଣୀକୁ ବେଦବାକ୍ୟ ପରି ମାନିନିଏ। ଅଜ୍ଞାନ ଅନ୍ଧକାରରେ ବୁଡ଼ି ରହିଥିବା ଲକ୍ଷ ଲକ୍ଷ ଶିଶୁଙ୍କୁ ଜ୍ଞାନାଲୋକରେ ଉଦ୍‌ଭାସିତ କରିବାକୁ ଯେଉଁ ନରରୂପୀ ନାରାୟଣମାନେ ଉଦ୍ଦିଷ୍ଟ ସେମାନେ କେମିତି ଅଭିଷିକ୍ତ ହୋଇଥାନ୍ତି ଏହି ପଦରେ? କେଉଁଠି ଓ କେମିତି ନିୟନ୍ତ୍ରିତ ହୋଇଥାଏ ଦେଶର ଭବିଷ୍ୟତ ନିର୍ମାଣ ପାଇଁ ନିୟୋଜିତ ହେଉଥିବା ଏହି କର୍ମକାରମାନଙ୍କ କର୍ମଶାଳା?

ଅଳ୍ପଦିନ ତଳେ ସାମାଜିକ ଗଣମାଧ୍ୟମରେ ଏମିତି ଏକ ଭିଡିଓ ସର୍ବବ୍ୟାପ୍ତ ହୋଇଥିଲା, ଯାହା ବର୍ତ୍ତମାନ ପାଇଁ ଯେତିକି ଲଜ୍ଜାଜନକ, ଭବିଷ୍ୟତ ପାଇଁ ତତୋଽଧିକ ଚିନ୍ତାଜନକ। ଉତ୍ତରପ୍ରଦେଶର କୌଣସି ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କର୍ମରତ ଜଣେ ଶିକ୍ଷୟିତ୍ରୀଙ୍କୁ ନିରୀକ୍ଷଣରେ ଆସିଥିବା ଜଣେ ଉଚ୍ଚପଦସ୍ଥ ଅଧିକାରୀ କେତୋଟି ପ୍ରଶ୍ନ ପଚାରି ଯାହା ଉତ୍ତର ପାଇଲେ, ତାଙ୍କୁ କରିଥିଲା ତଟସ୍ଥ। ସ୍ତମ୍ଭଚକିତ ନିରୀକ୍ଷକ ମହୋଦୟ ଆଉ ଟିକେ ତଳକୁ ଯାଇ ଶିକ୍ଷୟିତ୍ରୀଙ୍କ ଇଂଲିଶରେ ଥିବା ନିମ୍ନତମ ମୌଳିକ ଜ୍ଞାନ ପରୀକ୍ଷା କରିବାକୁ ଦୁଇ ତିନୋଟି ଶବ୍ଦର ବନାନ ଲେଖିବାକୁ ନିର୍ଦ୍ଦେଶ ଦେଲେ। ମହୋଦୟା ବ୍ଲାକ୍‌ବୋର୍ଡରେ ଯାହା ଲେଖିଲେ ତାକୁ ଦେଖିଲା ପରେ ତାଙ୍କଠାରୁ ଏଯାବତ୍ ବର୍ଷ ବର୍ଷ ଧରି ଶିକ୍ଷା ଗ୍ରହଣ କରିଆସୁଥିବା ଛାତ୍ରୀଛାତ୍ରଙ୍କ ମା'ବାପାମାନେ ନିଜର ମୁହଁ ଲୁଚାଇବାକୁ ଜାଗା ପାଉ ନ ଥିବେ।

କେଇବର୍ଷ ତଳେ ଆମ ରାଜ୍ୟରେ ଏହି ଜ୍ଞାନଦାତାମାନଙ୍କ ନିଯୁକ୍ତିକୁ ନେଇ ଏମିତି ଏକ କେଳେଙ୍କାରୀ ମୁଣ୍ଡ ଟେକିଥିଲା, ଯାହା ଆମ ଶିକ୍ଷା ବ୍ୟବସ୍ଥାର ମୁଣ୍ଡ ତଳକୁ କରିଦେଇଥିଲା। ଖବର ପ୍ରକାଶ ପାଇଥିଲା, ଗୋଟିଏ ଶିକ୍ଷକ ପଦବୀର ମୂଲ୍ୟ ସେତେବେଳେ ଥିଲା ପଚାଶ ହଜାରରୁ ଲକ୍ଷେ ଟଙ୍କା ମଧ୍ୟରେ। ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ଅକାତରେ ଟେକି ଦେଇଥିଲେ ଏଇ ବିଶାଳ ଧନରାଶି, କେଉଁଠି ନିଜର ପୈତୃକ ଜମି ବିକି ତ ଅନ୍ୟ କେଉଁଠି ମା' ବା ସ୍ତ୍ରୀଙ୍କ ସୁନାଗହଣା ବିକି। କେଉଁଠି କିଛି ଚାକିରି ନ ପାଇ ହତାଶ ହୋଇପଡ଼ିଥିବା ଏହି ବାଧ୍ୟ ବୃହସ୍ପତିମାନଙ୍କ ରକ୍ଷାକର୍ତ୍ତା ସାଜିଥିଲେ ରାଜନୈତିକ ପୃଷ୍ଠପୋଷକତା ଲାଭ କରୁଥିବା କେଇଜଣ ମଧ୍ୟସ୍ଥ, ଯେଉଁମାନେ ଟଙ୍କା ବିନିମୟରେ ଅସମ୍ଭବକୁ ସମ୍ଭବ କରିବାର ଅସାଧାରଣ ଦକ୍ଷତା ହାସଲ କରିଥିଲେ।

ଏପଟେ ଅର୍ଥର ଚମତ୍କାରୀ ଶକ୍ତି, ସେପଟେ ମୁଣ୍ଡ ଉପରେ କ୍ଷମତାର ଅଭୟ ହସ୍ତ। ସୁତରାଂ ଜାଲ୍ ମାର୍କଶିଟ୍‌ରୁ ଆରମ୍ଭ କରି ନକଲି ଜାତି ପ୍ରମାଣପତ୍ର, ପୁଣି କ୍ରୀଡ଼ାପ୍ରବୀଣ ପ୍ରମାଣପତ୍ରଠୁ ବୟସ ପ୍ରମାଣପତ୍ର ଯାଏ କିଛି ବି ଦୁର୍ଲଭ ହେଉ ନ ଥିଲା। ମୁଣ୍ଡରୁ ଗୋଡ଼ ଯାଏ ସମ୍ପୂର୍ଣ୍ଣ ସୁସ୍ଥ ସବଳ ଥିଲେ ବି ଶାରୀରିକ ଅକ୍ଷମ ବୋଲି ପ୍ରମାଣ ଦେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସ୍ୱାକ୍ଷର ସନ୍ତକର ଅଭାବ ହେଉ ନ ଥିଲା କି କ୍ରୀଡ଼ା ପାରଙ୍ଗମପତ୍ର ଦୁଷ୍ପ୍ରାପ୍ୟ ହେଉ ନ ଥିଲା। ବାସ୍ ଖାଲି ଟଙ୍କା ଦିଅ, ଚାକିରି ନିଅ। ଚାକିରି କର, ଶିକ୍ଷକ ହୁଅ।

ସେତେବେଳେ ନିଜ ନାମକୁ ଗୁପ୍ତ ରଖିବାକୁ ଅନୁରୋଧ କରି ଶିକ୍ଷକ ନିଯୁକ୍ତି ପାଇଁ ମୌଖିକ ସାକ୍ଷାତ୍‌କାର ନେଇଥିବା ଜନୈକ ବରିଷ୍ଠ ଅଧିକାରୀ ଜଣେ ଖବରଦାତାଙ୍କୁ ଯାହା କହିଥିଲେ, ତାହା ଜାଣିଲା ପରେ ଯେ କେହି ଜ୍ଞାନର ଆଲୋକ ମଧ୍ୟରେ ମେଞ୍ଚାଏ କଳା ଅନ୍ଧକାରର ସ୍ପଷ୍ଟ ସଂକେତ ପାଇ ଆତଙ୍କିତ ହୋଇପଡ଼ିବ। ଓଡ଼ିଶାର ରାଜଧାନୀ କେଉଁଠି, ଓଡ଼ିଶାର ଜିଲା ସଂଖ୍ୟା କେତେ, ଉତ୍କଳ ସ୍ୱତନ୍ତ୍ରତା ଲାଭ କଲା କେବେ, ବନ୍ଦେ ଉତ୍କଳ ଜନନୀର ରଚୟିତାଙ୍କ ନାମ କ'ଣ ଆଦି ସହଜ ସରଳ ପ୍ରଶ୍ନର ଯେଉଁ ବିଚିତ୍ର ଉତ୍ତର ମିଳିଥିଲା, ତାହା ଆଶ୍ଚର୍ଯ୍ୟରେ ଆଖି ଖୋସି ହୋଇଗଲା ପରି। ଅଥଚ ବିସ୍ମୟର ବିଷୟ ଥିଲା ଶହ ଶହ ଆଶାୟୀଙ୍କୁ ପଛରେ ପକାଇ ଏହି ବିଚିତ୍ର ଉତ୍ତରଦାତାମାନେ ହିଁ ନିଯୁକ୍ତି ପାଇଥିଲେ ପ୍ରାଥମିକ ଶିକ୍ଷକ ଭାବେ, ଜ୍ଞାନଦାତା ଗୁରୁ ପଦରେ। ସୌଭାଗ୍ୟର ବିଷୟ, ଏବେ ଶିକ୍ଷକ ନିଯୁକ୍ତିର ପ୍ରକ୍ରିୟା ବେଶ୍ କଠୋର ହୋଇଛି। ଅନ୍ୟ ଚାରିଆଡୁ ନିରାଶ ହୋଇ ଶିକ୍ଷକ ହେବାର ସୁଯୋଗ ଲାଭ କରୁଥିବା ଲୋକଙ୍କ ସଂଖ୍ୟା କମି କମି ଆସୁଛି। ଏକ ଜିଲାର ସର୍ବୋଚ୍ଚ ହାକିମ କଲେକ୍ଟର ଜଣେ ଭୁଲ୍ କଲେ ବର୍ଷକର ଯୋଜନା ବାଟବଣା ହୋଇପାରେ, ମାତ୍ର ଆସନ୍ତାକାଲିର ଭାଗ୍ୟବିଧାତାମାନଙ୍କୁ ଗଢ଼ିବାର ଦାୟିତ୍ୱ ନେଇଥିବା ଜ୍ଞାନଦାତାମାନେ ନିଜେ ଜ୍ଞାନଶୂନ୍ୟ ହେଲେ, ଗୋଟିଏ ଜାତି ଯେ ବାଟବଣା ହୋଇପାରେ, ଏ କଥା ଆମ ସମାଜପତିମାନେ ଯେତେଶୀଘ୍ର ବୁଝିବେ, ସେତେ ମଙ୍ଗଳ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ-୮୮୯୫୬୭୨୪୧୦୫

# ଡିଆର୍‌ଡିଓ ମୁଖ୍ୟ

ବ୍ୟକ୍ତିତ୍ୱ



ଜି. ସଥୀଶ ରେଡ୍ଡୀ

ପ୍ରତିରକ୍ଷା ବ୍ୟବସ୍ଥାରେ ସ୍ୱାବଲମ୍ବୀ ହେବା ସହ ବିଶ୍ୱସ୍ତରୀୟ ଅସ୍ତ୍ରଶସ୍ତ୍ର ଉତ୍ପାଦନ ସକାଶେ ଗବେଷଣା ଓ ସେଗୁଡ଼ିକ ବିକଶିତ କରିବା ଦିଗରେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ (ଡିଆର୍‌ଡିଓ) କାର୍ଯ୍ୟ କରୁଛି। ସଙ୍ଗଠନ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଆସୁଥିବାରୁ ଏହା ଅନେକ ଗୁରୁତ୍ୱ ବହନ କରିଥାଏ। ସମଗ୍ର ଦେଶରେ ଥିବା ପ୍ରାୟ ୫୦ ଜାତୀୟ ଗବେଷଣାଗାରରେ ୭,୫୦୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ କାର୍ଯ୍ୟ କରୁଛନ୍ତି। ପ୍ରତିରକ୍ଷା ସହ ଜଡ଼ିତ ଏଭଳି ଏକ ସଂସ୍ଥାର ନେତୃତ୍ୱ ନେଉଥିବା ବ୍ୟକ୍ତି ଜଣେ ଦକ୍ଷ ବୈଜ୍ଞାନିକ ହେବା ସହ ସମ୍ବେଦନଶୀଳ ଦାୟିତ୍ୱ ବହନ କରିଥାନ୍ତି। ନିକଟରେ ଜି. ସଥୀଶ ରେଡ୍ଡୀ ଡିଆର୍‌ଡିଓ ଅଧ୍ୟକ୍ଷ ହୋଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ସଥୀଶ ରେଡ୍ଡୀ ଆନ୍ଧ୍ରପ୍ରଦେଶ ନେଲୋର ଜିଲାର ମହିମାଲୁର ଗ୍ରାମରେ ୧୯୬୩ ଜୁଲାଇ ୧ରେ ଜନ୍ମଗ୍ରହଣ କରିଥିଲେ। ସ୍କୁଲ ବେଳୁ ଜଣେ ମେଧାବୀ ଛାତ୍ର ରହିଆସିଥିବା ସଥୀଶ ହାଇଦ୍ରାବାଦସ୍ଥିତ ଜବାହରଲାଲ ନେହେରୁ ଟେକ୍ନୋଲୋଜିକାଲ ୟୁନିଭର୍ସିଟିରୁ ବି.ଟେକ୍, ଇସିଇ ଓ ପରେ ଏମ୍ଏସ୍ ଏବଂ ଇସିଇରେ ପିଏଚ୍.ଡି. ଅର୍ଜନ କରିଥିଲେ। ଉଚ୍ଚଶିକ୍ଷା ଲାଭ କରିବା ପରେ ସେ ୧୯୮୬ରେ ଡିଆର୍‌ଡିଓରେ ଯୋଗ ଦେଇଥିଲେ। ୪୯ ବର୍ଷ ବୟସରେ ଜଣେ ନାମକରା ବୈଜ୍ଞାନିକ ଭାବେ ଉଭା ହୋଇଥିଲେ। ଅଗ୍ନି କ୍ଷେପଣାସ୍ତ୍ର ଓ ବ୍ରହ୍ମୋସ ସୁପରସୋନିକ୍ ମିଶାଇଲ, ହାଲୁକା ଯୁଦ୍ଧ ବିମାନ (ଏଲ୍‌ସିଏ)ର ସଫଳ ପରୀକ୍ଷଣ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତାଙ୍କୁ ଉପରକୁ ଉଠିବାରେ ସହାୟକ ହୋଇଛି। ଫଳରେ ୫୨ ବର୍ଷ ବୟସରେ ସେ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା ହୋଇପାରିଥିଲେ। ସ୍ୱଦେଶୀ ଜ୍ଞାନ ବ୍ୟବହାର କରି ମିଶାଇଲ ଆଣ୍ଡ୍ ଷ୍ଟ୍ରାଟେଜିକ୍ ସିଷ୍ଟମ ବିକଶିତ କରିବାରେ ତାଙ୍କ ସମ୍ପୃକ୍ତି ଦୂରଗାମୀ ଅଗ୍ନି-୫କୁ ଅତ୍ୟନ୍ତ ସଫଳ କରିଥିଲା। ଏଥିସହିତ ଦେଶର ପ୍ରଥମ ୧,୦୦୦ କିଲୋଗ୍ରାମ୍ ଓଜନ ବିଶିଷ୍ଟ କ୍ଲାସ୍ ଗାଇଡେଡ୍ ବମ୍ ବିକଶିତ କରିବାରେ ପ୍ରମୁଖ ଭୂମିକା ନିଭାଇଛନ୍ତି। ରିସର୍ଚ୍ଚ ସେଣ୍ଟର ଇମାରତ୍ ଲାବରେଟୋରିର ନେତୃତ୍ୱ ନେଇ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ମିଶନକୁ ସଫଳତା ଦେବାରେ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ।

ଉପରଲିଖିତ କୃତିତ୍ୱ ସହ ପ୍ରତି କାର୍ଯ୍ୟକ୍ରମରେ ସଥୀଶଙ୍କ ସିଧାସଳଖ ସମ୍ପୃକ୍ତି ଓ ଟିମ୍ ଲିଡର ଭାବେ ଅକ୍ଳାନ୍ତ ପରିଶ୍ରମ ତାଙ୍କୁ ମାତ୍ର ୫୫ ବର୍ଷ ବୟସରେ ଡିଆର୍‌ଡିଓର ମୁଖ୍ୟ ପଦବୀ ମଣ୍ଡନ କରିବାର ସୁଯୋଗ ଦେଇପାରିଛି। ଡକ୍ଟର ଏସ୍. ଖ୍ରୀଷ୍ଟୋଫର ପଦବୀରୁ ଓହରି ଯିବା ପରେ ଏହା ୩ ମାସ ହେବ ଖାଲି ପଡ଼ିଥିଲା। ୨୦୧୮ ଅଗଷ୍ଟ ୨୫ରେ ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି ସଥୀଶଙ୍କୁ ଡିଆର୍‌ଡିଓର ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରାଇଛି। ଫଳରେ ସେ ଏପିଜେ. ଅବଦୁଲ କଲାମ, ଭି. କେ. ସାରସ୍ୱତ ଏବଂ ଅଭିନାଶ ଚନ୍ଦରଙ୍କ ପରେ ୪ର୍ଥ ବୈଜ୍ଞାନିକ ଭାବେ ହାଇଦ୍ରାବାଦସ୍ଥିତ ମିଶାଇଲ କମ୍ପ୍ଲେକ୍ସରୁ ଆସି ଡିଆର୍‌ଡିଓର ଶୀର୍ଷ ପଦ ମଣ୍ଡନ କରିପାରିଛନ୍ତି। ପ୍ରତିଶ୍ରୁତିବଦ୍ଧ ବୈଜ୍ଞାନିକ ଭାବେ ଭାରତୀୟ ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ସଥୀଶଙ୍କ ଉଲ୍ଲେଖନୀୟ ଅବଦାନ ତାଙ୍କୁ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ କରିପାରିଛି। ପ୍ରଥମ ଭାରତୀୟ ଭାବେ ସେ ଲଣ୍ଡନସ୍ଥିତ ରୟାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନାଭିଗେଶନ୍‌ର ଫେଲୋ ହୋଇପାରିଛନ୍ତି। ୨୦୧୩-୧୪ରେ ଭାରତୀୟ ବିଜ୍ଞାନ କଂଗ୍ରେସ ସଂଘର ହୋମି ଜାହାଙ୍ଗୀର ଭାବା ସ୍ମୃତି ସମ୍ମାନ, ୟଙ୍ଗ୍ ସାଇଣ୍ଟିଷ୍ଟ ଆଓ୍ୱାର୍ଡ, ଅଗ୍ନି ପୁରସ୍କାର ଭଳି ଏକାଧିକ ମର୍ଯ୍ୟାଦା ପାଇ ଯୁବ ବୈଜ୍ଞାନିକଙ୍କ ପାଇଁ ସେ ପ୍ରେରଣାର ଉତ୍ସ ହୋଇପାରିଛନ୍ତି। ତେବେ ଆର୍ଥିକ ଅଭାବ ଦେଇ ଗତିକରୁଥିବା ଡିଆର୍‌ଡିଓ ମଧ୍ୟ ପ୍ରତିଭା ସଙ୍କଟର ସମ୍ମୁଖୀନ ହୋଇଥିବା ଆଲୋଚନା ହେଉଛି। ଏଭଳି ସ୍ଥଳେ ନୂଆ ତଥା ବିଗ୍-ବ୍ୟାଙ୍ଗ ପ୍ରକଳ୍ପଗୁଡ଼ିକୁ ସଫଳ କରିବା ଏବେ ତାଙ୍କ ନେତୃତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରିଛି।

-ଜିତେନ୍ଦ୍ର

## ପାଠକ ଶ୍ରେଷ୍ଠ ବିଚାରକ

### ବିଦେଶରୁ ଗାଳି

ମହାଶୟ,

ଧରିତ୍ରୀ(୨୮।୮)ର ପ୍ରଥମ ପୃଷ୍ଠାରେ ମାନ୍ୟବର ସଂପାଦକଙ୍କ 'ବିଦେଶରୁ ଗାଳି' ଶୀର୍ଷକ ଲେଖାଟିରେ ରାଜନେତାଙ୍କ ବ୍ୟତୀତ ପ୍ରଶାସକ, ପୋଲିସ ଆଦି ସେବାରେ ଥିବା ଲୋକେ ପରସ୍ପର ବିରୋଧରେ ଅଧିକ ସମାଲୋଚନା କରୁ ନ ଥିବାର ପରମ୍ପରାଟି ସତ୍ୟ। ତେବେ ରାଜନେତାଙ୍କୁ ଯିଏ ଯେତେ ସମାଲୋଚନା କଲେ ବି, ନେତାଙ୍କର ରାଷ୍ଟ୍ର ଓ ସାଧାରଣ ଜନତାଙ୍କ ସ୍ୱାର୍ଥରକ୍ଷା ସବୁଠାରୁ ବଡ ଉତ୍ତରଦାୟିତ୍ୱ। ଯଦିଓ ଏବେକାର ସଂଖ୍ୟାଧିକ ରାଜନେତାଙ୍କର ଏହି ଉତ୍ତରଦାୟିତ୍ୱ ଆଦୌ ନାହିଁ। ତେବେ ରାଜନୈତିକ ପ୍ରତିପକ୍ଷକୁ ସମାଲୋଚନା କରିବାକୁ ଯାଇ ଏବଂ ନିଜର ପାରିବାପଣିଆକୁ ଦେଖେଇ ହେବାକୁ ଯାଇ ବିଦେଶରେ ଗାଳି କରିବା କଥାଟି ଗ୍ରହଣୀୟ ନୁହେଁ। ବାହାରେ କେବଳ ନିଜ ଦେଶର ମହାନତା କଥା କୁହାଯାଇପାରେ। ଆଲୋଚନା, ସମାଲୋଚନା ଜରିଆରେ ଗଣତନ୍ତ୍ର ଅଧିକ ସୁଦୃଢ଼ ହେଉଥିବାରୁ ସେସବୁ ଆମ ଦେଶ ଭିତରେ ଚାଲୁ।

ସନ୍ତୋଷ ବିଶ୍ୱାଳ, ଭୁବନପୁର, ଗଡମଧୁପୁର, ଯାଜପୁର

### ସହରରେ ବାସ କରିବାର ମାନସିକତା

ଏବେ ସହରରେ ବସବାସ କରିବାର ମାନସିକତା ସମସ୍ତଙ୍କୁ ଗ୍ରାସ କରିଛି। ସେଥିପାଇଁ ମଧ୍ୟ ପ୍ରଶାସନ ଓ ସରକାର ସହଯୋଗ କରୁଛନ୍ତି। ପଇସା ଥିଲେ ଲୋକେ ଜାଗାବାଡ଼ି କିଣି ଘର କରି ରହୁଛନ୍ତି। ନ ହେଲେ ସରକାରୀ ଜାଗା ଏପରି କି ନାଳନର୍ଦ୍ଦମା ଜବରଦଖଲ କରି ବସ୍ତି ଗଢ଼ି ରହୁଛନ୍ତି। ସରକାର ସେମାନଙ୍କୁ ପାଣି, ଆଲୁଅ ଇତ୍ୟାଦିର ବ୍ୟବସ୍ଥା କରିଦେଉଛନ୍ତି। ତେଣିକି ଜଳ ନିଷ୍କାସନ ହୋଇ ନ ପାରି ସାମାନ୍ୟ ବର୍ଷାରେ ସ୍ମାର୍ଟ ସହରରେ ଲୋକଙ୍କ ଘରେ ପଶେ ନର୍ଦ୍ଦମାଜଳ ପଶୁ। ସରକାରଙ୍କୁ ଭୋଟ ଦରକାର ନା, ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କେମିତି?

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋରଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ସ୍କୁଲପଢୁଆ ପିଲାଙ୍କ ମନରେ କୌଣସି କାରଣରୁ ଅଶାନ୍ତି ସୃଷ୍ଟିହେଲେ ସେମାନେ ଘର ଛାଡି ଚାଲିଯିବାକୁ ଶ୍ରେୟ ମନେକରନ୍ତି। କିନ୍ତୁ ଏପରି କରିବା ଦ୍ୱାରା ନିଜର କ୍ଷତି ଘଟିଥାଏ ବୋଲି ସେମାନେ ଜାଣିପାରି ନ ଥାନ୍ତି। ଏପରି ଏକ ଘଟଣାରେ ଦକ୍ଷିଣ ମୁମ୍ବାଇ ସ୍କୁଲର ୫ଜଣ ଛାତ୍ରୀ ଘରଛାଡି କେଉଁଆଡେ ପଳାଇଛନ୍ତି। ଗୋଟିଏ ଘରୋଇ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଏହି ବାଳିକାମାନେ ଶୁକ୍ରବାର ସ୍କୁଲ ଯାଇ ଅପରାହ୍ଣରେ ଆଉ ନିଜ ନିଜ ଘରକୁ ଫେରି ନ ଥିଲେ। ଏହାପରେ ସେମାନଙ୍କ ମାତାପିତା ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏହି ବାଳିକାମାନେ ପ୍ରତ୍ୟେକେ ଦୁଇ ତିନୋଟି ବିଷୟରେ ଫେଲ୍ ହୋଇଥିଲେ ବୋଲି ସେମାନଙ୍କ ଶିକ୍ଷକଙ୍କ ପକ୍ଷରୁ ସୂଚନା ମିଳିଛି। ମାତାପିତା ନିଖୋଜ ସମ୍ପର୍କରେ ଅଭିଯୋଗ କରିବା ପରେ ପୋଲିସ ଆଖପାଖ ଅଞ୍ଚଳରେ ସେମାନଙ୍କ ସନ୍ଧାନ ନେବା ଲାଗି ଡ୍ରୋନ୍ କ୍ୟାମେରା ବ୍ୟବହାର କରିଥିଲା। କିନ୍ତୁ କିଛି ଫଳ ମିଳି ନ ଥିଲା। ସିସିଟିଭି ଫୁଟେଜରୁ ଜଣାପଡ଼ିଛି ଯେ, ସମସ୍ତ ୫ ବାଳିକା ଦକ୍ଷିଣ ମୁମ୍ବାଇର ମେରାଇନ୍ ଡ୍ରାଇଭ୍‌ରେ ଅପରାହ୍ଣ ୨ଟା ୪୦ରେ ଚାଲିଚାଲି ଯାଉଥିଲେ। କିନ୍ତୁ ଏହାପରଠୁ ସେମାନେ ଅଦୃଶ୍ୟ ହୋଇଯାଇଛନ୍ତି। ଏହି ଦୁଃଖଦ ଘଟଣା ପାଇଁ ମାତାପିତା ଓ ପରିବାର ସଦସ୍ୟ ମ୍ରିୟମାଣ ହୋଇ ପଡ଼ିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ସେପ୍ଟେମ୍ବର ୧୯୯୩

- ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନ ଉପରାଷ୍ଟ୍ରପତି ଆଲେକଜାଣ୍ଡାର ରୁତ୍‌ସ୍କୋଇ ଏବଂ ଉପପ୍ରଧାନମନ୍ତ୍ରୀ ଭ୍ଲାଦିମିର ସୁମେଇକୋଙ୍କୁ ସେମାନଙ୍କ ପଦବୀରୁ ହଟାଇଲେ।
- ଆଫଗାନିସ୍ତାନରେ କମ୍ୟୁନିଷ୍ଟ ଶାସନର ପତନ ପରଠାରୁ ଅବିରତ ଭାବେ ପରସ୍ପର ମଧ୍ୟରେ ସଂଗ୍ରାମ ଚଳାଇଥିବା ଦୁଇଟି ମୁଜାହିଦ୍ଦିନ ଗୋଷ୍ଠୀ ଅବଶେଷରେ ଏକ ସ୍ଥାୟୀ ରାଜିନାମାରେ ପହଞ୍ଚିଛନ୍ତି।
- ଓଡ଼ିଶା ସହ ଅନ୍ୟ ୭ଟି ରାଜ୍ୟରୁ ପଥକର ଉଚ୍ଛେଦ ହେଲା।



ଜିଲା ଡାଏରୀ

ଭଦ୍ରକ

### ମନୁଷ୍ୟକୃତ ବନ୍ୟା

ଭଦ୍ରକ ଏବେ ମନୁଷ୍ୟକୃତ ବନ୍ୟାରେ ଉବୁଟୁବୁ। ଭଦ୍ରକ ପୌରାଞ୍ଚଳରେ ଦୀର୍ଘ ବର୍ଷ ଧରି ଜବରଦଖଲ ଉଚ୍ଛେଦ ହେଉ ନ ଥିବା କାରଣରୁ ଏହିଭଳି ଘଟୁଥିବା କୁହାଯାଇଛି। ପୌର ପ୍ରଶାସନକୁ ଭୋଟ ବ୍ୟାଙ୍କ ଭୟ ଘାରିଛି। ଏଣୁ ଜବରଦଖଲ ଉଚ୍ଛେଦ କରିବା ପରିବର୍ତ୍ତେ ପରୋକ୍ଷରେ ପ୍ରୋତ୍ସାହିତ କରୁଛି। ଏଣୁ ସହରରେ ଥିବା ସମସ୍ତ ଡ୍ରେନ ଜବରଦଖଲକାରୀଙ୍କ କବଜାରେ। ସହର ମଧ୍ୟଭାଗ ଦେଇ ଯାଇଥିବା ସାଳନ୍ଦୀ ନଦୀରେ ସାମାନ୍ୟ ବନ୍ୟାପାଣି ଆସିଲେ ପରିସ୍ଥିତି ଅଣାୟତ୍ତ ହୋଇପଡୁଛି। ପୌରପ୍ରଶାସନ ପକ୍ଷରୁ ଏ ନେଇ ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ଫଳରେ ପ୍ରାକୃତିକ ବନ୍ୟା ପରିବର୍ତ୍ତେ କୃତ୍ରିମ ବା ମନୁଷ୍ୟକୃତ ବନ୍ୟାକୁ ଭୟ କରୁଛନ୍ତି ସହରବାସୀ। ବର୍ଷାଦିନ ଆସିଲେ ସହରବାସୀ ନାନା ସମସ୍ୟା ଭୋଗନ୍ତି । ଏଣୁ ଏହାର ସ୍ଥାୟୀ ପ୍ରତିକାର କରାଯିବାର ଆବଶ୍ୟକତା ରହିଛି।

-ବିଭୁପ୍ରସାଦ ବେହେରା

**ସଂକ୍ଷେପରେ**

## ଚିତ୍ରକୋଣ୍ଡା ଜଳଭଣ୍ଡାରରେ ୪ କୁମ୍ଭୀର

ଚିତ୍ରକୋଣ୍ଡା,୧।୯: ଚିତ୍ରକୋଣ୍ଡା ଜଳଭଣ୍ଡାର ପାଖରେ ଯୁକୋ ପାର୍କ ରହିଛି। ପିକନିକ ପାଇଁ ଏହା ଏକ ଭଲ ସ୍ଥାନ। ପାର୍କ ଭିତରେ ଏକ ଏମୁ ପକ୍ଷୀ ଅଛି। ଏବେ ବୋଟିଂ ସ୍ଥାନରେ ଏବଂ ପାର୍କ ଭିତର ପାର୍ଶ୍ୱବନ୍ଧରେ ୪ଟି କୁମ୍ଭୀର ଦେଖିବାକୁ ମିଳୁଛି। ଏହା ବଉଳା, ଥଣ୍ଟିଆ କି ଲୁଣା କୁମ୍ଭୀର ଚିହ୍ନଟ ହୋଇପାରିନି। ଟିକରପଡା ଓ ଭିତରକନିକାରେ ସମସ୍ତ ପ୍ରକାର କୁମ୍ଭୀର ଦେଖିବାକୁ ମିଳେ। ଏବେ ଚିତ୍ରକୋଣ୍ଡା ଜଳଭଣ୍ଡାରରେ କୁମ୍ଭୀର ଥିବା ଜଣାପଡିବା ପରେ ସାଧାରଣରେ ଖୁସି ପ୍ରକାଶ ପାଉଛି।

### ଗୁରୁପ୍ରିୟା ସେତୁ ନିର୍ମାଣରେ ଅନିୟମିତତା ଅଭିଯୋଗ

## କଂଗ୍ରେସର ପ୍ରତିବାଦ ସଭା ଆଜି

ଚିତ୍ରକୋଣ୍ଡା,୧।୯: ଗୁରୁପ୍ରିୟା ସେତୁ ନିର୍ମାଣରେ ଅନିୟମିତତା,ଆଦିବାସୀ ହରିଜନ ପିଲା ପାଠ ପଠା ଓ ଚାକିରିରୁ ବଞ୍ଚିତ ହେଉଥିବା ଏବଂ ବିଚ୍ଛିନାଞ୍ଚଳ ବାସୀଙ୍କ ବିକାଶ ନିମନ୍ତେ ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତ ଯଥା- ଚିତ୍ରକୋଣ୍ଡା, ଦୋରାଗୁଡା, ନୂଆଗୁଡା, ଗୁଣ୍ଠାୱାଡା, କପାଟୁଟି, ପାପୁଲୁର, କୁରୁମାନୁର, ଟନେଲକ୍ୟାମ୍ପ, ବଡପଦର, ରାଲେଗାଡା, ଧୁଳିପୁଟ, ବଡପଡା, ପାପରମେଟେଲା, ପଣସପୁଟ, ଅଣ୍ଡିରାପାଲି, ଜୋଦମ୍ବା ଓ ଯନ୍ତ୍ରୀ ଅଞ୍ଚଳରେ ବିକାଶ ହେଉ ନ ଥିବା ପ୍ରତିବାଦରେ ରବିବାର କଂଗ୍ରେସ ପକ୍ଷରୁ ପୂର୍ବତନ ସାଂସଦ ପ୍ରଦୀପ ମାଝି ଆନ୍ଦୋଳନ ଆରମ୍ଭ କରିବେ। ଏନେଇ ଗୁରୁପ୍ରିୟା ସେତୁଠାରେ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ସଭାରେ ବହୁ କଂଗ୍ରେସ କର୍ମୀ ସାମିଲ ହେବେ ବୋଲି ଜଣାପଡିଛି।

## ମୋଟର ଚାଳକ ସଂଘ ବୈଠକ



ଖଇରପୁଟ, ୧।୯ (ଡି.ଏନ୍.ଏ.): ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଶନିବାର ମା' ଭୈରବୀ ମୋଟର ଚାଳକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡମ୍ବରୁଧର ପତ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ମୋଟରଚାଳକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଯେଉଁ ସଦସ୍ୟମାନେ ସଂଘରୁ ଋଣ ନେଇଛନ୍ତି ତାହା ଆସନ୍ତା ୨୦ ତାରିଖ ସୁଦ୍ଧା ପୈଠ କରିବାକୁ କୁହାଯାଇଥିଲା। ଗତ ଦୁର୍ଗାପୂଜାର ଆୟବ୍ୟୟ ଉପରେ ଆଲୋଚନା ହୋଇ ଆସନ୍ତା ଦୁର୍ଗାପୂଜା ପାଇଁ ଏକ କମିଟି ଗଠନ କରାଯାଇଥିଲା। କମିଟି ପାଇଁ ସଭାପତି ଭାବେ କାର୍ତ୍ତିକ ପଣ୍ଡା, ସମ୍ପାଦକ ରାଜୁ ମାଝି, ସହ ସମ୍ପାଦକ ସତ୍ୟ ନାରାୟଣ ଆକତ ଓ କୋଷାଧକ୍ଷ ରୂପେ ସୁଶାନ୍ତ ରଥଙ୍କୁ ମନୋନୀତ କରାଯାଇଥିଲା।

## ବାଲିମେଳା ଜଳଭଣ୍ଡାର ନଷ୍ଟ କରୁଛି ଫସଲ

ଚିତ୍ରକୋଣ୍ଡା,୧।୯: ବାଲିମେଳା-ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଜଳସ୍ତର ୧୫୧୩ ଫୁଟ ଥିବା ବେଳେ ଏହାକୁ କମାଇବା ଲାଗି ୨ଟି ଗେଟ୍ ଖୋଲାଯାଇଥିଲା। ଫଳରେ ଜଳସ୍ତର କମିଥିଲା। ମାତ୍ର ଗୁଣ୍ଠାୱାଡା ପଞ୍ଚାୟତର ଆରଙ୍ଗି, ରାମପୁର, ହରିପୁର, ମୁଦୁଲିଗୁଡା ଓ ଆମ୍ବପଦର ଗ୍ରାମର ୨୦/୨୫ ଜଣ ଚାଷୀଙ୍କ ଧାନ, ମାଣ୍ଡିଆ ଓ ସୁଆଁ ଜମିରେ ପାଣି ମାଡି ଫସଲ ନଷ୍ଟ ହେବାକୁ ବସିଛି। ଜଳଭଣ୍ଡାର ପ୍ରକଳ୍ପ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏସ.ଏନ. ଅଧିକାରୀ ଦାସ ଓ ଚିତ୍ରକୋଣ୍ଡା ତହସିଲଦାର ଫାଲଗୁନି ମାଝି ଯେପରି କିଛି କ୍ଷୟକ୍ଷତି ନ ହୁଏ ସେଥିପ୍ରତି ନଜର ରଖିଛନ୍ତି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ■ମାଲକାନଗିରି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରସଙ୍ଗ

# ଗଣ ଆନ୍ଦୋଳନ କରିବ କଂଗ୍ରେସ

ମାଲକାନଗିରି,୧।୯(ଡି.ଏନ.ଏ)

ମାଲକାନଗିରି ଜିଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତାରଣା କରିଛନ୍ତି ବୋଲି ମାଲକାନଗିରି ଜିଲା କଂଗ୍ରେସ କମିଟି ଅଭିଯୋଗ କରିଛି । ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାର ବିକାଶ କଥା କହୁଥିବା ମୁଖ୍ୟମନ୍ତ୍ରୀ ଦୀର୍ଘ ୪୦ ବର୍ଷର ପୁରାତନ ମାଲକାନଗିରି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେଲେ ନାହିଁ। ଏହା ପୂର୍ବରୁ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବାକୁ ଅଗଷ୍ଟ ୩୦ରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ପରିଚାଳନା କମିଟି ସଭାପତି ବିଧାୟକ ମାନସ ମାଡକାମିଙ୍କ ସମେତ ଅନ୍ୟମାନଙ୍କ ନିକଟକୁ ଖବର ଆସିଥିଲା। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ, ଭିଡିଓ କନ୍‌ଫରେନ୍ସ ସମୟରେ ମୁଖ୍ୟମନ୍ତ୍ରୀ ମାଲକାନଗିରି କଲେଜକୁ ସରକାରୀ ମାନ୍ୟତା ଘୋଷଣା ନ କରି କେବଳ ଭିତିଭୂମିର ବିକାଶ ପାଇଁ ଦେଢ କୋଟି ଟଙ୍କା ଅନୁଦାନ ଦେଇଥିଲେ ବୋଲି ଜିଲା ସଭାପତି ଗୋବିନ୍ଦ ପାତ୍ର ଓ କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପଟ୍ଟନାୟକ କହିଛନ୍ତି। ଏହା ମାଲକାନଗିରି ଜିଲାବାସୀଙ୍କ ପ୍ରତି ପ୍ରତାରଣାର ବିଷୟ । ଏନେଇ ଆଗାମୀ ଦିନରେ ଜିଲା କଂଗ୍ରେସ ଗଣ ଆନ୍ଦୋଳନ କରିବ ବୋଲି ଜିଲା ସଭାପତି ପାତ୍ର କହିଛନ୍ତି। ମହାବିଦ୍ୟାଳୟକୁ ଯଥାଶୀଘ୍ର ସରକାରୀ ମାନ୍ୟତା ଦେବାପାଇଁ ଉଭୟେ ଦାବି କରିଛନ୍ତି । ଅନ୍ୟ ପକ୍ଷରେ ବିଧାୟକ ତଥା ପରିଚାଳନା କମିଟି ଅଧ୍ୟକ୍ଷ ମାନସ ମାଡକାମି ଏନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଯେଉଁଠି ବିକାଶ ହେଉଛି ସେଠାରେ ବିଭ୍ରାନ୍ତ କରିବା କଂଗ୍ରେସର ପୁରୁଣା ଅଭ୍ୟାସ । ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାରେ ଅସହିଷ୍ଣୁ ହୋଇ କଂଗ୍ରେସ ଔଷଧ ବିକଳରେ ଟାଟିଆ କାମୁଡିଛି । ଆଗାମୀ ଦିନରେ ଏହି କଲେଜକୁ ପୋଷ୍ୟ ଭାବେ ଗ୍ରହଣ କରି ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯିବ । ଏହା ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ କୁହାଯାଇଛି । କଲେଜକୁ ନେଇ ରାଜନୀତି କରିବା ଦୁର୍ଭାଗ୍ୟଜନକ । ବୋଲି ଉଭୟେ କହିଛନ୍ତି।



କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ସ୍ପଷ୍ଟ କଲେ ଏସପି: ଡଙ୍ଗା ଦୁର୍ଘଟଣାରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ଖବର ଗୁଜବ

ମାଲକାନଗିରି,୧।୯(ଡି.ଏନ.ଏ)

ଚିତ୍ରକୋଣ୍ଡା ବ୍ଲକ ଧୁଳିପୁଟ ପଞ୍ଚାୟତରେ ଡଙ୍ଗା ଦୁର୍ଘଟଣାରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିବା ନେଇ ଆସିଥିବା ଖବର ଗୁଜବ ଅଟେ। ଏନେଇ ତଦନ୍ତ ଚାଲିଛି। ମାଓବାଦୀଙ୍କ ମୃତ୍ୟୁ ନେଇ ପୋଲିସ ନିକଟରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ନ ଥିବା ମାଲକାନଗିରି ଏସ୍.ପି. ଜଗମୋହନ ମୀନା କହିଛନ୍ତି। ଧୁଳିପୁଟ ପଞ୍ଚାୟତର ସଙ୍ଗମଗୁଡାଠାରେ ଗତ ଗୁରୁବାର କେତେକ ମାଓବାଦୀ ଚିତ୍ରକୋଣ୍ଡା ଜଳଭଣ୍ଡାରର ନଦୀ ପାର ହେଉଥିବା ବେଳେ ସେମାନଙ୍କ ଡଙ୍ଗା ଭାରସାମ୍ୟ ହରାଇ ବୁଡି ଯାଇଥିବା ଏବଂ ଶନିବାର ୨ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର ହୋଇଥିବା ନେଇ କେତେକ ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ତେବେ ପ୍ରକୃତରେ ଡଙ୍ଗାରେ କେତେଜଣ ମାଓବାଦୀ ଯାଉଥିଲେ ଏବଂ କେଉଁଠିକୁ ଯାଉଥିଲେ ସେ ସମ୍ପର୍କରେ ତଥ୍ୟ ପୋଲିସ ତଦନ୍ତ ପରେ ହିଁ ଜଣାପଡିବ ।







## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଅଧିସୂଚନା**

ଭୁବନେଶ୍ୱର ତାରିଖ: ୦୨ ଜୁଲାଇ ୨୦୧୮
No. RDM-LAB-BOUDH-0020-2018- 23885/ R&DM-

No. XXXI-54:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ମୌଜା- ସୋରିଷନାଳି, ଥାନା- ବୌଦ୍ଧ, ନଂ.-୮୫, ତହସିଲ- ବୌଦ୍ଧ, ଜିଲ୍ଲା- ବୌଦ୍ଧରେ ନିମ୍ନ ତଫସିଲମତେ ପ୍ରାୟ ୧୦.୦୬୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା- ୨୩୩୩୨, ତା୧୮।୦୭।୨୦୧୭ରେ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ବୌଦ୍ଧ।
୬. ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ବୌଦ୍ଧ | ବୌଦ୍ଧ | ସୋରିଷନାଳି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏ.୧୭.୮୫୦ | ଏ.୧୦.୦୬୦ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୪.୮୫୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।
ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ଶାସନ ସଚିବ

**ଜମିର ତାଲିକା**
ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ସୋରିଷନାଳି, ତହସିଲ- ବୌଦ୍ଧ, ଥାନା- ବୌଦ୍ଧ (ନଂ.୮୫), ଜିଲ୍ଲା- ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

| କ୍ରମିକ | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୩ | ୧୬୧ | ୦.୨୧୦ | ୦.୦୫୦ | ଶାରଦ-୨ | ଉମା ଭୋଇ, ସ୍ୱା- ଝଗୁଡ଼ ଭୋଇ, ବା: ଧୁମାଳ |
| ୨ | ୫ | ୧୫୩ | ୦.୪୮୦ | ୦.୦୯୦ | ଶାରଦ-୨ | ଗୁପ୍ତେଶ୍ୱର ଭୋଇ, ଟଙ୍କାଧର ଭୋଇ, ପି- କୃତାର୍ଥ ଭୋଇ, ବା- ଜାନକୀପୁର |
| ୩ | ୧୦ | ୧୭୬ | ୧.୫୪୦ | ୦.୪୦୦ | ଆଟ | ଦୁଃଖୁ ଭୋଇ, ପି- ରଘୁନାଥ ଭୋଇ, ବା- ଜାନକୀପୁର |
| ୪ | ୧୧ | ୧୨୮ | ୨.୨୨୦ | ୦.୦୨୦ | ଶାରଦ ଜଳ-୧ | ଦେବକୀ ପ୍ରଧାନ, ସ୍ୱା- ହିମାଂଶୁ ଶେଖର ପ୍ରଧାନ, ବା- ଜାନକୀପୁର |
| ୫ | ୧୪ | ୧୬୮ | ୨.୩୨୦ | ୦.୬୦୦ | ଆଟ | ବିରଞ୍ଚି ନାଏକ, ପି- କର୍ମି ନାଏକ, ବା: ପିଙ୍ଗଳବେଡ଼ା |
| ୬ | ୧୭ | ୧୫୧ | ୧.୦୮୦ | ୦.୬୩୦ | ଶାରଦ ଜଳ-୨ | ମଙ୍ଗୁଳୁ ବାରିକ, ପି- ଖାଡ଼ିଆ ବାରିକ, ବା- ଜାନକିପୁର |
| ୭ | ୧୮ | ୧୭୪ | ୨.୧୫୦ | ୦.୩୧୦ | ଆଟ | ମିଳନ ଛଣ୍ଡିଆ, ପି- ରାମ ଛଣ୍ଡିଆ, ବା: ପିଙ୍ଗଳବେଡ଼ା |
| ୮ | ୨୧ | ୧୭୪ | ୧.୦୬୦ | ୦.୩୦୦ | ଆଟ | ସହଦେବ ମହାଲିକ, ପି- ଅଗ୍ନି ମହାଲିକ, ବା- ପିଙ୍ଗଳବେଡ଼ା |
| ୯ | ୨୨ | ୧୨୯ | ୦.୩୨୦ | ୦.୦୯୦ | ଶାରଦ-୨ | ସୀତା ମହାନନ୍ଦିଆ, ସ୍ୱା- ମୁକୁନ୍ଦ ମହାନନ୍ଦିଆ, ନବଘନ ମହାନନ୍ଦିଆ, ଝରିଆ ମହାନନ୍ଦିଆ, ଧନୁଶର ମହାନନ୍ଦିଆ, ପି- ହରି ମହାନନ୍ଦିଆ, ବା: ପିଙ୍ଗଳବେଡ଼ା |
| ୧୦ | | ୧୩୨ | ୦.୧୨୦ | ୦.୧୨୦ | ଶାରଦ-୨ | |
| ୧୧ | | ୧୩୫ | ୦.୨୮୦ | ୦.୦୭୦ | ଶାରଦ-୨ | |
| ୧୨ | ୨୩ | ୧୪୨ | ୧.୧୨୦ | ୦.୩୧୦ | ଶାରଦ ଜଳ-୨ | ଶ୍ରୀପତି ମହାକୁଡ଼, ପି: ଡମ୍ବରୁ ମହାକୁଡ଼, ବା: ପିଙ୍ଗଳବେଡ଼ା |
| ୧୩ | | ୧୪୩ | ୦.୮୬୦ | ୦.୦୧୦ | ଆଟ | |
| ୧୪ | ୨୫ | ୧୬୩ | ୦.୨୫୦ | ୦.୨୫୦ | ଶାରଦ ଜଳ-୨ | ସୁରେନ୍ଦ୍ର ବାରିକ, ପି- ବୃନ୍ଦାବନ ବାରିକ, ରାହାସ ବାରିକ, ମହେଶ୍ୱର ବାରିକ, ପି- ସଂକୀର୍ତ୍ତନ ବାରିକ, ବା- ଜାନକୀପୁର |
| ୧୫ | ୨୬ | ୧୪୬ | ୦.୪୨୦ | ୦.୨୪୦ | ଶାରଦ-୨ | ହିମାଂଶୁ ଭୋଇ, ଶୁକ୍ରୁ ଭୋଇ, ମିଥିଳା ପ୍ରଧାନ, ମଦା ପ୍ରଧାନ, ପି- ଅନାଦି ଭୋଇ, ରେଖା ଭୋଇ, ସ୍ୱା- ଅନାଦି ଭୋଇ, ବା- ଜାନକୀପୁର |
| ୧୬ | | ୧୪୮ | ୧.୪୨୦ | ୦.୯୬୦ | ଶାରଦ-୧ | |
| ୧୭ | ୨୬/୧ | ୧୪୪/ ୨୨୫ | ୦.୪୨୦ | ୦.୨୩୦ | ଆଟ | ଶୁକ୍ରୁ ଭୋଇ, ପି- ଅନାଦି ଭୋଇ, ବା- ଜାନକୀପୁର |
| ୧୮ | ୨୬/୨ | ୧୪୪ | ୧.୫୮୦ | ୦.୫୩୦ | ଆଟ | ମହେଶ୍ୱର ପ୍ରଧାନ, କୃଷ୍ଣ ପ୍ରଧାନ, ପି- ସ୍ୱପ୍ନ ପ୍ରଧାନ, ବା- ଜାନକୀପୁର |
| ମୋଟ | | | ୧୭.୮୫୦ | ୫.୨୧୦ | | |

**ଜମିର ତାଲିକା**
ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ସୋରିଷନାଳି, ତହସିଲ- ବୌଦ୍ଧ, ଥାନା- ବୌଦ୍ଧ (ନଂ.୮୫), ଜିଲ୍ଲା- ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

| କ୍ରମିକ | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ବ୍ୟକ୍ତିଗତ ଜମିର ଗୋଚର ବଦଳି | | | | | | |
| ୧ | ୧୦ | ୧୭୬ | ୧.୫୪୦ | ୦.୫୩୦ | ଆଟ | ଦୁଃଖୁ ଭୋଇ, ପି- ରଘୁନାଥ ଭୋଇ, ବା- ଜାନକୀପୁର |
| ୨ | ୧୪ | ୧୬୮ | ୨.୩୨୦ | ୧.୭୨୦ | ଆଟ | ବିରଞ୍ଚି ନାଏକ, ପି- କର୍ମି ନାଏକ, ବା- ପିଙ୍ଗଳବେଡ଼ା |
| ୩ | ୧୮ | ୧୭୪ | ୨.୧୫୦ | ୧.୮୪୦ | ଆଟ | ମିଳନ ଛଣ୍ଡିଆ, ପି- ରାମ ଛଣ୍ଡିଆ, ବା- ସୋରିଷନାଳି |
| ୪ | ୨୧ | ୧୭୪ | ୧.୦୬୦ | ୦.୭୬୦ | ଆଟ | ସହଦେବ ମହାଲିକ, ପି- ଅଗ୍ନି ମହାଲିକ, ବା- ପିଙ୍ଗଳବେଡ଼ା |
| | | | ମୋଟ | ୪.୮୫୦ | | |

| ଏକର. ଡେସିମାଲ | | |
|---|---|---|
| ବ୍ୟକ୍ତିଗତ ଜମି | | ୫.୨୧୦ |
| ବ୍ୟକ୍ତିଗତ ଜମିର ଗୋଚର ବଦଳି | | ୪.୮୫୦ |
| ମୋଟ | ୧୭.୮୫୦ | ୧୦.୦୬୦ |

24001/14/0267/1819



## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ
always with U
ଆଞ୍ଚଳିକ କାର୍ଯ୍ୟାଳୟ: ଚଣ୍ଡିଖୋଲ, ଆଚାର୍ଯ୍ୟ ମାର୍କେଟ କମ୍ପ୍ଲେକ୍ସ, ପୋ: ସୁଙ୍ଗୁଡା, ଜିଲ୍ଲା: ଯାଜପୁର, ପିନ୍-୭୫୪୨୯୬

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ଜଣାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ବକେୟା ଋଣ ପରିଶୋଧର ଅନ୍ତିମ **ତା୧୫.୦୯.୨୦୧୮ରିଖ** ସୁଦ୍ଧା ସେମାନଙ୍କର ବକେୟା ଋଣ ପରିଶୋଧ ନକରନ୍ତି, ତାହା ହେଲେ ଆସନ୍ତା **ତା୧୮.୦୯.୨୦୧୮ରିଖ ପୂର୍ବାହ୍ନ ୧୧.୦୦ଘଟିକା** ସମୟରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ସମ୍ପୃକ୍ତ ଶାଖା** ଠାରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ।

| କ୍ର. ନଂ. | ଋଣ ଆକାଉଣ୍ଟ ନଂ. | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| **ବିରଜା ମନ୍ଦିର ଶାଖା** | | | |
| ୧. | ୪୦୪୧୦୬୦୦୦୦୧୧୩୪ | **ପ୍ରଦୀପ୍ତ କୁମାର ପରିଡ଼ା,** ପିତା: ରମେଶ ଚନ୍ଦ୍ର ପରିଡ଼ା, ସା/ପୋ: ମହାବୀର ଛକ, ଜିଲ୍ଲା: ଯାଜପୁର | ୧୦୮.୦୦୦ |
| ୨. | ୪୦୪୧୦୬୦୦୦୦୧୧୩୯ | **ଶ୍ରୀକାନ୍ତ କୁମାର ପଣ୍ଡା,** ପିତା: ଦିବ୍ୟସିଂହ ପଣ୍ଡା, ସା: ଦଧିବାମନପୁର, ପୋ: ମାଂସଡା, ଜିଲ୍ଲା: ଯାଜପୁର | ୫୨.୫୦୦ |
| ୩. | ୪୦୪୧୦୬୦୦୦୦୧୧୫୭ | **ପ୍ରମିଳା ଦାଶ,** ସ୍ୱାମୀ: ପାର୍ବତୀ କୁମାର ଦାଶ, ସା: ପୁରୁଷୋତ୍ତମପୁର, ପୋ: କୋଦଣ୍ଡପୁର, ଜିଲ୍ଲା: ଯାଜପୁର | ୧୧୩.୦୦୦ |
| ୪. | ୪୦୪୧୦୬୦୦୦୦୧୧୫୯ | **ପ୍ରମିଳା ଦାଶ,** ସ୍ୱାମୀ: ପାର୍ବତୀ କୁମାର ଦାଶ, ସା: ପୁରୁଷୋତ୍ତମପୁର, ପୋ: କୋଦଣ୍ଡପୁର, ଜିଲ୍ଲା: ଯାଜପୁର | ୧୨୫.୦୦୦ |
| ୫. | ୪୦୪୧୦୬୧୦୦୦୫୨୯୬ | **ବେଣୁଧର ମିଶ୍ର,** ପିତା: ଧରଣୀଧର ମିଶ୍ର, ସା: ସପନପୁର, ପୋ: ଦେବୀଦ୍ୱାର, ଜିଲ୍ଲା: ଯାଜପୁର | ୩୫.୩୦୦ |
| ୬. | ୪୦୪୧୦୬୧୦୦୦୬୮୭୦ | **ବିଜୟ କୁମାର ପରିଡ଼ା,** ପିତା: ଦୁର୍ଯ୍ୟୋଧନ ପରିଡ଼ା, ସା: ଦକ୍ଷିଣବିଲ, ପୋ: ଜାହାନପୁର, ଜିଲ୍ଲା: ଯାଜପୁର | ୨୯.୫୦୦ |
| ୭. | ୪୦୪୧୦୬୧୦୦୦୬୧୮୭ | **ସୟଦ ଅଜ୍‌ମେର ଅଲ୍ଲୀ,** ପିତା: ସୟଦ ହାରିଶ ଅଲ୍ଲୀ, ସା: ଅକରପଡା, ପୋ: ଶ୍ରୀଧରପୁର, ଜିଲ୍ଲା: ଯାଜପୁର | ୨୮.୭୦୦ |
| ୮. | ୪୦୪୧୦୬୧୦୦୦୮୬୦୦ | **ପଦ୍ମନାଭ ସାହୁ,** ପିତା: ସନାତନ ସାହୁ, ସା: ଜଲାରପୁର, ପୋ: ମାର୍କଣ୍ଡପୁର, ଜିଲ୍ଲା: ଯାଜପୁର | ୧୧.୫୦୦ |
| ୯. | ୪୦୪୧୧୩୦୪୧୦୦୦୦୩୦ | **ଭରତ ସାହୁ,** ପିତା: ବଳରାମ ସାହୁ, ସା/ପୋ: ଦେବୀଦ୍ୱାର, ଜିଲ୍ଲା: ଯାଜପୁର | ୨୮.୦୦୦ |
| ୧୦. | ୪୦୪୧୧୩୦୪୧୦୦୦୦୩୧ | **ଭରତ ସାହୁ,** ପିତା: ବଳରାମ ସାହୁ, ସା/ପୋ: ଦେବୀଦ୍ୱାର, ଜିଲ୍ଲା: ଯାଜପୁର | ୧୭.୦୦୦ |
| ୧୧. | ୪୦୪୧୧୩୦୪୧୦୦୦୦୩୩ | **ଭରତ ସାହୁ,** ପିତା: ବଳରାମ ସାହୁ, ସା/ପୋ: ଦେବୀଦ୍ୱାର, ଜିଲ୍ଲା: ଯାଜପୁର | ୨୯.୪୦୦ |
| ୧୨. | ୪୦୪୧୧୩୦୪୧୦୦୦୦୩୪ | **ଭରତ ସାହୁ,** ପିତା: ବଳରାମ ସାହୁ, ସା/ପୋ: ଦେବୀଦ୍ୱାର, ଜିଲ୍ଲା: ଯାଜପୁର | ୨୩.୦୦୦ |
| ୧୩. | ୪୦୪୧୦୬୧୦୦୦୬୨୯୩ | **ବିଜୟ କୁମାର ପରିଡ଼ା,** ପିତା: କହ୍ନେଇ ଚରଣ ପରିଡ଼ା, ସା: ଛଦାମୁଣ୍ଡ, ପୋ: ବାଙ୍ଗରା, ଜିଲ୍ଲା: ଯାଜପୁର | ୩୯.୦୦୦ |
| ୧୪. | ୪୦୪୧୧୩୦୪୧୦୦୦୦୬୩ | **ବିଷ୍ଣୁ ଚରଣ ନାୟକ,** ପିତା: ହରେକୃଷ୍ଣ ନାୟକ, ସା: ଗୋପାଳପୁର, ପୋ: ଦେବୀଦ୍ୱାର, ଜିଲ୍ଲା: ଯାଜପୁର | ୧୨.୩୦୦ |
| **ଛତିଆ ଶାଖା** | | | |
| ୧. | ୪୦୦୭୦୬୧୦୦୦୬୭୬ | **ସଞ୍ଜୟ ସାହୁ,** ପିତା: ଅଭିରାମ ସାହୁ, ସା/ପୋ: ଛତିଆ, ଜିଲ୍ଲା: ଯାଜପୁର | ୨୧.୪୦୦ |
| ୨. | ୪୦୦୭୧୩୦୪୧୦୦୦୦୧୯ | **ରମେଶ କୁମାର ସାହୁ,** ପିତା: ବୀର କିଶୋର ସାହୁ, ସା/ପୋ: ଛତିଆ, ଜିଲ୍ଲା: ଯାଜପୁର | ୫୨.୩୦୦ |
| ୩. | ୪୦୦୭୧୩୦୪୧୦୦୦୦୨୨ | **ରଞ୍ଜନା ସାହୁ,** ସ୍ୱାମୀ: ରମେଶ କୁମାର ସାହୁ, ସା/ପୋ: ଛତିଆ, ଜିଲ୍ଲା: ଯାଜପୁର | ୩୩.୬୧୦ |
| **ଜାରକା ଶାଖା** | | | |
| ୧. | ୪୨୦୨୧୩୦୪୧୦୦୦୦୦୬ | **ପବିତ୍ର ବେହେରା,** ପିତା: ବିଶ୍ୱନାଥ ବେହେରା, ସା: ଅଭୟପୁର, ପୋ: ଧର୍ମଶାଳା, ଜିଲ୍ଲା: ଯାଜପୁର | ୩.୬୦୦ |
| ୨. | ୪୨୦୨୧୩୦୪୧୦୦୦୦୧୧ | **ପ୍ରଫୁଲ୍ଲ କୁମାର ଦାସ,** ପିତା: ନରହରି ଦାସ, ସା: ଫାଜିଲପୁର, ପୋ: ମିର୍ଜାପୁର, ଜିଲ୍ଲା: ଯାଜପୁର | ୨୧.୮୦୦ |
| ୩. | ୪୨୦୨୧୩୦୪୧୦୦୦୦୩୯ | **ରୀନା ନାୟକ,** ସ୍ୱାମୀ: ସ୍ୱରୂପ କୁମାର ସାହୁ, ସା: ରାଣୀରାମଚନ୍ଦ୍ରପୁର, ପୋ/ଜିଲ୍ଲା: ଯାଜପୁର | ୪୫.୦୫୦ |
| ୪. | ୪୨୦୨୧୩୦୪୧୦୦୦୦୮୩ | **ଧନଞ୍ଜୟ ବିଶ୍ୱାଳ,** ପିତା: ନାରାୟଣ ବିଶ୍ୱାଳ, ସା: ଦୁବଗାଡିଆ, ପୋ: ଧର୍ମଶାଳା, ଜିଲ୍ଲା: ଯାଜପୁର | ୧୧.୬୦୦ |
| ୫. | ୪୨୦୨୧୩୦୪୦୦୦୦୦୦୩ | **ସୁରେନ୍ଦ୍ର କୁମାର ସାମଲ,** ପିତା: ଗୋଲଖ ସାମଲ, ସା: ଓଡ଼ିଶୋ, ପୋ: ଅଣ୍ଡେଇଗୋଡ଼ା, ଜିଲ୍ଲା: ଯାଜପୁର | ୧୬.୭୩୦ |
| ୬. | ୪୨୦୨୧୩୦୪୦୦୦୦୦୪୯ | **ପବିତ୍ର ବେହେରା,** ପିତା: ବିଶ୍ୱନାଥ ବେହେରା, ସା: ଅଭୟପୁର, ପୋ: ଧର୍ମଶାଳା, ଜିଲ୍ଲା: ଯାଜପୁର | ୨.୭୦୦ |
| **ବାଲିଚନ୍ଦ୍ରପୁର ଶାଖା** | | | |
| ୧. | ୪୨୧୧୧୩୦୪୧୦୦୦୦୦୩ | **ସଞ୍ଜୟ କୁମାର ଜେନା,** ପିତା: ଯୋଗେନ୍ଦ୍ରନାଥ ଜେନା, ସା: ଅଣକା, ପୋ: କୃଷ୍ଣପୁରଶାସନ, ଜିଲ୍ଲା: ଯାଜପୁର | ୨୭.୬୮୦ |
| ୨. | ୪୨୧୧୧୩୦୪୧୦୦୦୦୧୪ | **ସାବିତ୍ରୀ ପୃଷ୍ଟି,** ସ୍ୱାମୀ: ପବିତ୍ର ପୃଷ୍ଟି, ସା/ପୋ: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର | ୮.୪୫୦ |
| ୩. | ୪୨୧୧୧୩୦୪୧୦୦୦୦୨୩ | **ପବିତ୍ର ପୃଷ୍ଟି,** ପିତା: କୁଳମଣି ପୃଷ୍ଟି, ସା/ପୋ: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର | ୯.୮୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି।**

୧. ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର **୧ ଘଣ୍ଟା** ପୂର୍ବରୁ ନିଜର ପାନ୍ କାର୍ଡ ଏବଂ ଆଧାର କାର୍ଡର ଜେରକ୍ସ କପି ସହିତ **ଟ.୫୦୦୦/- (ପାଞ୍ଚହଜାର ଟଙ୍କା ମାତ୍ର)** ଅମାନତ ଆକାରରେ ଜମା ଦେବାକୁ ହେବ।
୨. ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡିକୁ ନିଲାମ ସମୟର **୧ ଘଣ୍ଟା** ପୂର୍ବରୁ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩. ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ଆବଶ୍ୟକ ଜିଏସ୍‌ଟି ସହିତ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪. ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫. ସର୍ବୋଚ୍ଚ ନିଲାମ ଡାକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷଣା ହେଲାପରେ ହିଁ ନିଲାମ ଡାକ ସିଦ୍ଧ ହେବ।
୬. ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୭. ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଚୁଡାନ୍ତ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡା ୭୫ ଭାଗ ଟଙ୍କା ଆବଶ୍ୟକ ଜିଏସ୍‌ଟି ସହିତ ଜମା କରିବାକୁ ବାଧ ହେବେ। ନଚେତ୍ ପୂର୍ବରୁ ଜମା କରିଥିବା ଅମାନତ ଟ.୫୦୦୦/- ଏବଂ ଶତକଡା ୨୫ ଭାଗ ଅମାନତ ଟଙ୍କା ବାଜ୍ୟାପ୍ତି ହେବ।
୮. ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ / ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୯. ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୧୦. ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ: ଚଣ୍ଡିଖୋଲ, ତାରିଖ : ୦୧.୦୯.୨୦୧୮ — ଆଞ୍ଚଳିକ ପ୍ରବନ୍ଧକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ



## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ,
ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ୍, ଜିଲ୍ଲା: ଭଦ୍ରକ
ଶାଖା ଫୋନ୍ ନଂ.: ୦୬୭୮୪-୨୫୦୩୫୩, ଶାଖା ଇ-ମେଲ: sbi.18397@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି ଭିତ୍ତିରେ" ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେଓ୍ୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୧୫.୦୯.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**
**ଇ-ନିଲାମ ତାରିଖ ଏବଂ ସମୟ: ତା୧୮.୦୯.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ**
ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

**କ୍ଷମତାପ୍ରାପ୍ତ ଅଧିକାରୀ: ଜାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: ୯୪୩୭୪୯୭୦୫୩**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | **ତାଳଚେର ଫର୍ଟିଲାଇଜର ଟାଉନସିପ୍ ଶାଖା /** ୧. **ଋଣଗ୍ରହୀତା: ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୨୩୪୦୧୦୮୮୨, ୩୨୫୫୮୩୯୬୧୯୨, ୩୧୭୩୪୨୩୩୦୫୫** | | **ସୁମନ୍ତ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି** ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତୁରଙ୍ଗ, ଜିଲ୍ଲା: ଅନୁଗୁଳ, ଖାତା ନଂ.: ୯୨୯/୨୫୬୦, ପ୍ଲଟ୍ ନଂ.: ୧୯୩୦/୯୭୧୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ଖାତା ନଂ.: ୯୨୯/୨୬୧୪, ପ୍ଲଟ୍ ନଂ.: ୧୯୨୫, କ୍ଷେତ୍ର: ଏକର୦.୦୬ଡିସିମିଲି ଓ ପ୍ଲଟ୍ ନଂ.: ୧୯୩୧, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ଖାତା ନଂ.: ୯୨୯/୨୭୪୫, ପ୍ଲଟ୍ ନଂ.: ୧୯୩୦, କ୍ଷେତ୍ର: ଏକର୦.୦୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୩ଡିସିମିଲି,** କିସମ: ଘରବାରୀ | **୩୧.୦୭.୨୦୧୪ ସୁଦ୍ଧା ଟ.୭୧,୨୧,୧୩୪/-** + ୦୧.୦୮.୨୦୧୪ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୧୧.୦୯.୨୦୧୪** | ଟ.୧,୪୮,୨୧,୦୦୦/- |
| | ୨. **ଋଣଗ୍ରହୀତା: ରଘୁନାଥ ନାଏକ,** ପିତା: ହରିହର ନାଏକ, ସା/ପୋ: ସାକସିଂହା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୦୮୫୯୫୩୧୨୧** | **ଜାମିନ୍‌ଦାର/ବନ୍ଧକଦାତା: ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ | | **୨୧.୦୯.୨୦୧୬ ସୁଦ୍ଧା ଟ.୧୯,୧୬,୧୨୦.୮୧** + ୨୨.୦୯.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୨୨.୦୯.୨୦୧୬ | ଟ.୧୪,୮୨,୧୦୦/- |
| | | | | | ଟ.୧,୦୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ୧୨.୦୯.୨୦୧୮ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ଓ ଅନ-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-Procurement Technologies Limited, Ahmedabad** ର ୱେବସାଇଟ **https://sbi.auctiontiger.net** ମାଧ୍ୟମରେ ଉପରଦର୍ଶିତ **ତା୧୮.୦୯.୨୦୧୮ରିଖରେ** ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sbi.auctiontiger.net** ରେ ଉପଲବ୍ଧ।
୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।
୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 35789985401, Name of the A/C: State Bank of India, SARB, Bhadrak, Name of the Beneficiary: State Bank of India, SARB, Bhadrak, IFSC Code No.: SBIN0000036** କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"State Bank of India, SARB, Bhadrak,"**ଙ୍କ ସପକ୍ଷରେ ଭଦ୍ରକ ଠାରେ ଦେୟ ଦର୍ଶାଇ ପୈଠ କରିବେ।
୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procrurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ)। ଯୋଗାଯୋଗ କରନ୍ତୁ: **Ram Sharma - 08000023297, Rakesh Nayak- 9937220319 / Land Line No.: 079-40230821/823/824/ 825/826/827/816/806. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net** (ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ)।
୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭଦ୍ରକଙ୍କ** ଠାରେ **ତା୧୫.୦୯.୨୦୧୮ରିଖ ଅପରାହ୍ନ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।
୬) ପୋର୍ଟାଲ **https://sbi.auctiontiger.net** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭଦ୍ରକଙ୍କ** ଦ୍ୱାରା ଚିହ୍ନଟ କରାଯିବ। **M/S e-Procurement Technologies Limited, Ahmedabad**ଙ୍କଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।
୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: **Mob.: 9437497053**ରେ ଯୋଗାଯୋଗ କରିପାରିବେ।
୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।
୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।
୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/S e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କୀୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/S e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।
୧୧) ଷ୍ଟାମ୍ପ ଡ୍ୟୁଟି/ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ/ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।
୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ବାତିଲ/ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।
୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।
୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।
**୧୫) ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ୧୫ ଦିନିଆ ନୋଟିସ୍।**
୧୬) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।
**୧୭) ମାନ୍ୟବର ଡେବ୍‌ଟ୍ସ ରିକଭରି ଆପିଲେଟ୍ ଟ୍ରିବ୍ୟୁନାଲ, କୋଲକାତାଙ୍କ ଠାରେ ବିଚାରାଧିନ ଟେଣ୍ଡର ନଂ. ୧୩୧/୨୦୧୭ ର ନିର୍ଣ୍ଣୟ ଅନୁଯାୟୀ ବିକ୍ରୟ ଚୁଡାନ୍ତ ହେବ।**

ତାରିଖ : ୦୧.୦୯.୨୦୧୮, ସ୍ଥାନ: ଭଦ୍ରକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ସିୱାଇଏସଡ଼ି ପକ୍ଷରୁ ପାକଶାଳା ବଗିଚା ପାଇଁ ତାଲିମ

ମାଲକାନଗିରି (ଡ଼ିଏନଏ)/ ଚିତ୍ରକୋଣ୍ଡା,୧୯: ମାଲକାନଗିରି କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧୀନ ସୋମାନାଥପୁର ପଞ୍ଚାୟତରେ ସିୱାଇଏସଡ଼ି ପକ୍ଷରୁ ପାକଶାଳା ବଗିଚା ପାଇଁ ତାଲିମ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଆଲଙ୍ଗଗୁଡା, ପିଲାକୁସୁମି, ମହେଶ୍ୱପୁର, କଣ୍ଡେଲ ଓ ଖାରିଗୁଡା ଗ୍ରାମର ୨୫ ପରିବାରକୁ ପାକଶାଳା ବଗିଚା କରିବା ନେଇ ତାଲିମ ପ୍ରଦାନ କରାଯାଇଥିଲା। ପୂର୍ବରୁ ପରକନମାଲା ପଞ୍ଚୟତରେ ୨୫ ପରିବାରକୁ ତାଲିମ ପ୍ରଦାନ କରାଯାଇଛି। ଏହି ଅବସରରେ ସିୱାଇଏସଡ଼ିରେ ପଞ୍ଜୀକୃତ ହୋଇଥିବା କିଶୋରୀ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନନେବା ସହିତ ସଠିକ ଜୈବିକ ପୁଷ୍ଟିସାର ଖାଦ୍ୟ ଖାଇବା ଲାଗି ଅତିଥିମାନେ ପରାମର୍ଶ ଦେଇଥିଲେ। ରହୁଥିବା ଘର ଚାରି ପାଖରେ ଥିବା ଜାଗାରେ ଜୈବିକ ଖତ ଓ ସାର ବ୍ୟବହାର କରି ଝୁଡୁଙ୍ଗ, ଶାଗ, ଲାଉ, ସଜନା, ଜହ୍ନି, ବାଇଗଣ, ଲଙ୍କା, ଭେଣ୍ଡି ଓ କଲରା ବିହନ ସିୱାଇଏସଡ଼ି ପକ୍ଷରୁ ପ୍ରତି ପରିବାରକୁ ମିଳିବ ବୋଲି ସଂଯୋଜକ ପର୍ଶୁରାମ ପ୍ରଧାନ କହିଥିଲେ। ଅନ୍ୟପକ୍ଷରେ ସୋମାନାଥପୁର ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ କମ୍ପୋଷ୍ଟ ପିଟ, ନାଡେପ ପିଟ, ଜିଆଖତ, ଗାଈ ଗୁହାଳ, ଛେଳି ଗୁହାଳ, କୁକୁଡା ଘର, ଜମି ମରାମତି ଓ ମୋ ପୋଖରୀ ସୁବିଧା ପାଇବା ଲାଗି ୪୫ ପରିବାରର ୧୧୫ଟି ଦରଖାସ୍ତ ସଂଗ୍ରହ କରି ସୋମାନାଥପୁର ସରପଞ୍ଚ ମଙ୍ଗୁ ଖିଲଙ୍କୁ ପ୍ରଦାନ କରାଯାଇଛି। ସୋମାନାଥପୁର ଗୋଷ୍ଠୀ ପ୍ରବର୍ତ୍ତକ ଶୁଭସ୍ମିତା ବେହେରା, ଆନିମେଟର ଯୋଗେଶ୍ୱର ଖିଲ, କ୍ରିଷ୍ଣା ଦୋରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ୧୧୭୨ ହିତାଧିକାରୀଙ୍କୁ ଭତ୍ତା

ଚିତ୍ରକୋଣ୍ଡା,୧୯:ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତରେ ୧୧୭୨ଟି ଭତ୍ତା କାର୍ଡ ବଣ୍ଟନ କରାଯାଇଛି। ଚିତ୍ରକୋଣ୍ଡା, ଦୋରାଗୁଡା, ନୂଆଗୁଡା, ଗୁଣ୍ଡାୱାଡା, କପାତୁଟି, ପାପୁଲୁର, କୁରୁମାନୁର, ଟନେଲକ୍ୟାମ୍ପ, ବଡପଦର, ରାଲେଗାଡା, ଧୁଲିପୁଟ, ବଡପଡା, ପାପରମେଟେଲା, ପଣସପୁଟ, ଅଣ୍ଡିରାପାଲି, ଜୋଦମ୍ବା ଓ ଯନ୍ତ୍ରୀ ପଞ୍ଚାୟତ ଅଞ୍ଚଳରେ ହିତାଧିକାରୀମାନେ ଏହି କାର୍ଡ ପାଇଛନ୍ତି ବୋଲି ପଞ୍ଚାୟତ ସମିତିର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚିତ୍ତରଞ୍ଜନ ବେହେରା ଏବଂ ଜିପିଓ ଧିରାଜ କୁମାର ଖଣ୍ଡଗିରି କହିଛନ୍ତି। ଏହି କାର୍ଡ ବାର୍ଦ୍ଧକ୍ୟ,ବିଧବା ଓ ଭିନ୍ନକ୍ଷମମାନଙ୍କୁ ପ୍ରଦାନ କରାଯାଇଛି।

# ନିର୍ବାଚନ ଆସିଲେ ପ୍ରତିଶ୍ରୁତିରେ ତିଆରି ହୁଏ ପୋଲ

- ବାମନରାଙ୍ଗନି ନଦୀ ସାଜିଛି ଯାତାୟାତରେ ପ୍ରତିବନ୍ଧକ
- ୩ ଗ୍ରାମର ଗ୍ରାମବାସୀ ଭୋଗୁଛନ୍ତି ଦୁର୍ଦ୍ଦଶା
- ହାତ ଧରାଧରି ହୋଇ ନଦୀ ପାର ହୁଅନ୍ତି ଛାତ୍ରୀଛାତ୍ର



ଛାତ୍ରମାନେ ନଦୀ ପାର ହୋଇ ବିଦ୍ୟାଳୟକୁ ଯାଉଛନ୍ତି।

ଗୋବିନ୍ଦପାଲ୍ଲୀ, ୧୯

ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ପରେ ବିଚ୍ଛିନ୍ନାଞ୍ଚଳବାସୀ ଉପକୃତ ହୋଇଛନ୍ତି। ଏବେ ଏହା ସ୍ୱାଭିମାନ ଅଞ୍ଚଳ। ମାତ୍ର ଏବେ ବି କେତେକ ଗାଁ ରହିଛି ଯେଉଁ ଅଧିବାସୀମାନେ ବାମନ ରାଙ୍ଗନି ନଦୀ ଯୋଗୁ ବିଚ୍ଛିନ୍ନାଞ୍ଚଳ ଜୀବନଯାପନ କରୁଛନ୍ତି। ୩ଟି ଗାଁର ଗ୍ରାମବାସୀ ଏବଂ ଛାତ୍ରୀଛାତ୍ରମାନେ ପ୍ରତ୍ୟେହ କାର୍ଯ୍ୟ ଓ ପାଠ ପଢ଼ିବା ପାଇଁ ଏହି ନଦୀ ପାର ହୋଇ ଯାତାୟାତ କରୁଛନ୍ତି। ବାମନରାଙ୍ଗନି ନଦୀ ଆରପାରିରେ ଏହି ୩ଗାଁ ରହିଛି । ବର୍ଷା ହେଲେ ଏହି ନଦୀ ଅଧିକ ବଢିଥାଏ। ନଦୀ ସ୍ରୋତରେ ବହୁ ଜୀବନ ଗଲାଣି । ହେଲେ ପ୍ରଶାସନ ନଦୀ ଉପରେ ପୋଲଟିଏ ଏଯାଏ କରିନି। ଏବେ ବି ଛୋଟ ପିଲାମାନେ ବିପଦପୂର୍ଣ୍ଣ ଅବସ୍ଥାରେ ହାତକୁ ହାତ ଧରି ନଦୀ ପାର ହୋଇ ବିଦ୍ୟାଳୟକୁ ଯାଉଛନ୍ତି। ଦଳପତିଗୁଡା, ଗିହ୍ମାଲି ଓ କଣ୍ଡାବାଉଁଶ ଗ୍ରାମରେ ରହିଥିବା ବିଦ୍ୟାଳୟରେ ୫ମ ଶ୍ରେଣୀ ଯାଏ ପଢିବା ପରେ ଅଧିକ ପଢିବା ପାଇଁ ସେମାନେ ଅନ୍ୟ ବିଦ୍ୟାଳୟକୁ ଯାଇଥାନ୍ତି। ନିର୍ବାଚନ ଆସିଲେ ଏଠାରେ ପ୍ରତିଶ୍ରୁତିରେ ତିଆରି ହୁଏ ପୋଲ। ନିର୍ବାଚନ ପରେ ପୋଲର ଚିହ୍ନବର୍ଣ୍ଣ ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଳାଇଲି ସଜ ଦହି**
**ହାତ ବାଜୁବନ୍ଧ ଗୁନ୍ଥିବି ବୋଲି**
**ପାଟରାଣୀ ସଙ୍ଗେ ସହୀ ।**

ଯାହାଠାରୁ ଯାହାର କିଛି ଫାଇଦା ବା ଲାଭ ପାଇବାର ଆଶାଥାଏ ତାକୁ ସେ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରିଥାଏ। ମନରେ ଅଭିସନ୍ଧି ରଖି ତା' ସହ ଭଲେଇ ହୋଇ ମିଛ ସମ୍ପର୍କ ବଢ଼ାଇଥାଏ। ହାତରେ ବାଜୁବନ୍ଧ ବାନ୍ଧିବା ଆଶାରେ ପାଟରାଣୀଙ୍କ ସହ ସମ୍ବନ୍ଧ ବଢ଼େଇ ରଖିବା ଭଳି ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୁରୁବଚନ କି କରିବ**
**ଯାହାର ଯେମନ୍ତ ସ୍ୱଭାବ ।**

ମଣିଷ ପ୍ରକୃତି ଆମରଣ ଯଥା ପୂର୍ବଂ ତଥା ପର। ମଣିଷ ତା'ର ପ୍ରକୃତିକୁ କଦାପି ଛାଡ଼ି ପାରି ନ ଥାଏ। ଏପରି କି ଯେତେ ବୁଝାଇଲେ ବା ଆକଟ କଲେ ମଧ୍ୟ ଲାଭ କିଛି ହୋଇ ନ ଥାଏ। ଯାହାର ଯାହା ଜନ୍ମଗତ ସ୍ୱଭାବ ତାକୁ ବଦଳାଇବା ଅତ୍ୟନ୍ତ କାଠିକର ପାଠ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ବାଲିମେଳା, ୧୯ (ଡି.ଏନ୍.ଏ.)



ବିଜ୍ଞାନମେଳାକୁ ଅତିଥିମାନେ ବୁଲି ଦେଖୁଛନ୍ତି।

ମାଲକାନଗିରି ଜିଲା ଅନ୍ତର୍ଗତ ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୫ଟି ବିଦ୍ୟାଳୟର ୧୧୦ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗୀମାନେ ୪୫ ପ୍ରକଳ୍ପ ସହ ଅନ୍ୟାନ୍ୟ ପ୍ରତିଯୋଗିତା ମଧ୍ୟ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରର ମୁଖ୍ୟ ପରିଚାଳକ ଶିବପ୍ରସାଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜଳ ବିଦ୍ୟୁତ୍ କେନ୍ଦ୍ରର ସହ ପରିଚାଳକ ଭିକାରୀ ପ୍ରସାଦ ମଲିକ, ବିଦ୍ୟାଳୟ ସଭାପତି କୃପାସିନ୍ଧୁ ବିଶ୍ୱାଳ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପଣ୍ଡା ନିଜ ବକ୍ତବ୍ୟରେ ଶିଶୁ ପ୍ରତିଯୋଗୀଙ୍କୁ ଉଦ୍‌ବୋଧନ ଦେଇ ଏପରି ବିଜ୍ଞାନଭିତ୍ତିକ ପ୍ରକଳ୍ପ ବାରମ୍ବାର କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ପର୍ଯ୍ୟବେକ୍ଷକ ଭାବେ ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରର ପରିଚାଳକ ଜ୍ୟୋର୍ତିମୟୀ ଦାସ, ବିଜ୍ଞାନ ଶିକ୍ଷକ ଗୁରୁପଦ ଆଚାରୀ, ପ୍ରକାଶ ମହାରଣା, ରଞ୍ଜନ କୁମାର ସାହୁ ପ୍ରମୁଖ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଉତ୍ସବରେ ସଙ୍କୁଳ ପ୍ରମୁଖ ଅଶୋକ କୁମାର ବେହେରା, ବିଦ୍ୟାଳୟ ସହ ସମ୍ପାଦକ ମନୋଜ କୁମାର ଖଣ୍ଡୁଆଳ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନେ ଆଗକୁ ଜୟପୁର ଶାରଦା ବିହାର ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ବିଭାଗସ୍ତରୀୟ ଜ୍ଞାନ ବିଜ୍ଞାନମେଳାରେ ଅଂଶଗ୍ରହଣ କରିବେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ପାଢ଼ୀଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ଥିଲେ।

▪ ଜିଲା ନୋଡାଲ ଅଧିକାରୀଙ୍କ ମାଲକାନଗିରି ଜିଲା ଗସ୍ତ

# ଯୋଜନାରେ ହିତାଧିକାରୀ ସାମିଲ ଉପରେ ଗୁରୁତ୍ୱ

ମାଲକାନଗିରି,୧୯(ଡି.ଏନ.ଏ)



ଜିଲ୍ଲା ନୋଡାଲ ଅଧିକାରୀ ବିଜୟ ଆରୋରା ଏକ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖୁଛନ୍ତି।

ପ୍ରିନ୍ସପାଲ୍ ସେକ୍ରେଟେରି ତଥା ମାଲକାନଗିରି ଜିଲ୍ଲା ନୋଡାଲ ଅଧିକାରୀ ବିଜୟ ଆରୋରା ଶନିବାର ମାଲକାନଗିରି ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ କୋରୁକୋଣ୍ଡା ବ୍ଲକର ତୁମ୍‌ସାପାଲି ପଞ୍ଚାୟତ ଅନ୍ତର୍ଗତ ସାରଦାଗୁଡା ଓ ପୋଟ୍ରେଲ୍ ପଞ୍ଚାୟତର ସର୍ଗିଗୁଡା ଗ୍ରାମ ପରିଦର୍ଶନ କରି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଗୃହ ଯୋଜନାର ବିଭିନ୍ନ ଗୃହକାର୍ଯ୍ୟ ଅନୁଧ୍ୟାନ କରି ଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ, ବିଭିନ୍ନ ଭତ୍ତା ଏବଂ ମମତା ଯୋଜନା ବିଷୟରେ ହିତାଧିକାରୀଙ୍କୁ ପଚାରି ବୁଝିଥିଲେ । କୋରୁକୋଣ୍ଡା ବ୍ଲକରେ କେତେ ହିତାଧିକାରୀ ଉପରୋକ୍ତ ଯୋଜନାର ସୁବିଧା ପାଇଛନ୍ତି ଏବଂ ଯେଉଁମାନେ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଯୋଜନାରେ ଶୀଘ୍ର ସାମିଲ୍ କରିବା ପାଇଁ ବ୍ଲକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ । ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ର ପରିଦର୍ଶନ କରି ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ଗସ୍ତରେ ମାଲକାନଗିରି ଉପଜିଲାପାଳ ଲିଙ୍ଗରାଜ ପଣ୍ଡା, ଏ.ପି.ଡି ମାନସ ମିଶ୍ର, କୋରୁକୋଣ୍ଡା ବିଡିଓଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar 8260277745/8260277746
Cuttack No-9937313739
Bhawanipatna: 7962328673
Jajpur/Kendrapara:9692222120
www.anuskagroup.com

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେନ୍ତୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

FINANCE
P.M.J.S.Y ଜନଶ୍ରୀ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

9911436726, 9540938429

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
FREE Mobile + Laptop + Bike + 20000/-
Ph- 7739216167 9973805993

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW: 08570958738 08570958378

SUHANA FINANCE
ଭାରତ ସରକାର ରେଜିଷ୍ଟଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୁର୍ଣ୍ଣ ଅଗ୍ରାଧିକାର।
7325861595
7325861352

MONEY WIZZ FINANCE
07991019691
07750048332
moneywizz27@gmail.com

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
Mahinder Finance
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

SMS JOB
Send SMS, Earn MONEY
WORK From Home
FREE
9667693638
9667693639

JAGANNATH FINANCE COMPNAY
24 ଘଣ୍ଟାରେ । 1% ସୁଧ 50%
8860754025
8860754032

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339

ଏବିଏସ୍ ଫାଇନାନ୍ସ
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ



### ବିଜ୍ଞାନମେଳା: ୧୭୮ ପ୍ରକଳ୍ପ ପ୍ରଦର୍ଶିତ

କୋରାପୁଟ,୧।୯(ସ୍ୱ.ପ୍ର.): କୋରାପୁଟ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ବିଜ୍ଞାନମେଳା ଶନିବାର ଉଦ୍‌ଯାପିତ ହୋଇଛି । ଏଥିରେ ବାଲ, ଶିଶୁ ଓ କିଶୋର ବର୍ଗରେ ୫୦୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୭୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବାଲବର୍ଗରେ ୧୫, ଶିଶୁ ଏବଂ କିଶୋର ବର୍ଗରେ ୯ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି । ଆସନ୍ତା ୧୦ରେ ମାଥାଲପୁଟରେ ହେବାକୁ ଥିବା ସଙ୍କୁଳସ୍ତରୀୟ ବିଜ୍ଞାନମେଳାରେ ବିଭିନ୍ନ ବର୍ଗରୁ ୧୪ ଜଣ ଛାତ୍ରୀଛାତ୍ର ଭାଗ ନେବେ। ଉଦ୍‌ଘାଟନୀ ଦିବସରେ କୋରାପୁଟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକାଶ ଚନ୍ଦ୍ର ସରକାର ଏବଂ ଉଦ୍‌ଯାପନୀ ଦିବସରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଜାନି ଅତିଥି ଭାବେ ଯୋଗ ଦେଇଥିଲେ । ବିଜ୍ଞାନମେଳାରେ ୧୮ ଜଣ ବିଜ୍ଞାନ ଶିକ୍ଷକ ବିଚାରକ ଥିଲେ।

### ଶିଳ୍ପକ୍ଷେତ୍ରକୁ ନେଇ ସଚେତନତା କାର୍ଯ୍ୟକ୍ରମ

ପଟ୍ଟାଙ୍ଗି,୧।୯(ଡି.ଏନ୍.ଏ.): ପଟ୍ଟାଙ୍ଗି ବ୍ଲକ ଶିଶାଗୁଡା ଗ୍ରାମ ନିକଟସ୍ଥ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଗୁରୁବାର ଜିଲା ଶିଳ୍ପ କେନ୍ଦ୍ର ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସରକାରୀ ସହଯୋଗ, ଏଥିପାଇଁ ଥିବା ନିୟମାବଳୀ, ବ୍ୟାଙ୍କ ସହାୟତା ବାବଦରେ ପ୍ରତିଷ୍ଠାନର ଛାତ୍ରୀଛାତ୍ରୀଙ୍କୁ ଜିଲା ଶିଳ୍ପ କେନ୍ଦ୍ର ଜୟପୁରର ସାଧାରଣ ପରିଚାଳକ ଉଦୟ ଚନ୍ଦ୍ର ତ୍ରିପାଠୀ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଏବିଡିଓ ପଦ୍ମନାଭ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଗ୍ରାମାଞ୍ଚଳର ଶିକ୍ଷିତ ଅଥଚ ବେକାର ଛାତ୍ରୀଛାତ୍ରଙ୍କୁ କର୍ମଜୀବୀ କରିବା ପାଇଁ ରାଜ୍ୟ ସରକାର ସୁଯୋଗ ଦେଉଛନ୍ତି। ଶିଳ୍ପ କ୍ଷେତ୍ରରେ ସେମାନେ କିପରି ନିଜକୁ ସଫଳ କରିପାରିବେ, ସେଥିପାଇଁ ବ୍ୟାଙ୍କ ସହ ସେମାନେ ସୁସମ୍ପର୍କ ରଖିବା ଉଚିତ। ଶିଶାଗୁଡା ଗ୍ରାମର ଜଣେ ସଫଳ ଉଦ୍ୟୋଗୀ ସୁଜିତ ଚୌଧୁରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା।

### ଗୋରାଡ଼ି ନାଳ ଡାଇଭର୍ସନ ରାସ୍ତାରେ ପାଣି

ନନ୍ଦପୁର,୧।୯(ଡି.ଏନ୍.ଏ.): ନନ୍ଦପୁର ବ୍ଲକ୍ ଥୁବା ଗ୍ରାମପଞ୍ଚାୟତ ମହକୁମା ନିକଟ ଗୋରାଡ଼ି ନାଳର ଡାଇଭର୍ସନ ଉପର ଦେଇ ବର୍ଷା ପାଣି ପ୍ରବାହିତ ହେଉଥିବାରୁ ଶନିବାର ସନ୍ଧ୍ୟାଠାରୁ ଏହି ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଶନିବାର ପ୍ରବଳ ବର୍ଷା ହେତୁ ଡାଇଭର୍ସନ ପାଣିରେ ବୁଡ଼ି ରହିଥିଲା। ଏହା ଅସ୍ଥାୟୀ ରୂପେ ନିର୍ମିତ ହୋଇଥିବାରୁ କେତେବେଳେ ବର୍ଷାରେ ଧୋଇ ହୋଇଯାଉଛି ତ ଆଉ କେତେବେଳେ ଭାରି ଯାନ ଚଳାଚଳରେ ଦବି ଯାଉଛି । ଏଥିପାଇଁ ଏଠାରେ ଅଧିକାଂଶ ସମୟରେ ଗମନାଗମନ ବାଧାପ୍ରାପ୍ତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ନାଳର ଦୁଇ ପାର୍ଶ୍ୱରେ ଅନେକ ଗାଡ଼ି ଅଟକି ରହିଛି। ଏହି ରାସ୍ତାଟି ଓଡ଼ିଶା ସୀମାନ୍ତ ଦେଇ ଆନ୍ଧ୍ରକୁ ସଂଯୋଗ କରୁଛି। ଏଥିପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ମାଲ୍ ବୋଝେଇ ଗାଡ଼ି ଆଗକୁ ଯାଇ ନପାରି ରାସ୍ତାରେ ଅଟକି ରହୁଛି।

### ଏବିଡିଓଙ୍କୁ ଦାବିପତ୍ର ଦେଲେ ଯନ୍ତ୍ରୀ

ପଟ୍ଟାଙ୍ଗି,୧।୯(ଡି.ଏନ୍.ଏ.): ପଟ୍ଟାଙ୍ଗି ବ୍ଲକର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଯନ୍ତ୍ରୀମାନେ କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦଙ୍କ ନେତୃତ୍ୱରେ ଏକାଠି ହୋଇ ଏବିଡିଓ ପଦ୍ମନାଭ ତ୍ରିପାଠୀଙ୍କୁ ପାଞ୍ଚ ଦଫା ଦାବିପତ୍ର ଦେଇଛନ୍ତି। ଡିପ୍ଲୋମା ଇଂଜିନିୟରଙ୍କୁ ଯନ୍ତ୍ରୀ ମାନ୍ୟତା, ପଦୋନ୍ନତି, ପଞ୍ଚାୟତିରାଜ ବିଭାଗରେ ଜିପିଟିଏ ଓ କନିଷ୍ଠ ଯନ୍ତ୍ରୀ-୨ଙ୍କୁ ନିୟମିତ କରିବା, ବର୍ତ୍ତମାନର କନିଷ୍ଠ ଯନ୍ତ୍ରୀଙ୍କୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି, ସେହି ହାରରେ ଆରଏସ୍‌ପି ପ୍ରଦାନ, ଅଣ ଇଞ୍ଜିନିୟରିଂ ବିଭାଗରେ ଡିପ୍ଲୋମା ଇଂଜିନିୟରଙ୍କ କ୍ୟାଡର ପୁନର୍ଗଠନ ଭଳି ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ କନିଷ୍ଠ ଯନ୍ତ୍ରୀ ରଞ୍ଜିତ ଖୋସଲା, ଅଜୟରାମ ତରାଇ, ସ୍ୱର୍ଣ୍ଣପ୍ରଭା ନାୟକ, ଘନଶ୍ୟାମ ପ୍ରଧାନ, ବିଶ୍ୱସ୍ମିତା ନାୟକ, ବିଭୁଦତ୍ତ ଦାଶ, ବାସୁଦେବ ଦାଶ ଉପସ୍ଥିତ ଥିଲେ।

■ ବିଧବା ମହିଳାଙ୍କ ଅଜାଣତରେ ଘୋଟାଲା

# ଆବାସ ନଥାଇ ବ୍ୟାଙ୍କଖାତାକୁ ଆସିଛି ଲକ୍ଷେ

## ହଡ଼ପ କରିନେଇଛନ୍ତି ୨ ସମ୍ପର୍କୀୟ

ବୈପାରୀଗୁଡ଼ା,୧।୯(ଡି.ଏନ୍.ଏ.)

ଜଣେ ବିଧବା ଆଦିବାସୀ ବୃଦ୍ଧାଙ୍କ ପ୍ରଧାନମନ୍ତ୍ରୀ ଆବାସ ହଡ଼ପ ହେବା ଘଟଣା ଏବେ ପଦାକୁ ଆସିଛି । ଦୋରାଗୁଡା ପଞ୍ଚାୟତ କଲୋନିଗୁଡା ଗ୍ରାମର ବିଧବା ଚଞ୍ଚଳା ବାରଙ୍ଗଙ୍କ ସ୍ୱାମୀ ଦୀର୍ଘ ଦିନ ତଳୁ ଆରପାରିକୁ ଚାଲିଯାଇଛନ୍ତି। ଏବେ ସେ ପିଲାଛୁଆଙ୍କୁ ଧରି ଏକ ଚାଳ କୁଡିଆରେ ଦୁଃଖକଷ୍ଟରେ ଚଳୁଛନ୍ତି। ତାଙ୍କ ନାମରେ ୧ ଲକ୍ଷ ୩୦ ହଜାର ଟଙ୍କା ଅନୁଦାନରେ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର ହୋଇଥିବା ବେଳେ ସେ ତାହା ଜାଣି ନ ଥିଲେ। କିନ୍ତୁ ତାଙ୍କ ନାମରେ ବୈପାରୀଗୁଡ଼ା ଆଇଓବି ଜମା ଖାତା (ନଂ ୩୯୨୩୦)ରେ ତିନି କିସ୍ତିରେ ୧ ଲକ୍ଷ ଟଙ୍କା ଉଠାଯାଇଛି । ତାଙ୍କର ୨ ଜଣ ଦୂର ସଂପର୍କୀୟ ବିଭିନ୍ନ ସମୟରେ କୂଅଖୋଳା ଟଙ୍କା କହି ତାଙ୍କୁ ବ୍ୟାଙ୍କକୁ ଡାକିଆଣି ଏହି ଟଙ୍କା ଉଠାଇଛନ୍ତି। ଚଞ୍ଚଳାଙ୍କୁ ଖର୍ଚ୍ଚ ବାବଦକୁ ଦେଇଛନ୍ତି ମାତ୍ର ୨ ଶହ ଟଙ୍କା। ଗତ ବର୍ଷ ନଭେମ୍ବର



୨୪ରେ ୨୦ ହଜାର, ଡିସେମ୍ବର ୧୧ରେ ୩୫ ହଜାର ଓ ଚଳିତ ବର୍ଷ ଜାନୁୟାରୀ ୨୧ରେ ୪୫ ହଜାର ଟଙ୍କା ଜମାଖାତାରୁ ଉଠାଯାଇଛି। ସରକାରୀ ନିୟମ ଅନୁସାରେ ଘର ନିର୍ମାଣର ପର୍ଯ୍ୟାୟକ୍ରମେ ପାସ୍‌ବୁକ୍‌କୁ ଟଙ୍କା ଆସିବା କଥା। କିନ୍ତୁ ଘର ଆଦୌ ନିର୍ମାଣ ହୋଇ ନ ଥିବାବେଳେ ଏସବୁ ଟଙ୍କା ଜମା ହେବା ଘଟଣାରେ ସରକାରୀ କର୍ମଚାରୀଙ୍କ ଭୂମିକା ସନ୍ଦେହ ସୃଷ୍ଟି କରିଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ନବିନ ଚନ୍ଦ୍ର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ଭୁଲବଶତଃ ଏହା ହୋଇଛି, ଯେଉଁମାନେ ଏହି ଟଙ୍କା ଉଠାଇଥିଲେ ସେମାନେ ଆଉଥରେ ଉକ୍ତ ଜମାଖାତାରେ ତାହା ପୈଠ କରିଥିବା ସେ ସଫେଇ ଦେଇଛନ୍ତି।

# ଜମିବିବାଦରୁ ଗୁଳି କରିଥିଲେ ଦାଦାପୁଅ ଭାଇ

■ ଗାଇଚରାଳିଙ୍କୁ ଗୁଳିମାଡ଼ ଘଟଣା

■ ଉଭୟ ଗିରଫ ପରେ କୋର୍ଟ ଚାଲାଣ

ପଟ୍ଟାଙ୍ଗି,୧।୯(ଡି.ଏନ୍.ଏ.)

ନୂଆଗାଁ ପଞ୍ଚାୟତ ଗାଲିଗାବଦର ଗ୍ରାମର ଜଣେ ଗାଇଚରାଳିଙ୍କ ଉପରେ ଗୁଳିମାଡ଼ ଘଟଣାର ଏକ ମାସ ପରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ୨ ଅଭିଯୁକ୍ତ ହୋଇଛନ୍ତି ଗୁଳିମାଡ଼ର ଶିକାର ହୋଇଥିବା ଲାଦୁଙ୍କ ଦାଦାପୁଅ ଭାଇ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶୁକ୍ରବାର ଗାଲିଗାବଦର ଗ୍ରାମରେ ପହଞ୍ଚି ପୋଲିସ ଲାଦୁଙ୍କ ଦାଦାପୁଅ ଭାଇ ଲକ୍ଷ୍ମୀଧର ଓ ଗୋଲାଙ୍କୁ ଉଠାଇଆଣି ଥାନାରେ ଅଟକ ରଖିଥିଲା। ସମସ୍ତ ଘଟଣା ସମ୍ପର୍କରେ ପଚାଉଚୁରା ବେଳେ ଦୁଇ ଅଭିଯୁକ୍ତ ଗୁଳିମାଡ଼ରେ ସାମିଲ ଥିବା ସ୍ୱୀକାର କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଜମିବାଡ଼ି ଭାଗବଣ୍ଟା ସମୟରେ ଲାଦୁଙ୍କୁ କମ୍ ଜାଗା ମିଳିଥିବାରୁ ଏହାକୁ ନେଇ ଅନେକ ସମୟରେ ସମସ୍ତଙ୍କ ଭିତରେ ଗଣ୍ଡଗୋଳ ହେଉଥିଲା। ଏଥିରେ ବିବ୍ରତ ଥିବା ଗୋଲା ଓ ଲକ୍ଷ୍ମୀଧର ଲାଦୁଙ୍କୁ ଗୁଳିମାଡ଼ କରିଥିବା କହିଛନ୍ତି। ଏହାପରେ ସେମାନଙ୍କୁ ଗିରଫ କରାଯିବା ସହ ସେମାନେ ବ୍ୟବହାର କରିଥିବା ବନ୍ଧୁକ ପୋଲିସ ଜବତ କରିଥିବା ପଟ୍ଟାଙ୍ଗି ଥାନା ଅଧିକାରୀ ଦେବ କୁମାର ଗମାଙ୍ଗ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୨୮ରେ ଲାଦୁ ପାଙ୍ଗି ଗାଈ ଚରାଇ ଫେରୁଥିବା ବେଳେ ତାଙ୍କୁ ପଛପଟୁ ଗୁଳିମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପଟ୍ଟାଙ୍ଗିରୁ କୋରାପୁଟ, ସେଠାରୁ ବ୍ରହ୍ମପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଲାଦୁଙ୍କ ଭାଇ ଏନେଇ ପୋଲିସକୁ ଏତଲା ଦେବା ପରେ କେସ୍ ନଂ ୯୦/୧୮ରେ ଏକ ମାମଲା ରୁଜୁହୋଇ ତଦନ୍ତ ଚାଲିଥିଲା।

### ମହେନ୍ଦ୍ର ଦଶମନ୍ତପୁର ବ୍ଲକ୍ ସଭାପତି , ରଘୁପତି କାର୍ଯ୍ୟକାରୀ ସଭାପତି

ଦଶମନ୍ତପୁର,୧।୯(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍‌ରେ ଦୀର୍ଘ ବର୍ଷଧରି ଖାଲି ପଡ଼ିଥିବା ବିଜେଡ଼ିର ସଭାପତି ପଦରେ ମହେନ୍ଦ୍ର କୁଲଦୀପଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ରଘୁପତି ବିଷୋଇ ମନୋନୀତ ହୋଇଛନ୍ତି। ମହେନ୍ଦ୍ର ପୋଡ଼ାଗଡ଼ ଗ୍ରାମପଞ୍ଚାୟତର ଯୁବ ନେତା ହୋଇଥିବାବେଳେ ରଘୁପତି ସ୍ଥାନୀୟ ଅଞ୍ଚଳର ଜଣେ ଟାଣୁଆ ନେତା। ନିଯୁକ୍ତି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ପ୍ଲାନିଂ ବୋର୍ଡ଼ ସଦସ୍ୟ ତଥା ବିଜେଡ଼ି ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ ଏବଂ ଏମପିଙ୍କ ପ୍ରତିନିଧି ନାରାୟଣ ବିଷୋଇଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳକୁ ମଜଭୁତ କରିବା ପାଇଁ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଶପଥ ନେଇଛନ୍ତି ଏହି ନବ ମନୋନୀତ ଦୁଇ କର୍ମକର୍ତ୍ତା।

■ ‘ଆମ ଗାଁ ଆମ ବିକାଶ’ରେ ଅନୁଦାନ ଘୋଷଣା

# ୧୨୭ ପ୍ରକଳ୍ପ ପାଇଁ ୨.୩୬ କୋଟି

କୋରାପୁଟ/ନାରାୟଣପାଟଣା, ୧।୯(ସ୍ୱ.ପ୍ର./ଡି.ଏନ୍.ଏ.)

ନାରାୟଣପାଟଣା ହାଇସ୍କୁଲ ପଡିଆରେ ଶନିବାର ‘ଆମ ଗାଁ ଆମ ବିକାଶ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ନାରାୟଣପାଟଣା ବ୍ଲକର ୮ଟି ପଞ୍ଚାୟତରେ ୧୨୭ଟି ପ୍ରକଳ୍ପ ପାଇଁ ୨ କୋଟି ୩୬ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ମଧ୍ୟରେ ପଞ୍ଚାୟତରେ ମିଶନ ଶକ୍ତି କେନ୍ଦ୍ର, ଯୁବକ ସଂଘ, ଗ୍ରାମ ଠାକୁରାଣୀ ହୁଣ୍ଡି, କ୍ରୀଡ଼ାର ଉନ୍ନତି ପାଇଁ ଗାଁ ପଡ଼ିଆ ସାମିଲ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଲୋକ ପ୍ରତିନିଧି ଓ ଗ୍ରାମବାସୀଙ୍କ ସହ ଭାବ ବିନିମୟ କରିବା ସହ ପ୍ରକଳ୍ପଗୁଡ଼ିକ ତୁରନ୍ତ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ବିଡିଓ ଯଦୁମଣି ନାୟକ, କୋରାପୁଟ ଏମ୍‌ପି ଝିନ୍ନ ହିକକା, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ତଥା ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ଲଳିତ ନାରାୟଣ ପରିଡ଼ା, ବ୍ଲକ ବିଜେଡି ସଭାପତି ଏସ୍. ଏଗିନାରାୟଣ, ବ୍ଲକ ଅଧକ୍ଷା ସାଇଲଜ୍ଞା ଭାଣ୍ଡି ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସହ ଅନ୍ୟମାନେ।

### ମୃତ ଚାଷୀ ବଳରାମଙ୍କ ପରିବାରବର୍ଗଙ୍କୁ ଭେଟିଲେ କଂଗ୍ରେସ କର୍ମକର୍ତ୍ତା

ସେମିଳିଗୁଡ଼ା, ୧।୯(ସ୍ୱ.ପ୍ର.)

ସେମିଳିଗୁଡା ବ୍ଲକ ଅନ୍ତର୍ଗତ ମଳିମାରଳା ଗ୍ରାମର ବିଷ ପିଇ ଆତ୍ମହତ୍ୟା କରିଥିବା କ୍ଷୁଦ୍ର ଚାଷୀ ବଳରାମ ଗୁଣ୍ଠାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ କୋରାପୁଟ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡ଼ାମ ଭେଟିଛନ୍ତି। ତାଙ୍କ ସହିତ ସେମିଳିଗୁଡା ଦୁଇ ଗୋଟି ଜୋନ ବ୍ଲକ କଂଗ୍ରେସ ସଭାପତି ଜଗତରାଇ ଖିନିବୁଡ଼ି, ସମରା ମାଝୀ , ପଟ୍ଟାଙ୍ଗି ବ୍ଲକ କଂଗ୍ରେସ ସଭାପତି ନୃସିଂହ ନାଥ ବେହେରା ସାମିଲ ଥିଲେ। ସ୍ୱର୍ଗତ ବଳରାମଙ୍କ ପରିବାର ବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ମୃତ୍ୟୁର କାରଣ ପଚାରି ବୁଝିଥିଲେ। କ୍ରମାଗତ ଭାବେ ଦୁଇ ମାସରୁ ଅଧିକ ସମୟ ଧରି ଲଗାଣ ବର୍ଷାରେ ଚାଷୀକୁଳ ବହୁତ କ୍ଷତି ସହିଛନ୍ତି । ଫସଲ ହାନି ଯୋଗୁ ଋଣ ଭାରରେ ବଳରାମ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି। ତୁରନ୍ତ ମୃତ ଚାଷୀଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବେ ବୋଲି ରାମଚନ୍ଦ୍ର କହିଛନ୍ତି। ବର୍ଷା କ୍ଷୟକ୍ଷତି ଆକଳନ କରାଯାଇ ଯଥାଶୀଘ୍ର ସହାୟତା ଯୋଗାଇ ଦେବାକୁ କାଡ଼ାମ ଦାବି କରିଛନ୍ତି।

# ପୃଥକ୍ ସ୍ଥାନରୁ ଗଞ୍ଜେଇ ଜବତ, ୬ ଗିରଫ

ଜୟପୁର/ଲମତାପୁଟ, ୧।୯(ଡି.ଏନ୍.ଏ./ନି.ପ୍ର.)

ଜୟପୁର ଟାଉନଥାନା ପୋଲିସ ୨୨.୮ କେଜି ଗଞ୍ଜେଇ ଜବତ କରିବା ସହ ଏଥିରେ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବାଇକ, ୩ଟି ମୋବାଇଲ, ୨ ହଜାର ଟଙ୍କା ଜବତ ହୋଇଛି। ୨ ଅଭିଯୁକ୍ତ ହେଲେ ବୈପାରୀଗୁଡ଼ା ଥାନା ନୂଆ ଘର୍ସଡା ଗ୍ରାମର ସହଦେବ ନାୟକ (୩୨) ଏବଂ ମଧ୍ୟପ୍ରଦେଶର ଅନୁପପୁର ଜିଲା ଅଗରିୟାନାର କମଳ ପ୍ରସାଦ ନାମଦେଓ (୩୧) । ଗୁରୁବାର ରାତି ସାଢ଼େ ୨ଟାରେ ଟାଉନଥାନା ପୋଲିସ ପାଟ୍ରୋଲିଂ କରୁଥିଲା। ଦୁଇ ଅଭିଯୁକ୍ତ ବାଇକ (ଓଡି ୧୦ ଇ ୨୯୬୧)ରେ ପୁରୁଣାଗଡ଼ ଛକରୁ କେନାଲ ବାଇପାସ ରୋଡରେ ଆସୁଥିବା ବେଳେ ଗାନ୍ଧିଛକରେ ପୋଲିସ ସେମାନଙ୍କୁ ଅଟକାଇଥିଲା । ସେମାନଙ୍କର ୨ଟି ବ୍ୟାଗ୍ ଯାଞ୍ଚ ବେଳେ ଗଞ୍ଜେଇ ଜବତ ହୋଇଥିଲା। ଏନେଇ ଥାନାରେ କେସ୍ ନଂ୨୪୬/୧୮ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସେହିପରି ମାଛକୁଣ୍ଡ ଥାନା ପୋଲିସ ଓଡିଶା-ଆନ୍ଧ୍ର ସୀମାନ୍ତ ହନମଞ୍ଜିର ବ୍ରିଜ ନିକଟରୁ ଗଞ୍ଜେଇ ଚାଲାଣ କରୁଥିବା ଅଟୋ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆନ୍ଧ୍ର ପ୍ରଦେଶ ମୁଚେମ୍‌ପୁଟ୍ ଥାନା ଅଧୀନ ସେବଗଡ ଗ୍ରାମର ଶିଶା ଗଜପତି (୨୩), ପି. ସୁବାରାଓ(୨୩), ଏନ୍.ପି. ସିଦ୍ଧା(୨୩) ଓ ହନ୍‌ମଞ୍ଜିର ଗ୍ରାମର ଆଙ୍ଗ୍ର କିର୍ସାନୀ(୪୦)। ଶୁକ୍ରବାର ରାତିରେ ଓଡିଶା-ଆନ୍ଧ୍ର ସୀମାନ୍ତରେ ତଲାସି ଚଳାଇଥିବା ବେଳେ ଏହି ଅଟୋରୁ ପୋଲିସ ୭୬ କେଜି ଗଞ୍ଜେଇ ଜବତ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ମାଛକୁଣ୍ଡ ଥାନାଧିକାରୀ ସୁଦର୍ଶନ ନାୟକ କହିଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।









@ ପପୁନ



@ ରାଜ



@ ସଞ୍ଜୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଉନ୍ନୟନ କାର୍ଯ୍ୟର ଶୁଭାରମ୍ଭ କଲେ ଏମ୍‌ପି

କୁନ୍ଦୁରା,୧।୯(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକଠାରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟଗୁଡ଼ିକ ଲୋକାର୍ପଣ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଉଙ୍ଗାରେ ବସି କାର୍ଯ୍ୟଗୁଡ଼ିକର ଶୁଭାରମ୍ଭ କରିଛନ୍ତି। ଏହାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଶୁକ୍ରବାର ମଧ ସେ ଅନେକ ଗୁଡ଼ିଏ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଶନିବାର ଜିଲାପରିଷଦ ଜୋନ(ଖ)ରେ ଥିବା ଗ୍ରାମପଞ୍ଚାୟତଠାରେ କାର୍ଯ୍ୟଗୁଡ଼ିକର ଶୁଭାରମ୍ଭ କରିଛନ୍ତି। ସେହିପରି ବହୁ ପ୍ରତୀକ୍ଷିତ ଦୁର୍ଗମ ଅଞ୍ଚଳକୁ ରହିଥିବା ତଥା ବିଚ୍ଛିନ୍ନାଞ୍ଚଳ କଦଳୀମୁଣ୍ଡା ଏବଂ ଡେ଼ଙ୍ଗରଗଡ଼ା ମଧ୍ୟସ୍ଥ କୁର୍ଲା ନଦୀ ଉପରେ ବ୍ରିଜ୍‌ର ଶୁଭାରମ୍ଭ ହୋଇଛି। ପୂଜାରୀପୁଟଠାରୁ ଦିଗରପୁର ମଧ୍ୟସ୍ଥ ବିରି ନଦୀ ଉପରେ ସେତୁ ଶୁଭାରମ୍ଭ ମଧ ହୋଇଛି। ମୁଣ୍ଡିଗୁଡ଼ାଠାରୁ ଆସନା ପକନାଗୁଡ଼ା ପର୍ଯ୍ୟନ୍ତ ଉନ୍ନୟନ ବିଭାଗ ତରଫରୁ ପିଏମଜିଏସୱାଇ ରାସ୍ତା, ଏମପିଙ୍କ ପାଣ୍ଠିରୁ ମସିଗାଁ ଗ୍ରାମପଞ୍ଚାୟତ ଜନ୍ତାପୁଟଠାରେ ଏକ ଗୋଷ୍ଠୀ ସାଧନ କେନ୍ଦ୍ର, ନବଗଠିତ ଗ୍ରାମପଞ୍ଚାୟତ ଗୁଣ୍ଡାଲଠାରେ ହେବାକୁ ଥିବା କାର୍ଯ୍ୟାଳୟର ଶୁଭଉଦଘାଟନ୍ ହୋଇଛି। କାର୍ଯ୍ୟକ୍ରମରେ ବିଜେଡ଼ି ବ୍ଲକ ସଭାପତି ସଞ୍ଜୟ ସାହୁ,ଏମପିଙ୍କ ପ୍ରତିନିଧି ବୃନ୍ଦାବନ ମଲ୍ଲିକ, ସମିତି ସଭ୍ୟା କନକଲତା ପେଣ୍ଡିଆ, ପୀତାମ୍ବର ନାୟକ, ପଦ୍ମିନ ଦିଆନ, ଖଗେଶ ପୂଜାରୀ, ବିଡିଓ ସ୍ୱେତା ସ୍ନିଗଧା ପ୍ରଧାନ, ବରିଷ୍ଠ ବିଜେଡ଼ି ନେତା ପଞ୍ଚାନନ ଗଉଡ଼, ଯୁବ ସଭାପତି ରମାକାନ୍ତ ମିଶ୍ର, ରାଣିଗୁଡ଼ା ସରପଞ୍ଚ ଶୁଭଦ୍ରା ଭୂମିଆ ଯୋଗଦେଇଥିଲେ। ଶେଷରେ ଏମପି ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ମିଶି ଚାରାରୋପଣ କରିଥିଲେ।

# ଲକ୍ଷ୍ମୀପୁରରେ ‘ମୁଁ ହିରୋ, ମୁଁ ଓଡ଼ିଶା’

ଲକ୍ଷ୍ମୀପୁର,୧।୯

ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ଅଧକ୍ଷ ବିରେନ ଶତପଥୀଙ୍କ ସଭାପତିତ୍ୱରେ ‘ମୁଁ ହିରୋ, ମୁଁ ଓଡିଶା’ କାର୍ଯ୍ୟକ୍ରମକୁ ବିଡିଓ ବେଣୁଧର ଶବର ଶୁଭାରମ୍ଭ କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା ଓ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ପ୍ରସନ୍ନ ଷଡ଼ଙ୍ଗୀ, ମଙ୍ଗଳ ଅଧିକାରୀ ପ୍ରଦୀପ୍ତ ମିଶ୍ର, ଜିଲା ପରିଷଦ ସଭ୍ୟ ପ୍ରେମଚନ୍ଦ୍ର ଡଙ୍ଗ୍ରି, ଓଡ଼ିଶା ସମବାୟ ସଦସ୍ୟ ରାଧେଶ୍ୟାମ ଜାନି, ପୂର୍ବତନ ଜିଲା ପରିଷଦ ପାରଦା କୁଲେସିକା, କାକିରିଗୁମ୍ମା ଲ୍ୟାମ୍ପସ୍ ସଭାପତି ପଞ୍ଚାନନ ସାଉନ୍ତା ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀ ପକ୍ଷରୁ ଶିକ୍ଷାର ଗୁରୁତ୍ୱ ସମ୍ବନ୍ଧୀୟ ନାଟକ ପରିବେଷଣ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ନାଟକ ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ସଙ୍ଗୀତରେ ରିନା ବାଘ, ଆଦିତ୍ୟ ତୁରୁକ, ଆର୍. ମୁନା, ନାଟକରେ ଚିନୁ ଖରା, ଉଚ୍ଛବ ଆଟେକା, ନାଗେଶ୍ୱର ମୁଦୁଲି ଓ କୁଇଜ୍‌ରେ ଲିପ୍ସା ଦୋରା, ଧର୍ମେନ୍ଦ୍ର ମାଝି, ଭି. ଦୀପ୍ତି, ରୋହିତ ବାଘ, ଅକ୍ଷୟ ଆଡେକା, ରଶ୍ମିରେଖା ସୁବୁଦ୍ଧି ପୁରସ୍କୃତ ହୋଇଥିଲେ। ଜିଲା ବିଜୁ ଯୁବ ବାହିନୀ ସଂଯୋଜକ ଅମୀୟ ସାହୁ, ବ୍ଲକ ସଂଯୋଜକ ଦୀନବନ୍ଧୁ ହିଆଲ କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପକ ପ୍ରକାଶ ସେନାପତି ଜଗନ୍ନାଥ ରଥ ଏଥିରେ ସହଯୋଗ କରିଥିଲେ।

# ବ୍ଲକରେ ହେବ ପ୍ରଥମ ମଡର୍ନ ଅଙ୍ଗନୱାଡ଼ି କେନ୍ଦ୍ର, ସ୍କୁଲ

## ଜୟପୁର ପଞ୍ଚାୟତ ସମିତି ବୈଠକ

ଜୟପୁର,୧।୯(ନି.ପ୍ର.)

ଜୟପୁର ବ୍ଲକ ସଭାଗୃହରେ ଶନିବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ଦିବାକର ଟି.ଏସ୍.ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଏବିଡିଓ ସଦାଶିବ ଅଧିକାରୀ ଯୋଗ ଦେଇଥିଲେ । ବ୍ଲକର ବିଭିନ୍ନ ସ୍ଥାନରେ ଅଙ୍ଗନୱାଡ଼ି କେନ୍ଦ୍ର ନଥିବା ସହ ସ୍କୁଲରେ ଅବ୍ୟବସ୍ଥା ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ଲୋକ ପ୍ରତିନିଧି। ଏହାର ଉତ୍ତରରେ ଏବିଡିଓ ଅଧିକାରୀ କହିଥିଲେ, ଜୟପୁର ବ୍ଲକରେ ରାଜ୍ୟର ପ୍ରଥମ ମଡର୍ନ ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍କୁଲ ନିର୍ମାଣ କରାଯାଉଛି । ସେଠାରେ ଫ୍ୟାନ୍, ଲାଇଟ, ଛାତ୍ରୀଛାତ୍ର ବସୁଥିବା ସ୍ଥାନରେ ପ୍ଲେଟ ସ୍ଥାପନ, ପାଚେରି ଡିଜାଇନ, ଶ୍ରେଣୀଗୃହ ବାହାରେ ସୌର ଜଗତ ପ୍ରତିକୃତି ନିର୍ମାଣ, କାନ୍ଥରେ ଏବିସିଡି ଓ ବିଭିନ୍ନ ମାପକ ଜ୍ଞାନ ଲେଖାଯିବ। ଏଭଳି ଅଭିନବ ଯୋଜନା କରୁଛନ୍ତି ନୂତନ ଭାବେ ଯୋଗ ଦେଇଥିବା ଆଇଏଏସ୍ ଦିବାକର ଟି.ଏସ୍. । ବୈଠକରେ ବ୍ଲକ ବହୁ ସ୍କୁଲରେ ପାଣି ଗଳୁଥିବା ବେଳେ କାନ୍ଥ ଭୁଶୁଡ଼ିବା ଆଶଙ୍କା ରହିଥିବା ଜନ ପ୍ରତିନିଧି ଅଭିଯୋଗ କରିଥିଲେ । ବହୁ ଇନ୍ଦିରା ଆବାସ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବ୍ଲକ ବିଲ୍ କରୁନଥିବା ନେଇ ବିଧାୟକ ବାହିନୀପତି ଉଦ୍‌ବେଗ ପ୍ରକାଶ କରିଥିଲେ । ଏଯାବତ୍ ନଳକୂପ ଖୋଳାଯାଇ ନଥିବା ଜନ ପ୍ରତିନିଧି ଅଭିଯୋଗ କରିଥିଲେ । ଆରଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ସେମାନଙ୍କୁ ଖରାପ ବ୍ୟବହାର କରୁଥିବା ମଧ ଅଭିଯୋଗ ହୋଇଥିଲା। ମମତା ଯୋଜନାରେ ଶିଶୁକୁ ୯ ମାସ ହୋଇଯାଇଥିଲେ ବି କିସ୍ତି ଦିଆଯାଉ ନାହିଁ। ଗତ ସମିତି ବୈଠକରେ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉ ନାହିଁ । ବୈଠକରେ ବ୍ଲକ ଅଧକ୍ଷା ସୁକାନ୍ତି ବାଗଦରିଆ, ଉପାଧକ୍ଷ ଈଶ୍ୱର ବାଘ, ଜିଲା ପରିଷଦ ସଭ୍ୟ ବିନ୍ଦୁରାଣୀ ମିଶ୍ର, ମନଧର ଗାଦବା, ବଲ୍ଲଭ ନାୟକ ଉପସ୍ଥିତ ଥିଲେ।



ବୈଠକରେ ବିଧାୟକ, ବିଡ଼ିଓ ଏବଂ ଅନ୍ୟମାନେ।

## ଏ ସପ୍ତାହର ପ୍ରଶ୍ନ

୧– ମୋନାକୋର ସବୁଠୁ ଲୋକପ୍ରିୟ କ୍ରୀଡ଼ା.......... ?

୨– ............ ମସିହାରେ ପ୍ରଥମେ ଭାରତୀୟ ରେଳରେ ଟଏଲେଟ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ?

୩– ୱାର୍ଲ୍ଡ ବୁକ୍ ଆଣ୍ଡ କପିରାଇଟ୍ ଡେ'...........ତାରିଖରେ ପାଳନ କରାଯାଇଥାଏ ?

୪– ପୃଥିବୀର ସର୍ବାଧିକ ଆଣବିକ ଅସ୍ତ୍ର ରଖିଥିବା ଦେଶ.......... ?

୫– ଆଲେକ୍‌ଜାଣ୍ଡର ଲୁକାଶେଙ୍କୋ .............ର ପ୍ରଧାନମନ୍ତ୍ରୀ ?

## ଗତ ସପ୍ତାହର ଉତ୍ତର

୧ ଚୋରକୁ ଚଉକିଆ ଚିହ୍ନେ

୨ ଭିନେସ୍ ଫୋଗଟ୍

୩ ଘାନା

୪ ଅଟଳ ବିହାରୀ ବାଜପେୟୀ

୫ ରମେଶ ପାୱାର

## ଉତ୍ତର ଦାତା



ସୌଭାଗ୍ୟ ରଞ୍ଜନ ବେହେରା, ଢେଙ୍କାନାଳ

ଜାଣନ୍ତୁ ଦୁନିଆ

# ରଙ୍ଗ ବଦଳାଉଥିବା ହ୍ରଦ

**ପୃଥିବୀର ଅନେକ ସ୍ଥାନରେ ଆଗ୍ନେୟ ଉଦ୍‌ଗିରଣ ହୋଇଥାଏ। ଠିକ୍ ଯେମିତି ଇଣ୍ଡୋନେସିଆ। ଏଠାରେ ଥିବା ବଡ଼ ବଡ଼ ପର୍ବତ ବା ରିବୁ (୧୦୦୦ମିଟରରୁ ଉଚ୍ଚ ପର୍ବତ)ରୁ ଅନେକ ସମୟରେ ଉଦ୍‌ଗିରଣ ହୋଇଥାଏ। ତେବେ ସେହି ରିବୁ ମଧ୍ୟରେ ଏକ ଆଗ୍ନେୟଗିରି ହେଉଛି କେଲିମୁଟୁ, ଯାହାକି ଏଠାରେ ଥିବା ତିନୋଟି ରଙ୍ଗ ବଦଳାଉଥିବା ହ୍ରଦ ପାଇଁ ବେଶ୍ ପ୍ରସିଦ୍ଧ। ଆସନ୍ତୁ ଜାଣିବା ଏହି ହ୍ରଦଗୁଡ଼ିକ ସମ୍ପର୍କରେ କିଛି ରୋଚକ କଥା...**

■କେଲିମୁଟୁ ପର୍ବତ ଏବଂ ହ୍ରଦଗୁଡିକର ଗୋଟିଏ ପାର୍ଶ୍ୱ ପାଇନ୍‌ଗଛରେ ଆଚ୍ଛାଦିତ ହୋଇ ରହିଥିବା ବେଳେ ଅନ୍ୟ ପାର୍ଶ୍ୱରେ ଭରି ରହିଛି ବାଲି ଏବଂ ପଥର।

■ଏଠାରେ ଥିବା ୩ଟି ହ୍ରଦ ଟିୱୁ ଆଟା ମୁପୁ, ଟିୱୁ କୋ ଫାଇ ନୁୱା ମୁରି ଏବଂ ଟିୱୁ ଆଟା ପୋଲୋ ବା ଟାମ୍, ଟିନ୍ ,ଟାପ୍‌ର ପାଣିର ରଙ୍ଗ ବାରମ୍ବାର ପରିବର୍ତ୍ତନ ହୋଇଥାଏ,ଯାହାକି ଉଭୟ ପର୍ଯ୍ୟଟକ ଏବଂ ଭୂତତ୍ତ୍ୱବିଦ୍‌ମାନଙ୍କୁ ଆକୃଷ୍ଟ କରିଥାଏ।

■ଟାମ୍ ଜଳର ରଙ୍ଗ ସାଧାରଣତଃ ନୀଳ ହୋଇଥିବା ବେଳେ ଟିନ୍ ଏବଂ ଟାପ୍ ଜଳର ରଙ୍ଗ ଯଥାକ୍ରମେ ସବୁଜ ଏବଂ ଲାଲ୍। ତେବେ କେଲିମୁଟୁ ନ୍ୟାଶନାଲ ପାର୍କ ଅଫିସିଆଲ୍ସ ଏବଂ ଇଣ୍ଡୋନେସିଆନ୍ ଗାଇଡ୍ ବୁକ୍ ରିପୋର୍ଟ ମୁତାବକ ଏହି ଜଳର ରଙ୍ଗ ମଝିରେ ମଝିରେ ପରିବର୍ତ୍ତନ ହୋଇଥାଏ। ଏମିତିକି କେବେ କେବେ ଏହାର ରଙ୍ଗ କଳା ମଧ୍ୟ ହୋଇଯାଏ। ତେବେ ଏଭଳି ରଙ୍ଗ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି ସେଠାରେ ଆଗ୍ନେୟ ଉଦ୍‌ଗିରଣ ଯୋଗୁ ହେଉଥିବା ରାସାୟନିକ ପରିବର୍ତ୍ତନ।

■କିଛି ବର୍ଷ ପୂର୍ବେ ଏହାର ରଙ୍ଗ ବଦଳି ଧଳା, ସବୁଜ ଏବଂ ଲାଲ୍ ଥିବା ବେଳେ ୨୦୦୯ରେ ପୁନର୍ବାର ବଦଳି କଳା, ସବୁଜ ଏବଂ କୋକାକୋଲା ବ୍ରାଉନ୍ ହୋଇଥିଲା। ସେହିଭଳି ଭାବରେ ଏଥିରେ ସର୍ବଦା ରଙ୍ଗ ପରିବର୍ତ୍ତନ ହେଉଛି।

■ସେଠାକାର ବାସିନ୍ଦାମାନେ ଏହାର ରଙ୍ଗ ପରିବର୍ତ୍ତନକୁ ଅନ୍ୟ ଭାବେ ଗ୍ରହଣ କରନ୍ତି। ସେମାନଙ୍କ ମତରେ ଏହି ହ୍ରଦଗୁଡିକ ହେଉଛି ଆତ୍ମାଗୁଡିକର ବାସସ୍ଥଳୀ, ତାହା ପୁଣି ଭିନ୍ନ ଭିନ୍ନ ଅର୍ଥାତ୍ ଯୁବ, ବୃଦ୍ଧ ଏବଂ ଅନ୍ୟଟି ଧାର୍ମିକ। ସେହି ଅନୁଯାୟୀ ସେମାନେ ଏହାକୁ ନାମିତ ବି କରିଛନ୍ତି।



## ପାଠକଙ୍କ ମତ

❖ଗତ ସପ୍ତାହରେ ପ୍ରକାଶିତ ହାଇଟେକ୍ ରାଖୀ ପାଠଟି ଭିନ୍ନ ଧରଣର ହୋଇଥିଲା। ଏହାବ୍ୟତୀତ ପ୍ଲାଷ୍ଟିକ ପାଣିବୋତଲ ବ୍ୟବହାର ଦ୍ୱାରା ଉପୁଜୁଥିବା ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ୟୁଥ୍ ଆଲର୍ଟ ସ୍ତମ୍ଭରୁ ଜାଣି ଆଶ୍ଚର୍ଯ୍ୟ ଲାଗିଲା।

*– ସ୍ନେହମୟୀ ଦେବତା, କନ୍ଧମାଳ*

❖କଥା କୁହେ ଫଟୋ ପ୍ରସଙ୍ଗରେ ଯୁବଫଟୋଗ୍ରାଫରମାନଙ୍କ ସମ୍ପର୍କରେ ଜାଣି ଖୁସିଲାଗିଲା। *– ରେବତୀ ସ୍ୱାଇଁ, ଖୋର୍ଦ୍ଧା*

❖ବାସ୍ତବରେ ଚା'ଖଟିରୁ ସବୁଜିମା ଗଢ଼ିବା ପାଇଁ ସବୁଜ ବାହିନୀର ପ୍ରୟାସ ପ୍ରଶଂସା ଯୋଗ୍ୟ।

*– ଗୋକୁଳାନନ୍ଦ ପାଢ଼ୀ, କୋରାପୁଟ*

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriaga-miasha @gmail.com









# ଷ୍ଟ୍ରିଟ୍ ଫୁଡ୍

**ସନ୍ଧ୍ୟା ହୋଇ ଆସିଲେ ଛୋଟ ବଡ଼ ପ୍ରତିଟି ମାର୍କେଟ୍ ତଥା ଜନଗହଳି ସ୍ଥାନ ଭର୍ତ୍ତି ହୋଇଯାଉଛି ବିଭିନ୍ନ ପ୍ରକାର ଫୁଡ୍‌ଷ୍ଟଲ୍‌ରେ। ଏଠାରେ ଖାଦ୍ୟଗୁଡ଼ିକର ଆକର୍ଷଣୀୟ ପ୍ରସ୍ତୁତି ଏବଂ ସାଜସଜ୍ଜା ସାଙ୍ଗକୁ ମନମୁଗ୍ଧକର ସୁଗନ୍ଧରେ ଯେମିତି ଗ୍ରାହକମାନଙ୍କୁ ଲୋଭ ସମ୍ବରଣ କରିବା ହୋଇଯାଉଛି ମୁସ୍କିଲ। ତଥାପି ବର୍ତ୍ତମାନ ଅନେକ ସ୍ୱାସ୍ଥ୍ୟ ସଚେତନ ଯୁବପିଢ଼ି ସୁରକ୍ଷା ଦୃଷ୍ଟିରୁ ଫାଷ୍ଟଫୁଡ୍ ଏବଂ ଜଙ୍କ୍‌ଫୁଡ୍ ପରିବର୍ତ୍ତେ କେତେକ ନିର୍ଦ୍ଦିଷ୍ଟ ଷ୍ଟ୍ରିଟ୍‌ଫୁଡ୍ ପ୍ରତି ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି...**

ବାହାରେ ମିଳୁଥିବା ଭଳିକି ଭଳି ଚଟ୍‌ପଟି ଷ୍ଟ୍ରିଟ୍‌ଫୁଡ୍ କାହାକୁ ବା ପସନ୍ଦ ନୁହେଁ। ବିଶେଷ କରି ଯୁବପିଢ଼ିଙ୍କର ଏହା ବେଶ୍ ପସନ୍ଦ। ଯେଉଁଥିପାଇଁ ଦିନ ହେଉ କି ରାତି ଛୋଟବଡ ସହରର ଉଭୟ ପାର୍ଶ୍ୱରେ ଦେଖିବାକୁ ମିଳୁଛି ବିଭିନ୍ନ ପ୍ରକାର ଫୁଡ୍‌ଷ୍ଟଲ୍‌ର ସମ୍ଭାର ଏବଂ ଏହା ଚାରିପଟେ ଗ୍ରାହକଙ୍କ ଭିଡ଼। ତେବେ ଏଭଳି ଫୁଡ୍‌ଷ୍ଟଲ୍‌ରେ ମିଳୁଥିବା ଖାଦ୍ୟଗୁଡିକ କେତେ ସ୍ୱାସ୍ଥ୍ୟକର ତାହା ବଡ଼ ପ୍ରଶ୍ନବାଚୀ। ଯୁବପିଢ଼ିଙ୍କ ଅଧିକ ପସନ୍ଦର ଖାଦ୍ୟ ହେଉଛି ରୋଲ୍, ଚାଓମିନ୍‌ଠାରୁ ଆରମ୍ଭକରି ବିଭିନ୍ନ ଫାଷ୍ଟଫୁଡ୍ ଏବଂ ଅନ୍ୟାନ୍ୟ ତେଲ ମସଲା ଯୁକ୍ତ ଖାଦ୍ୟ। କେବଳ ପସନ୍ଦ ବୋଲି ନୁହେଁ, ବରଂ ପାଠପଢା କିମ୍ବା ଜବ୍ ଲାଗି ବାହାରେ ରହୁଥିବା ଅଧିକାଂଶ ଯୁବତୀଯୁବକ ସମୟ ଅଭାବରୁ ଏଭଳି ଖାଦ୍ୟ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ଏହା ପାଟିକୁ ସ୍ୱାଦିଷ୍ଟ ଲାଗୁଥିଲେ ହେଁ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। କଥାରେ ଅଛି ଫାଷ୍ଟଫୁଡ୍ କିଲ୍‌ସ୍ ଫାଷ୍ଟ। ଏଭଳି ଖାଦ୍ୟ ସର୍ବଦା ଗ୍ରହଣ କରିବା ଦ୍ୱାରା ଏହା କମ୍ ବୟସରୁ ମେଦବହୁଳତା, ହାଇପରଟେନ୍‌ସନ, ଡାଇବେଟିସ୍ ଏବଂ ହାର୍ଟ ରୋଗ ସମେତ ଅନ୍ୟାନ୍ୟ ରୋଗର କାରଣ ସାଜୁଛି। ସେହିପରି ଏଭଳି ଖାଦ୍ୟ ସାଙ୍ଗକୁ ବିଭିନ୍ନ କୋଲ୍ଡଡ୍ରିଙ୍କ୍‌ସର କମ୍ବିନେଶନ ନିଆଁରେ ଘିଅ ଢାଳିବା ସଦୃଶ କାର୍ଯ୍ୟ କରୁଛି। ଏସବୁକୁ ଆଖିଆଗରେ ରଖି ବର୍ତ୍ତମାନ ଅନେକ ଯୁବପିଢ଼ି ସ୍ୱାସ୍ଥ୍ୟସଚେତନ ହେବା ସହ ଏଭଳି ଜଙ୍କ୍‌ଫୁଡ୍ ପରିବର୍ତ୍ତେ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ନ ପକାଉଥିବା ଭଳି ଖାଦ୍ୟ ପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ଆଉ ସ୍ୱାସ୍ଥ୍ୟସଚେତନ ଗ୍ରାହକଙ୍କ ଚାହିଦା ମୁତାବକ ଏଭଳି ଖାଦ୍ୟ ମଧ୍ୟ ମାର୍କେଟରେ ଧୀରେ ଧୀରେ ଅଧିକ ଉପଲବ୍ଧ ହେଉଥିବା ଦେଖିବାକୁ ମିଳୁଛି...





## କ'ଣ କରନ୍ତି ଏମାନେ...

**ପ୍ରଜ୍ଞା ପାରମିତା ସେନାପତି** (ଯୁକ୍ତ ୩ ଶେଷ ବର୍ଷ କଳା, ଦେବରାୟ କଲେଜ, ନୟାପଲ୍ଲୀ, ଭୁବନେଶ୍ୱର)– ସାଙ୍ଗମାନଙ୍କ ସହ କଲେଜରୁ ଫେରିବା ବେଳେ ଅନେକ ସମୟରେ ବିଭିନ୍ନ ଫାଷ୍ଟଫୁଡ୍ ଖାଇନିଏ। ବିଶେଷକରି ଏଗ୍‌ଚିକେନ୍ ଚାଓମିନ୍ ସ୍ପାଇସି ଚିକେନ୍ ବର୍‌ଗର୍ ମୋର ଫେଭରେଟ୍। ତା'ଛଡ଼ା ଚାଟ୍, ଗୁପ୍‌ଚୁପ୍ ଏବଂ ଅନ୍ୟ ଷ୍ଟ୍ରିଟ୍‌ଫୁଡ୍ ବି ଖାଏ ଏବଂ କୋଲ୍ଡଡ୍ରିଙ୍କ୍ ପିଏ। ହେଲେ ଏସବୁ ଅଧିକ ଖାଇବା ଦ୍ୱାରା ମୋର ଗ୍ୟାସ୍, ଏସିଡିଟି ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲା। ତେଣୁ ବର୍ତ୍ତମାନ ଏଭଳି ଖାଦ୍ୟ ନ ଖାଇବା ପ୍ରତି ସଚେତନ ହୋଇଯାଇଛି। ଇଚ୍ଛା ହେଲେ ଫ୍ରୁଟ୍‌ଚାଟ୍ ଖାଉଛି। ନିହତି ଚଟ୍‌ପଟା ଖାଇବାର ଇଚ୍ଛାଥିଲେ ଅଧିକ ତେଲ ମସଲା ନ ଥିବା ଝାଲମୁଢି, ଝାଲ୍‌ମଟର କିମ୍ବା କେବେ କେବେ ଦୋସା ଖାଉଛି।

**ସ୍ମୃତି ରଞ୍ଜନ ରାଉତରାୟ** (ଏମ୍‌ଟେକ୍ ଛାତ୍ର, ଭୁବନେଶ୍ୱର)– ଫାଷ୍ଟଫୁଡ୍ ହେଉକି ଅନ୍ୟ ଚଟ୍‌ପଟା ଷ୍ଟ୍ରିଟ୍‌ଫୁଡ୍ ଖାଇବାକୁ ତ ନିଶ୍ଚିତ ଭାବେ ଭଲ ଲାଗେ। ହେଲେ ପ୍ରତିଦିନ ଏପରି ଖାଦ୍ୟ ଖାଇବାର ଅର୍ଥ ମୋ ମତରେ ଟଙ୍କା ଦେଇ ରୋଗ କିଣିବା। ତେଣୁ ଏଭଳି ଖାଦ୍ୟ କମ୍ ଖାଇବାକୁ ଚେଷ୍ଟାକରେ। ସିଝା ଅଣ୍ଡା, ସ୍ପ୍ରାଉଟ୍ ଚାଟ୍ ଆଦି ଖାଏ। ସେହିପରି କୋଲ୍ଡ ଡ୍ରିଙ୍କ୍ସ ମୋର ବହୁତ ପସନ୍ଦ ହେଲେ ସୁଦ୍ଧା ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ଏହାକୁ ପିଇବା କମାଇଛି ଏବଂ ବଦଳରେ ଫ୍ରୁଟ୍‌ଜୁସ୍ ପିଉଛି।

**ଫ୍ରୁଟ୍ ଚାଟ୍:** ବିଭିନ୍ନ ପ୍ରକାରର ଫଳ କାଟି ପ୍ରସ୍ତୁତ ହେଉଥିବା ଚାଟ୍ ବର୍ତ୍ତମାନ ଅଧିକାଂଶଙ୍କର ପସନ୍ଦର ଖାଦ୍ୟ ପାଲଟିଛି। ଏଥିରେ ତେଲ, ମସଲା, ରାଗ କିମ୍ବା ଅନ୍ୟ କୌଣସି ହାନିକାରକ ଉପାଦାନ ଶରୀରକୁ ଯାଉନାହିଁ। ବିଭିନ୍ନ ପ୍ରକାର ଫଳରୁ ଭିନ୍ନ ଭିନ୍ନ ଭିଟାମିନ୍, ପୋଟାସିଅମ୍, କ୍ୟାଲ୍‌ସିଅମ୍ ଭଳି ମିନେରାଲ୍ସ, ଆଣ୍ଟିଅକ୍ସିଡାଣ୍ଟ ଏବଂ ଅନ୍ୟ ପୋଷକ ତତ୍ତ୍ୱ ମିଳିଥାଏ, ଯାହାକି ସୁସ୍ଥ ଏବଂ ନୀରୋଗ ରଖିବାରେ ସାହାଯ୍ୟ କରିଥାଏ। ଏହା ବେଶ୍ ସ୍ୱାଦିଷ୍ଟ ମଧ୍ୟ।

**ସ୍ପ୍ରାଉଟ୍ ଚାଟ୍:** ବର୍ତ୍ତମାନ ମାର୍କେଟ୍‌ରେ ଏହି ସ୍ପ୍ରାଉଟ୍ ଚାଟ୍‌ର ଡିମାଣ୍ଡ ଖୁବ୍ ବେଶି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିରେ ଗଜା ମୁଗ, ବୁଟ ସାଙ୍ଗକୁ କଟା କାକୁଡି, ଗାଜର, ବିଟ୍, ପିଆଜ, ଧନିଆପତ୍ର, କଞ୍ଚାଲଙ୍କା, ବାଦାମ, ଲେମ୍ବୁ ଆଦିର ପରଫେକ୍ଟ କମ୍ବିନେଶନ୍ ଦେଖିବାକୁ ଯେତିକି ସୁନ୍ଦର ଖାଇବାକୁ ବି ସେତିକି ଟେଷ୍ଟି। ତା'ଛଡା ଏଥିରେ ଭିଟାମିନ୍, ପ୍ରୋଟିନ୍, ମିନେରାଲ୍ସ ସାଙ୍ଗକୁ ଲୋ ଫ୍ୟାଟ୍ ଏବଂ ହାଇ ଡାଏଟାରି ଫାଇବର୍ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ। ଅନ୍ୟ ତେଲମସଲାଯୁକ୍ତ ଷ୍ଟ୍ରିଟ୍‌ଫୁଡ୍ ଖାଇବା ଅପେକ୍ଷା ଦିନକୁ ଥରେ ଏହି ଚାଟ୍ ଖାଇବା ଲାଭଦାୟକ।

**ମକା:** ଦିନଥିଲା କେବଳ ସିଜନାଲ ଷ୍ଟଲ୍‌ରେ ହିଁ ମକା ଉପଲବ୍ଧ ହେଉଥିଲା। ହେଲେ ବର୍ତ୍ତମାନ ଏହାର ବଢୁଥିବା ଚାହିଦା ଅନୁସାରେ ମାର୍କେଟ୍‌ରେ ପ୍ରାୟ ସବୁ ସମୟରେ ଏହା ମିଳୁଛି। ମକା ପୋଡ଼ା, ସିଝା ହେଉ କିମ୍ବା ସ୍ୱିଟ୍ କର୍ଣ୍ଣ ଖାଇବାକୁ ଯୁବପିଢି ବେଶ୍ ଭଲ ପାଉଛନ୍ତି। ଏଥିରେ କ୍ୟାଲୋରି ଏବଂ ଫ୍ୟାଟ୍ ଖୁବ୍ କମ୍ ଥିବା ବେଳେ ଫାଇବର ଏବଂ ବିଟା କ୍ୟାରୋଟିନ୍, ଆଲ୍‌ଫା କ୍ୟାରୋଟିନ୍ ଭଳି ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ଭରି ରହିଛି। ଏହା ଶରୀରକୁ ସୁସ୍ଥ ରଖିବା ସହ ହୃଦ୍‌ରୋଗ ଆଶଙ୍କା ହ୍ରାସ କରିଥାଏ।

**ସିଝା ଅଣ୍ଡା:** ନନ୍‌ଭେଜ୍ ସ୍ନାକ୍ସ ପସନ୍ଦ କରୁଥିବା ଅଧିକାଂଶ ଯୁବପିଢି ବର୍ତ୍ତମାନ ସ୍ୱାସ୍ଥ୍ୟସଚେତନା ଦୃଷ୍ଟିରୁ ତେଲ ମସଲାଯୁକ୍ତ ଫାଷ୍ଟଫୁଡ୍ ଅପେକ୍ଷା ସିଝା ଅଣ୍ଡା ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। କାରଣ ଏହାକୁ ଖାଇବା ଦ୍ୱାରା ଶରୀରକୁ ଅଳ୍ପ ଖର୍ଚ୍ଚରେ ହାଇ କ୍ୱାଲିଟି ପ୍ରୋଟିନ୍, ଭିଟାମିନ୍ କେ, ବି୧୨, ଡି ଆଦି ସହ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମିଳିପାରୁଛି।

**ଛେନା:** ବର୍ତ୍ତମାନ ମାର୍କେଟ୍‌ରେ ଛେନା ଦୋକାନ ମଧ୍ୟ ପୂର୍ବାପେକ୍ଷା ଅଧିକ ଦେଖିବାକୁ ମିଳୁଛି। ଛେନା ସହ ରାବିଡିର ଟେଷ୍ଟି ଏବଂ ହେଲ୍ଦି କମ୍ବିନେଶନ୍‌କୁ ଯୁବପିଢି ମଧ୍ୟ ଭଲ ପାଉଛନ୍ତି। ଏହା ଅନ୍ୟ ଖାଦ୍ୟଗୁଡିକ ତୁଳନାରେ ଅଧିକ ପୁଷ୍ଟିକର ମଧ୍ୟ।

**ହେଲ୍ଦି ଡ୍ରିଙ୍କ୍‌ସ୍:** ଯେକୌଣସି ଚଟ୍‌ପଟା ଖାଇବା ପରେ କିଛି ସଫ୍ଟଡ୍ରିଙ୍କ୍ସ ବିନା ଯେମିତି ଯୁବପିଢିଙ୍କ ଲାଗି ଖାଇବାର ମଜା ଅଧୁରା। ସେଥିପାଇଁ ମାର୍କେଟରେ ବିଭିନ୍ନ ପ୍ରକାରର ସଫ୍ଟଡ୍ରିଙ୍କ୍ସର ଦୋକାନ ଭର୍ତ୍ତି । ହେଲେ ସବୁବେଳେ ଏହାକୁ ପିଇବା ଦ୍ୱାରା ବି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବାରୁ ବର୍ତ୍ତମାନେ ଅନେକେ ଏହା ପରିବର୍ତ୍ତେ ଫ୍ରୁଟ୍‌ଜୁସ୍, ପଇଡ଼ପାଣି ଆଦିକୁ ପସନ୍ଦ କରୁଛନ୍ତି। କେବଳ ଏତିକି ନୁହେଁ, ସ୍ୱାସ୍ଥ୍ୟସଚେତନ ଯୁବପିଢିଙ୍କ ବର୍ଦ୍ଧିତ ଆଗ୍ରହକୁ ଦେଖି ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ ହର୍ବାଲ୍ ଜୁସ୍ ଷ୍ଟଲ୍ ବି ବଢିବାରେ ଲାଗିଛି।

ୟୁଥ୍ ଆଲର୍ଟ

# ବର୍ଷା ହେଉଥିଲେ ...

**ବର୍ଷାଦିନେ ବର୍ଷା ହେବା ସାଧାରଣ କଥା। ହେଲେ ବର୍ଷା ହେବା ସମୟରେ କେତୋଟି ଦିଗ ପ୍ରତି ସତର୍କତା ଅବଲମ୍ବନ ନ କଲେ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଜାଣି ରଖନ୍ତୁ ସେ ସମ୍ପର୍କରେ...**

■ବର୍ଷା ସମୟରେ ଗାଡି ଚଲାଉଥିଲେ ସର୍ବପ୍ରଥମେ ସ୍ପିଡ୍ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରନ୍ତୁ। କାରଣ ଏଦିନେ ବର୍ଷାପାଣି ପଡି ରାସ୍ତା ଖସଡା ଥାଏ, ଖାଲ ଗୁଡିକ ପାଣିରେ ପୋତି ହୋଇ ରହିଥିବାରୁ ଜଣା ପଡି ନ ଥାଏ, ଅନେକ ସ୍ଥାନରେ ରାସ୍ତା କାଦୁଅ ରହୁଥିବାରୁ ଦୁର୍ଘଟଣାର ଆଶଙ୍କା ବୃଦ୍ଧିପାଇଥାଏ।

■ଗାଡି ରୋକିବା ବେଳେ ହଠାତ୍ ବ୍ରେକ୍ ନ କରି ଧିରେ ଧିରେ ବ୍ରେକ୍ କରନ୍ତୁ ଏବଂ ଗାଡିକୁ ସିଧା ରଖି ଷ୍ଟାଣ୍ଡ ଲଗାନ୍ତୁ। ନଚେତ୍ ଗାଡି ଖସି ପଡି ଆପଣ ଆହାତ ହୋଇପାରନ୍ତି।

■ବର୍ଷାରେ ଜଦି ଘଡଘଡି କିମ୍ବା ବିଜୁଳି ମାରୁଛି ତେବେ ସେ ସମୟରେ ମୋବାଇଲ୍‌ରେ ଆଦୌ କଥା ହୁଅନ୍ତୁ ନାହିଁ। ଏପରିକି ଇୟରଫୋନ୍ କିମ୍ବା ବ୍ଲୁଟୁଥ୍ ବ୍ୟବହାର କରିବା ମଧ୍ୟ ବୀପଦଜନକ। ଏହାଦ୍ୱାରା ଶ୍ରବଣ ଶକ୍ତି ହରାଇବା କିମ୍ବା ମୋବାଇଲ ଫାଟିବା ଯୋଗୁଁ ମୃତ୍ୟୁର ଆଶଙ୍କାକୁ ମଧ୍ୟ ଏଡାଯାଇ ପାରିବ ନାହିଁ।

■ପ୍ରବଳ ବର୍ଷା ରାସ୍ତା କଡରେ କୌଣସି ସୁବିଧା ନ ମିଳିଲେ ଅନେକେ ଗଛମୂଳେ ଠିଆ ହୁଅନ୍ତି। ହେଲେ ଗଛମୂଳେ ଠିଆ ହେବା ଏ ସମୟରେ ଆଦୌ ବୁଦ୍ଧିମତାର କାମ ନୁହେଁ। କାରଣ ବର୍ଷାରେ ଗଛ ଡାଳ ଭାଙ୍ଗିବା କିମ୍ବା ଘଡଘଡି ପଡିବା ଦ୍ୱାରା ଅନେକ ଦୁର୍ଘଟଣାର ନଜିର ରହିଛି। ଠିକ୍ ସେହିପରି ବର୍ଷାବେଳେ ଇଲେକ୍ଟ୍ରି ଖୁଣ୍ଟ କିମ୍ବା ତାର ମୂଳରେ ମଧ୍ୟ ଠିଆ ହେବା ବିପଦପୂର୍ଣ୍ଣ।

■ବାହାରକୁ ଯାଉଥିବା ସମୟରେ ଯଦି ହଠାତ୍ ଜୋର୍ ବର୍ଷା ହେଉଛି ଏବଂ ପାଣି କମିବା ପର୍ଯ୍ୟନ୍ତ କେଉଁଠି ଠିଆ ହେବାକୁ ଚାହୁଁଛନ୍ତି, ତେବେ ମନେ ରଖନ୍ତୁ ଏଭଳି ପରିସ୍ଥିତିର ରାସ୍ତାରେ ଚାଲୁଥିବା ପାଣି ସଂସ୍ପର୍ଶରେ ପାଦ ନ ଆସିବା ଲାଗି କୌଣସି ଉଚ୍ଚସ୍ଥାନରେ ଠିଆ ହେବାକୁ ଚେଷ୍ଟା କରନ୍ତୁ। କାରଣ ପାଣି ହେଉଛି ବିଦ୍ୟୁତ୍ ସୁପରିବାହୀ। ତେଣୁ ବିଜୁଳି କରେଣ୍ଟ ଲାଗିବାର ଆଶଙ୍କା ବେଶି।



■ସେହିପରି ବର୍ଷା ସମୟରେ ପୋଖରୀ, ନଦୀ, ସମୁଦ୍ର କିମ୍ବା ସୁଇମିଂପୁଲ୍ ଭିତରେ ନ ରହିବା ଭଲ। କାରଣ ବର୍ଷାରେ ବିଜୁଳି ମାରିଲେ ପାଣିରେ ଅନେକ ସମୟରେ ବିଜୁଳି କରେଣ୍ଟ ଲାଗିବାର ଆଶଙ୍କା ବଢିଯାଏ।

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୨ ସେପ୍ଟେମ୍ବର, ୨୦୧୮



# ଗୁପ୍ତେଶ୍ୱର ପୀଠ ହୁଣ୍ଡିରୁ ଚୋରି

ବୈପାରୀଗୁଡ଼ା,୧।୯(ଡି.ଏନ୍.ଏ.)

ସପ୍ତାହକ ତଳେ ଶୈବପୀଠ ଗୁପ୍ତେଶ୍ୱର ସ୍ଥିତ ଦାନ ହୁଣ୍ଡିକୁ ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେଇଥିଲେ। କିନ୍ତୁ ଏଯାଏଁ ଦେବୋତ୍ତର ବିଭାଗ ପୋଲିସକୁ ନେଇ ଏତଲା ନ ଦେଇ ଚୁପ୍ ବସିଛି। ଶ୍ରାବଣ ମାସରେ ଲକ୍ଷ ଲକ୍ଷ କାଉଡ଼ିଆଙ୍କ ମଧ୍ୟରୁ ଅଧିକାଂଶ ହୁଣ୍ଡିରେ ଟଙ୍କା ଦାନ କରିଥାନ୍ତି। ସପ୍ତାହକ ତଳେ ଏହି ହୁଣ୍ଡି ଭଙ୍ଗାଯାଇ ଲୁଟ୍ ହେବା ଘଟଣା ଜଣାପଡ଼ିଥିଲା। ରାମଗିରି ଫାଣ୍ଡି ଅଧିକାରୀ ସୁବ୍ରତ ବେହେରା ଖବର ପାଇ ଘଟଣାସ୍ଥଳକୁ ଯାଇଥିଲେ । ସେ କହିଛନ୍ତି, ହୁଣ୍ଡି ଭଙ୍ଗାଯିବା ଘଟଣା ସତ । କିନ୍ତୁ ଏ ସଂପର୍କରେ ଦେବୋତ୍ତର ବିଭାଗ ଫାଣ୍ଡିରେ କୌଣସି ଏତଲା ଦେଇନାହିଁ। ପୂର୍ବରୁ ମଧ୍ୟ ଏହି ହୁଣ୍ଡିରୁ ବାରମ୍ବାର ଚୋରି ହୋଇଛି। କିନ୍ତୁ ଦେବୋତ୍ତର ବିଭାଗ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୈପାରୀଗୁଡ଼ା,୧।୯(ଡି.ଏନ୍.ଏ.)

ବୈପାରୀଗୁଡା ଗୌଡ଼ସାହିରେ ୱେଲ୍ଡିଂ ଦୋକାନ କରିଥିବା ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ କବିରାଜ ରଗଡ଼ି (୩୮)। ତାଙ୍କ ଘର ଏହି ବ୍ଲକ ଲିମ୍ବାଗୁଡା ଗ୍ରାମରେ। କିଛି ବର୍ଷ ହେବ ସେ ବୈପାରୀଗୁଡ଼ାଠାରେ ଏକ ୱେଲଡିଂ ଦୋକାନ ଚଳାଇବା ସହ ସପରିବାର ରହିଆସୁଥିଲେ। ପରିବାର ଲୋକେ ଶନିବାର ସକାଳେ ଘରୁ କବିରାଜଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲେ । ଖବର ପାଇ ପୋଲିସ ମୃତଦେହ ଜବତ କରିବା ସହ ଏହାର ବ୍ୟବଚ୍ଛେଦ ପରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


## PARADIP PORT TRUST
### E-TENDERING NOTICE

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers / authorized dealers for **supply of Tyre**. The last date and time of submission of the tender is 17.15 Hours on Dt. **19/09/2018.** For details, log on to website: https://eprocure.gov.in/eprocure/app

**Sr. Dy. Materials Manager**
PPT/PR/318/18-19 Dt. 31.08.2018

## PARADIP PORT TRUST
### e-TENDERING CALL NOTICE (e-TCN)

Name of the Work: **Engagement of 01 no. All Weather Steel Hull Vessel along with Manning Crew on hire for a period of 5 (five) years for deployment at Paradip SPMs on round the clock 24x7 basis for pollution response-cum-security duties".** **Estimated Cost : ₹41,53,01,788/-** Excluding Fuel & GST. Last date & time of Submission of tender through on-line bidding is 1500 hours on **Dt. 25.09.2018.** Technical Bids shall be opened at 1530 hours on **Dt. 26.09.2018.** For details please log on to the Website: http://eprocure.gov.in/eprocure/app.

PPT/PR/322/18-19
Dated : 31.8.2018 Dy. Conservator

## OFFICE OF THE NOTIFIED AREA COUNCIL, GANJAM

**e- Procurement Notice No- 872, Dt. 01.09.2018**
**Tender Reference No. GJM-NAC-03/2018-19**

The Ganjam N.A.C. invites online bid in single cover system through e-Procurement.
Total Number of works:- 16 Nos.
Value of works Rs. 1,00,000/- to Rs. 6,00,000/-
Date and time of availability of bids documents in the portal from dt. 31.08.2018 at 10.00 A.M. to 10.09.2018 upto 5.00 P.M.
Last date of receipt of bids in the portal dt. 10.09.2018 upto 5.00 P.M.
Last date of submission of original documents in the Office of NAC Ganjam is dt. 11.09.2018 upto 05.00 P.M.
Date of opening of tender:- dt. 12.09.2018 at 11.00 A.M. in NAC Office, Ganjam.
Further details can be seen from the website:- https://tendersorissa.gov.in.

**Sd./- Executive Officer, N.A.C. Ganjam**

## THE ODISHA MINING CORPORATION LIMITED

OMC ODISHA NEW OPPORTUNITIES

**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**

### EXPRESSION OF INTEREST FOR LONG TERM LINKAGE WITH OMC BY THE ELIGIBLE STATE BASED END USE INDUSTRIES FOR PURCHASE OF IRON ORE & CHROME ORE

**No.CAD-779:-** The Odisha Mining Corporation Ltd intends sustained supply of Iron ore & chrome ore to the eligible State based end users through Long Term Linkage. The above categories of industries desirous to have Long Term Linkage with OMC may express their interest for the purpose through applications. The industries those have already signed long term linkage may apply for revision of quantity otherwise need not apply. The application with required documents (as reflected in the notice available in OMC website) may be sent to the Managing Director, OMC Ltd., OMC House, P.B. No. 34, Bhubaneswar -751001 by 24.09.2018 for necessary consideration.

For details, please visit our website i.e. www.omcltd.in.

30005/11/0077/1819 **General Manager (S&M)**

## OFFICE OF THE EXECUTIVE ENGINEER, RWS&S DIVISION, PURI – 752002

Ph: (06752) 251276, Fax: (06752) 251276, E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. RWSSPURI 39 /2018-19**

**No. 701-O:-** The Executive Engineer, RWS&S Division, Puri on behalf of Governor of Odisha invites lump sum price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work | : | External electrification to PWS scheme |
|---|---|---|---|
| 1. | No. of works | : | 1(one) |
| 2. | Time for completion | : | Two months |
| 3. | Cost of bidding document | : | Rs. 4000/- |
| 4. | Class of Contractors eligible | : | HT License Holder |
| 5. | Availability of bids on-line | : | From 17 hour of 07.09.2018 to 17.00 hours of 18.09.2018 |
| 6. | Last date and time for seeking clarification | : | 17.00 hours of 15.09.2018 |
| 7. | Date & time of opening of technical bids | : | On dt.19.09.2018 at 12.00 hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids | : | To be decided. |

Further details can be seen from the website https://www.tendersorissa.gov.in.

25017/11/0059/1819 ***Executive Engineer, RWS&S Division, Puri***

## GOVERNMENT OF ODISHA
## OFFICE OF THE EXECUTIVE ENGINEER, GANJAM [R&B] DIVISION NO.II, BERHAMPUR

Phone/Fax: 0680-2233996, e-mail: eernb2_bam@yahoo.co.in

**INVITATION FOR BIDS (IFB) [e-Procurement]**

**TENDER CALL NOTICE**

**Bid Identification No. SC (R&B)-GM-II-18/2018-19 No.6829 Dated.25.08.2018**

**No. 437-B:-**

1) The Executive Engineer, Ganjam [R&B] Division No.II, Berhampur on behalf of Governor of Odisha invites percentage rate bid in Single cover system to be received in ONLINE MODE only for the work as detailed below:
2) Nature of Work : Road & Building work
3) No. of work : 04 Nos.
4) Tender Cost : Rs. 4,000/- & Rs. 6,000/-
5) Class of Contractor : 'D' class, 'C' class, 'B' class and 'A' class
6) Availability of bid documents in the website : From 04.09.2018 10.00 AM to 19.09.2018 4.00 PM
7) Date of opening of Bid : 20.09.2018 at 11.30 AM
8) The bidders have to participate in ONLINE bidding only. Further details can be seen from the website https://tendersorissa.gov.in

***Executive Engineer***
***Ganjam (R&B) Division, No.II***
34080/11/0016/1819


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No.- RDM-LAB-BOUDH-0005-2018/23057/R&DM** ଭୁବନେଶ୍ୱର **ତାରିଖ: 27 June 2018**

No.: XXXI-38: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧାରୋଡ଼ – ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ମୌଜା– କନ୍ଧୁରିଆପଡ଼ା, ଥାନା– ମନମୁଣ୍ଡା ନଂ.-୧୫୫, ତହସିଲ– ବୌଦ୍ଧ, ଜିଲ୍ଲା–ବୌଦ୍ଧରେ ନିମ୍ନ ତଫସିଲ ମତେ ପ୍ରାୟ ୪୩.୬୮୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ – ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଖୋର୍ଦ୍ଧାରୋଡ଼–ବଲାଙ୍ଗିର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗିର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା – ୨୩୩୩୨, ତା:୧୮।୦୭।୨୦୧୭ରେ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବୌଦ୍ଧ।
୬. ଜମିର ବିବରଣୀ :

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ବୌଦ୍ଧ | ବୌଦ୍ଧ | କନ୍ଧୁରିଆପଡ଼ା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ.୪୯.୧୭୦ | ଏ.୪୩.୬୮୦ | ଏଥି ସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ.୧୨.୮୫୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ଼–ବଲାଙ୍ଗିର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।
ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଯୁଗ୍ମ ଶାସନ ସଚିବ

ଜମିର ତାଲିକା
ଖୋର୍ଦ୍ଧା ରୋଡ଼–ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ–ଅଧିଗ୍ରହଣର ବିବରଣୀ
ଗ୍ରାମ: କାନ୍ଧୁରିଆପଡ଼ା, ତହସିଲ: ବୌଦ୍ଧ, ଥାନା: ମନମୁଣ୍ଡା (ନଂ.–୧୫୫), ଜିଲ୍ଲା: ବୌଦ୍ଧ

ଏ.ବ୍ୟକ୍ତିଗତ ଜମି

| | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| କ୍ରମିକ ନଂ. | ଖତିୟାନ ନଂ | ପ୍ଲଟ ନଂ. | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୬ | ୪୬୭ | ୦.୩୨୦ | ୦.୩୨୦ | ଶାରଦ ଜଳ–୧ | ଗଙ୍ଗା ଭୋଇ, ପି.– ସୁଦର୍ଶନ ଭୋଇ, ବା: କାନ୍ଧୁରିଆପଡ଼ା |
| ୨ | ୭ | ୪୫୨ | ୦.୪୨୦ | ୦.୧୦୦ | ଆଟ | ଗଙ୍ଗା ଭୋଇ, ଗୟା ଭୋଇ, ପି: ସୁଦର୍ଶନ ଭୋଇ, ବା: କାନ୍ଧୁରିଆପଡ଼ା |
| ୩ | | ୪୫୩ | ୦.୩୫୦ | ୦.୧୨୦ | ଆଟ | |
| ୪ | | ୪୭୨ | ୦.୪୪୦ | ୦.୩୫୦ | ଶାରଦ ଅଣଜଳସେଚିତ–୨ | |
| ୫ | | ୪୭୩ | ୦.୩୫୦ | ୦.୩୫୦ | ଶାରଦ ଅଣଜଳସେଚିତ–୨ | |
| ୬ | | ୪୮୨ | ୦.୪୮୦ | ୦.୪୮୦ | ଶାରଦ ଅଣଜଳସେଚିତ–୨ | |
| ୭ | ୧୦ | ୪୩୮ | ୦.୨୬୦ | ୦.୨୬୦ | ଶାରଦ ଅଣଜଳସେଚିତ–୨ | ଜୟଦେବ ଭୋଇ, କପିଳ ଭୋଇ, ଛବିଳ ଭୋଇ, କଂସଲା ଭୋଇ, ବିଲ ଭୋଇ, ପି: ଦଫା ଭୋଇ, ଶୁକ ଭୋଇ, ସ୍ୱା: ଦଫା ଭୋଇ, ବା: କାନ୍ଧୁରିଆପଡ଼ା |
| ୮ | | ୪୪୬ | ୦.୫୪୦ | ୦.୫୪୦ | ଆଟ | |
| ୯ | | ୪୬୫ | ୦.୨୧୦ | ୦.୨୧୦ | ଶାରଦ ଅଣଜଳସେଚିତ–୨ | |
| ୧୦ | | ୪୭୮ | ୦.୩୪୦ | ୦.୩୪୦ | ଶାରଦ ଜଳ–୧ ଫସଲି | |
| ୧୧ | | ୪୯୬ | ୦.୫୨୦ | ୦.୫୨୦ | ଆଟ | |
| ୧୨ | ୧୧ | ୪୬୧ | ୦.୪୬୦ | ୦.୪୬୦ | ଶାରଦ ଜଳ–୧ ଫସଲି | ଯୋଗେନ୍ଦ୍ର ଭୋଇ, ବିରଞ୍ଚି ଭୋଇ, ଶ୍ରୀଧର ଭୋଇ, ଧନମତୀ ଭୋଇ, କୁନୁ ଭୋଇ, ପି: ନିଳ ଭୋଇ, ଉର୍ବାସି ଭୋଇ, ଉର୍ମିଳା ଭୋଇ, ସାଇବାଣ ଭୋଇ, କଞ୍ଚନ ଭୋଇ, ରଇବାରି ଭୋଇ, ପି: ବାଳା ଭୋଇ, ପୂର୍ଣ୍ଣବାସି ଭୋଇ, ସ୍ୱା: ବାଳା ଭୋଇ, ଅରକ୍ଷିତ ଭୋଇ, ପରକ୍ଷିତ ଭୋଇ, ବୁଦୁ ଭୋଇ, ବେଦ ଭୋଇ, ପି: ନାଥ ଭୋଇ, ନେତ୍ର ଭୋଇ, ସ୍ୱା: ନାଥ ଭୋଇ, ବାଇଧର ଭୋଇ, ପି: ବିଷ୍ଣୁ ଭୋଇ, ବା: କାନ୍ଧୁରିଆପଡ଼ା |
| ୧୩ | | ୪୬୨ | ୦.୧୬୦ | ୦.୧୬୦ | ଶାରଦ ଜଳ–୧ ଫସଲି | |
| ୧୪ | | ୪୬୩ | ୦.୧୭୦ | ୦.୧୭୦ | ଶାରଦ ଜଳ–୧ ଫସଲି | |
| ୧୫ | | ୪୭୯ | ୦.୪୮୦ | ୦.୪୮୦ | ଶାରଦ ଜଳ–୧ ଫସଲି | |
| ୧୬ | | ୪୮୦ | ୦.୫୦୦ | ୦.୫୦୦ | ଶାରଦ ଜଳ–୧ ଫସଲି | |
| ୧୭ | ୧୨ | ୪୦୬ | ୦.୦୪୦ | ୦.୦୪୦ | ଘରବାରି | ତପନ ଝାଙ୍କର, ପି: ବଳରାମ ଝାଙ୍କର, ବା: କାନ୍ଧୁରିଆପଡ଼ା |
| ୧୮ | | ୪୯୯ | ୦.୩୪୦ | ୦.୨୬୦ | ଆଟ | |
| ୧୯ | ୧୩ | ୪୫୫ | ୦.୨୪୦ | ୦.୨୪୦ | ଆଟ | ତୁଳା ଭୁକ୍ତା, ଲଳିତା ଭୁକ୍ତା, ପି: ପିତାମ୍ବର ଭୁକ୍ତା, ବା: କାନ୍ଧୁରିଆପଡ଼ା |
| ୨୦ | ୧୪ | ୪୯୩ | ୦.୨୯୦ | ୦.୨୯୦ | ଆଟ | ଦାସ ବଗର୍ତ୍ତି, ଶ୍ରୀବତ୍ସ ବଗର୍ତ୍ତି, ପି: ସଂକୀର୍ତ୍ତନ ବଗର୍ତ୍ତି, ବା: କାନ୍ଧୁରିଆପଡ଼ା |
| ୨୧ | ୧୫ | ୩୮୯ | ୦.୩୦୦ | ୦.୩୦୦ | ଘରବାରି | ଦିବାକର ଗଣ୍ଡା, ପି: ବାସୁ ଗଣ୍ଡା, ବା: କାନ୍ଧୁରିଆପଡ଼ା |
| ୨୨ | ୧୭ | ୪୦୯ | ୦.୧୫୦ | ୦.୧୫୦ | ଘରବାରି | ଧ୍ରୁବ ଦନାୟକ, ପି: ଭାଗବତ ଦନାୟକ, ବା: କାନ୍ଧୁରିଆପଡ଼ା |
| ୨୩ | ୧୮ | ୪୩୯ | ୦.୦୯୦ | ୦.୦୯୦ | ଶାରଦ ଅଣଜଳସେଚିତ–୨ | ପଲାଉ ଭୁକ୍ତା, ପି: ସାଗର ଭୁକ୍ତା, ବା: କାନ୍ଧୁରିଆପଡ଼ା |
| ୨୪ | | ୪୪୧ | ୦.୫୪୦ | ୦.୫୪୦ | ଆଟ | |
| ୨୫ | | ୪୪୨ | ୦.୨୩୦ | ୦.୨୩୦ | ଆଟ | |
| ୨୬ | ୨୦ | ୪୬୪ | ୦.୪୨୦ | ୦.୪୨୦ | ଶାରଦ ଅଣଜଳସେଚିତ–୨ | ପାର୍ବତୀ ଭୋଇ, ପି: ଦିଗାମ୍ବର ଭୋଇ, ପାନେଶ୍ୱରୀ ଭୋଇ, ସ୍ୱା: ଦିଗାମ୍ବର ଭୋଇ, ବା: କାନ୍ଧୁରିଆପଡ଼ା |
| ୨୭ | | ୪୬୬ | ୦.୧୭୦ | ୦.୧୭୦ | ଶାରଦ ଜଳ–୧ ଫସଲି | |
| ୨୮ | | ୪୯୫ | ୦.୪୭୦ | ୦.୪୭୦ | ଆଟ | |
| ୨୯ | ୨୨ | ୪୫୧ | ୦.୧୨୦ | ୦.୧୨୦ | ଆଟ | ପୁରନ୍ଦର ଭୋଇ, ପି: ବିଦ୍ୟାଧର ଭୋଇ, ବା: କାନ୍ଧୁରିଆପଡ଼ା |
| ୩୦ | | ୪୫୪ | ୦.୧୪୦ | ୦.୧୪୦ | ଆଟ | |
| ୩୧ | | ୪୭୧ | ୦.୫୧୦ | ୦.୩୪୦ | ଶାରଦ ଅଣଜଳସେଚିତ–୨ | |
| ୩୨ | | ୪୮୩ | ୦.୫୨୦ | ୦.୦୪୦ | ଶାରଦ ଅଣଜଳସେଚିତ–୨ | |
| ୩୩ | ୨୪ | ୪୯୨ | ୦.୩୬୦ | ୦.୦୬୦ | ଆଟ | ବସନ୍ତ ବଗର୍ତ୍ତି, ପି: ଚେତ୍ରୁ ବଗର୍ତ୍ତି, ବା: କାନ୍ଧୁରିଆପଡ଼ା |
| ୩୪ | ୨୫ | ୩୬୬ | ୦.୫୯୦ | ୦.୨୨୦ | ଶାରଦ ଅଣଜଳସେଚିତ–୨ | ବିଭୀଷଣ ଦେହୁରି, ପି: ଧନେଶ୍ୱର ଦେହୁରି, ବେଙ୍ଗ ଦେହୁରି, ସ୍ୱା: ଲକ୍ଷ୍ମଣ ଦେହୁରି, ଧନୁର୍ଜ୍ଜୟ ଦେହୁରି, ପି: ଭରତ ଦେହୁରି, ବା: ସାହୁପଡ଼ା |
| ୩୫ | | ୩୬୯ | ୦.୦୪୦ | ୦.୦୪୦ | ଶାରଦ ଅଣଜଳସେଚିତ–୨ | |
| ୩୬ | | ୩୭୦ | ୦.୩୪୦ | ୦.୩୪୦ | ଶାରଦ ଅଣଜଳସେଚିତ–୨ | |
| ୩୭ | | ୩୭୩ | ୦.୪୫୦ | ୦.୪୫୦ | ଶାରଦ ଅଣଜଳସେଚିତ–୨ | |
| ୩୮ | | ୩୮୩ | ୦.୧୧୦ | ୦.୧୧୦ | ଶାରଦ ଅଣଜଳସେଚିତ–୨ | |
| ୩୯ | | ୩୮୪ | ୦.୧୨୦ | ୦.୧୨୦ | ଶାରଦ ଅଣଜଳସେଚିତ–୨ | |
| ୪୦ | | ୩୮୫ | ୦.୨୧୦ | ୦.୨୧୦ | ଶାରଦ ଅଣଜଳସେଚିତ–୨ | |
| ୪୧ | | ୩୮୬ | ୦.୨୦୦ | ୦.୨୦୦ | ଶାରଦ ଅଣଜଳସେଚିତ–୨ | |
| ୪୨ | | ୪୫୬ | ୦.୨୪୦ | ୦.୨୪୦ | ଆଟ | |
| ୪୩ | | ୪୫୮ | ୦.୧୬୦ | ୦.୧୬୦ | ଆଟ | |
| ୪୪ | | ୪୫୯ | ୦.୨୦୦ | ୦.୨୦୦ | ଆଟ | |
| ୪୫ | ୨୮ | ୪୮୧ | ୧.୬୧୦ | ୧.୬୧୦ | ଶାରଦ ଜଳ–୧ ଫସଲି | ବିଷ୍ଣୁ ନାଏକ, ଜମ୍ବୁବତୀ ନାଏକ, ମାଗିଖାଇ ନାଏକ, ପି: ବାସୁ ନାଏକ, ବା: କାନ୍ଧୁରିଆପଡ଼ା |
| ୪୬ | | ୪୯୪ | ୦.୬୬୦ | ୦.୬୬୦ | ଆଟ | |
| ୪୭ | ୩୫ | ୪୮୪ | ୧.୭୯୦ | ୦.୭୩୦ | ଶାରଦ ଜଳ–୧ ଫସଲି | ରଙ୍ଗଲତା ମହାକୁଳ, ସ୍ୱା: ସନ୍ଦେଶ୍ୱର ମହାକୁଳ, ସନ୍ଦେଶ୍ୱର ମହାକୁଳ, ପି: ଆନନ୍ଦ ମହାକୁଳ ବା: କାନ୍ଧୁରିଆପଡ଼ା |
| ୪୮ | ୩୬ | ୪୦୭ | ୦.୦୫୦ | ୦.୦୫୦ | ଘରବାରି | ରାହାସ କହଁର, ରତ୍ନାକର ଝାଙ୍କର, ପି: ମଛିନ୍ଦ୍ର କହଁର, ବା: କାନ୍ଧୁରିଆପଡ଼ା |
| ୪୯ | | ୪୦୮ | ୦.୦୮୦ | ୦.୦୮୦ | ଘରବାରି | |
| ୫୦ | ୪୦ | ୩୫୮ | ୦.୪୧୦ | ୦.୪୧୦ | ଶାରଦ ଅଣଜଳସେଚିତ–୨ | ଶତ୍ରୁଘନ ଦେହୁରି, ଶଙ୍କର୍ଷଣ ଦେହୁରି, ସୁଶୀଳ ଦେହୁରି, ପି: ରାହାସ ଦେହୁରି, ଧନମତୀ ଦେହୁରି, ସ୍ୱା: ରାହାସ ଦେହୁରି, ବା: ସାହୁପଡ଼ା |
| ୫୧ | | ୩୬୭ | ୦.୪୭୦ | ୦.୨୧୦ | ଶାରଦ ଅଣଜଳସେଚିତ–୨ | |
| ୫୨ | | ୩୬୧ | ୦.୨୮୦ | ୦.୨୮୦ | ଶାରଦ ଅଣଜଳସେଚିତ–୨ | |
| ୫୩ | | ୩୭୪/୫୦୨ | ୦.୧୬୦ | ୦.୧୬୦ | ଶାରଦ ଅଣଜଳସେଚିତ–୧ | |
| ୫୪ | | ୩୭୫ | ୦.୦୭୦ | ୦.୦୭୦ | ଶାରଦ ଅଣଜଳସେଚିତ–୧ | |
| ୫୫ | | ୩୭୬ | ୦.୦୭୦ | ୦.୦୭୦ | ଶାରଦ ଅଣଜଳସେଚିତ–୧ | |
| ୫୬ | | ୩୮୧ | ୦.୦୭୦ | ୦.୦୭୦ | ଶାରଦ ଅଣଜଳସେଚିତ–୧ | |
| ୫୭ | | ୩୮୨ | ୦.୨୭୦ | ୦.୨୭୦ | ଶାରଦ ଅଣଜଳସେଚିତ–୧ | |
| ୫୮ | | ୩୯୨ | ୦.୩୨୦ | ୦.୩୨୦ | ଘରବାରି | |
| ୫୯ | | ୪୪୦ | ୦.୧୩୦ | ୦.୧୩୦ | ଆଟ | |
| ୬୦ | | ୪୫୭ | ୦.୨୦୦ | ୦.୨୦୦ | ଶାରଦ ଅଣଜଳସେଚିତ–୨ | |
| ୬୧ | ୪୪ | ୩୬୦ | ୨.୬୦୦ | ୦.୦୧୦ | ଶାରଦ ଅଣଜଳସେଚିତ–୧ | ହେମନ୍ତ ଦେହୁରି, ପି: ଭାଗବତ ଦେହୁରି, ବା: କାନ୍ଧୁରିଆପଡ଼ା |
| ୬୨ | | ୩୬୫ | ୦.୨୨୦ | ୦.୧୩୦ | ଶାରଦ ଅଣଜଳସେଚିତ–୧ | |
| ୬୩ | | ୩୬୮ | ୦.୪୧୦ | ୦.୪୧୦ | ଶାରଦ ଅଣଜଳସେଚିତ–୨ | |
| ୬୪ | | ୩୭୨ | ୦.୨୩୦ | ୦.୨୩୦ | ଶାରଦ ଅଣଜଳସେଚିତ–୨ | |
| ୬୫ | | ୩୭୯ | ୦.୬୬୦ | ୦.୬୬୦ | ଶାରଦ ଅଣଜଳସେଚିତ–୧ | |
| ୬୬ | | ୩୮୦ | ୧.୭୨୦ | ୧.୨୬୦ | ଶାରଦ ଅଣଜଳସେଚିତ–୧ | |
| ୬୭ | | ୩୯୦ | ୧.୦୦୦ | ୧.୦୦୦ | ଘରବାରି | |
| ୬୮ | | ୩୯୧ | ୦.୦୪୦ | ୦.୦୪୦ | ଘରବାରି | |
| ୬୯ | | ୩୯୪ | ୦.୧୧୦ | ୦.୧୧୦ | ଘରବାରି | |
| ୭୦ | | ୩୯୫ | ୦.୧୦୦ | ୦.୧୦୦ | ଘରବାରି | |
| ୭୧ | | ୩୯୬ | ୦.୧୧୦ | ୦.୧୧୦ | ଘରବାରି | |
| ୭୨ | | ୩୯୭ | ୦.୧୪୦ | ୦.୧୪୦ | ଘରବାରି | |
| ୭୩ | | ୩୯୮ | ୦.୩୧୦ | ୦.୩୧୦ | ଘରବାରି | |
| ୭୪ | | ୩୯୯ | ୦.୦୧୦ | ୦.୦୧୦ | ଜଳାଶୟ–୨ | |
| ୭୫ | | ୪୦୦ | ୦.୦୧୦ | ୦.୦୧୦ | ଘରବାରି | |
| ୭୬ | | ୪୦୨ | ୦.୦୧୦ | ୦.୦୧୦ | ଘରବାରି | |
| ୭୭ | | ୪୦୩ | ୦.୦୨୦ | ୦.୦୨୦ | ଘରବାରି | |
| ୭୮ | | ୪୦୪ | ୦.୦୮୦ | ୦.୦୮୦ | ଘରବାରି | |
| ୭୯ | | ୪୦୫ | ୦.୦୮୦ | ୦.୦୮୦ | ଘରବାରି | |
| ୮୦ | | ୪୧୪ | ୦.୧୩୦ | ୦.୦୨୦ | ଘରବାରି | |
| ୮୧ | | ୪୩୬ | ୧.୧୨୦ | ୦.୬୯୦ | ଶାରଦ ଅଣଜଳସେଚିତ–୨ | |
| ୮୨ | | ୪୩୭ | ୧.୧୭୦ | ୦.୧୧୦ | ଶାରଦ ଅଣଜଳସେଚିତ–୨ | |
| ୮୩ | | ୪୪୩ | ୦.୫୩୦ | ୦.୫୩୦ | ଆଟ | |
| ୮୪ | | ୪୪୪ | ୦.୧୭୦ | ୦.୧୭୦ | ଆଟ | |
| ୮୫ | | ୪୪୭ | ୦.୬୨୦ | ୦.୬୨୦ | ଆଟ | |
| ୮୬ | | ୪୪୮ | ୦.୪୯୦ | ୦.୪୯୦ | ଆଟ | |
| ୮୭ | | ୪୪୯ | ୧.୦୦୦ | ୦.୩୦୦ | ବଗାୟତ–୨ | |
| ୮୮ | | ୪୫୦ | ୦.୧୩୦ | ୦.୧୩୦ | ଆଟ | |
| ୮୯ | | ୪୬୦ | ୦.୦୭୦ | ୦.୦୭୦ | ଶାରଦ ଅଣଜଳସେଚିତ–୨ | |
| ୯୦ | | ୪୬୮ | ୧.୧୬୦ | ୧.୧୬୦ | ଶାରଦ ଜଳ–୧ ଫସଲି | |
| ୯୧ | | ୪୭୪ | ୦.୬୮୦ | ୦.୬୮୦ | ଶାରଦ ଅଣଜଳସେଚିତ–୨ | |
| ୯୨ | | ୪୯୭ | ୦.୬୯୦ | ୦.୬୯୦ | ଆଟ | |
| ୯୩ | | ୪୯୮ | ୦.୩୫୦ | ୦.୨୯୦ | ଆଟ | |
| ୯୪ | ୪୪/୩ | ୩୯୩/୫୧୭ | ୦.୦୯୦ | ୦.୦୯୦ | ଘରବାରି | ବିଷ୍ଣୁ ମୁଦୁଲି, ପି: ବଂଶୀ ମୁଦୁଲି, ସରୋଜିନୀ ମୁଦୁଲି, ସ୍ୱା: ବିଷ୍ଣୁ ମୁଦୁଲି, ବା: କାନ୍ଧୁରିଆପଡ଼ା |
| ୯୫ | ୪୪/୪ | ୩୫୬ | ୦.୦୯୦ | ୦.୦୧୦ | ଶାରଦ ଅଣଜଳସେଚିତ–୩ | ରତ୍ନାକର କଅଁର, ପି: ମଛିନ୍ଦ୍ର କଅଁର, ଧୀରା କଅଁର, ସ୍ୱା: ରତ୍ନାକର କଅଁର, ବା: କାନ୍ଧୁରିଆପଡ଼ା |
| ୯୬ | | ୩୫୭ | ୦.୧୩୦ | ୦.୧୩୦ | ଶାରଦ ଅଣଜଳସେଚିତ–୩ | |
| ୯୭ | | ୩୮୭ | ୦.୨୪୦ | ୦.୨୪୦ | ଶାରଦ ଅଣଜଳସେଚିତ–୩ | |
| ୯୮ | ୪୪/୧୨ | ୪୧୦/୫୨୦ | ୦.୧୦୦ | ୦.୦୭୦ | ଘରବାରି | ପଲଉ ଭୁକ୍ତା, ପି: ସାଗର ଭୁକ୍ତା, ନେତ ଭୁକ୍ତା, ସ୍ୱା: ପଲଉ ଭୁକ୍ତା, ବା: କାନ୍ଧୁରିଆପଡ଼ା |
| ୯୯ | ୪୪/୧୬ | ୩୯୩ | ୦.୦୮୦ | ୦.୦୮୦ | ଘରବାରି | ପୂର୍ଣ୍ଣ ମହାଲିକ, ପି: କାନ୍ଧୁରୁ ମହାଲିକ, ଘାସନ ମହାଲିକ, ସ୍ୱା: ପୂର୍ଣ୍ଣ ମହାଲିକ, ବା: କାନ୍ଧୁରିଆପଡ଼ା |
| ୧୦୦ | ୪୪/୧୮ | ୪୪୫ | ୦.୮୨୦ | ୦.୮୨୦ | ଆଟ | ଜୟଦେବ ଭୋଇ, କପିଳ ଭୋଇ, ଛବିଳ ଭୋଇ, ପି: ଦଫା ଭୋଇ, ବା: କାନ୍ଧୁରିଆପଡ଼ା |
| ୧୦୧ | ୪୪/୨୨ | ୩୭୪ | ୦.୧୫୦ | ୦.୧୫୦ | ଶାରଦ ଅଣଜଳସେଚିତ–୧ | କପିଳ ଭୋଇ, ପି: ଦଫା ଭୋଇ, ବା: କାନ୍ଧୁରିଆପଡ଼ା |
| ୧୦୨ | ୪୪/୨୪ | ୪୮୧/୫୨୯ | ୦.୨୬୦ | ୦.୨୬୦ | ଶାରଦ ଜଳ–୧ ଫସଲି | ପଞ୍ଚା ଭୁକ୍ତା, ପି: ମୁରଲି ଭୁକ୍ତା, ବା: ସାହୁପଡ଼ା |
| ୧୦୩ | ୪୪/୩୭ | ୪୭୬ | ୦.୪୦୦ | ୦.୪୦୦ | ଶାରଦ ଜଳ–୧ ଫସଲି | ଶମ୍ଭୁ ମହାଲିକ, ପି: ରଘୁ ମହାଲିକ, ବା: କାନ୍ଧୁରିଆପଡ଼ା |
| ୧୦୪ | | ୪୭୭ | ୦.୩୬୦ | ୦.୩୬୦ | ଶାରଦ ଜଳ–୧ ଫସଲି | |
| ୧୦୫ | ୪୪/୪୨ | ୪୧୦ | ୦.୦୮୦ | ୦.୦୮୦ | ଶାରଦ ଜଳ–୨ | ଶନିଶ୍ଚର ଭୁକ୍ତା, ପି: ପଲଉ ଭୁକ୍ତା, ମତୀ ଭୁକ୍ତା, ସ୍ୱା: ଶନିଶ୍ଚର ଭୁକ୍ତା, ବା: କାନ୍ଧୁରିଆପଡ଼ା |
| ୧୦୬ | ୪୪/୫୦ | ୪୭୫/୫୬୩ | ୦.୩୦୦ | ୦.୩୦୦ | ଶାରଦ ଅଣଜଳସେଚିତ–୨ | ନଟ ଭୋଇ, ପି: ଶିବ ଭୋଇ, ବା: କାନ୍ଧୁରିଆପଡ଼ା |
| ୧୦୭ | ୪୪/୫୧ | ୪୭୫ | ୦.୨୯୦ | ୦.୨୯୦ | ଶାରଦ ଅଣଜଳସେଚିତ–୨ | ଗନ ଭୋଇ, ପି: ଶିବ ଭୋଇ, ବା: ସାହୁପଡ଼ା |
| ୧୦୮ | ୪୪/୫୨ | ୩୯୬/୫୬୪ | ୦.୦୧୦ | ୦.୦୧୦ | ଘରବାରି | ରୀତା ବିଶି, ସ୍ୱା: ପରମେଶ୍ୱର ଖମାରି, ବା: କାନ୍ଧୁରିଆପଡ଼ା |
| ମୋଟ | | | ୩୮.୮୦୦ | ୩୦.୮୩୦ | | |

ବ୍ୟକ୍ତିଗତ ଜମିର ଗୋଚର ବଦଳି

| | | | | | | |
|---|---|---|---|---|---|---|
| ୧ | ୭ | ୩୦୮ | ୦.୪୫୦ | ୦.୪୫୦ | ଆଟ | ଗଙ୍ଗା ଭୋଇ, ଗୟା ଭୋଇ, ପି: ସୁଦର୍ଶନ ଭୋଇ, ବା: କାନ୍ଧୁରିଆପଡ଼ା |
| ୨ | | ୩୦୯ | ୦.୫୪୦ | ୦.୫୪୦ | ଆଟ | |
| ୩ | | ୪୫୨ | ୦.୪୨୦ | ୦.୩୨୦ | ଆଟ | |
| ୪ | | ୪୫୩ | ୦.୩୫୦ | ୦.୨୩୦ | ଆଟ | |
| ୫ | | ୪୭୨ | ୦.୪୪୦ | ୦.୦୯୦ | ଶାରଦ ଅଣଜଳସେଚିତ–୨ | |
| ୬ | ୧୦ | ୩୦୬ | ୦.୨୭୦ | ୦.୨୭୦ | ଶାରଦ ଅଣଜଳସେଚିତ–୨ | ଜୟଦେବ ଭୋଇ, କପିଳ ଭୋଇ, ଛବିଳ ଭୋଇ, କଂସଲା ଭୋଇ, ବିଲ ଭୋଇ, ପି: ଦଫା ଭୋଇ, ଶୁକ ଭୋଇ, ସ୍ୱା: ଦଫା ଭୋଇ, ବା: କାନ୍ଧୁରିଆପଡ଼ା |
| ୭ | ୧୧ | ୨୭୭ | ୦.୬୪୦ | ୦.୬୪୦ | ଆଟ | ଯୋଗେନ୍ଦ୍ର ଭୋଇ, ବିରଞ୍ଚି ଭୋଇ, ଶ୍ରୀଧର ଭୋଇ, ଧନମତୀ ଭୋଇ, କୁନୁ ଭୋଇ, ପି: ନିଳ ଭୋଇ, ଉର୍ବାସି ଭୋଇ, ଉର୍ମିଳା ଭୋଇ, ସାଇବାଣି ଭୋଇ, କଞ୍ଚନ ଭୋଇ, ରଇବାରି ଭୋଇ, ପି: ବାଳା ଭୋଇ, ପୂର୍ଣ୍ଣବାସି ଭୋଇ, ସ୍ୱା: ବାଳା ଭୋଇ, ଅରକ୍ଷିତ ଭୋଇ, ପରକ୍ଷିତ ଭୋଇ, ବୁଦୁ ଭୋଇ, ବେଦ ଭୋଇ, ପି: ନାଥ ଭୋଇ, ନେତ୍ର ଭୋଇ, ସ୍ୱା: ନାଥ ଭୋଇ, ବାଇଧର ଭୋଇ, ପି: ବିଷ୍ଣୁ ଭୋଇ, ବା: ଯମଟାଙ୍ଗି |
| ୮ | | ୨୭୮ | ୦.୬୮୦ | ୦.୬୮୦ | ଆଟ | |
| ୯ | | ୨୮୧ | ୦.୪୩୦ | ୦.୪୩୦ | ଆଟ | |
| ୧୦ | | ୨୮୨ | ୦.୩୭୦ | ୦.୩୭୦ | ଆଟ | |
| ୧୧ | | ୨୮୩ | ୧.୩୨୦ | ୧.୩୨୦ | ଆଟ | |
| ୧୨ | | ୨୮୬ | ୦.୯୧୦ | ୦.୯୧୦ | ଆଟ | |
| ୧୩ | | ୨୮୭ | ୦.୨୬୦ | ୦.୨୬୦ | ଆଟ | |
| ୧୪ | ୧୨ | ୪୯୯ | ୦.୩୪୦ | ୦.୦୮୦ | ଆଟ | ତପନ ଝାଙ୍କର, ପି: ବଳରାମ ଝାଙ୍କର, ବା: କାନ୍ଧୁରିଆପଡ଼ା |
| ୧୫ | ୧୪ | ୨୭୬ | ୦.୪୨୦ | ୦.୪୨୦ | ଆଟ | ଦାସ ବଗର୍ତ୍ତି, ଶ୍ରୀବତ୍ସ ବଗର୍ତ୍ତି, ପି: ସଂକୀର୍ତ୍ତନ ବଗର୍ତ୍ତି, ବା: ସାହୁପଡ଼ା |
| ୧୬ | | ୩୧୪ | ୦.୫୬୦ | ୦.୫୬୦ | ଶାରଦ ଅଣଜଳସେଚିତ–୨ | |
| ୧୭ | ୨୨ | ୪୭୧ | ୦.୫୧୦ | ୦.୧୭୦ | ଶାରଦ ଅଣଜଳସେଚିତ–୨ | ପୁରନ୍ଦର ଭୋଇ, ପି: ବିଦ୍ୟାଧର ଭୋଇ, ବା: କାନ୍ଧୁରିଆପଡ଼ା |
| ୧୮ | ୨୪ | ୨୭୩ | ୦.୫୩୦ | ୦.୫୩୦ | ଆଟ | ବସନ୍ତ ବଗର୍ତ୍ତି, ପି: ଚେତ୍ରୁ ବଗର୍ତ୍ତି, ବା: କାନ୍ଧୁରିଆପଡ଼ା |
| ୧୯ | | ୩୧୫/୫୦୪ | ୦.୩୩୦ | ୦.୩୩୦ | ଶାରଦ ଅଣଜଳସେଚିତ–୨ | |
| ୨୦ | | ୪୯୨ | ୦.୩୬୦ | ୦.୩୦୦ | ଆଟ | |
| ୨୧ | ୨୫ | ୩୬୬ | ୦.୫୯୦ | ୦.୩୭୦ | ଶାରଦ ଅଣଜଳସେଚିତ–୨ | ବିଭୀଷଣ ଦେହୁରି, ପି: ଧନେଶ୍ୱର ଦେହୁରି, ବେଙ୍ଗ ଦେହୁରି, ସ୍ୱା: ଲକ୍ଷ୍ମଣ ଦେହୁରି, ଧନୁର୍ଜ୍ଜୟ ଦେହୁରି, ପି: ଭରତ ଦେହୁରି, ବା: ସାହୁପଡ଼ା |
| ୨୨ | ୨୮ | ୨୮୫ | ୦.୬୨୦ | ୦.୬୨୦ | ଶାରଦ ଅଣଜଳସେଚିତ–୨ | ବିଷ୍ଣୁ ନାଏକ, ଜମ୍ବୁବତୀ ନାଏକ, ମାଗିଖାଇ ନାଏକ, ପି: ବାସୁ ନାଏକ, ବା: କାନ୍ଧୁରିଆପଡ଼ା |
| ୨୩ | ୪୦ | ୩୬୬ | ୦.୪୭୦ | ୦.୨୬୦ | ଶାରଦ ଅଣଜଳସେଚିତ–୨ | ଶତ୍ରୁଘନ ଦେହୁରୀ, ଶଙ୍କର୍ଷଣ ଦେହୁରୀ, ସୁଶୀଳ ଦେହୁରୀ, ପି: ରାହାସ ଦେହୁରୀ, ଧନମତୀ ଦେହୁରୀ, ସ୍ୱା: ରାହାସ ଦେହୁରୀ, ବା: ସାହୁପଡ଼ା |
| ୨୪ | ୪୪ | ୩୬୪ | ୦.୪୯୦ | ୦.୪୯୦ | ଶାରଦ ଅଣଜଳସେଚିତ–୨ | ହେମନ୍ତ ଦେହୁରି, ପି: ଭାଗବତ ଦେହୁରୀ, ବା: କାନ୍ଧୁରିଆପଡ଼ା |
| ୨୫ | | ୩୬୫ | ୦.୨୨୦ | ୦.୦୯୦ | ଶାରଦ ଅଣଜଳସେଚିତ–୧ | |
| ୨୬ | | ୩୮୦ | ୧.୭୨୦ | ୦.୪୬୦ | ଶାରଦ ଅଣଜଳସେଚିତ–୧ | |
| ୨୭ | | ୪୯୮ | ୦.୩୫୦ | ୦.୦୬୦ | ଆଟ | |
| ୨୮ | ୪୪/୩୨ | ୩୦୫ | ୦.୩୦୦ | ୦.୩୦୦ | ଶାରଦ ଅଣଜଳସେଚିତ–୨ | ଜୟଦେବ ଭୋଇ, କପିଳ ଭୋଇ, ଛବିଳ ଭୋଇ, ପି: ଦଫା ଭୋଇ, ବା: କାନ୍ଧୁରିଆପଡ଼ା |
| ୨୯ | ୪୪/୩୩ | ୩୦୭ | ୦.୮୩୦ | ୦.୮୩୦ | ଶାରଦ ଅଣଜଳସେଚିତ–୨ | ପଲଉ ଭୁକ୍ତା, ପି: ସାଗର ଭୁକ୍ତା, ବା: କାନ୍ଧୁରିଆପଡ଼ା |
| ୩୦ | ୪୪/୩୭ | ୨୮୪ | ୦.୪୭୦ | ୦.୪୭୦ | ଶାରଦ ଅଣଜଳସେଚିତ–୨ | ଶମ୍ଭୁ ମହାଲିକ, ପି: ରଘୁ ମହାଲିକ, ବା: କାନ୍ଧୁରିଆପଡ଼ା |
| ମୋଟ | | | | ୧୨.୮୫୦ | | |

ଏକର. ଡେସିମାଲ

| | | | |
|---|---|---|---|
| ବ୍ୟକ୍ତିଗତ ଜମି | | ୩୦.୮୩୦ | |
| ବ୍ୟକ୍ତିଗତ ଜମିର ଗୋଚର ବଦଳି | | ୧୨.୮୫୦ | |
| ମୋଟ | ୪୯.୨୨୦ | ୪୩.୬୮୦ | |

24001/14/0250/1819



# MATRIMONIAL

## BRIDE WANTED

ସବୁ ଧର୍ମ, ଜାତି, ବର୍ଗର bride ପାଇଁ candidate's biodata with photo ଏବଂ ଆପଣଙ୍କ requirement send କରନ୍ତୁ। Mobile What's App No.: 6371090682. D-8048

Divorcee Bengali Kayasta boy 1985, CA, Establish business. Parents Doctor: 9437555525. D-63365

Now Matrimonial ads. only on Wednesday & Sunday
Book 1 Get 1 FREE

Brahmin boy 1987/ 6'2" B.Tech, MBA, Engineer Hyderabad 11 Lakhs required professional housewife. Barsha. 9338229705, 8339813069. D-62785

Wanted a divorceed/ bride/ poor lady for marriage/ living together with a divorceed person age about 47yrs at Bhubaneswar. Contact: 8018178280. D-8136

## GROOM WANTED

Khandayat bride Bank Manager 43, Lecturer 34 (caste-no-bar). Contact: 7873374269. D-63485

Wanted groom preferrable Govt. employee, Engineer, Doctor for Potali bania girl (29-5'2"). Contact: 8763356918. D-60810

48 ବର୍ଷ କରଣ ଘରର ଝିଅ Railwayରେ କାର୍ଯ୍ୟରତ। ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (ଘରଜ୍ୱାଇଁ ପ୍ରାଥମିକତା) 9583402122. D-63718

ସବୁ ଧର୍ମ, ଜାତି, ବର୍ଗର groom ପାଇଁ candidate's biodata with photo ଏବଂ ଆପଣଙ୍କ requirement send କରନ୍ତୁ। Mobile What's App No.: 6371090682. D-8049

## automobile

## SALE

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64120

Sale of Yamaha bike YZFR 15, 2013 run 15155km. expected price. Rs.- 67000. Contact: 9920600657. D-58690

Mahindra food truck for Rs. 4,50,000/- 9861142220, 9439180668 (with all accessories). D-63720

Maruti Scross diesel 2016, Hondacity 2014, WagonR- 2011, Pajero- 2012, BMW- 1987, Skoda- 2015. 9438736070. D-63363

Scrap vehicle, Scorpio, Safari, Sumo, 207DI, Victa, Maruti 800, Lancer. 9439939424, 6370803032. D-58691

## real estate

## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64125

2400 sqft. boundary plot for sale near JANLA (Infovalley-2) 200' roadside. Direct Owner: 8249628939, 9853494243. D-8182

ଭୁବନେଶ୍ୱର KEC, ଗୁଡିଆ–ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8082

କେଶୁରାରେ ଘରବାରି plot immediate ଘର କରି ରହିବା ପାଇଁ ମିଳୁଛି ଓ ଉତ୍ତରାଛକରୁ 5km. ଦୂରରେ ଘରବାରି boundary plot ମିଳୁଛି। 8480447967 D-63081

Fully furnished 3BHK flat, 2nd floor at Ashok Nagar @ 95 Lac. 7978584549 (Broker not allowed). D-64111

କୋରଡକଣ୍ଠା ମୌଜାରେ yellowzone ଘରବାରି ସହିତ plot ମିଳୁଛି। Contact: 8480447967. D-63080

ଭୁବନେଶ୍ୱରର ଅରଗୁଳ IIT ଠାରେ ପିଚୁରୋଡ ସୁବିଧାଥାଇ ଘରବାରି ପ୍ଲଟ ସ୍ୱଳ୍ପମୂଲ୍ୟରେ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। **Sanjay: 9861812258.** D-63585

Ready to built 4250 sqft. plot available at Jamukoli Mouza, Sundarpada- Jatni Road right side. 9238896887, 9348897443. D-62125

Plot for sale near AIIMS Hospital, Bhubaneswar. Contact: 9938670164, 6370907396. D-64119

କେଶୁରାରେ ଘରବାରି corner plot black top roadକୁ ଲାଗି boundary ଓ electric ସହିତ ମିଳୁଛି। 8480447967. D-63082

**1500 sqft. gharabari boundary plot at Mancheswar, Bhubaneswar. 9124232466, 9437460564.** D-64891

Homestead, gharabari, yellowzone land 9000 sqft. (222 decml) 80ft. frontage to 60ft. road & 100 mtrs away from 200ft. road, 4kms. from KIIMS Medical College for sale at Mouza Sunderpur, Bhubaneswar. Contact: 9437095996. D-64122

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64123

ଖୋର୍ଦ୍ଧା ଗେଟ୍ ପାଖରେ NH-5 sideରେ ଘରବାରି boundary plot ବିକ୍ରିହେବ। 9778556265. D-63596

Premium 3BHK semi furnished apartment resale at Manitirumala Project, Raghunathpur, Main road, 72 lakhs, contact Rentex- 9090051111. D-63598

Booking duplex 4BHK 1500 sqft. Tankapani road Sai Temple 38,19,000/- simplex 2BHK 1200 sqft. 26,19,000/-. 7735738102. D-8137

ସୁନ୍ଦରପଦା କୁହା ମୌଜା Hitech Plaza ପାଖରେ ପ୍ଲଟ ବିକ୍ରିହେବ। (ଘରବାଡି ପଟ୍ଟା ମାଗଣା)। 9439364818, 9337766961. D-8134

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

3 bedroom flat 4000 sqft. full furnished including 4 car parking (A-Block) (G-4/5) Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9439706527, 9123142997. D-8142

Luxurious ready to move 3BHK flat BJB Nagar, Bhubaneswar, only genuine buyer Contact Deepak: 9937329999. D-61495

ଝାରପଡା Jagannath nagar ରେ ଘରବାରି yellowzone plot immediate ଘରକରିବା ପାଇଁ ମିଳୁଛି। 8480447967. D-63081

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellowzone plot ମିଳୁଅଛି। 7437853535. D-8143

Bhubaneswar AIIMS Hospital DOON School 30' road gharabari possession plot. 9438763122. D-62786

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 lakhs. Contact: 9937059891, 8908312315, 8908292617.** D-8140

4BHK duplex at Balianta/ (land-1400 construction- 2100) @ 50 lakh residential gharabari land at Patrapada @ 2100, Malipada @ 1050, Nuagaon @ 800/1400, Hanspal @ 1700. Contact- M-Planets: 9861022055, 9938219397. D-8100

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-7917

ଉତ୍ତରାଛକରୁ 5km. ଦୂରରେ ଘରବାରି boundary road ସହିତ ମିଳୁଛି। 8480447967. D-63083

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

1BHK & 2BHK flat sale at SBI Colony Kesura. 8480447967. D-63084

Ready to move 2/3BHK flat and duplex 200 mtrs from mainroad near Patia Big bazaar/ Raghunathpur. 8249533255. D-62788

## PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64124

## construction

Construction of home and shop with branded materials for 450/- and 1000/-. Mob: 9176647692. D-7923

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-8141

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-63597

## to-let

3 bigroom, 2 toilet at Goutam Nagar, 2nd floor for office cum residence. Call: 9437033691. D-63834

Two 3BHK, one 2BHK house for residential office/ coaching centre at Patrapada, BBSR near NH. 9040830061. D-8086

Rent commercial space, 2300 sqft., ground + firstfloor, Bayamatha Road. Contact: 9437504102. D-47987

2BHK semifurnished 1000 sqft. house, rent- 7000/-, Old Town, Bhubaneswar. Contact: 9439649575, 9540468155. D-63360

2BHK new marble house, Nayapalli near DAV. Family- 9500/-. 9437481649. D-64121

Furnished airconditioned room near Lingaraj Temple, Bhubaneswar, Rs. 5,000/-. 9437388990. D-63362

3BR with separate drawing, dining, 2nd floor, rent- 9000/- Bramheswarpatna, Tankapani Road, Bhubaneswar. Contact: 9437199397. D-63366

3BHK first floor with terrace, garage available at Lewis Road, Bhubaneswar for rent. I deal for Govt./ Company Executive. Contact: 7978961726. D-63364

2200 sqft. adjacent to N.B. Tower CRP Square NH commercial for Bank financial Institution. Ph: 9437066125. D-8147

## packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-8090

## healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Herbal full body massage by smart/ expert therapist. Contact: 8338067247. D-64128

Bangkok spa special offer 50% off on all 1hrs any full body massage. 9861688844, 8018739084. D-63594

G.S Spa herbal full body massage ladies/ gents. 9078429117, 7683840853. D-63079

Physiotherapy and Herbal massage by trained ladies/ Gents Therapist- 7008773793. D-63482

Newly opening ayurvedic body massage in joint pains, smart therapist. 9776383819. D-64126

Newly opening ayurvedic body massage smart therapist, Shree Herbal. 7750020754. D-64127

Experience full body massage with us by experts. Enquiry: 7377048581. D-64129

Sampark ayurvedic massage club, fully relaxed/ refreshed by expert lady, home service available. Contact us: 9937637219. D-8139

All type of massage and good therapy full body massage Sai herbal spa. 7609005923. D-64201

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

## education

Class-III- X CBSE/ ICSE student for Math, Science English tuition. 9090864953. D-62783

## AFFIDAVIT

By virtue of an affidavit I shall be treated as Laxmi Swain instead of Sabita Swain as both are one and same person i.e, myself which is to be rectified in all LIC Papers. Sd/- Laxmi Swain W/o Babula Swain, Kushapalli, Gamundi. D-8149

## Birthday Wish



(Deetya)

**Miss Sudeshna Das**
**D.O.B- 02 Sept, 2013**

Wishes From: ଜେଜେବାପା, ଜେଜେମା, ଆଈ, ମାମା, ପାପା, କାକୁ, ମାମୁ, ପିଉସୀ, ପିଉସା, ମାଇଁ, ନାନୀ, ଡୁଗୁଲ୍, ସିମୁନ୍। ଧ–୮୦୯୧

## ତୃତୀୟ ଜନ୍ମଦିନ ଶୁଭେଚ୍ଛା



(ଲୁବୁନ୍)

**ରୁଦ୍ରନାରାୟଣ**
**କୁମାରଡିହ, ଧଉଳି, ଭୁବନେଶ୍ୱର**

ଆଜି ତୁମର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ କୁସୁମିତ କରାନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରିବା ସହିତ ତୁମର ଭବିଷ୍ୟତ ଉଜ୍ଜ୍ୱଳ କରାନ୍ତୁ। ଶୁଭେଚ୍ଛା ସହ: ଜେଜେ– ନିରଞ୍ଜନ ରାଉତରାୟ, ଜେଜେମା– ଶୈଳବାଳା ରାଉତରାୟ, ଅଜା, ଆଈ, ମାମୁ, ବାବା, ମାମା, ଦାଦା, ଖୁଡ଼ୀ, ଦିଦି ଓ ବନ୍ଧୁ ପରିବାରବର୍ଗ। ଧ–୬୩୩୬୧

## ଜନ୍ମଦିନ ଶୁଭେଚ୍ଛା



(ସୋମୁ)

**ଦେବାଶିଷ ଦେବାଙ୍ଗ**

ଜନ୍ମଦିନ ଅବସରରେ ପ୍ରଭୁ ସୋମନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଭବିଷ୍ୟତ ଚଲାପଥ ସର୍ବଦା କୁସୁମିତ ହେଉ। ଶୁଭେଚ୍ଛା ସହ: ବିପିନ କୁମାର ନରେନ୍ଦ୍ର, ମା– ତନ୍ମୟୀ, ଜେଜେ, ଜେଜେମା, ବୋଉ, ଦାଦା, ଖୁଡ଼ୀ, ବନ୍ଧୁ ଓ ପରିବାରବର୍ଗ। ଧ–୮୦୫୦

## ଷଷ୍ଠ ଜନ୍ମବାର୍ଷିକୀ ଶୁଭକାମନା



(କାହ୍ନା)

**ସୌମ୍ୟଜିତ୍ ପ୍ରସାଦ**
ପ୍ଲଟ ନମ୍ବର– ୭୪୦, ରୋଜ୍ ଭବନ,
ଜାଗମରା, ଭୁବନେଶ୍ୱର

ଆଜି ତୋର ଷଷ୍ଠ ଜନ୍ମବାର୍ଷିକୀ ଅବସରରେ ଭଗବାନ ଶ୍ରୀଶ୍ରୀ ସାଇକୃଷ୍ଣ ତୋତେ ଅପାର କରୁଣା ଓ ଆଶୀର୍ବାଦ ଦେଇ ତୋର ଚଲାପଥ ପୁଷ୍ପିତ, କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ମଙ୍ଗଳମୟ କରନ୍ତୁ। ଅନେକ ଶୁଭାଶିଷ ସହ: ଜେଜେମା, ଆଈ, ପାପା, ମାମା, କୁନା ଭାଇ, କାହ୍ନା ଭାଇ, ଲିଟୁନ୍, ଦାଦା, ଖୁଡୀ, ମାମି ନାନା, ମାନସ ଅଙ୍କଲ, ଲିଲି ନାନା, ମାମୁ, ମାଇଁ ଓ ପରିବାରବର୍ଗ। ଧ–୮୧୩୮

## ଜନ୍ମଦିନ ଶୁଭେଚ୍ଛା



(ଶଶୀ)

**S.K. ସନ୍ତୋଷୀ ଶତପଥୀ**
(ଅଭିନେତ୍ରୀ)
ନୀଳମଣିଦେଇପୁର ଶାସନ,
ପର୍ଙ୍କପାଳ, ଯାଜପୁର

କାଳିଆ ସାଆନ୍ତ ଦିଅନ୍ତୁ ଶୁଭାଶିଷ ଢାଳି, ଜୀବନେ ଉଡାଅ ତୁମେ ବିଜୟ ଦୀପାଳି। ଆସିଲେ ଯେତେ ଝଡଝଞ୍ଜା ଯିବନି ହାରି, ତୁମ ଚଲାପଥେ ମା' କରନ୍ତୁ ପୁଷ୍ପବାରି। ଶୁଭେଚ୍ଛା ସହ: ଲୁସି ଭାଉଜ, PPL News Channel, ବନ୍ଧୁ ଓ ପରିବାରବର୍ଗ। ଧ–୮୧୪୫

## ଜନ୍ମଦିନ ଶୁଭେଚ୍ଛା



**ଆଦ୍ୟାଶା ପ୍ରିୟଦର୍ଶିନୀ**

ତୋର ପଞ୍ଚମ ବାର୍ଷିକୀ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ, ପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ। ବଡ଼ବାପା, ବଡ଼ମା, ଆଈ, ସାବି ଅପା, ପିଉସା, ସତୀ ଅପା, ଓମ୍ ଭାଇ, ସୁଇଟି, ବାବା, ମାମା ଓ କୁନୁଭାଇ। ଧ–୮୧୪୮

# CLASSIFIED BOOKING STATIONS

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**PANCHAMUKHI ADVERTISERS**
Baramunda, Jagannath Vihar, Lane no-4, Road No-2, BBSR. Mr. Prasanta Kumar Nayak, Mob: 9438689186.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

## ନିରୁଦ୍ଦିଷ୍ଟ



**ନାମ: ଦୀପକ କୁମାର ରାଉତ**
**(ମୁନା)**
ପିତା: ପ୍ରହ୍ଲାଦ ରାଉତ
ବୟସ: ୩୧, ଗ୍ରାମ: ଧଳାପଥର, ଖୋର୍ଦ୍ଧା

ସେ ଗତ ୭ ତାରିଖରୁ କେଉଁଆଡ଼େ ଚାଲିଯାଇଛନ୍ତି। ତାଙ୍କ ପରିବାର ଲୋକେ ବହୁତ ଖୋଜାଖୋଜି କରି ବିଫଳ ହେବାରୁ ବେଗୁନିଆ ଥାନାରେ ଅଭିଯୋଗ କରିଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି, ତେବେ ଟେଲିଫୋନ ନମ୍ବର– ୯୦୯୦୬୨୯୩୨୭, ୯୦୭୮୫୪୪୧୧୯ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ– ୮୧୫୦

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob- 8763174232

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9337661113, 0674-2564277

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି
### ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଅଧ୍ୟାପିକା ସ୍ୱାତୀ ମହାନ୍ତି**
ବି–୮, ମେଟ୍ରୋ ଟାୱାର,
ଭୋଇ ନଗର, ଭୁବନେଶ୍ୱର ୨୨
ଆବିର୍ଭାବ: ୧୯।୦୪।୧୯୫୮
ତିରୋଧାନ: ୦୭।୦୯।୨୦୦୪ (ଜନ୍ମାଷ୍ଟମି)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ
ଈଶ୍ୱରଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି।
ଲକ୍ଷ୍ମୀନୃସିଂହ ଓ ରୋନିତ୍।
ଧ–୬୧୦୨୨

### ଏକାଦଶାହ ଉପଲକ୍ଷେ
### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପ୍ରକାଶ କୁମାର କର**
ଆବିର୍ଭାବ: ୨୭।୦୨।୧୯୬୧
ତିରୋଧାନ: ୨୪।୦୮।୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି
ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ
ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ,
ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ–୬୩୪୮୩

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

| | |
|---|---|
| Dollar (26) | 71.00 |
| Sensex (45.03) | 38,645.07 |
| Nifty (3.70) | 11,680.50 |
| Gold (₹ 10) | 31,350.00 |
| Silver (₹ 50) | 38,350.00 |

“ ଦୀର୍ଘ ୬ବର୍ଷର ଆଲୋଚନା ପରେ ଆସନ୍ତା ନଭେମ୍ବରରେ ଭାରତ ସମେତ ୧୬ଟି ଦେଶର ରାଷ୍ଟ୍ରମୁଖ୍ୟଙ୍କ ଉପସ୍ଥିତିରେ ବିଶ୍ୱର ସବୁଠାରୁ ବଡ଼ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା

– ଚାନ୍ ଚୁଙ୍ଗ ସିଙ୍ଗ, ବାଣିଜ୍ୟ ମନ୍ତ୍ରୀ ସିଙ୍ଗାପୁର



“ ଭାରତ ଓ ଆସିଆନ ଦେଶସମୂହ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ବଢ଼ିବାରେ ଲାଗିଛି। ଉଭୟ ପକ୍ଷ ମଧ୍ୟରେ ବାର୍ଷିକ ୮୦ ବିଲିୟନ ଡଲାର କାରବାର ହେଉଥିବା ବେଳେ ଏହାକୁ ୨୦୦ ବିଲିୟନ ଡଲାରକୁ ପହଞ୍ଚାଇବାକୁ ହେବ।

– ରଶେଶ ଶାହ୍, ପ୍ରେସିଡେଣ୍ଟ, ଫିକ୍କି



# ଦ୍ୱାରଦେଶରେ ପହଞ୍ଚିବ ଡାକ ବ୍ୟାଙ୍କ

ନୂଆଦିଲ୍ଲୀ,୧–୯

ବ୍ୟାଙ୍କିଙ୍ଗ ସେବାକୁ ଦ୍ୱାରଦେଶରେ ପହଞ୍ଚାଇବା ଲାଗି ଏନଡିଏ ସରକାରଙ୍କ ଲକ୍ଷ୍ୟ ଶନିବାର ପୂରଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ(ଆଇପିପିବି)କୁ ଲଞ୍ଚ କରିଛନ୍ତି। ସାରା ଦେଶରେ ବିଛାଇ ହୋଇ ରହିଥିବା ପ୍ରାୟ ୧.୫୫ ଲକ୍ଷ ପୋଷ୍ଟ ଅଫିସ ଓ ୬୫୦ ବ୍ୟାଙ୍କ ଶାଖା,୩୨୫୦ ଆକ୍ସେସ ପଏଣ୍ଟ, ପ୍ରାୟ ୩ ଲକ୍ଷ ଡାକ ପିଅନ ଏବଂ ଗ୍ରାମୀଣ ଡାକ ସେବକଙ୍କ ଜରିଆରେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବ୍ୟାଙ୍କିଙ୍ଗ ସେବା ଦ୍ୱାରଦେଶରେ ପହଞ୍ଚାଯିବ।

ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ(ଆଇପିପିବି) ଅନ୍ୟ ବ୍ୟାଙ୍କ ଭଳି କାର୍ଯ୍ୟ କରୁଥିଲେ ହେଁ ଋଣ ପ୍ରଦାନର ବିପଦ(ଏନ୍‌ପିଏ ସମସ୍ୟା)ରୁ ଦୂରେଇ ରହି ଏହା ସୀମିତ କାର୍ଯ୍ୟକ୍ଷେତ୍ର ଭିତରେ ତା'ର ଦାୟିତ୍ୱ ତୁଲାଇବ। ଅନ୍ୟ ବ୍ୟାଙ୍କ ଭଳି ଆଇପିପିବିରୁ ଗ୍ରାହକଙ୍କୁ ଋଣ ଅଥବା କ୍ରେଡିଟ୍ କାର୍ଡ ମିଳିବ ନାହିଁ। ଅନ୍ୟ ବ୍ୟାଙ୍କ ଭଳି ଆଇପିପିବିରେ ଜଣେ ଗ୍ରାହକ ବ୍ୟକ୍ତିଗତ ଆକାଉଣ୍ଟରେ ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ରଖିପାରିବ। ଯୋଗାଯୋଗ ମନ୍ତ୍ରୀ ମନୋଜ ସିହ୍ନା କହିଥିଲେ ଯେ, ଆଜିଠାରୁ ଆଇପିପିବି ଏହାର ସେବା ୬୫୦ ଶାଖା, ୩୨୫୦ ଆକ୍ସେସ ପଏଣ୍ଟ ଜରିଆରେ ଯୋଗାଇବ। ଯେକୌଣସି ବ୍ୟକ୍ତିଗତ ଆକାଉଣ୍ଟରେ ୧ ଲକ୍ଷ ଟଙ୍କାରୁ ଅଧିକ ଜମା ରାଶି ରହିଲେ ଏହା ସ୍ୱତଃ ପୋଷ୍ଟ ଅଫିସ ସେଭିଙ୍ଗ୍ସ ଆକାଉଣ୍ଟରେ ପରିବର୍ତ୍ତିତ ହୋଇଯିବ। କେନ୍ଦ୍ର ସରକାରଙ୍କ ଶତପ୍ରତିଶତ ମାଲିକାନାରେ ଥିବା ଆଇପିପିବି ଡିପାର୍ଟମେଣ୍ଟ ଅଫ ପୋଷ୍ଟ ଅଧୀନରେ ଗଠନ କରାଯାଇଛି। ଟେକ୍ନୋଲୋଜିର ସହାୟତା ନିଆଯାଇ ଆଇପିପିବିରେ ଆଧାର ଇ–କେୱାଇସି ମାଧ୍ୟମରେ ଯେକୌଣସି ବ୍ୟକ୍ତିଙ୍କର ସେଭିଙ୍ଗସ ଆକାଉଣ୍ଟ ଖୋଲି ହେବ। ଏହାଛଡ଼ା କ୍ୟୁଆର୍ କୋଡ୍ ଓ ବାୟୋମେଟ୍ରିକ ଜରିଆରେ ସ୍ୱୀକୃତି ପ୍ରଦାନ, କାରବାର ଏବଂ ଦେୟ ପ୍ରଦାନକୁ ସୁନିଶ୍ଚିତ କରାଯିବ। ସ୍ମାର୍ଟଫୋନ ଓ ବାୟୋମେଟ୍ରିକ ମେଶିନ ସହାୟତାରେ ଗ୍ରାମୀଣ ଡାକସେବକ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବାକୁ ପହଞ୍ଚାଇବେ। ପ୍ରାୟ ୧୭ କୋଟି ପୋଷ୍ଟାଲ ସେଭିଙ୍ଗସ ଆକାଉଣ୍ଟକୁ ଆଇପିପିବି ସହ ଯୋଡାଯିବ।



**୬୫୦ ଶାଖା, ୩୨୫୦ ଆକ୍ସେସ୍ ପଏଣ୍ଟ ଓ ୧.୫୫ ଲକ୍ଷ ପୋଷ୍ଟ ଅଫିସରେ ବ୍ୟାଙ୍କ ସେବା**

# ସୁନ୍ଦରମ୍ ସର୍ଭିସେସ୍ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ,୧–୯

ଦେଶର ଜିଡିପି କ୍ଷେତ୍ରରେ ସେବା କ୍ଷେତ୍ରର ଅବଦାନ ୫୩% ରହିଥିବା ବେଳେ ମୋଟ ବଜାର କ୍ୟାପିଟାଲାଇଜେଶନ ୩୫% ରହିଛି। ଏହି କ୍ଷେତ୍ରରେ ପୁଞ୍ଜିବଜାରରେ ପଞ୍ଜୀକୃତ ସଂସ୍ଥାଗୁଡିକ ଲାଗି ସମ୍ପ୍ରସାରଣର ବିଶେଷ ସୁଯୋଗ ରହିଛି। ସେବା କ୍ଷେତ୍ରର ବର୍ଦ୍ଧିତ ଚାହିଦାକୁ ନଜରରେ ରଖି ପ୍ରମୁଖ ଫଣ୍ଡ ହାଉସ ସୁନ୍ଦରମ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ ନୂଆ ଫଣ୍ଡ ଅଫର (ଏନ୍‌ଏଫ୍‌ଓ) 'ସୁନ୍ଦରମ୍ ସର୍ଭିସେସ୍ ଫଣ୍ଡ' ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ଓପନ ଏଣ୍ଡେଡ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ହୋଇଥିବା ବେଳେ ଏହାର ସବସ୍କ୍ରିପଶନ ଆରମ୍ଭ ହୋଇଛି। ସବସ୍କ୍ରିପଶନର ଶେଷ ତାରିଖ ସେପ୍ଟେମ୍ବର ୧୨ ରହିଛି। ଏଥିରେ ସର୍ବନିମ୍ନ ୫୦୦୦ ଟଙ୍କା ନିବେଶ କରାଯାଇ ପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଘରୋଇ ବଜାରରେ ସେବା କ୍ଷେତ୍ର ଦ୍ରୁତ ଅଭିବୃଦ୍ଧି ସାଧନ କରୁଥିବା ବେଳେ ଲୋକଙ୍କ କ୍ରୟ ଶକ୍ତି , ସୋସିଆଲ ମୋବିଲିଟିରେ ଉନ୍ନତି ଏବଂ ସହରୀକରଣ ଧାରାରେ ବୃଦ୍ଧି ଘଟିଥିବା ସୁନ୍ଦରମ ମ୍ୟୁଚୁଆଲ ଫଣ୍ଡର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସୁନୀଲ ସୁବ୍ରମଣ୍ୟମ ସୂଚନା ଦେଇଛନ୍ତି। ଏସିଆର ତୃତୀୟ ବୃହତ୍ ଅର୍ଥନୀତି ଭାରତରେ ସେବା କ୍ଷେତ୍ରର ସାଙ୍ଗଠନିକ ଧାରା ଉନ୍ନତ ରହିଛି। ଭାରତର ସର୍ଭିସ ଇଣ୍ଡେକ୍ସ ଗତ ଦଶନ୍ଧିରେ ୫ଏକ୍ସ ରିଟର୍ନ ପ୍ରଦାନ କରିଛି। ସେହିଭଳି ବିଶ୍ୱ ବଜାରରେ କଞ୍ଜ୍ୟୁମର ସର୍ଭିସ ଥିମ୍ ଭଲ ପ୍ରଦର୍ଶନ କରୁଛି ବୋଲି ସୁବ୍ରମଣ୍ୟନ ସୂଚନା ଦେଇଛନ୍ତି।



## ଖବର ଏଇ ସପ୍ତାହ

### ଅଭିବୃଦ୍ଧି ୮.୨% ଛୁଇଁଲା

ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରର ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ଉନ୍ନତିଧାରା ପରିଲକ୍ଷିତ ହୋଇଛି। ଏପ୍ରିଲ-ଜୁନ (ପ୍ରଥମ ତ୍ରୈମାସ)ସମୟରେ ଅଭିବୃଦ୍ଧି ୮.୨% ଛୁଇଁଛି। ଏହା ଗତ ୧୫ ତ୍ରୈମାସ ମଧ୍ୟରେ ସର୍ବାଧିକ। ବଜାରର ମାନୁଫାକଚରିଂ ଓ କୃଷି କ୍ଷେତ୍ରରେ ଉନ୍ନତି ଯୋଗୁ ଅର୍ଥନୀତିରେ ଏଭଳି ପରିବର୍ତ୍ତନ ଆସିଛି। ଶୁକ୍ରବାର ସରକାର ପ୍ରକାଶ କରିଥିବା ତଥ୍ୟରୁ ଏହି ସୂଚନା ମିଳିଛି। ଘରୋଇ ବଜାର ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ପରିଗଣିତ ହେଉଥିବା ବେଳେ ଏଭଳି ଅଭିବୃଦ୍ଧି ଧାରା ଭାରତର ସ୍ଥିତିକୁ ଆହୁରି ଦୃଢ଼ କରିଛି। ସମାନ ସମୟରେ ଚାଇନାର ଅଭିବୃଦ୍ଧି ହାର ୬.୭% ରହିଛି।

### ପ୍ରମୁଖ କ୍ଷେତ୍ର ଅଭିବୃଦ୍ଧି ୬.୬%

ଜୁଲାଇରେ ୮ ପ୍ରମୁଖ କ୍ଷେତ୍ରର ଅଭିବୃଦ୍ଧି ୬.୬% ରହିଛି। କୋଇଲା, ରିଫାଇନେରି ପ୍ରଡକ୍ଟ, ସିମେଣ୍ଟ ଏବଂ ସାର ଭଳି କ୍ଷେତ୍ରଗୁଡିକରେ ଉନ୍ନତ ପ୍ରଦର୍ଶନ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଗତ ବର୍ଷ ଜୁଲାଇରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ଉତ୍ପାଦ, ସାର, ଷ୍ଟିଲ୍ , ସିମେଣ୍ଟ, ଇଲେକଟ୍ରିସିଟି ଭଳି ୮ ପ୍ରମୁଖ କ୍ଷେତ୍ରରେ ଅଭିବୃଦ୍ଧି ୨.୯% ରହିଥିଲା। ଜୁଲାଇ ୨୦୧୮ରେ କୋଇଲା, ରିଫାଇନେରି ପ୍ରଡକ୍ଟ, ସାର ଓ ସିମେଣ୍ଟ କ୍ଷେତ୍ରରେ ଅଭିବୃଦ୍ଧି ଯଥାକ୍ରମେ ୯.୭%, ୧୨.୩%, ୧.୩% ଏବଂ ୧୦.୮% ରହିଛି।

### ଏଲ୍‌ପିଜି ଦର ବଢ଼ିଲା

ଶୁକ୍ରବାର ସବ୍‌ସିଡିଯୁକ୍ତ ଘରୋଇ ରନ୍ଧନ ଗ୍ୟାସ୍(ଏଲ୍‌ପିଜି) ସିଲିଣ୍ଡର ଦାମ ୧.୪୯ ଟଙ୍କା ବୃଦ୍ଧି ପାଇଛି। ଫଳରେ ଦିଲ୍ଲୀରେ ଶୁକ୍ରବାର ମଧ୍ୟରାତ୍ରିରୁ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ ୪୯୮.୦୨ ଟଙ୍କାରୁ ୪୯୯.୫୧ଟଙ୍କାକୁ ବଢ଼ିଯାଇଛି। ସେହିପରି ଦିଲ୍ଲୀରେ ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ ୩୦.୫୦ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଗୋଟିଏ ସିଲିଣ୍ଡର ଦାମ ବୃଦ୍ଧି ପାଇ ୮୨୯ ଟଙ୍କା ହୋଇଛି।

# ହ୍ୟାଣ୍ଡଲୁମ୍ ପ୍ରଡକ୍ଟର ଆଦୃତି ବଢୁଛି

ସମୟ ଥିଲା ଗୋଟିଏ ରାଜ୍ୟର ହସ୍ତତନ୍ତ ସାମଗ୍ରୀ ପାଇବାକୁ ହେଲେ ସେହି ରାଜ୍ୟ କିମ୍ବା କିଛି ବଛା ବଛା ସ୍ଥାନକୁ ଯିବାକୁ ପଡୁଥିଲା। ଏହା ସମୟ ସାପେକ୍ଷ ତଥା ବ୍ୟୟ ସାପେକ୍ଷ ହେଉଥିଲା। ଜଗତୀକରଣ ତଥା ବଜାର ସୁବିଧା ଉନ୍ନତ ହେବା ଯୋଗୁ ଏବେ କୌଣସି ରାଜ୍ୟର ବୁଣାକାରଙ୍କ ସାମଗ୍ରୀ ଲୋକମାନେ ନିଜ ସହରରେ ପାଇ ପାରୁଛନ୍ତି। ଏଥିଲାଗି ସ୍ୱତନ୍ତ୍ର ପ୍ରଦର୍ଶନୀମାନ ଆୟୋଜନ ହେଉଛି। ଶୁକ୍ରବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି 'କଟନ ଫ୍ୟାବ ୨୦୧୮'। ଏଠାରେ ୧୫୦ ଷ୍ଟଲରେ ୨୩ ରାଜ୍ୟର ୧୫୦ ବୁଣାକାର ସେମାନଙ୍କ ହାତବୁଣା ସାମଗ୍ରୀର ପ୍ରଦର୍ଶନ ତଥା ବିକ୍ରି କରୁଛନ୍ତି। ଏହି କାରିଗରମାନଙ୍କୁ ଏକକ ପ୍ଲାଟଫର୍ମ ପ୍ରଦାନ କରିଛି ଉତ୍ତର ପ୍ରଦେଶର ଅୱଧ ହସ୍ତକରଘା , ହସ୍ତଶିଳ୍ପ ଏବଂ ଗ୍ରାମୋଦ୍ୟୋଗ ସମିତି। ଏହାର ସମ୍ପାଦକ ଜାଭେଦ ଆଲାମ ମେଳା ଆୟୋଜନ ତଥା ହସ୍ତଶିଳ୍ପ କାରିଗରଙ୍କୁ ଉନ୍ନତୀକରଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଧରିତ୍ରୀକୁ ଦେଇଥିବା ସାକ୍ଷାତକାରର କିୟଦଂଶ....



■ **ଓଡିଶା ବଜାରରେ ହ୍ୟାଣ୍ଡଲୁମ୍ ସାମଗ୍ରୀକୁ ନେଇ ଗ୍ରାହକଙ୍କ ରେସପନ୍ସ କିଭଳି ରହିଛି।**

❖ ଏଠାରେ ହ୍ୟାଣ୍ଡଲୁମ୍ ସାମଗ୍ରୀକୁ ନେଇ ଗ୍ରାହକଙ୍କ ମଧ୍ୟରେ ଭଲ ରେସପନ୍ସ ରହିଛି। ଚଳିତ ବର୍ଷ ଆମେ ୧୦ ବର୍ଷ ଲାଗି ଏଠାରେ ପ୍ରଦର୍ଶନୀ ଆୟୋଜନ କରୁଛୁ। ୨୩ ରାଜ୍ୟର ୧୫୦ ଶିଳ୍ପୀ ଏହି ପ୍ରଦର୍ଶନୀରେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ତଥା ବିକ୍ରି କରୁଛନ୍ତି। ଲୋକଙ୍କ ଚାହିଦା ରହିଥିବାରୁ ଏଠାରେ ପ୍ରତିବର୍ଷ ଆମେ ଏଭଳି ପ୍ରଦର୍ଶନୀ ଆୟୋଜନ କରୁଛୁ।

■ **ପାର୍ବଣ ସମୟ ଆସୁଥିବାରୁ ଚଳିତ ବର୍ଷ ମେଳାରେ ବ୍ୟବସାୟ ନେଇ କ'ଣ ଲକ୍ଷ୍ୟ ରଖିଛନ୍ତି?**

❖ ପୂର୍ବବର୍ଷଗୁଡିକ ଭଳି ଚଳିତ ବର୍ଷ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି। ପାର୍ବଣ ସମୟ ଆସୁଥିବାରୁ ଏଠାରେ ଗ୍ରାହକମାନେ ବିଭିନ୍ନ ରାଜ୍ୟର ସାମଗ୍ରୀ ସେମାନଙ୍କ ପସନ୍ଦ ମୁତାବକ ସିଧାସଳଖ କାରିଗରଙ୍କଠାରୁ ସୁଲଭ ମୂଲ୍ୟରେ ପାଇପାରିବେ। ଗତ ବର୍ଷ ୯୦ ଲକ୍ଷ ଟଙ୍କା ବ୍ୟବସାୟ ହୋଇଥିଲା। ଏହା ଚଳିତ ବର୍ଷ ୧ କୋଟି ଟପିବ ବୋଲି ଆଶା କରାଯାଉଛି।

■ **ହ୍ୟାଣ୍ଡଲୁମ୍ ପ୍ରଡକ୍ଟ କ୍ରୟ ନେଇ ଲୋକଙ୍କ ବ୍ୟବହାର ତଥା ଓଡିଶା ବଜାରକୁ ନେଇ କ'ଣ କହିବେ?**

❖ ହ୍ୟାଣ୍ଡଲୁମ ପ୍ରଡକ୍ଟ ପ୍ରତି ଲୋକଙ୍କ ଚାହିଦାରେ ବିଶେଷ ଭାବେ ପରିବର୍ତ୍ତନ ଆସିଛି। ପୂର୍ବରୁ କୌଣସି ଗ୍ରାହକ ଯଦି ଅନ୍ୟ ରାଜ୍ୟର ସ୍ୱତନ୍ତ୍ର ଶାଢି, କପଡା, ବୁଣାକାର ସାମଗ୍ରୀ ଲାଭ କରିବାକୁ ଚାହୁଁଥିଲେ ଏହା ବ୍ୟୟସାପେକ୍ଷ ରହିଥିଲା। ମାତ୍ର ଏଭଳି ପ୍ରଦର୍ଶନୀ ଦ୍ୱାରା ଲୋକମାନେ ସେମାନଙ୍କ ପସନ୍ଦ ସାମଗ୍ରୀ ନିଜ ସହରରେ ପାଇ ପାରୁଛନ୍ତି। ଏହା ଦ୍ୱାରା କାରିଗରଙ୍କ ରୋଜଗାର ତଥା ଗ୍ରାହକଙ୍କୁ ସୁଲଭରେ ସାମଗ୍ରୀ ଉପଲବ୍ଧ ହେଉଛି। ଗତ ୧୦ ବର୍ଷ ମଧ୍ୟରେ ଆମେ ଏଠାକାର ଗ୍ରାହକଙ୍କ ମଧ୍ୟରେ ବିଭିନ୍ନ ରାଜ୍ୟର ହ୍ୟାଣ୍ଡଲୁମ୍ ପ୍ରଡକ୍ଟ ନେଇ ବିଶେଷ ଆଗ୍ରହ ଦେଖିବାକୁ ପାଇଛୁ।

■ **ଓଡିଶାର ହ୍ୟାଣ୍ଡଲୁମ୍ ପ୍ରଡକ୍ଟ ସମ୍ପର୍କରେ କ'ଣ କହିବେ?**

❖ ଓଡିଶାର ହ୍ୟାଣ୍ଡଲୁମ୍ ପ୍ରଡକ୍ଟର ସ୍ୱତନ୍ତ୍ରତା ରହିଛି। ଆମ ପ୍ଲାଟଫର୍ମରେ ୨୦୦୦ କାରିଗର ସାମିଲ ଥିବା ବେଳେ ଏଠାରୁ ୨୦ରୁ ଅଧିକ ଶିଳ୍ପୀ ସାମିଲ ରହିଛନ୍ତି। କାରିଗରମାନେ ସେମାନଙ୍କ ଉତ୍ପାଦକୁ ଅନ୍ୟ ରାଜ୍ୟରେ ବିକ୍ରି ମଧ୍ୟ କରିପାରୁଛନ୍ତି।

■ **ହ୍ୟାଣ୍ଡଲୁମ ସହ ଜଡିତ କାରିଗରଙ୍କ ବିକାଶ ଦିଗରେ କି ପଦକ୍ଷେପ ନେଉଛନ୍ତି?**

❖ ଆମେ ଅୱଧ ସୋସାଇଟି ଦ୍ୱାରା ଗତ ୨୦ ବର୍ଷ ଧରି କାରିଗରଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛୁ। ସେମାନଙ୍କ ପ୍ରଡକ୍ଟର ବିକ୍ରି ଲାଗି ମେଳାର ଆୟୋଜନ, ମାର୍କେଟିଂ ବ୍ୟବସ୍ଥା, ବୁଣାକାରଙ୍କୁ ପରାମର୍ଶ, ତାଲିମ, ଡିଜାଇନ୍ ସମ୍ପର୍କିତ ଜ୍ଞାନକୌଶଳ, ବୀମା ସୁବିଧା ଭଳି ବିଭିନ୍ନ ପଦକ୍ଷେପ ନେଉଛି। ଦେଶରେ ପ୍ରତିବର୍ଷ ୧୫ ପ୍ରଦର୍ଶନୀ ଆୟୋଜନ କରାଯାଉଛି। ବିଦେଶରେ ଏଭଳି ପ୍ରଦର୍ଶନୀ ଆୟୋଜନ ନେଇ ଲକ୍ଷ୍ୟ ରହିଛି।

– ରିପୋର୍ଟ: ସତ୍ୟାନନ୍ଦ ନାୟକ

# ଏଲ୍‌ଆଇସି ପକ୍ଷରୁ ୬୨ ବର୍ଷ ପୂର୍ତ୍ତି ପାଳନ



କଟକ/ଭୁବନେଶ୍ୱର,୧–୯

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ୬୨ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏହି ଅବସରରେ ଏହାର କଟକ, ଭୁବନେଶ୍ୱର ସମେତ ଅନ୍ୟ ମଣ୍ଡଳ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଲ୍‌ଆଇସିର କଟକ ମଣ୍ଡଳ ଅଧୀନରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଚଳନଶୀଳ ପଲିସି ରହିଛି। ୨୦୧୭–୧୮ ଆର୍ଥିକ ବର୍ଷରେ ୪.୯୬ ଲକ୍ଷ ନୂଆ ପଲିସି ସହ ସର୍ବ ଭାରତୀୟସ୍ତରରେ ପଲିସି ସଂଖ୍ୟାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଗତ ବର୍ଷ କଟକ ମଣ୍ଡଳ ୬୩୧.୪୧ କୋଟି ନୂତନ ପ୍ରିମିୟମ ଆୟ କରି ପୂର୍ବ ମଧ କ୍ଷେତ୍ରରେ ପ୍ରଥମ ସ୍ଥାନ ଏବଂ ସର୍ବଭାରତୀୟ ସ୍ତରରେ ୧୦ ନମ୍ବର ସ୍ଥାନରେ ରହିଛି। ମଣ୍ଡଳର ଭଦ୍ରକ ଶାଖା ପଲିସି କ୍ଷେତ୍ରରେ ସାରା ଦେଶରେ ତୃତୀୟ ସ୍ଥାନରେ ରହିଛି। ସେହିଭଳି ଯାଜପୁର ଶାଖା ୫ମ ସ୍ଥାନ, ବାଲେଶ୍ୱର ସପ୍ତମ ଶାଖା ସ୍ଥାନରେ ରହିଥିବା କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ରାଉତରାୟ ସୂଚନା ଦେଇଛନ୍ତି। ସେହିଭଳି ଭୁବନେଶ୍ୱର ମଣ୍ଡଳ ୨୦୧୭–୧୮ରେ ୧୦.୨୧ ଲକ୍ଷ ପଲିସି ସହ ୧୪୪୨ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରିବାକୁ ସକ୍ଷମ ହୋଇଛି। ଚଳିତ ବର୍ଷ ୧୦.୫୪ ଲକ୍ଷ ନୂଆ ପଲିସି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୧୫୬୭ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ, ୨ ହଜାର ନୂଆ ଏଜେଣ୍ଟ ନିଯୁକ୍ତି ଲାଗି ଯୋଜନା ରହିଥିବା ସିନିୟର ଡିଭିଜନ ମ୍ୟାନେଜର ଏଲ୍.ପି. ଦାସ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି।

## ସାପ୍ତାହିକ ସମୀକ୍ଷା

### କ୍ରମାଗତ ଷଷ୍ଠ ସପ୍ତାହ ବଜାର ବୃଦ୍ଧି

ମୁମ୍ବାଇ,୧–୯

ନିବେଶକଙ୍କ ଆସ୍ଥା ପ୍ରକଟ ଯୋଗୁ ଷ୍ଟକ୍ ମାର୍କେଟ ବୃଦ୍ଧି ଜାରି ରହିଛି। କ୍ରମାଗତ ଷଷ୍ଠ ସପ୍ତାହ ଧରି ବଜାରରେ ବୃଦ୍ଧି ପରିଲକ୍ଷିତ ହୋଇଛି। ସପ୍ତାହ ଶେଷ ବେଳକୁ ସେନସେକ୍ସରେ ୩୯୩.୨୭ ପଏଣ୍ଟ ବୃଦ୍ଧି ପାଇ ୩୮,୬୪୫.୦୭ରେ ଏବଂ ନିଫ୍ଟି ୧୨୩.୪୦ ପଏଣ୍ଟ ବଢ଼ି ୧୧,୬୮୦.୫୦ରେ ବନ୍ଦ ହୋଇଛି। ଅଗଷ୍ଟ ଏଫ୍ ଆଣ୍ଡଓ କାରବାର ଏକ୍ସପାରୀ ହେବାକୁ ଥିବା ବେଳେ ପ୍ରାୟ ସମସ୍ତ ଷ୍ଟକ୍‌ରେ ର୍‍ୟାଲି ଯୋଗୁ ସେନସେକ୍ସ ବଢ଼ିଥିବା ଦେଖାଯାଇଥିଲା।




## ନୂଆ ନିଯୁକ୍ତି

### ଶ୍ରୀଧର ପାତ୍ର ନାଲ୍‌କୋର ଅର୍ଥ ନିର୍ଦ୍ଦେଶକ

ଭୁବନେଶ୍ୱର,୧–୯

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ)ର ନୂଆ ଅର୍ଥ ନିର୍ଦ୍ଦେଶକ ଭାବେ ଶ୍ରୀଧର ପାତ୍ର ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଟିଏଚ୍‌ଡିସି ଇଣ୍ଡିଆ ଲିମିଟେଡର ଅର୍ଥ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଦୀର୍ଘ ୩୦ ବର୍ଷର କାର୍ଯ୍ୟ ଅଭିଜ୍ଞତା ରହିଛି। ଓଡିଶା ଖଣି ନିଗମ, ଇଣ୍ଡିଆନ୍ ରେୟାର ଆର୍ଥସ ଲିମିଟେଡ, ମାଙ୍ଗାଲୋର ରିଫାଇନେରି ଆଣ୍ଡ ପେଟ୍ରୋକେମିକାଲ ଲିମିଟେଡ ଭଳି ସ୍ଥାନରେ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ନାଲ୍‌କୋ ଅଧ୍ୟକ୍ଷ ଚାନ୍ଦ ତାଙ୍କୁ ବୋର୍ଡକୁ ସ୍ୱାଗତ କରିଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ ଓ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟରୁ ଏଚ୍‌ଆରଡି ଡିଗ୍ରୀ ହାସଲ କରିଛନ୍ତି। ସେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟର୍ଡ ଆକାଉଣ୍ଟାଣ୍ଟସର ଜଣେ ସଦସ୍ୟ।



No. 08-W:-

न्याय सब के लिए
ACCESS TO JUSTICE FOR ALL

# ରାଷ୍ଟ୍ରୀୟ ଲୋକ ଅଦାଲତ

ତା୦୮।୦୯।୨୦୧୮ରିଖ (ଶନିବାର)

## ବିଶେଷ ସୂଚନା

୧. ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହାସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା / ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।
୩. ତା୦୮।୦୯।୨୦୧୮ରିଖ (ଶନିବାର)ରେ ଉଚ୍ଚନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍–ମକଦ୍ଦମା ସ୍ତରୀୟ (କଚେରୀରେ ଦାଏର ହୋଇନଥିବା) ବ୍ୟାଙ୍କଋଣ ବିବାଦ, ଶ୍ରମବିବାଦ, ପାରିବାରିକ ବିବାଦ ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା / ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
କଟକ
ଯୋଗାଯୋଗ: (୦୬୭୧) ୨୩୦୭୦୭୧

18008/11/0008/1819

ଓଡ଼ିଶା ସରକାର

# ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

File No. - L.A.-IX-4/2016/13634 Dated: 29.08.2018

No.: XXXIII-08: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧା ଜିଲ୍ଲାର ତରତୁଆ ମୌଜାରେ ଆଇ.ଟି.ବି.ପି. ସେକ୍ଟର ହେଡକ୍ୱାର୍ଟର ପ୍ରତିଷ୍ଠା ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– ତରତୁଆ, ଥାନା– ଖୋର୍ଦ୍ଧା, ତହସିଲ– ଖୋର୍ଦ୍ଧା, ଜିଲ୍ଲା– ଖୋର୍ଦ୍ଧାରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୫୧୫ ଡିସିମିଲ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ତରତୁଆ ମୌଜାରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା– ଆଇ.ଟି.ବି.ପି. ସେକ୍ଟର ହେଡକ୍ୱାର୍ଟର ପ୍ରତିଷ୍ଠା ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – କମାଣ୍ଡାଣ୍ଟ (ଇଞ୍ଜିନିୟର), ଏସ୍.ଏଚ.କ୍ୟୁ (ଭୁବନେଶ୍ୱର), ଆଇ.ଟି.ବି.ପି., ତରତୁଆ, ଖୋର୍ଦ୍ଧା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ତରତୁଆ ମୌଜାରେ ଆଇ.ଟି.ବି.ପି. ସେକ୍ଟର ହେଡକ୍ୱାର୍ଟର ପ୍ରତିଷ୍ଠା ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର ରାଜସ୍ୱ ଓ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା – ୧୭୩୬୮ / ୧୪।୦୫।୨୦୧୮ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ–ଜିଲ୍ଲାପାଳ, ଖୋର୍ଦ୍ଧା।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଖୋର୍ଦ୍ଧା | ଖୋର୍ଦ୍ଧା | ତରତୁଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୫୧୫ | ୦.୫୧୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଖୋର୍ଦ୍ଧା

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚିତ)
ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଖୋର୍ଦ୍ଧା, ମୌଜା: ତରତୁଆ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଖୋର୍ଦ୍ଧା | ଖୋର୍ଦ୍ଧା | ତରତୁଆ | ଗ୍ରାମାଞ୍ଚଳ | ୭୯ | ୧୩୬୩ | ୦.୦୩୧ | ୦.୦୩୧ | କରିମନ ବିବି, ସ୍ୱା.– ସେକ ଅସରଫ ଅଲି, ତରତୁଆ |
| | | | | ୩୧ | ୧୩୬୪ | ୦.୨୭୮ | ୦.୨୭୮ | ଅଲିମା ବିବି, ସ୍ୱା.– ମହମ୍ମଦ ତହିଦ, ବେଣାପଞ୍ଜରୀ |
| | | | | ୭୬୪/୯୫ | ୧୩୬୫ | ୦.୧୦୩ | ୦.୧୦୩ | ଖୁର୍ଶିଦା ବେଗମ, ସ୍ୱା.– ସେକ ଅବରାରୁଦ୍ଦିନ, ତରତୁଆ |
| | | | | ୬୬୧ | ୧୩୬୬ | ୦.୧୦୩ | ୦.୧୦୩ | ସମଦ ଖାଁ, ଅଜମତ ଖାଁ, ରଜମତ ଖାଁ, ପି.– ରହେମତ ଖାଁ, ମୋଟରି |
| | | | | | | ମୋଟ | ଏ.୦.୫୧୫ | |

24013/14/0008/1819 ସ୍ୱା./– ଭୂ–ଅର୍ଜନ ଅଧିକାରୀ, ଖୋର୍ଦ୍ଧା



ସ୍ୱର୍ଣ୍ଣ ବିଜୟୀ ପ୍ରଣବ ବର୍ଦ୍ଧନ ଓ ଶିବନାଥ ସରକାର।

## ବ୍ରିଜ୍‌ରେ ବର୍ଦ୍ଧନ, ସରକାରଙ୍କୁ ସ୍ୱର୍ଣ୍ଣ

**ଜାକର୍ତ୍ତା, ୧୯ (ପି.ଟି.):** ଏସିଆନ ଗେମ୍ସରେ ଭାରତର ପ୍ରଣବ ବର୍ଦ୍ଧନ ଓ ଶିବନାଥ ସରକାର ବ୍ରିଜ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଯୋଡି ଶନିବାର ଅନୁଷ୍ଠିତ ପୁରୁଷ ପେୟାର ଇଭେଣ୍ଟରେ ବିଜୟୀ ହୋଇ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଏଥିସହ ପ୍ରଣବ ଭାରତୀୟ ଦଳରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଭାବେ ପଦକ ଜିତିଛନ୍ତି। ୬୦ ବର୍ଷୀୟ ବର୍ଦ୍ଧନ ଓ ୫୬ ବର୍ଷୀୟ ସରକାର ୩୮୪ ପଏଣ୍ଟ ସ୍କୋର କରିଛନ୍ତି। ଉକ୍ତ ଭାରତୀୟ ଯୋଡି ଚାଇନାର ଲିକ୍ସିନ ୟାଙ୍ଗ୍ ଓ ଗାଙ୍ଗ ଚେନଙ୍କୁ ହରାଇ ବାଜି ମାରିଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଏହି ଚାଇନା ଯୋଡି ୩୭୮ ପଏଣ୍ଟ ସ୍କୋର କରିଥିଲେ। ଏସିଆନ ଗେମ୍ସରେ ବ୍ରିଜ ଏଥର ପଦାର୍ପଣ କରିଛି।

ଆୟୋଜକ ଇଣ୍ଡୋନେସିଆର ହେଙ୍କି ଲାସୁସ ଓ ଫ୍ରେଙ୍କୀ ଏଣ୍ଡ୍ରୀ ମନୋପ୍ପୋ ୩୭୪ ସ୍କୋର କରିବା ସହ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ହଂକଂର ମାକ କ୍ୱୋକ ଫାଇ ଓ ଲାଇ ୱାଇ କିଟ ୩୭୩ ପଏଣ୍ଟ ସ୍କୋର କରିଥିଲେ।

ସୁମିତ ମୁଖାର୍ଜୀ ଓ ଦେବବ୍ରତ ମଜୁମଦାର ୩୩୩ ପଏଣ୍ଟ ସ୍କୋର କରି ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେହିପରି ସୁବାସ ଗୁପ୍ତା ଓ ସପନ ଦେଶାଇ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

ମିକ୍ସଡ ପେୟାର ଇଭେଣ୍ଟରେ ଭାରତର ବାଚିରାଜୁ ସତ୍ୟନାରାୟନ ଓ କିରନ ନାଦାର ୩୩୩ ପଏଣ୍ଟ ସ୍କୋର କରି ପଞ୍ଚମ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେହିପରି ଅନ୍ୟତମ ଭାରତୀୟ ଯୋଡି ରାଜୀବ ଖଣ୍ଡେଲୱାଲ ଓ ହିମାନୀ ଖଣ୍ଡେଲୱାଲ ୩୨୯ ପଏଣ୍ଟ ସ୍କୋର କରି ସପ୍ତମ ସ୍ଥାନରେ ରହିଛନ୍ତି। ମହିଳା ପେୟାର ଇଭେଣ୍ଟରେ ଭାରତର ହିମା ଦେଓରା ଓ ମାରିଆନେ କର୍ମାକର ୩୪୯ ପଏଣ୍ଟ ସ୍କୋର କରି ସପ୍ତମ ସ୍ଥାନରେ ରହିଛନ୍ତି। ଭାରତ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ବ୍ରୋଞ୍ଜ ପଦକ ସହ ଓଭରାଲ ତୃତୀୟ ସ୍ଥାନରେ ରହିଛି।

ଭାରତ ପୂର୍ବରୁ ପୁରୁଷ ଟିମ ଓ ମିକ୍ସଡ ଟିମ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲା।

# ବକ୍ସିଂରେ ଅମିତଙ୍କୁ ସ୍ୱର୍ଣ୍ଣ

ଜାକର୍ତ୍ତା, ୧୯ (ପି.ଟି.)



ଫାଇନାଲ୍‌ରେ ପ୍ରତିପକ୍ଷ ବକ୍ସରଙ୍କୁ ପଞ୍ଚ୍ ମାରୁଛନ୍ତି ଭାରତର ଅମିତ ପଙ୍ଘାଲ (ଡାହାଣ)।

ଚଳିତ ଏସିଆନ ଗେମ୍ସରେ ଅମିତ ପଙ୍ଘାଲ ବକ୍ସିଂରେ ଭାରତ ପାଇଁ ଏକମାତ୍ର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ୪୯ କେ.ଜି. ବର୍ଗ ପ୍ରତିଯୋଗିତାରେ ଅମିତ ଅଲିମ୍ପିକ୍ସ ତଥା ଏସିଆନ ଚାମ୍ପିୟନ ହାସାନବଏ ଡୁସମାଟୋଭଙ୍କୁ ଫାଇନାଲରେ ୩–୨ରେ ହରାଇ ଏହି ସଫଳତା ହାସଲ କରିଛନ୍ତି। ହରିୟାଣାର ଅମିତ ଏଥିସହିତ ଅଷ୍ଟମ ଭାରତୀୟ ବକ୍ସର ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି।

ସେନବାହିନୀରେ କାର୍ଯ୍ୟ କରୁଥିବା ୨୨ ବର୍ଷୀୟ ଅମିତ୍ ଏକମାତ୍ର ଭାରତୀୟ ବକ୍ସର ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଡୁସମାଟୋଭେ ତାଙ୍କୁ ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍ ଅବସରରେ ହରାଇଥିଲେ। ଅବଶ୍ୟ ଏହି ମ୍ୟାଚ ସେତେ ବେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା।


ଏହାପୂର୍ବରୁ ବକ୍ସିଂରେ ଭାରତର ବିକାଶ କ୍ରିଷ୍ଣନ ମିଡିଲ– ୱେଟ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବକ୍ସିଂରେ ଭାରତୀୟ ପ୍ରତିଯୋଗୀମାନେ ଆଶାନୁରୂପ ସଫଳତା ଏଥର ପାଇ ନାହାନ୍ତି। ଶେଷରେ ଭାରତକୁ ମାତ୍ର ଦୁଇଟି ପଦକରେ ସନ୍ତୁଷ୍ଟ ହେବାକୁ ପଡିଛି।

ଏସିଆନ ଗେମ୍ସରେ ପଦାର୍ପଣ କରିଥିବା ଅମିତ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତାଙ୍କର କୌଶଳ ବେଶ୍ ଉଚ୍ଚକୋଟୀର ଥିଲା। ତାଙ୍କର ଜବରଦସ୍ତ ଡିଫେନ୍ସ ଡୁସମାଟୋଭଙ୍କୁ କୌଣସି ସୁଯୋଗ ଦେଇ ନ ଥିଲା। ଡୁସମାଟୋଭ ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବକ୍ସର ହୋଇଥିଲେ ମଧ୍ୟ ବିଜୟୀ ହୋଇପାରି ନ ଥିଲେ। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଏହି ବିଜୟ ସହ ଅମିତ୍ ବିଶ୍ୱଚାମ୍ପିୟନଶିପ୍ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି।

ଆଗରୁ ମୁଁ ତାଙ୍କଠାରୁ ପରାସ୍ତ ହୋଇଥିଲି। ତେଣୁ ମୋତେ ପ୍ରତିଶୋଧ ନେବାର ଥିଲା ବୋଲି ଅମିତ କହିଛନ୍ତି। କୋଚ୍ ନିଏଭା ସାଣ୍ଟିଆଗୋ ଓ ଅନ୍ୟ କୋଚ୍‌ମାନେ ମୋତେ ପ୍ରସ୍ତୁତି କରିବାରେ ବେଶ୍ ସହାୟ ହୋଇଥିଲେ। ସେମିଫାଇନାଲରେ ମୁଁ ପ୍ରଥମ ରାଉଣ୍ଡରେ ଭଲ ପ୍ରଦର୍ଶନ କରିପାରି ନ ଥିଲି। ତେବେ ଫାଇନାଲରେ ଏହି ତ୍ରୁଟିକୁ ମୁଁ ଦୋହରାଇ ନ ଥିଲି। ପ୍ରତିଆକ୍ରମଣ କରିବାକୁ କୋଚ୍ ମୋତେ ପରାମର୍ଶ ଦେଇଥିଲେ। ଇଂଲଣ୍ଡରେ ଟ୍ରେନିଂ ନେବା ମୋତେ ବେଶ୍ ସହାୟ ହୋଇଥିଲା ବୋଲି ଅମିତ କହିଛନ୍ତି। ଅମିତ୍‌ଙ୍କ ପ୍ରଦର୍ଶନକୁ କୋଚ୍ ସାଣ୍ଟିଆଗୋ ବେଶ୍ ପ୍ରଶଂସା କରିଛନ୍ତି। ଡୁସମାଟୋଭ ଜଣେ ଏକ୍ସପ୍ଲୋସିଭ୍ ବକ୍ସର ହୋଇଥିବାରୁ ତାଙ୍କଠାରୁ ଦୂରେଇ ରହିବାକୁ ଅମିତଙ୍କୁ ମୁଁ ପରାମର୍ଶ ଦେଇଥିଲି ବୋଲି ସେ କହିଛନ୍ତି।

ତେବେ ବକ୍ସିଂରେ ଭାରତର ମୋଟାମୋଟି ପ୍ରଦର୍ଶନ ଆଶାନୁରୂପ ହୋଇ ପାରି ନାହିଁ ବୋଲି ସାଣ୍ଟିଆଗୋ ସ୍ୱୀକାର କରିଛନ୍ତି। ଭାରତ ଆଉ ୨–୩ଟି ପଦକ ହାସଲ କରିପାରିଥାନ୍ତା। ଏହାପୂର୍ବରୁ ଅମିତ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ସେ ମଧ୍ୟ ବିଶ୍ୱ ଚାମ୍ପିୟନଶିପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ପୁଣି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ରୌପ୍ୟ ପଦକ ଜିତିଥିଲେ। ତେଣୁ ବକ୍ସିଂ ଅମିତଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଉଛି। ଚଳିତ ବର୍ଷ ପ୍ରାରମ୍ଭରେ ସେ ଇଣ୍ଡିଆ ଓପନ୍ ପ୍ରଥମ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଓ ବୁଲଗେରିଆରେ ଅନୁଷ୍ଠିତ ସମ୍ମାନଜନକ ଷ୍ଟ୍ରାଣ୍ଡଜା ମେମୋରିଆଲ ପ୍ରତିଯୋଗିତାରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ।

ଏହାପୂର୍ବରୁ ଏସିଆନ ଗେମ୍ସରେ ବିଜେନ୍ଦର ସିଂ ଓ ବିକାଶ କ୍ରିଷ୍ଣନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୪ ଏସିଆନ ଗେମ୍ସରେ ଏମ୍.ସି. ମେରିକମ୍ ପ୍ରଥମ ଭାରତୀୟ ମହିଳା ବକ୍ସର ଭାବେ ଏସିଆନ ଗେମ୍ସ ଗୋଲ୍ଡ ମେଡାଲ ଜିତିଛନ୍ତି। ତେବେ ପ୍ରଥମ ଭାରତୀୟ ବକ୍ସର ଭାବେ ପଦମ ବହାଦୁର ମଲ ୧୯୬୨ରେ ଏସିଆଡ ସ୍ୱର୍ଣ୍ଣ ପଦକ ଜିତିଥିଲେ। କିମ୍ବଦନ୍ତୀ ବକ୍ସର ହାୱା ସିଂ ଏକମାତ୍ର ଭାରତୀୟ ବକ୍ସର ଭାବେ ୧୯୬୬ ଓ ୧୯୭୦ ଏସିଆଡରେ କ୍ରମାଗତ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେ ହେଭିୱେଟ କାଟାଗୋରୀରେ ଏହି ସଫଳତା ପାଇଥିଲେ।



## ଉଦ୍‌ଯାପନୀରେ ତ୍ରିରଙ୍ଗା ବହନ କରିବେ ରାଣୀ

**ଜାକର୍ତ୍ତା,୧୯(ପି.ଟି):** ଚଳିତ ୧୮ତମ ଏସିଆନ ଗେମ୍ସର ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ହକି ଅଧିନାୟିକା ରାଣୀ ରାମପାଲ ଭାରତୀୟ ପତାକା ତ୍ରିରଙ୍ଗା ବହନ କରିବେ। ଶନିବାର ରାଣୀଙ୍କୁ ଏଥିପାଇଁ ଚୟନ କରାଯାଇଛି। ରବିବାର ଉଦ୍‌ଯାପନୀ ଉତ୍ସବରେ ରାଣୀ ଭାରତୀୟ ପତାକା ବହନ କରିବେ ବୋଲି ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଅଧ୍ୟକ୍ଷ ତଥା ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ମୁଖ୍ୟ ନରିନ୍ଦର ବାତ୍ରା କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଭାରତୀୟ ପତାକା ବହନ କରିଥିଲେ। ଚୋପ୍ରା ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ରାଣୀଙ୍କ ନେତୃତ୍ୱରେ ଭାରତୀୟ ମହିଳା ହକି ଦଳ ରୌପ୍ୟ ପଦକ ହାସଲ କରିଛି। ୨୦ ବର୍ଷ ପରେ ଭାରତୀୟ ଦଳ ପ୍ରଥମଥର ପାଇଁ ଏସିଆନ ଗେମ୍ସ ଫାଇନାଲରେ ପ୍ରବେଶ କରିଥିଲା। ତେବେ ଫାଇନାଲରେ ଜାପାନ ୨–୧ ଗୋଲରେ ଭାରତକୁ ହରାଇ ସ୍ୱର୍ଣ୍ଣ ଜିତିଥିଲା। ୨୩ ବର୍ଷୀୟା ରାଣୀ ଆଘାତ ସମସ୍ୟାରୁ ମୁକୁଳି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଇତିମଧ୍ୟରେ ୫୫୦ଜଣ ଭାରତୀୟ ଆଥଲେଟଙ୍କ ମଧ୍ୟରୁ ପ୍ରାୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିସାରିଛନ୍ତି। ତେଣୁ ଜାକର୍ତ୍ତାରେ ଏବେ ଯେଉଁ ଖେଳାଳିମାନେ ରହିଛନ୍ତି, ସେମାନଙ୍କ ମଧ୍ୟରୁ ଜଣଙ୍କୁ ପତାକା ବାହକ ରୂପେ ଚୟନ କରାଯାଇଛି।



ମ୍ୟାଚ୍ ଅବସରରେ ଭାରତର ସୁନୟନା କୁରୁଭିଲା (ଧଳା ଜର୍ସି)।

## ଭାରତୀୟ ମହିଳା ସ୍କ୍ୱାଶ୍ ଦଳକୁ ରୌପ୍ୟ

**ଜାକର୍ତ୍ତା,୧୯(ପି.ଟି.):** ଭାରତୀୟ ମହିଳା ସ୍କ୍ୱାଶ ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଚଳିତ ଏସିଆନ୍ ଗେମ୍ସର ୧୪ତମ ଦିବସରେ ଅନୁଷ୍ଠିତ ଫାଇନାଲରେ ହଂକଂଠାରୁ ଭାରତ ପରାଜିତ ହୋଇଛି। ସୁନୟନା କୁରୁଭିଲା ଓ ଭାରତର ନଂ.୧ ଖେଳାଳି ଜ୍ୟୋସ୍ନା ଚିନ୍ନାପା ନିଜ ନିଜ ମୁକାବିଲାରେ ପରାସ୍ତ ହୋଇଛନ୍ତି। ଫଳରେ ମାତ୍ର ୩ ଦିନ ମଧ୍ୟରେ ଭାରତ ୨ୟ ଥର ଲାଗି ହଂକଂଠାରୁ ପରାଜିତ ହୋଇଛି। କ୍ରମାଗତ ଦ୍ୱିତୀୟ ଥର ରୌପ୍ୟ ପଦକ ପାଇଥିବା ଭାରତୀୟ ଦଳ ଚଳିତ ସଂସ୍କରଣରେ ଚମତ୍କାର ପ୍ରଦର୍ଶନ କରିଥିଲା। ଦଳ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ମାଲେସିଆକୁ ହରାଇ ଦେଇଥିଲା। ଉଲ୍ଲେଖଥାଉ କି ସମାନ ଦଳଠାରୁ ହାରି ୨୦୧୪ ଏସିଆନ୍ ଗେମ୍ସରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଭାରତୀୟ ସ୍କ୍ୱାଶ ଦଳ ଚଳିତ ପ୍ରତିଯୋଗିତାରେ ମୋଟ ୫ ପଦକ ସହ ଅଭିଯାନ ଶେଷ କରିଛି। ଏଥିରେ ପୁରୁଷ ଦଳର ବ୍ରୋଞ୍ଜ ଓ ମହିଳା ଦଳର ରୌପ୍ୟ ପଦକ ସହ ବ୍ୟକ୍ତିଗତ ଇଭେଣ୍ଟରେ ୩ ବ୍ରୋଞ୍ଜ ପଦକ ରହିଛି। ଉଲ୍ଲେଖଥାଉ କି ନିକଟରେ ଭାରତୀୟ ଦଳ ଜଣେ ବିଦେଶୀ କୋଚ୍‌ଙ୍କୁ ନିଯୁକ୍ତି କରିବା ଲାଗି ଦାବି କରିଥିଲା। ଏବେ ଜାତୀୟ କୋଚ୍‌ଙ୍କ ପଦରେ ସାଇରସ ପୋଞ୍ଚା ଅଛନ୍ତି।

### ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୩୨ | ୯୨ | ୬୫ | ୨୮୯ |
| ଜାପାନ | ୭୪ | ୫୬ | ୭୪ | ୨୦୪ |
| ଦକ୍ଷିଣ କୋରିଆ | ୪୯ | ୫୭ | ୭୦ | ୧୭୬ |
| ଇଣ୍ଡୋନେସିଆ | ୩୧ | ୨୪ | ୪୩ | ୯୮ |
| ଉଜବେକିସ୍ତାନ | ୨୧ | ୨୪ | ୨୫ | ୭୦ |
| ଇରାନ | ୨୦ | ୨୦ | ୨୨ | ୬୨ |
| ଚାଇନିଜ୍ ତାଇପେ | ୧୭ | ୧୯ | ୩୧ | ୬୭ |
| ଭାରତ | ୧୫ | ୨୪ | ୩୦ | ୬୯ |
| କାଜାଖସ୍ତାନ | ୧୫ | ୧୭ | ୪୪ | ୭୬ |
| ଉତ୍ତର କୋରିଆ | ୧୨ | ୧୨ | ୧୩ | ୩୭ |
| ବାହାରିନ | ୧୨ | ୭ | ୭ | ୨୬ |



ଶନିବାର ପୁରୁଷ ୧୦ ମିଟର ପ୍ଲାଟ୍‌ଫର୍ମ ପାରାଡାଇଜ୍ ପ୍ରତିଯୋଗିତା ଅବସରରେ ଭାରତର ସିଦ୍ଧାର୍ଥ ବଜରଙ୍ଗ କ୍ରୀଡ଼ା କୌଶଳ ପ୍ରଦର୍ଶନ କରୁଛନ୍ତି।

# ପାକିସ୍ତାନ ପରାସ୍ତ, ଭାରତକୁ ବ୍ରୋଞ୍ଜ

ଜାକର୍ତ୍ତା, ୧୯(ପି.ଟି.)



ପାକିସ୍ତାନ ବିପକ୍ଷରେ ଗୋଲ୍‌ସ୍କୋର ପରେ ଖୁସି ମନାଉଛନ୍ତି ଭାରତୀୟ ଖେଳାଳି।

ଚଳିତ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଗତଥରର ଚାମ୍ପିୟନ ଭାରତ ଶେଷରେ ଏଥର ଏହି ପଦକରେ ସନ୍ତୁଷ୍ଟ ହୋଇଛି। ଗ୍ରୁପ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଭାରତ କିନ୍ତୁ ସେମିଫାଇନାଲରେ ଅଳ୍ପକେ ଅପେକ୍ଷାକୃତ ମାଲେସିଆଠାରୁ ସଡନ ଡେଥରେ ପରାସ୍ତ ହୋଇ ସ୍ୱର୍ଣ୍ଣ ଓ ରୌପ ପଦକ ଦୌଡରୁ ବାଦ ପଡିଥିଲା। ସେମିଫାଇନାଲରେ ଭାରତ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ତେବେ ବ୍ରୋଞ୍ଜ ପଦକ ପାଇଁ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୨–୧ ଗୋଲରେ ପାକିସ୍ତାନକୁ ହରାଇଛି। ଫଳରେ ଗତ କିଛି ବର୍ଷ ହେବ ପାକିସ୍ତାନ ଉପରେ ଭାରତ ତା'ର ଆଧିପତ୍ୟ ବଜାୟ ରଖିବାକୁ ସକ୍ଷମ ହୋଇଛି।

ମ୍ୟାଚ୍‌ର ତୃତୀୟ ମିନିଟରେ ଆକାଶଦୀପ ସିଂ ଏକ ସୁନ୍ଦର ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହା ପରେ ୫୦ତମ ମିନିଟରେ ପେନାଲ୍ଟି କର୍ଣ୍ଣର ମାଧ୍ୟମରେ ହରମନପ୍ରୀତ ସିଂ ଆଉ ଏକ ଗୋଲ ଦେଇଥିଲେ ଓ ଭାରତକୁ ୨–୦ରେ ଅଗ୍ରଣୀ କରାଇଥିଲେ। ଏହାର ଠିକ୍ ଦୁଇ ମିନିଟ ପରେ ପାକିସ୍ତାନ ଏକ ଗୋଲ ଦେବାକୁ ସକ୍ଷମ ହୋଇଥିଲା। ପାକିସ୍ତାନର ମହମ୍ମଦ ଆତିକ୍ ଏକ ଚମତ୍କାର ଗୋଲ ଦେଇ ଭାରତର ଚିନ୍ତା ବଢାଇ ଦେଇଥିଲେ। କିନ୍ତୁ ଭାରତୀୟ ଖେଳାଳିମାନେ ମାଲେସିଆ ବିପକ୍ଷ ସେମିଫାଇନାଲ ମ୍ୟାଚର ତ୍ରୁଟିକୁ ଦୋହରାଇ ନ ଥିଲେ। ଭାରତ ମ୍ୟାଚ ଶେଷ ପର୍ଯ୍ୟନ୍ତ ତା'ର ଅଗ୍ରଣୀକୁ ବଜାୟ ରଖିଥିଲା ଓ ବିଜୟୀ ହୋଇଥିଲା।

ବିଶ୍ୱର ୫ ନମ୍ବର ଦଳ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଫେଭରାଇଟ ବିବେଚିତ ହୋଇଥିଲା। ଡିଫେଣ୍ଡିଂ ଚାମ୍ପିୟନ ଭାରତକୁ ଶେଷରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡିଛି। ବିଶ୍ୱର ୧୩ ନମ୍ବର ଦଳ ପାକିସ୍ତାନକୁ ଏଥିସହିତ ଭାରତ ଗତ ୩ ମାସ ମଧ୍ୟରେ ଦ୍ୱିତୀୟଥର ପାଇଁ ପରାସ୍ତ କରିବାକୁ ସକ୍ଷମ ହୋଇଛି। ଗତ ଜୁନରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ଭାରତ ୪–୦ରେ ପାକିସ୍ତାନକୁ ହରାଇଥିଲା।

ଶନିବାର ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚରେ ଉଭୟ ଦଳ ଏକାଧିକ ଗୋଲ ସୁଯୋଗ ହାସଲ କରିଥିଲେ। ତୃତୀୟ ମିନିଟରେ ଆକାଶଦୀପ ଲଳିତ ଉପାଧ୍ୟାୟଙ୍କଠାରୁ ଏକ ସୁନ୍ଦର ପାସ୍ ପାଇଥିଲେ ଓ ଏହାକୁ ଗୋଲ ଦେବାରେ ସଫଳ ହୋଇଥିଲେ। ପଞ୍ଚମ ମିନିଟରେ ପାକିସ୍ତାନ ଏକ ଭଲ ସୁଯୋଗ ହାସଲ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନ ଥିଲା। ଏହା ପରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଯଦିଓ ପ୍ରଥମ କ୍ୱାର୍ଟରରେ ମନଦୀପ ସିଂ ଏକ ସୁଯୋଗ ହାତଛଡ଼ା କରିଥିଲେ।

ଦ୍ୱିତୀୟ କ୍ୱାର୍ଟରରେ ପାକିସ୍ତାନ ଉନ୍ନତ ପ୍ରଦର୍ଶନ କରିଥିଲା। ମହମ୍ମଦ ଦିଲବର ଓ ଅଜାଜ୍ ଅହମ୍ମଦଙ୍କ ଦୁଇଟି ପ୍ରୟାସ ସଫଳ ହୋଇ ନ ଥିଲା। ପୁଣି ୨୨ତମ ମିନିଟରେ ପାକିସ୍ତାନ ଦୁଇଟି ପଛକୁପଛ ପେନାଲ୍ଟି କର୍ଣ୍ଣର ପାଇଥିଲା ତେବେ ଗୋଲ ଦେବାରେ ସଫଳ ହୋଇ ନ ଥିଲା। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ଭାରତ ଟ୍ରାପିଂ ଓ ପାସିଂରେ ଅଧିକ ସମୟ ବିତାଇଥିଲା। ଫଳରେ ପାକିସ୍ତାନ ଅଧିକ ସମୟ ବଲ ପାଖରେ ରଖିବାକୁ ସକ୍ଷମ ହୋଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଭାରତ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲା। ଭାରତ ମଧ୍ୟ କେତୋଟି ସୁଯୋଗ ହାସଲ କରିଥିଲା।

ଚତୁର୍ଥ କ୍ୱାର୍ଟରରେ ଭାରତୀୟ ଖେଳାଳିମାନେ ବାରମ୍ବାର ପାକିସ୍ତାନ ସର୍କଲରେ ପ୍ରବେଶ କରି ଗୋଲ ଦେବାକୁ ପ୍ରୟାସ କରିଥିଲେ। ଅନ୍ତିମ ତଥା ୬୦ତମ ମିନିଟରେ ମନଦୀପ ସିଂ ଏକ ସୁବର୍ଣ୍ଣ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେବାରେ ବିଫଳ ହୋଇଥିଲେ।

## ସେଲିଂ: ପଦକ ବିଜେତାଙ୍କୁ ୨୦ ଲକ୍ଷ

ଚେନ୍ନାଇ,୧୯(ପି.ଟି.)

ଚଳିତ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ବିକାଶ ଠାକୁର ଓ ଚେଙ୍ଗାପ୍ପା ଗଣପତିଙ୍କୁ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସାମି ଘୋଷଣା କରଛନ୍ତି। ରାଜ୍ୟରେ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଲାଗି ସରକାରୀ ଯୋଜନା ଅନୁଯାୟୀ ଏହି ପୁରସ୍କାର ପ୍ରଦାନ କରାଯିବ। ଏସିଆନ୍ ଗେମ୍ସରେ ଉଭୟ ବ୍ରୋଞ୍ଜ ପଦକ ଜିତିବା ପରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଚିଠି ଯୋଗେ ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ତଥା ଦେଶକୁ ଗର୍ବିତ କରିଥିବା କରିଛନ୍ତି। ଏ ଦୁହିଙ୍କୁ ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥାଙ୍କ ଘୋଷଣା ଅନୁଯାୟୀ ୨୦ ଲକ୍ଷ ଲେଖାଏ ଅର୍ଥ ପ୍ରଦାନ କରାଯିବ। "ରାଜ୍ୟର ଜନସାଧାରଣ ଓ ସରକାରଙ୍କ ତରଫରୁ ଉଭୟ ଆଥ୍‌ଲେଟଙ୍କୁ ଶୁଭେଚ୍ଛା ଜଣାଉଛି। ଆଶା କରୁଛି, ଭବିଷ୍ୟତରେ ଆହୁରି ସଫଳତା ଆଣି ଦେଶକୁ ଗର୍ବିତ କର" ବୋଲି ପାଲାନିସାମି କହିଛନ୍ତି। ସେଲିଂ ଆଥ୍‌ଲେଟଙ୍କ ବ୍ୟତୀତ ଟେବୁଲ ଟେନିସ୍ ଖେଳାଳି ଏ. ଶରଥ କମଲ ମଧ୍ୟ ସମାନ ପୁରସ୍କାର ରାଶି ପାଇବେ।

## ଆୟୋଜକ ଦୌଡ଼ରେ ଜାକର୍ତ୍ତା

ଜାକର୍ତ୍ତା,୧୯(ଏଏଫ୍‌ପି)

**୨୦୩୨ ଅଲିମ୍ପିକ୍ସ**

ଚଳିତ ଏସିଆନ ଗେମ୍ସକୁ ସଫଳତା ସହ ଆୟୋଜନ କରୁଥିବା ଜାକର୍ତ୍ତା ତଥା ଇଣ୍ଡୋନେସିଆ ଏବେ ୨୦୩୨ ଅଲିମ୍ପିକ୍ସ ଆୟୋଜକ ଦୌଡ଼ରେ ସାମିଲ ହେବ। ଏ ନେଇ ଶନିବାର ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ମୁଖ୍ୟ ଥୋମାସ ବାକ୍ ଓ ଅଲିମ୍ପିକ ଆସୋସିଏଶନ ଅଫ୍ ଏସିଆ ସଭାପତି ଶେଖ୍ ଅହମ୍ମଦ ଅଲ୍ ଫହାଦ ଅଲ ସବାବଙ୍କ ସହ ବୈଠକ ପରେ ରାଷ୍ଟ୍ରପତି ଜୋକୋ ଏହା ସ୍ପଷ୍ଟ କରିଛନ୍ତି। "୨୦୩୨ ଅଲିମ୍ପିକ୍ସ ଆୟୋଜନ ଅଧିକାର ଲାଗି ଯୋଜନା କରାଯାଇଛି। ଆମେ ୧୮ତମ ଏସିଆନ୍ ଗେମ୍ସ ଆୟୋଜନ କରି ଯେଉଁ ଅଭିଜ୍ଞତା ପାଇଛୁ, ସେଥିରୁ ଆମର ବିଶ୍ୱାସ ଆସିଯାଇଛି ଯେ ଇଣ୍ଡୋନେସିଆ ବୃହତ୍ ଇଭେଣ୍ଟ ମଧ୍ୟ ଆୟୋଜନ କରିପାରିବ" ବୋଲି ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ କହିଛନ୍ତି।



❝ ଆସନ୍ତା ଏସିଆ କପ୍ ଅମ୍ବାତି ରାୟୁଡୁ ଓ ମନୀଷ ପାଣ୍ଡେଙ୍କ ଭଳି ଖେଳାଳିଙ୍କ ଲାଗି ଏକ ଅବିଶ୍ୱସନୀୟ ସୁଯୋଗ।

–ଡିନ୍ ଜୋନ୍ସ, ପୂର୍ବତନ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ

❝ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟର ଦ୍ୱିତୀୟ ଦିବସରେ ପାଣ୍ଡ୍ୟା ଓ ଅଶ୍ୱିନ ଯେପରି ଖେଳୁଥିଲେ କ୍ରିଜ୍‌ରେ ଅଧିକ ସମୟ ରହିପାରିଥାନ୍ତେ।

–ସଞ୍ଜୟ ବାଙ୍ଗର, ଭାରତୀୟ ଦଳର ବ୍ୟାଟିଂ କୋଚ୍



## ସଂକ୍ଷେପରେ

### ସାମସନ ଦଣ୍ଡିତ

**ଥିରୁଭାନନ୍ତପୁରମ,୧।୯:** କେରଳ କ୍ରିକେଟ ଆସୋସିଏଶନ (କେସିଏ) ଶୁକ୍ରବାର ୫ ଜଣଙ୍କୁ ବାସନ୍ଦ କରିଥିବାବେଳେ ୮ ଖେଳାଳିଙ୍କୁ ଦଣ୍ଡିତ କରିଛି। ଦଣ୍ଡିତ ହୋଇଥିବା ଖେଳାଳିଙ୍କ ମଧ୍ୟରେ ସଞ୍ଜୁ ସାମସନ ରହିଛନ୍ତି। ଦଳୀୟ ଅଧିନାୟକ ସଚିନ ବେବିଙ୍କ ସହ ମତଭେଦ ଓ ତାଙ୍କ ବିରୋଧରେ ହସ୍ତାକ୍ଷର ଅଭିଯାନ କାରଣରୁ ଖେଳାଳିଙ୍କୁ ଦଣ୍ଡିତ କରାଯାଇଛି ବୋଲି କେସିଏ ସମ୍ପାଦକ ଶ୍ରୀଜିଥ ଭି. ନାୟାର କହିଛନ୍ତି। ପ୍ରାୟ ଖେଳାଳି ଅଧିନାୟକଙ୍କୁ ବିରୋଧ କରୁଥିଲେ। ଏପରି କି ବେବିଙ୍କ ବିରୋଧରେ ହସ୍ତାକ୍ଷର ଅଭିଯାନ ମଧ୍ୟ ଚଳାଇଥିଲେ। ‘‘ଜାଣିଶୁଣି ଅଧିନାୟକ ଓ କେସିଏକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ଏଣୁ ସର୍ବସମ୍ମତି କ୍ରମେ ୫ ଜଣଙ୍କୁ ବାସନ୍ଦ ଓ ୮ ଖେଳାଳିଙ୍କୁ ଦଣ୍ଡିତ କରାଯାଇଛି’’ ବୋଲି ନାୟାର କହିଛନ୍ତି। ବାସନ୍ଦ ହୋଇଥିବା ଖେଳାଳିମାନେ ହେଲେ ଭିନସେଣ୍ଟ ଗୋମେଜ, ସନ୍ଦୀପ ଏସ୍. ୱାରିଅର, ରୋହନ ପ୍ରେମ, ଅସିଫ କେ. ଓ ମହମ୍ମଦ ଆଝାରୁଦ୍ଦିନ। ଏମାନଙ୍କୁ ୩ଟି ଦିନିକିଆ ମ୍ୟାଚ୍‌ରୁ ବାସନ୍ଦ କରାଯିବା ସହ ୩ ଦିନର ବେତନ କାଟ କରି ଦିଆଯିବ। ସେହିଭଳି ଅଭିଷେକ ମୋହନ, ଅକ୍ଷୟ କେ. ସି, ଫବିଦ ଫାରୁକ ଅହମ୍ମଦ, ନିଧିଶ ଏମ୍. ଡି., ସଞ୍ଜୁ ସାମସନ, ସଲମାନ ନିଜାର, ସିଜୋମୋନ ଜୋଶେଫ ଓ ଭି. ଜଗଦିଶ ସମାନ ଦିନର ବେତନ କାଟ କରିଦିଆଯାଇଛି।

### ବାରିଷ୍ଟର ରଣଜିତ୍ ମହାନ୍ତି ସ୍ମାରକୀ ବାସ୍କେଟବଲ ଉଦ୍‌ଯାପିତ

**କଟକ ଅଫିସ,୧।୯:** କଟକ ବାସ୍କେଟବଲ ସଂଘ ପକ୍ଷରୁ ବାରବାଟୀ ଷ୍ଟାଡିୟମସ୍ଥିତ ବାସ୍କେଟବଲ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ବାରିଷ୍ଟର ରଣଜିତ୍ ମହାନ୍ତି ସ୍ମାରକୀ ଟୁଇନ ସିଟି ଆନ୍ତଃମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଳିକା ବିଭାଗ ଫାଇନାଲରେ ଡି.ଆର୍. ମହାବିଦ୍ୟାଳୟ ୩୩-୧୬ ପଏଣ୍ଟରେ ଇନ୍ଦିରା ଗାନ୍ଧୀ(ଆଇଜି) ମହାବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିଭଳି ବାଳକ ଫାଇନାଲ ମୁକାବିଲା ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଥିଲା। ରଘୁନାଥଜୀଉ ମହାବିଦ୍ୟାଳୟ ୬୭-୬୫ କିଟ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସଂଘର ଅଧକ୍ଷ ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଅଶୋକ କୁମାର ରାଉତରାୟ, ଅଶୋକ କୁମାର ବେହେରା, ଶରତ କୁମାର ମହାଳିକ ଅତିଥିଭାବେ ଯୋଗ ଦେଇଥିଲେ। ସଂଘର ଉପାଧକ୍ଷ ସତ୍ୟଜିତ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ମହେଶ କୁମାର ସାହୁ, ସମ୍ପାଦକ ଅଶୋକ କୁମାର ସାହୁ, ଆବାହକ ସେକ୍ ରିଆଜ, କୁନା ବେହେରା, ମଦନ ରାଓ, ଯୁଗ୍ମ ସମ୍ପାଦକ କାର୍ତ୍ତିକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଫାଓ ଲିଗ୍: ଇଷ୍ଟକୋଷ୍ଟ ରେଲୱେ ବିଜୟୀ

**କଟକ ଅଫିସ,୧।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଶନିବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଇଷ୍ଟକୋଷ୍ଟ ରେଲୱେ ୧-୦ ଗୋଲରେ ବିଡ଼ାନାସୀ କ୍ଲବକୁ ହରାଇଛି। ରେଲୱେ ପକ୍ଷରୁ ୨୬ତମ ମିନିଟରେ ପ୍ରକାଶ ଦିଲା ଏକମାତ୍ର ଗୋଲ ସ୍କୋର କରିଥିଲେ। ଅନ୍ୟଏକ ମ୍ୟାଚ୍‌ରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ଅନୁପସ୍ଥିତ ରହିବାରୁ ୟଙ୍ଗ ଉତ୍କଳ କ୍ଲବକୁ ବିଜୟୀ ଘୋଷଣା କରାଯାଇଥିଲା।

# ରୋମାଞ୍ଚକ ସ୍ଥିତିରେ ଚତୁର୍ଥ ଟେଷ୍ଟ

**ସାଉଥାମ୍ପଟନ, ୧।୯ (ପି.ଟି.)**



ମୋଇନ ଅଲିଙ୍କ ଉଇକେଟ ହାସଲ ପରେ ଉଲ୍ଲସିତ ଭାରତୀୟ ଖେଳାଳି।


ସ୍ଥାନୀୟ ରୋଜ ବାଓଲଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଚତୁର୍ଥ କ୍ରିକେଟ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ପ୍ରଥମ ଇନିଂସରେ ୨୭ରନ ପଛରେ ଥିବା ଇଂଲଣ୍ଡର ଟପ୍ ଅର୍ଡର ‘ଫ୍ଲପ୍ ଶୋ’ ଯୋଗୁ ଶନିବାର ତୃତୀୟ ଦିବସ ଖେଳ ମଧ୍ୟାହ୍ନ ଭୋଜନ ସୁଦ୍ଧା ଦଳ ୩ ଉଇକେଟ ବିନିମୟରେ ୯୨ ରନ କରି ସଂକଟରେ ପଡ଼ିଥିଲା। ପରେ ଅଧିନାୟକ ଜୋ ରୁଟ୍ (୪୮ରନ) ଲଢୁଆ ବ୍ୟାଟିଂ କରି ଦଳର ସ୍କୋରକୁ ଆଗେଇ ନେଇଥିଲେ, କିନ୍ତୁ ସେ ଦୁର୍ଭାଗ୍ୟଜନକ ଭାବେ ମହମ୍ମଦ ଶାମିଙ୍କ ଦ୍ୱାରା ରନ୍ ଆଉଟ ହୋଇଯାଇଥିଲେ। ଖବର ନେବାବେଳକୁ ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସରେ ୬ ଉଇକେଟ ହରାଇ ୧୯୨ରନ କରିସାରିଥିଲା।

ଇଂଲଣ୍ଡ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୬/୦ରୁ ଏହାର ବ୍ୟାଟିଂ ଆରମ୍ଭ କରିଥିଲା। ଓପନର କିଟନ ଜେନିଙ୍ଗ୍ସ (୩୬) ଓ ଆଲିଷ୍ଟର କୁକ୍ (୧୨) ମନ୍ଥର ଗତିରେ ବ୍ୟାଟିଂ ଆରମ୍ଭ କରିଥିଲେ। କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ରହିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା। ଦୁହେଁ ପ୍ରଥମ ଉଇକେଟରେ ୨୪ ରନ ଯୋଗ କରିପାରିଥିଲେ। ପ୍ରଥମ ଇନିଂସ ଭଳି ଭାରତୀୟ ପେସ୍ ବୋଲରଙ୍କ ବୋଲିଂ ସେତେଟା ପ୍ରଭାବୀ ନ ଥିଲା। ଏହା ସତ୍ତ୍ୱେ ୧୩ତମ ଓଭରରେ ଯଶପ୍ରୀତ ବୁମ୍ରା ଦଳ ପାଇଁ ବ୍ରେକ୍ ଥ୍ରୁ ଆଣିଥିଲେ। କୁକ୍‌ଙ୍କୁ ସେ ଦ୍ୱିତୀୟ ସ୍ଲିପ୍‌ରେ କେ. ଏଲ ରାହୁଲଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ମୋଇନ ଅଲି (୯) ୩ ନମ୍ବର ସ୍ଥାନକୁ ପଦୋନ୍ନତି ପାଇ ବ୍ୟାଟିଂ କରିବାକୁ ଆସିଥିଲେ। କିନ୍ତୁ ଦ୍ୱିତୀୟ ଉଇକେଟ ପାର୍ଟନରଶିପ୍‌ରେ ମାତ୍ର ୯ରନ ଯୋଗ କରିପାରିଥିଲେ। ମୋଇନଙ୍କୁ ଈଶାନ୍ତ ଶର୍ମା ପ୍ୟାଭିଲିଅନକୁ ବାଟ ଦେଖାଇଥିଲେ। ୧୬ତମ ଓଭରରେ ସେ ଇଂଲଣ୍ଡ ଖେଳାଳିଙ୍କୁ ରାହୁଲଙ୍କ ଦ୍ୱାରା ସ୍ଲିପ୍‌ରେ କ୍ୟାଚ ଆଉଟ କରିଦେଇଥିଲେ। ସିରିଜର ଏହା ଥିଲା ୧୧ତମ କ୍ୟାଚ। ଇଂଲଣ୍ଡରେ ଜଣେ ଭାରତୀୟ ଫିଲ୍ଡର ଭାବେ ଏହା ଥିଲା ସର୍ବାଧିକ। ପୂର୍ବରୁ ୨୦୦୨ରେ ଏଠାରେ ୪ମ୍ୟାଚ ବିଶିଷ୍ଟ ସିରିଜରେ ରାହୁଲ ଦ୍ରାବିଡ ୧୦ଟି କ୍ୟାଚ ନେଇ ରେକର୍ଡର ଅଧିକାରୀ ହୋଇଥିଲେ। ପରେ ଜେନିଙ୍ଗ୍ସଙ୍କ ସହିତ ୪ ନମ୍ବର ସ୍ଥାନରେ ରୁଟ୍ ବ୍ୟାଟିଂ କରିବାକୁ ଆସିଥିଲେ। ସେ ସତର୍କତାର ସହିତ ଖେଳିଥିଲେ। ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିବା ଲାଗି ସେ କ୍ରିଜ୍‌ରେ ଜମି ରହିବା ସହ ଲୁଜ୍ ବଲ୍‌ରୁ ରନ ସଂଗ୍ରହ କରିବାରେ ଲାଗିଥିଲେ। ମହମ୍ମଦ ଶାମିଙ୍କ ବଲ୍‌ରେ ଜେନିଙ୍ଗ୍ସ ଏଲବିଡବ୍ଲ୍ୟୁ ହେବା ପୂର୍ବରୁ ଦୁଇ ଖେଳାଳି ତୃତୀୟ ଉଇକେଟରେ ୮୪ ବଲରୁ ୫୦ ରନ ଯୋଗ କରିସାରିଥିଲେ। ଜେନିଙ୍ଗ୍ସଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା ଜନି ବେୟାରଷ୍ଟୋ ବିନା କୌଣସି ରନରେ ଶାମିଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ରୁଟ୍ ରନଆଉଟ ହେବା ପୂର୍ବରୁ ବେନ୍ ଷ୍ଟୋକ୍ସଙ୍କ ସହିତ ୩୦ ରନର ପାର୍ଟନରଶିପ୍ କରିସାରିଥିଲେ। ଚା’ପାନ ସୁଦ୍ଧା ଘରୋଇ ଦଳ ୧୫୨ ରନରେ ୫ଟି ଉଇକେଟ ହରାଇ ସାରିଥିଲା।

### ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ପ୍ରଥମ ଇନିଂସ: ୨୪୬
- ଭାରତ ପ୍ରଥମ ଇନିଂସ: ୨୭୩
- ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୨/୬ (ଜୋ ରୁଟ୍-୪୮, କିଟନ ଜେନିଙ୍ଗ୍ସ-୩୬, ବେନ ଷ୍ଟୋକ୍ସ-୩୦, ଜୋସ ବଟଲର-୪୪*; ମହମ୍ମଦ ଶାମି-୨/୪୦, ଈଶାନ୍ତ ଶର୍ମା-୧/୨୬, ଯଶପ୍ରୀତ ବୁମ୍ରା-୧/୪୩, ରବିଚନ୍ଦ୍ରନ ଅଶ୍ୱିନ-୧/୬୫)।

# ଡୋପିଂ ମାମଲା ବିରୋଧରେ ଲଢ଼ିବେ ଲସନ



**ଲସଆଞ୍ଜେଲ୍ସ, ୧।୯ (ଏଏଫ୍‌ପି)**

ବିଶ୍ୱ ଚାମ୍ପିୟନ ଲଙ୍ଗଜମ୍ପ ରୌପ୍ୟ ବିଜେତା ଜାରିଅନ ଲସନ ବାସନ୍ଦ ଦଣ୍ଡକୁ ଚ୍ୟାଲେଞ୍ଜ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଅଗଷ୍ଟ ୩ରେ ନିଷିଦ୍ଧ ଔଷଧ ଆନାବୋଲିକ୍ ଷ୍ଟେରଏଡ୍ ଟ୍ରେନବୋଲନ୍ ଡୋପ୍ ଟେଷ୍ଟରେ ଲସନ ଧରାପଡ଼ିଥିଲେ। ଏଥିପାଇଁ ତାଙ୍କୁ ବାସନ୍ଦ ଦଣ୍ଡ ହୋଇଛି। ଗତ ବର୍ଷ ଲଣ୍ଡନରେ ହୋଇଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଏହି ଆଥଲେଟ୍ ରୌପ୍ୟ ପଦକ ଜିତିଥିଲେ। ୨୪ ବର୍ଷୀୟ ଲସନ କହିଛନ୍ତି, ସଂକ୍ରମିତ ଘୁଷୁରି ମାଂସ ସେବନ କରିଥିବାରୁ ସେ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ଆମେରିକାରେ ଘୁଷୁରି ପ୍ରଜନନ କ୍ଷେତ୍ରରେ ଟ୍ରେନ୍‌ବୋଲନ୍ ଷ୍ଟେରଏଡ୍ ବ୍ୟବହାର କରାଯାଇଥାଏ। ଆମେରିକା ଡୋପିଂ ଏଜେନ୍ସି (ୟୁଏସଡିଏ) ଦ୍ୱାରା ଏହା ଏକ ଅନୁମୋଦିତ ଷ୍ଟେରଏଡ୍।



ଭେନସ ଓ ସେରେନା ୱିଲିୟମ୍ସ।

# ଭେନସଙ୍କୁ ହରାଇଲେ ସେରେନା

**ନ୍ୟୁୟର୍କ,୧।୯ (ଏଏଫ୍‌ପି)**

ଚଳିତ ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ବର୍ଗରେ ବଡ଼ ଭଉଣୀ ଭେନସ ୱିଲିୟମ୍ସଙ୍କୁ ହରାଇ ଦେଇଛନ୍ତି କିମ୍ବଦନ୍ତୀ ଖେଳାଳି ସେରେନା। ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡ ମ୍ୟାଚ୍‌ରେ ସେରେନା ୬-୧, ୬-୨ ସେଟ୍‌ରେ ବିଜୟୀ ହୋଇଛନ୍ତି। ବିଜୟ ଲାଗି ତାଙ୍କୁ ୭୨ ମିନିଟ୍ ଲାଗିଥିଲା। ବଡ଼ ଭଉଣୀଙ୍କ ବିପକ୍ଷରେ ଏହା ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳିଙ୍କ ୧୮ତମ ବିଜୟ। ପୂର୍ବରୁ ଉଭୟ ଭଉଣୀଙ୍କ ମଧ୍ୟରେ ୨୯ଥର ମୁକାବିଲା ହୋଇଥିଲେ ହେଁ ଭେନସ ୧୨ ଥର ଜିତା ପଟ ପାଇଛନ୍ତି। ଆଗାମୀ ମୁକାବିଲାରେ ସେ ଇଷ୍ଟୋନିଆର କାଇଆ କାନେପିଙ୍କୁ ଭେଟିବେ, ଯିଏକି ବିଶ୍ୱର ନଂ ୧ ଖେଳାଳି ସିମୋନା ହାଲେପଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ।

### ପ୍ରି-କ୍ୱାର୍ଟରରେ ନାଡାଲ

ଶୀର୍ଷ ର୍‍ୟାଙ୍କଧାରୀ ପୁରୁଷ ସିଙ୍ଗଲ୍ସ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିୟନ ରାଫାଲ ନାଡାଲ ଚଳିତ ୟୁଏସ୍ ଓପନର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୫-୭, ୭-୫, ୭-୬ (୯/୭), ୭-୬(୭/୩) ସେଟ୍‌ରେ କାରେନ ଖାଚାନୋଭଙ୍କୁ ହରାଇ ଦେଇଛନ୍ତି। ବିଜୟ ସହ ସେ ୧୦ମ ଥର ଲାଗି ୟୁଏସ୍ ଓପନର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିମଧ୍ୟରୁ ସେ ୨୦୧୦, ୨୦୧୩ ଓ ୨୦୧୭ ସଂସ୍କରଣରେ ଟାଇଟଲ ଜିତିଛନ୍ତି। ସେହିଭଳି ୨୦୦୯ ଚାମ୍ପିୟନ ଜୁଆନ ମାର୍ଟିନ ଡେଲ ପୋଟ୍ରୋ ୭-୫, ୭-୬(୮/୬), ୬-୩ ସେଟ୍‌ରେ ଫର୍ନାଣ୍ଡୋ ଭେର୍ଡୋସ୍କୋଙ୍କୁ ହରାଇ ଅଭିଯାନ ଜାରି ରଖିଛନ୍ତି।

# ବିରାଟଙ୍କୁ ବିଶ୍ରାମ, ଖଲିଲ୍ ନୂଆ ମୁହଁ

**ମୁମ୍ବାଇ, ୧।୯(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚୟନ କମିଟି ଶନିବାର ଆଗାମୀ ଏସିଆ କପ୍ ଲାଗି ଭାରତ ଦଳ ଘୋଷଣା କରିଛି। ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅଧିନାୟକ ବିରାଟ କୋହଲିଙ୍କୁ ଏହି ସମ୍ମାନଜନକ ପ୍ରତିଯୋଗିତାରୁ ବିଶ୍ରାମ ଦିଆଯାଇଛି। ଅଭିଜ୍ଞ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମାଙ୍କୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିଭଳି ରାଜସ୍ଥାନ ଯୁବ ବାମହାତୀ ଦ୍ରୁତ ବୋଲର ଖଲିଲ୍ ଅହମ୍ମଦ ନୂଆ ମୁହଁ ଭାବେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ୨୦ ବର୍ଷୀୟ ଖଲିଲ୍ ୧୭ଟି ଲିଷ୍ଟ-ଏ ମ୍ୟାଚ୍ ଖେଳି ୨୮ଟି ଉଇକେଟ୍ ଦଖଲ କରିଛନ୍ତି।

### ଏସିଆ କପ୍

ଏମ୍‌ଏସ୍‌କେ ପ୍ରସାଦଙ୍କ ନେତୃତ୍ୱାଧୀନ ଚୟନ କମିଟି କୋହଲିଙ୍କ ଉପରୁ ଚାପ ହାଲକା କରିବା ପାଇଁ ଏସିଆ କପ୍‌ରୁ ବିଶ୍ରାମ ଦେଇଥିବା ଜଣାପଡ଼ିଛି। ଘୋଷିତ ୧୬ ଜଣିଆ ଦଳରେ ମନିଷ ପାଣ୍ଡେ, ଅମ୍ବାତି ରାୟୁଡୁ ଓ କେଦାର ଯାଦବଙ୍କୁ ସାମିଲ କରାଯାଇଥିବାବେଳେ ଗତ ଇଂଲଣ୍ଡ ସୀମିତ ଓଭର ସିରିଜ ଖେଳିଥିବା ସୁରେଶ ରାଇନା, ଉମେଶ ଯାଦବ ଓ ସିଦ୍ଧାର୍ଥ କାଉଲଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଗତ ଚତୁଃରାଷ୍ଟ୍ରୀୟ ସିରିଜରେ ରାୟୁଡୁ ଆଖିଦୃଶିଆ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିବାବେଳେ ଇଂଲଣ୍ଡ ବିପକ୍ଷ ସିରିଜରେ ଛାପ ଛାଡ଼ିବାରେ ବିଫଳ ହୋଇଥିବା କାରଣରୁ ଭେଟେରାନ ରାଇନାଙ୍କୁ ମୂଲ୍ୟ ଦେବାକୁ ପଡ଼ିଥିବା ଜଣାପଡ଼ିଛି। ସେପ୍ଟେମ୍ବର ୧୫ରୁ ୟୁଏଇରେ ଏସିଆ କପ୍ ଆରମ୍ଭ ହେବାକୁ ଥିବାବେଳେ ୨୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଛ’ ଦଳୀୟ ଏହି ପ୍ରତିଯୋଗିତାରେ ଭାରତ ବ୍ୟତୀତ ବାଂଲାଦେଶ, ଶ୍ରୀଲଙ୍କା, ପାକିସ୍ତାନ, ଆଫଗାନିସ୍ତାନ ଓ ଯୋଗ୍ୟତା ପର୍ଯ୍ୟାୟରୁ ଗୋଟିଏ ଦଳ ଅଂଶଗ୍ରହଣ କରିବ। ଗ୍ରୁପ୍-ବି’ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଦଳ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଗୋଟିଏ ଯୋଗ୍ୟତା ଅର୍ଜନକାରୀ ଦଳ ରହିଛି, ଯାହା ବର୍ତ୍ତମାନ ସୁଦ୍ଧା ସ୍ଥିର ହୋଇନାହିଁ। ସେପ୍ଟେମ୍ବର ୧୮ରେ ଯୋଗ୍ୟତା ଅର୍ଜନକାରୀ ଦଳ ବିପକ୍ଷରେ ଖେଳି ରୋହିତ୍ ବାହିନୀ ତା’ର ଅଭିଯାନ ଆରମ୍ଭ କରିବ। ଏହାର ଠିକ୍ ପରଦିନ ଭାରତ ଓ ପାକିସ୍ତାନ ମଧ୍ୟରେ ବହୁପ୍ରତୀକ୍ଷିତ ମ୍ୟାଚ୍ ଖେଳାଯିବ।



ଖଲିଲ ଅହମ୍ମଦ

### ଭାରତୀୟ ଦଳ

ରୋହିତ୍ ଶର୍ମା (ଅଧିନାୟକ), ଶିଖର ଧାୱନ (ଉପଅଧିନାୟକ), ଲୋକେଶ ରାହୁଲ, ଅମ୍ବାତି ରାୟୁଡୁ, ମନିଷ ପାଣ୍ଡେ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ଦିନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଭୁବନେଶ୍ୱର କୁମାର, ଯଶପ୍ରୀତ୍ ବୁମ୍ରା, ଶାର୍ଦ୍ଦୁଳ ଠାକୁର ଓ ଖଲିଲ ଅହମ୍ମଦ।

# ସବ୍‌ଜୁନିୟର ବାଳକ ଫୁଟ୍‌ବଲ, ଅନିଲଙ୍କୁ ନେତୃତ୍ୱ



ଓଡ଼ିଶା ସବ୍‌ଜୁନିୟର ବାଳକ ଫୁଟ୍‌ବଲ୍ ଦଳ।

**କଟକ ଅଫିସ,୧।୯**

ବିହାରରେ ସେପ୍ଟେମ୍ବର ୪ରୁ ୯ ତାରିଖ ପର୍ଯ୍ୟନ୍ତ ସବ୍‌ଜୁନିୟର ବାଳକ ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଅନୁଷ୍ଠିତ ହେବ। ଏଥିନିମନ୍ତେ ଶନିବାର ରାଜ୍ୟ ସବ୍‌ଜୁନିୟର ଦଳ ବିହାର ଅଭିମୁଖେ ଯାତ୍ରା କରିଛି। ଘୋଷିତ ୨୦ଜଣିଆ ଦଳରେ ଅନିଲ ଟପ୍ପୋ ଅଧିନାୟକ ରହିଛନ୍ତି।
**ଓଡ଼ିଶା ଦଳ–** ଇନ୍ଦ୍ର କୁଜୁର, ବିଶାଲ ଓରାମ (ଉଭୟ ଗୋଲକିପର), ବେଲାଲସେନ କହଁର, ଦେବବ୍ରତ ଓରାମ, ମନୋଜ ମିଞ୍ଜ, ଶ୍ରୀକାନ୍ତ ମଲ୍ଲିକ, ଦୀପକ ଡାଙ୍ଗ, ଜଗନ୍ନାଥ ଟୁଡୁ, ରାଜା ହରିଜନ, କ୍ଷେତ୍ର ଭାତ୍ରା (ସମସ୍ତେ ଡିଫେଣ୍ଡର), ଶଶୀକାନ୍ତ ପ୍ରଧାନ, ବିନୋଦ ମାଝି, ଏ. ଶିବ ପ୍ରସାଦ, ଅନିଲ ଟପ୍ପୋ (ଅଧିନାୟକ), ଅଜୟ ଓରାମ, ପ୍ରେମ ସାଗର ଓରାମ (ସମସ୍ତେ ମିଡ୍‌ଫିଲ୍ଡର), ଅରବିନ୍ ଲାକ୍ରା, ହରି ହେମ୍ବ୍ରମ, ଝୁନୁ କୁଲଦି, ଅଜୟ ଟପ୍ପୋ(ସମସ୍ତେ ଷ୍ଟ୍ରାଇକର)। ମୁଖ୍ୟ କୋଚ୍– ନୀପେନ୍ଦ୍ର ଦାସ, ମ୍ୟାନେଜର–ଐଶ୍ୱରନ ପିଲାଇ।

# ମାଲିଙ୍ଗାଙ୍କ ପ୍ରତ୍ୟାବର୍ତ୍ତନ

**କଲମ୍ବୋ, ୧।୯(ଏଏଫ୍‌ପି)**



ଆଗାମୀ ଏସିଆ କପ୍ ଲାଗି ଶ୍ରୀଲଙ୍କା କ୍ରିକେଟ ଦଳ ଶନିବାର ଘୋଷିତ ହୋଇଛି। ଏସିଆ ମହାଦେଶର ଏହି ଗୁରୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ପାଇଁ ଶ୍ରୀଲଙ୍କା କ୍ରିକେଟ ଚୟନ କମିଟି ଭେଟେରାନ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗାଙ୍କୁ ଘୋଷିତ ୧୬ ଜଣିଆ ଦଳରେ ସୁଯୋଗ ଦେଇଛନ୍ତି। ୩୫ ବର୍ଷୀୟ ମାଲିଙ୍ଗା ପାଖାପାଖି ଏକବର୍ଷର ବ୍ୟବଧାନ ପରେ ଦିନିକିଆ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷଥର ପାଇଁ ସେ ଗତବର୍ଷ ସେପ୍ଟେମ୍ବରରେ କଲମ୍ବୋରେ ଭାରତ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ନିକଟରେ ଘରୋଇ ଟି୨୦ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୋଗୁ ତାଙ୍କୁ ଜାତୀୟ ଦଳରେ ପୁଣିଥରେ ସୁଯୋଗ ମିଳିଥିବା ଶ୍ରୀଲଙ୍କା ଅଫିସିଆଲ ସୂତ୍ରରୁ ଜଣାପଡ଼ିଛି। ୨୦୦୪ରେ ଦିନିକିଆ କ୍ୟାରିୟର ଆରମ୍ଭ କରିଥିବା ମାଲିଙ୍ଗା ବର୍ତ୍ତମାନ ସୁଦ୍ଧା ୮,୭୦୫ ରନ ବ୍ୟୟ କରି ୩୦୧ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ଟି୨୦ରେ ସେ ୯୦ଟି ଉଇକେଟ୍ ନେଇଛନ୍ତି।
**ଶ୍ରୀଲଙ୍କା ଦଳ:** ଆଞ୍ଜେଲୋ ମାଥ୍ୟୁସ (ଅଧିନାୟକ), କୁଶଳ ପେରେରା, କୁଶଳ ମେଣ୍ଡିସ, ଉପୁଲ ଥରଙ୍ଗା, ଦିନେଶ ଚାଣ୍ଡିମଲ, ଦନୁଷ୍କା ଗୁଣଥିଲକ, ଥିସାରା ପେରେରା, ଦସୁନ ସନକା, ଧନଞ୍ଜୟ ଡି ସିଲ୍‌ଭା, ଦିଲରୁୱାନ ପେରେରା, ଅମିଲା ଅପୋନସୋ, କସୁନ ରାଜିଥା, ସୁରଙ୍ଗ ଲାକମଲ, ଦୁଷ୍ମନ୍ତ ଚାମିରା ଓ ଲସିଥ୍ ମାଲିଙ୍ଗା।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ସେପ୍ଟେମ୍ବର ୨ /୨୦୧୮ Rayagada, Sunday, September. 2 / 2018


## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

ନବରଙ୍ଗପୁର,୧।୯(ବି.ପ୍ର)- ଗଞ୍ଜେଇ ଚୋରା ଚାଲାଣ ବେଳେ ୨ ଜଣଙ୍କୁ ନବରଙ୍ଗପୁର ପୋଲିସ ଶନିବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିହାର ମତିଆରି ଗାଁର ବିର ପ୍ରକାଶ ସିଂ ଓ ରାଜସ୍ଥାନ ଜୟପୁରର ରେଦେଶ କୁମାର ଟେଲର। ସେମାନଙ୍କ ଠାରୁ ୭୬ କେଜି ୮୦୦ ଗ୍ରାମ ଗଞ୍ଜେଇ ପୋଲିସ ଜବତ କରିଛି। ଶୁକ୍ରବାର ଏକ ଘରୋଇ ବସରେ ଯିବା ପାଇଁ ସେମାନେ ଅପେକ୍ଷା କରିଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ବୀର ଓ ରେଦେଶଙ୍କୁ ଅଟକ ରଖିଥିଲା। ସେମାନଙ୍କ ଠାରୁ ୩ଟି ଟ୍ରଲି ବ୍ୟାଗ ଜବତ କରିଥିଲେ । ଉକ୍ତ ବ୍ୟାଗରେ ପଲିଥିନ ଭିତରେ ଗଞ୍ଜେଇ ପ୍ୟାକିଂ ହୋଇଥିବା ପୋଲିସ ଦେଖିବାକୁ ପାଇଥିଲା। ଥାନା ଅଧିକାରୀ ଭୀମସେନ ନାୟକ ଘଟଣାର ତଦନ୍ତ କରୁଛନ୍ତି। ଏ ନେଇ ଥାନାରେ ନଂ ୧୭୯/୧୮ରେ ମାମଲା ରୁଜୁ ହୋଇଛି।

### ଡାବୁଗାଁରୁ ବିଜେଡିରେ ଯୋଗଦେଲେ ୨୫ ଯୁବକ



ଡାବୁଗାଁ, ୧।୯ (ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ ଓ ବାଇଗାଁ ଗ୍ରାମର ୨୫ ଯୁବକ ବିଜେଡିରେ ଯୋଗ ଦେଇଛନ୍ତି । ପାପଡାହାଣ୍ଡି ଠାରେ ଜିଲା ବିଜେଡ଼ିର ମହାମିଶ୍ରଣ ପର୍ବରେ ଡାବୁଗାଁ ବ୍ଲକରୁ ୨୫ ଯୁବକ ଅନୁଷ୍ଠାନିକ ଭାବେ ଯୋଗଦାନ କରିଥିଲେ । ଏଥିରେ ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧକ୍ଷତାରେ ବିକ୍ରମ ଗୌଡ ଓ ବାପୁଜୀ ରାଓଙ୍କ ଉଦ୍ୟମରେ ଡାବୁଗାଁ ଗ୍ରାମର ଅଶ୍ୱନୀ ପଣ୍ଡା, ଗୋପାଳ ପାତ୍ର, ଗଣେଶ ଖୁଣ୍ଟିଆ, ତରନୀସେନ ଜେନା, ଗୋପାଳ ପଣ୍ଡା, ଶ୍ରୀନିବାସ ପଟ୍ଟନାୟକ,ତ୍ରିଲୋଚନ ସାନ୍ତା ଙ୍କ ସହ ମୋଟ ୧୫ ଜଣ ଓ ବାଇଗାଁ ଗ୍ରାମର ଲଳିତ ମାଝୀ, ରାମସିଂ ଭତ୍ରାଙ୍କ ସମେତ ୧୦ ଯୁବକ ବିଜେଡିରେ ଯୋଗଦାନ କରିଛନ୍ତି । ସମସ୍ତଙ୍କୁ ଦଳ ତରଫରୁ ପୁଷ୍ପମାଲ୍ୟା ଦେଇ ସ୍ୱାଗତ କରାଯାଇଥିଲା।

# ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ

**ନବରଙ୍ଗପୁର,୧।୯(ବି.ପ୍ର.)**

ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ନେଇ ଜିଲାପାଳ ଡଃ ଅଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଏକ ସର୍ବଦଳୀୟ ବୈଠକ ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ ଠାରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ, ଉପଜିଲାପାଳ କରୁଣାକର ରାଇକା, ସହାୟକ ଜିଲାପାଳ ଚଇନୁ ଗଣ୍ଡ, ମଧୁସୁଦନ ମାଝୀ , ଭାଜପାର ସତ୍ୟବାଦୀ ଷଡଙ୍ଗୀ, ବିଜେଡିର ନଗର ସଭାପତି ପ୍ରମୋଦ ରଥ ଓ କଂଗ୍ରେସର ଜଣେ ପ୍ରତିନିଧି ଉପସ୍ଥିତ ଥିଲେ । ଦିବ୍ୟାଙ୍ଗମାନେ ଭୋଟ ମତଦାନ କେନ୍ଦ୍ରକୁ ଆସି ଧାଡିରେ ଠିଆ ହେବେ ନାହିଁ । ସେମାନଙ୍କ ପାଇଁ ର୍ୟାମ୍ପ ଓ ହ୍ୱିଲ ଚେୟାର ବ୍ୟବସ୍ଥା କରାଯିବ। ଭୋଟର ତାଲିକାରେ ନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀଙ୍କ ନାମ ରହିଛି କି ନାହିଁ ତାହା ଦେଖିବେ ଓ ତାଲିକାରେ ନାମ ନଥିଲେ ସଂଯୋଗ କରିବା ପାଇଁ ଆବେଦନ କରିବେ ବୋଲି କହିଥିଲେ । ସର୍ବଦଳୀୟ ପ୍ରତିନିଧିଙ୍କୁ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଚିଠା ଭୋଟର ତାଲିକା ନକଲ ଜିଲାପାଳ ପ୍ରଦାନ କରିଥିଲେ । ଏହା ପରେ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶନିବାର ଠାରୁ ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୯୮୩ ଟି ଭୋଟ ଗ୍ରହଣ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଅକ୍ଟୋବର ୩୧ରେ ଏହା ଶେଷ ହେବ।



ଜିଲାପାଳ ଚିଠା ଭୋଟର ତାଲିକାର ନକଲ ଦଳୀୟ ପ୍ରତିନିଧିଙ୍କୁ ବଣ୍ଟନ କରୁଛନ୍ତି ।

୯୮୩ଭୋଟ ଗ୍ରହଣ କେନ୍ଦ୍ରରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଚୁଡାନ୍ତ ଭୋଟର ତାଲିକା ୨୦୧୯ ଜାନୁୟାରୀ ୪ ତାରିଖରେ ପ୍ରକାଶ ପାଇବ । ଅକ୍ଟୋବର ୩୧ ମଧ୍ୟରେ ଯେଉଁମାନଙ୍କ ବୟସ ଆସନ୍ତା ୧।୧।୨୦୧୯ ସୁଧା ୧୮ ବର୍ଷ ପୂରଣ ହୋଇଥିବ , ସେମାନେ ଯେପରି ଭୋଟର ତାଲିକାରେ ନିଜର ନାମ ପଞ୍ଜିକରଣ କରିପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମୃତ ଓ ସ୍ଥାନାନ୍ତରିତ ବ୍ୟକ୍ତିମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ କରାଯିବ । ଯେଉଁମାନଙ୍କ ନାମ ଗୋଟିଏ ଭୋଟ ଗ୍ରହଣ କେନ୍ଦ୍ରରେ ଏକାଧିକ ରହିଛି ସେଥିରୁ ଗୋଟିଏ ନାମ ରଖି ଅନ୍ୟ ସମସ୍ତ ନାମଗୁଡିକୁ ତାଲିକାରୁ ବାଦ୍ ଦିଆଯିବ । କାହାର ଯଦି ଭୋଟର ପରିଚୟ ପତ୍ରରେ କିଛି ତ୍ରୁଟି ଥାଏ ତେବେ ଏହି ଧାର୍ଯ୍ୟ ସମୟ ମଧ୍ୟରେ ସଂଶୋଧନ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ନିକଟରେ ଆବେଦନ କରିପାରିବେ । ଜିଲାରେ ଥିବା ସମସ୍ତ ୧୮-୧୯ ବର୍ଷ ବର୍ଗର ଯୁବକ ଯୁବତୀ, ମହିଳା , ଦିବ୍ୟାଙ୍ଗମାନେ ଯେପରି ଶତ ପ୍ରତିଶତ ଭୋଟର ତାଲିକାରେ ନିଜର ନାମ ସାମିଲ କରିପାରିବେ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ଭୋଟର ତାଲିକାରେ ଭୋଟରମାନଙ୍କ ଶତ ପ୍ରତିଶତ ଫଟୋ ରଖିବାକୁ ସମସ୍ତ ଉଦ୍ୟମ ଜାରି ରହିବ । ଜିଲାରେ ଭୋଟ ଗ୍ରହଣ କେନ୍ଦ୍ରର ପୁନର୍ଗଠନ କରାଯାଇଛି । ତାହା ୯୭୧ରୁ ବୃଦ୍ଧି ପାଇ ୯୮୩ ହୋଇଛି । ବର୍ତ୍ତମାନ, ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୨୦ ଟି କେନ୍ଦ୍ର, ଝରିଗାଁରେ ୨୫୫, ନବରଙ୍ଗପୁରରେ ୨୭୦, ଡାବୁଗାଁରେ ୨୩୮ଭୋଟ ଗ୍ରହଣ କେନ୍ଦ୍ର ରହିବ । ଆଗାମୀ ସାଧାରଣ ନିର୍ବାଚନ ପ୍ରକ୍ରିୟା ଏ ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ଅନୁଷ୍ଠିତ ହେବ । ଚିଠା ଭୋଟର ତାଲିକାରେ ଜିଲାରେ ମୋଟ ଭୋଟର ୮,୦୫,୧୮୮ ରହିଥିବା ଜିଲାପାଳ ଜଣାଇଛନ୍ତି । ସେଥିମଧ୍ୟରୁ ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ସଂଖ୍ୟା ୧,୮୬,୪୬୭, ଝରିଗାଁରେ ୨,୦୪,୩୩୬, ନବରଙ୍ଗପୁରରେ ୨,୨୩,୮୫୪ ଓ ଡାବୁଗାଁରେ ୧, ୯୦,୫୩୧ ଭୋଟର ଅଛନ୍ତି। ଏହି ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ମୋଟ ୯୮୩ବୁଥ ସ୍ତରୀୟ ଅଧିକାରୀ ଓ ୯୮ ଜଣ ବିଏଲ୍‌ଓ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଯେଉଁ ବୁଥ୍‌ସ୍ତରୀୟ ଅଧିକାରୀମାନେ ଅତ୍ୟନ୍ତ ସନ୍ତୋଷଜନକ କାମ କରିବେ ସେମାନଙ୍କୁ ଆଗାମୀ ଜିଲାସ୍ତରୀୟ ଜାତୀୟ ଭୋଟର ଦିବସରେ ଜିଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯିବାକୁ ବ୍ୟବସ୍ଥା କରାଯାଇଛି । ନିର୍ବାଚନ ବିଭାଗର ବରିଷ୍ଠ କିରାଣି ପ୍ରସାଦ ରାଓ, ଦେବେନ୍ଦ୍ର ବିଷୋୟୀ ଓ ସୁରେନ୍ଦ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ ।

- ଚୂଡ଼ାନ୍ତ ଭୋଟର ତାଲିକା ୨୦୧୯ ଜାନୁୟାରୀ ୪ରେ ପ୍ରକାଶ ପାଇବ
- ଭୋଟ ଗ୍ରହଣ କେନ୍ଦ୍ର ୯୭୧ରୁ ବୃଦ୍ଧି ପାଇ ୯୮୩ ହୋଇଛି
- ମତଦାନ ବେଳେ ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ ଚେୟାର ବ୍ୟବସ୍ଥା କରାଯିବ

■ ନବରଙ୍ଗପୁର ମହାବିଦ୍ୟାଳୟ ସରକାରୀ ମାନ୍ୟତା ପ୍ରସଙ୍ଗ

# ଜିଲାବାସୀଙ୍କ ଭାବନା ସହ ଛଳନା କରାଯାଇଛି : ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଓ ଅନ୍ୟମାନେ ।

**ନବରଙ୍ଗପୁର,୧।୯(ବି.ପ୍ର.)**

ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ମିଳିଲା ନାହିଁ। ଭିତ୍ତିଭୂମି ବିକାଶ ପାଇଁ ଦେଢକୋଟି ଟଙ୍କା ଯୋଗାଇ ଦିଆଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଜିଲାର ଜନସାଧାରଣ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ସରକାର ଛଳନା କରିଛନ୍ତି ବୋଲି ଏକ ଖବରଦାତା ସମ୍ମିଳନୀରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ମାନସ ଦାଶ କହିଛନ୍ତି। ଅନୁଦାନ ଗୋଟିଏ ବର୍ଷ ପାଇଁ ନା ପ୍ରତିବର୍ଷ ଯୋଗାଇ ଦିଆଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ୧୯୯୧ରେ ସ୍ଥାପିତ ନବରଙ୍ଗପୁର ମହାବିଦ୍ୟାଳୟକୁ ୪୮ ବର୍ଷ ପୂରଣ ହେଲାଣି । । ସରକାରୀ କଲେଜ ମାନ୍ୟତା ଦାବୀ ନେଇ ୨୦୦୬ରେ ଛାତ୍ର ଅଶାନ୍ତ ଦେଖା ଦେଇଥିଲା। ୨୦୧୧ ପର୍ଯ୍ୟନ୍ତ ଆବଶ୍ୟକ ଦସ୍ତାବିଜ ସରକାର ମାଗିଥିଲେ । ପର୍ଯ୍ୟାୟ କ୍ରମେ ସମସ୍ତ କାଗଜ ପତ୍ର ମହାବିଦ୍ୟାଳୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି । ତଥାପି କଲେଜକୁ ସରକାରୀ ମାନ୍ୟତା ମିଳିଲା ନାହିଁ। ପୂର୍ବତନ ଏମପି ପର୍ଶୁରାମ ମାଝୀ କହିଥିଲେ ଯେ ଶିକ୍ଷାର ବିକାଶ ପାଇଁ ପ୍ରଥମେ ସ୍ଥାନୀୟ ଲୋକ ହିଁ ଉଦ୍ୟମ କରି ମହାବିଦ୍ୟାଳୟ ସ୍ଥାପନ କରିଥାନ୍ତି। ନବରଙ୍ଗପୁର ମହାବିଦ୍ୟାଳୟ ସ୍ୱୟଂ ସମ୍ପୂର୍ଣ୍ଣ ହେବା ପରେ ମଧ୍ୟ ସରକାର ଗ୍ରହଣ କରି ପାରୁ ନାହାନ୍ତି । ନବରଙ୍ଗପୁର ଜିଲାରେ ୧୨ ଲକ୍ଷ ଜନସାଧାରଣରେ ୧୨ ମହାବିଦ୍ୟାଳୟ ରହିଛି । ୩ଟି ମହାବିଦ୍ୟଳୟକୁ ଗ୍ରାଣ୍ଟ ମିଳୁଛି । ଭିତ୍ତିଭୂମିର ବିକାଶ ପାଇଁ ଦେଢକୋଟି ଟଙ୍କା ପ୍ରଦାନ କରି ଲୋକଙ୍କ ବିଶ୍ୱାସ ଓ ଭାବନାକୁ ଧକ୍କା ଦେଇଛନ୍ତି ବୋଲି ସେ କହିଥିଲେ । ନବରଙ୍ଗପୁର ମହାବିଦ୍ୟାଳୟ ସରକାରୀ ମାନ୍ୟତା ନପାଇବା ପର୍ଯ୍ୟନ୍ତ ଭାଜପା ଅନ୍ଦୋଳନ ଜାରି ରଖିବ । ସମସ୍ତ ବ୍ଲକ, ଅନୁଷ୍ଠାନ ଓ ସଂଘକୁ ଏକ୍ରତିତ କରି ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦାବୀ କରାଯିବ ବୋଲି କହିଥିଲେ । ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଗୋବିନ୍ଦ ଜୈନ, ନଗରମୋର୍ଚ୍ଚା ସଭାପତି ସୁବ୍ରତ ମିଶ୍ର, ମିଡିଆ ସଂଯୋଜକ ସଂଜୀବ ନନ୍ଦ, ଜିଲା ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ଉପସଭାପତି ନରେଶ ସଂ, ମୁକେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

■ ୫ଦଫା ଦାବି ନେଇ ବିଡିଓଙ୍କୁ ଦାବିପତ୍ର

# ଦାବି ପୂରଣ ନ ହେଲେ ସମୂହ ଛୁଟିରେ ଯିବେ ଜେଇ

**ପାପଡାହାଣ୍ଡି,୧।୯(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକରେ କାର୍ଯ୍ୟରତ ସମସ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ପାଞ୍ଚ ଦଫା ଦାବିନେଇ ବିଡିଓ ମୋତିରାମ ଲିଆଙ୍ଗିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ସେପ୍ଟେମ୍ବର ୧୮ରୁ ସମୂହ ଛୁଟିରେ ଯିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। କନିଷ୍ଠ ଯନ୍ତ୍ରୀଙ୍କୁ ସହକାରୀ ଯନ୍ତ୍ରୀକୁ ପଦନ୍ନୋତି, ଜିପିଟିଏ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିୟମିତ କରିବା, ଡିପ୍ଲୋମା ଜେଇଙ୍କୁ ଆର୍‌ଏଟିପି ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ତେଫାନ ନାୟକ, ତନ୍ମୟ ପଟ୍ଟନାୟକ, ଦିଲୀପ ଦୀପକ ମିଶ୍ର, ରାମା ରାୟ ମାରେଣ୍ଡି, ପ୍ରଶାନ୍ତ କୁମାର ସାହୁ, ଜଗବନ୍ଧୁ ନାୟକ, ମନୋସ୍ମିତା ମିଶ୍ର, ମୌସୁମୀ ଧର, ସନ୍ତୋଷ କାଡ୍ରାକ ଓ ଏଇ ଭଗବାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ଜେଇମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

# ଡାବୁଗାଁରେ ପିସିସି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଡାବୁଗାଁ, ୧।୯ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାଠାରେ ଶନିବାର ମଧାହ୍ନରେ ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଡାବୁଗାଁ ବ୍ଲକ କଂଗ୍ରେସ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପିସିସି ସଭାପତି ଝରିଗାଁ ବ୍ଲକ ର ମଇନାପଦର ଗ୍ରାମକୁ ଗସ୍ତ ସମୟରେ ଡାବୁଗାଁ ଠାରେ ସ୍ୱାଗତ କରାଯାଇଥିଲା । ଏଥିରେ ଡାବୁଗାଁ ଜୋନ-୧ କଂଗ୍ରେସ ସଭାପତି ଜି. ସାଇରାଜୁ, ଜୋନ-୨ କଂଗ୍ରେସ ସଭାପତି ଗୁପ୍ତ ବିଶୋଇ, ବ୍ଲକ ଅଧକ୍ଷ ବଂଶୀଧର ମାଝୀ, ଜିଲା କଂଗ୍ରେସ ଉପସଭାପତି କୈଳାସ ବିଶୋଇ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ପଣ୍ଡା ଓ ବାବି ଜେନା, ସମସ୍ତ ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ଅନ୍ୟ କଂଗ୍ରେସ କର୍ମୀ ମାନେ ଉପସ୍ଥିତ ଥିଲେ ।






# ଶିକ୍ଷକଙ୍କ ସମସ୍ୟା ନେଇ ଏବିଇଓଙ୍କୁ ଦାବିପତ୍ର

**ନବରଙ୍ଗପୁର,୧।୯(ବି.ପ୍ର.)**

ନବରଙ୍ଗପୁର ବ୍ଲକ ପ୍ରାଥମିକ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ତୁରନ୍ତ ସମାଧାନ ନିମନ୍ତେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସଂଘ ପକ୍ଷରୁ ଏକ ଦାବୀପତ୍ର ଦିଆଯାଇଛି । ଏନେଇ ସଂଘର ସାଧାରଣ ସମ୍ପାଦକ ସାଇ ରମେଶ ରାଓ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି । ଗତ ୧ ବର୍ଷ ହେଲା ନବରଙ୍ଗପୁର ବ୍ଲକର ପ୍ରାଥମିକ ଶିକ୍ଷକ ସଂଘ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। କାର୍ଯ୍ୟାଳୟ ପକ୍ଷରୁ କୌଣସି ସାମାଧାନର ପ୍ରୟାସ କରାଯାଉ ନାହିଁ। ୨୦୧୬-୧୭ ଆର୍ଥିକ ବର୍ଷରେ ଆଇଟି ରିଟର୍ଣ୍ଣ ଫାଇଲରେ ଅସଫଳ ହୋଇ ସମସ୍ତ ବ୍ଲକର ଶିକ୍ଷକ ରିଟର୍ଣ୍ଣ ପାଇ ପାରିଲେ ନାହିଁ । ଏଥିପାଇଁ ଅନେକ ଥର ଅନୁରୋଧ କରାଗଲେ ମଧ୍ୟ କାର୍ଯ୍ୟାଳୟ କୌଣସି ପଦକ୍ଷେପ ନେଲା ନାହିଁ। ଜୁଲାଇ ୨୧ ତାରିଖରେ ସଂଘ ପକ୍ଷରୁ ସିଆରସିସି ଓ ସିଆରସି ପୁନଃ ଉଚୟନ ପ୍ରକ୍ରିୟାର ସରକାରୀ ନିର୍ଦ୍ଦେଶ ପତ୍ରପାଇଁ ଅନୁରୋଧ କରାଯାଇଥିଲେ ହେଁ କୌଣସି ସ୍ପଷ୍ଟିକରଣ ଦିଆଗଲା ନାହିଁ। ସେପ୍ଟେମ୍ବର ୧୭ରୁ ଡିସେମ୍ବର ୧୯ ପର୍ଯ୍ୟନ୍ତ ବକେୟା ଟଙ୍କା ପ୍ରଦାନରେ ମଧ୍ୟ ଅନେକ ତ୍ରୁଟି ରହିଛି। ଏହା ମଧ୍ୟ ତରବରିଆ ଭାବେ କାମଚଳା ରିତିରେ କରାଯାଇଛି । କୌଣସି ଶିକ୍ଷକ କାର୍ଯ୍ୟାଳୟକୁ ନିଜ ଅସୁବିଧା ଜଣାଇବାକୁ ଆସିଲେ ଓ ତ୍ରୁଟି ସଂଶୋଧନ ପାଇଁ ଅନୁରୋଧ କରିବାକୁ ଆସିଲେ ତାଙ୍କ ପ୍ରତି ଅଶାଳୀନ ବ୍ୟବହାର କରାଯାଉଛି। ଏନେଇ ପୂର୍ବରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନନେବା ଅତ୍ୟନ୍ତ କ୍ଷୋଭର ବିଷୟ । ଉପରୋକ୍ତ ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ପନ୍ଥା ଗ୍ରହଣ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ । ଏଥିପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦାୟୀ ରହିବ ବୋଲି ଦର୍ଶାଇଛନ୍ତି।

# ଭଙ୍ଗାଗଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ପୁରୁଣା ଘର

**ନବରଙ୍ଗପୁର,୧।୯(ବି.ପ୍ର.)**

ନବରଙ୍ଗପୁର ସହର ସ୍ଥିତ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ପୁରୁଣା ଘର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା । କାନ୍ଥ ଗୁଡିକ ଫାଟି ଆଁ କରିଥିଲା । ସେଠାରେ ୪ ଜଣ ବ୍ୟବସାୟୀ ଦୋକାନ କରି ରହିଥିଲେ । ବିପଦପୂର୍ଣ୍ଣ ଭାବେ ରହିଥିବାରୁ ଏହାକୁ ତୁରନ୍ତ ଭାଙ୍ଗି ଦେବା ପାଇଁ ଜିଲାପାଳ ଡଃ. ଅଜିତ କୁମାର ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ କରୁଣାକର ରାଇକା, ଏଆରସିଏସ ଚନ୍ଦ୍ର ସେଠିଆଙ୍କ ଉପସ୍ଥିତିରେ ଶନିବାର ଘରକୁ ଭଙ୍ଗାଯାଇଛି।



ଘରକୁ ଜେସିବି ଦ୍ୱାରା ଭଙ୍ଗା ଯାଉଛି ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ

ପାରଳାଖେମୁଣ୍ଡି, ୧।୯(ସ୍ୱ.ପ୍ର.): ଗଜପତି ଜିଲାରେ ଶନିବାରଠାରୁ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏ ନେଇ ଜିଲାପାଳ ଅନୁପମ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ସଂଶୋଧନ କାର୍ଯ୍ୟକ୍ରମ ୧.୯.୨୦୧୮ରୁ ଆରମ୍ଭ ଆସନ୍ତା ଅକ୍ଟୋବର ପର୍ଯ୍ୟନ୍ତ ଦୁଇମାସ ଧରି ଚାଲିବ ବୋଲି ସୂଚନା ଦିଆଯାଇଛି। ଏହି ସମୟ ମଧ୍ୟରେ ନୂତନ ମତଦାତା ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ। ଭୋଟର ତାଲିକାରେ ଥିବା ବିଭିନ୍ନ ତ୍ରୁଟିକୁ ସଂଶୋଧନ କରାଯିବ। ଫର୍ମ ଅନ୍‌ଲାଇନ ମାଧ୍ୟମରେ ଦାଖଲ କରି ଜାନୁୟାରୀ ୩ ସୁଦ୍ଧା କମ୍ପ୍ୟୁଟରୀକୃତ କରାଯାଇ ୪ଜାନୁଆରୀ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ କହିଛନ୍ତି। ଜିଲାର ମୋଟ ଭୋଟ ଗ୍ରହଣ କେନ୍ଦ୍ର ସଂଖ୍ୟା ୫୩୭ରୁ ୫୭୩କୁ ବୃଦ୍ଧି କରାଯାଇଛି। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୬୪ଟି କେନ୍ଦ୍ର ଥିବାବେଳେ ୧୨ଟି ଅଧିକ ହୋଇ ମୋଟ ୨୭୬କୁ ବୃଦ୍ଧିପାଇଛି। ସେହିଭଳି ମୋହନା ନିର୍ବାଚନ ମଣ୍ଡଳୀରେ ୨୭୨ଟି କେନ୍ଦ୍ର ଥିବାବେଳେ ୨୪ଟି ବୃଦ୍ଧି ହୋଇ ୨୯୭ କେନ୍ଦ୍ର ହୋଇଛି। ଡାକଘରି ଯନ୍ତ୍ର ମାଧ୍ୟମରେ ପ୍ରତ୍ୟେକ ବୁଥ୍ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ ଓ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସଚେତନ କାର୍ଯ୍ୟକ୍ରମ କରାଯିବ। ଉକ୍ତ ବୈଠକରେ ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କର୍କଟା, ଜିଲା ନିର୍ବାଚନ ଅଧିକାରୀ ଅଶ୍ୱିନୀକାନ୍ତ ଜାନୀ, ଉପଜିଲାପାଳ କୁକୁଲି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୭ଶହ ଲିଟର ମଦ, ପୋଚ ନଷ୍ଟ କରାଗଲା

ପାରଳାଖେମୁଣ୍ଡି, ୧।୯(ସ୍ୱ.ପ୍ର.): ଗଜପତି ଜିଲା ଅବକାରୀ ବିଭାଗ ଟିମ୍, ପାରଳାଖେମୁଣ୍ଡି ଏବଂ କାଶୀନଗର ଅବକାରୀ ବିଭାଗ ମିଳିତ ଭାବେ ଗୁମ୍ମା ଓ ସିଙ୍ଗିପୁର ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣରେ ମଦ ପୋଚ ନଷ୍ଟ କରିଛି। ପ୍ରାୟ ୭ଶହ ଲିଟର ଦେଶୀ ମଦ ପୋଚ ନଷ୍ଟ କରାଯିବା ସହ ୩୦ଲିଟର ମଦ ଜବତ ହୋଇଛି। ଜିଲା ଅବକାରୀ ଅଧୀକ୍ଷକ ପ୍ରମୋଦ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉ ହୋଇଥିଲା।

■ ଚମ୍ପାପୁର ଗାଁ ପ୍ରତି ସରପଞ୍ଚଙ୍କ ପାତରଅନ୍ତର ଅଭିଯୋଗ

# ପଞ୍ଚାୟତ ଅଫିସ ଆଗରେ ଗ୍ରାମବାସୀଙ୍କ ଧାରଣା

ରାୟଗଡ଼(ଗଜପତି), ୧।୯(ଡି.ଏନ୍.ଏ.)



ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଚମ୍ପାପୁର ଗ୍ରାମବାସୀ ଧାରଣା ଦେଉଛନ୍ତି।

ଗଜପତି ଜିଲା ରାୟଗଡ ବ୍ଲକ ସାନତୁଣ୍ଡି ପଞ୍ଚାୟତ ଅଧୀନ ଚମ୍ପାପୁର ଗ୍ରାମ ପ୍ରତି ସରପଞ୍ଚ ପାତରଅନ୍ତର ମନୋଭାବ ପୋଷଣ କରୁଥିବା ଗ୍ରାମବାସୀ ଅଭିଯୋଗ ଆଣି ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଥିସହ ନୋଟାଲ ବୈଠକ କରାଇ ଦେଇନାହାନ୍ତି। ବିଡିଓ କିମ୍ବା ଜିଲାସ୍ତରୀୟ ଅଧିକାରୀ କେହି ଗ୍ରାମକୁ ଆସି ପରଖିଲେ ନ ନେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ରମ କରାଇ ଦିଆଯିବନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରିଛନ୍ତି। ଫଳରେ ଗ୍ରାମରେ ଅଶାନ୍ତି ବାତାବରଣ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଚମ୍ପାପୁର ଗ୍ରାମରେ ୫୬ଟି ଆଦିବାସୀ ପରିବାରର ପ୍ରାୟ ୩ଶହ ଲୋକ ବାସ କରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୦ବର୍ଷ ମଧ୍ୟରେ ସରପଞ୍ଚ ଗ୍ରାମ ପ୍ରତି ପାତରଅନ୍ତର ମନୋଭାବ ପୋଷଣ କରି ଉନ୍ନତିମୂଳକ କାର୍ଯ୍ୟ କରୁନାହାନ୍ତି। ଏପରିକି ହିତାଧିକାରୀମାନେ ମଧ୍ୟ କୌଣସି ସରକାରୀ ସୁବିଧା ପାଇପାରୁନାହାନ୍ତି। ଶୁକ୍ରବାର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ବିଡିଓ ନୃସିଂହ ଚରଣ ସେଠୀ ଖାଦ୍ୟ ସୁରକ୍ଷା ଯୋଜନାର ତଦାରଖ କରିବାକୁ ଗ୍ରାମକୁ ଆସିଥିବା ବେଳେ ଗ୍ରାମବାସୀ ଏହି ଅଭିଯୋଗ ଜଣାଇଥିଲେ। ମାତ୍ର କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା ପ୍ରତିବାଦରେ ୫ଟି ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ସହ ଗ୍ରାମର ଲୋକେ ଧାରଣାରେ ବସିଛନ୍ତି। ଅନ୍ୟପକ୍ଷେ ସରପଞ୍ଚ ସୁବାସ ଚନ୍ଦ୍ର ଶବର କହିଛନ୍ତି ଯେ, ଏଭଳି ଅଭିଯୋଗ ଭିତ୍ତିହୀନ। ଚମ୍ପାପୁର ଗ୍ରାମକୁ ମୁଁ କେବେ ବି ଅଣଦେଖା କରିନାହିଁ। ସାନତୁଣ୍ଡି ବଦଳରେ ଚମ୍ପାପୁର ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ କରାଗଲା। ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଛି। ସେହିପରି ଖାଦ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା ଆଦି ବିଭିନ୍ନ ଯୋଜନାରେ ମଧ୍ୟ ହିତାଧିକାରୀମାନଙ୍କୁ ସାମିଲ କରାଯାଇଛି। ଏ ସମ୍ପର୍କରେ ବିଡିଓ ସେଠୀଙ୍କୁ ପଚାରିବାରେ କହିଛନ୍ତି ଯେ, ଘଟଣା ମୋ ନଜରକୁ ଆସିନାହିଁ। ଅଭିଯୋଗର ତଦନ୍ତ କରାଯିବ।

**ଉଗଉମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଲାଇଲି ସଜ ଦହି**
**ହାତ ବାଜୁବନ୍ଧ ଗୁଞ୍ଜିବି ବୋଲି**
**ପାଟରାଣୀ ସଙ୍ଗେ ସହୀ ।**

ଯାହାଠାରୁ ଯାହାର କିଛି ଫାଇଦା ବା ଲାଭ ପାଇବାର ଆଶାଥାଏ ତାକୁ ସେ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରିଥାଏ। ମନରେ ଅଭିସନ୍ଧି ରଖି ତା' ସହ ଭଲେଇ ହୋଇ ମିଛ ସମ୍ପର୍କ ବଢ଼ାଇଥାଏ। ହାତରେ ବାଜୁବନ୍ଧ ବାନ୍ଧିବା ଆଶାରେ ପାଟରାଣୀଙ୍କ ସହ ସମ୍ବନ୍ଧ ବଢ଼େଇ ରଖିବା ଭଳି ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୁରୁବଚନ କି କରିବ**
**ଯାହାର ଯେମନ୍ତ ସ୍ୱଭାବ ।**

ମଣିଷ ପ୍ରକୃତି ଆମରଣ ଯଥା ପୂର୍ବଂ ତଥା ପରଂ। ମଣିଷ ତା'ର ପ୍ରକୃତିକୁ କଦାପି ଛାଡ଼ି ପାରି ନ ଥାଏ। ଏପରି କି ସେଥିରେ ବୁଝାଇଲେ ବା ଆକଟ କଲେ ମଧ୍ୟ ଲାଭ କିଛି ହୋଇ ନ ଥାଏ। ଯାହାର ଯାହା ଜନ୍ମଗତ ସ୍ୱଭାବ ତାକୁ ବଦଳାଇବା ଅତ୍ୟନ୍ତ କାଠିକର ପାଠ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସତ୍ୟନାରାୟଣ ରାଜଗୁରୁଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ପାରଳାଖେମୁଣ୍ଡି, ୧।୯(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରୀ ସାହିସ୍ଥିତ ଉତ୍କଳ ହିତୈଷିଣୀ ସମାଜ ଭବାନୀଗୃହରେ ଶନିବାର ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍କଳ ହିତୈଷିଣୀ ସମାଜର କଳାକାରଙ୍କ ଦ୍ୱାରା ଗୁରୁ କୈଳାସ ପଟ୍ଟନାୟକଙ୍କ ସଂଯୋଜନାରେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା। ଶିକ୍ଷାବିତ ଗୌରଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ପଦ୍ମଶ୍ରୀ ଡ. ସତ୍ୟନାରାୟଣଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଅଜୟ କୁମାର ତ୍ରିପାଠୀ ଯୋଗଦେଇ ପଦ୍ମଶ୍ରୀ ରାଜଗୁରୁ ଗଜପତି ଜିଲା ଓ ରାଜ୍ୟରେ ଗୌରବ ଆଣିପାରିଥିଲେ ବୋଲି କହିଥିଲେ । ତାଙ୍କର ସ୍ମୃତି ସବୁଦିନ ପାଇଁ ଅମର ହୋଇ ରହିଥିବ ବୋଲି ବିଭିନ୍ନ ବକ୍ତା ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ପରିଷଦ ସଦସ୍ୟ ବଳରାମ ନାଗା, କମିଟି ସମ୍ପାଦକ ବିନୋଦ ଚନ୍ଦ୍ର ଜେନାଙ୍କ ସମେତ ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ଉପସ୍ଥିତ ଥିଲେ ।

# ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୧।୯(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ଶନିବାର ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଅନିତାରାଣୀ ବେହେରା ଯୋଗଦେଇ ଏହି ବ୍ୟାଙ୍କ ମାଧ୍ୟମରେ ଲୋକେ ପଞ୍ଚାୟତସ୍ତରରେ ଓ ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କସେବା ପାଇପାରିବେ ବୋଲି କହିଥିଲେ। କାଉଣ୍ଟର ସେବା, ମାଇକ୍ରୋ ଏଟିଏମ୍, ମୋବାଇଲ ବ୍ୟାଙ୍କ ଆପ୍ଲିକେଶନ୍, ଏସ୍.ଏମ୍.ଏସ୍. ଇତ୍ୟାଦିରେ ସେବା ଯୋଗାଇ ଦିଆଯିବ। ବିଭିନ୍ନ ଆର୍ଥିକ ସଙ୍ଗଠନ ସହ ସହଭାଗିତା କରି ଋଣ ବିନିଯୋଗ ଓ ଇନ୍ସୁରାନ୍ସ ଇତ୍ୟାଦି ସେବା ପ୍ରଦାନ କରିବ । ଏହି ପୋଷ୍ଟାଲ ବ୍ୟାଙ୍କ ଦ୍ୱାରା ଜୀବନ ବୀମା ସହିତ ସହଭାଗିତା ମଧ୍ୟ କରାଯାଇଛି। କାର୍ଯ୍ୟକ୍ରମରେ ବିଧାୟକ କେ.ସୂରିୟା ରାଓ, ପାରଳାଖେମୁଣ୍ଡି ପୋଷ୍ଟାଲ୍ ବ୍ୟାଙ୍କ କ୍ଷେତ୍ର ପରିଚାଳିକା ଦୀପିକା ପ୍ରଧାନ, ବ୍ରହ୍ମପୁର ଡାକ ବିଭାଗ ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ବେହେରା, ସହକାରୀ ଅଧିକ୍ଷକ ନକୁଳ ବେହେରା, ଭାଜପା ନେତା ଜି.ଭେଙ୍କଟରାବଣା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ ଦାବି ନେଇ ଏଆଇକେଏସ୍‌ର ବିକ୍ଷୋଭ

ପାରଳାଖେମୁଣ୍ଡି,୧।୯(ସ୍ୱ.ପ୍ର.)




ଅଖିଳ ଭାରତ କୃଷକ ସଭା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଅଖିଳ ଭାରତ କୃଷକ ସଭା (ଏଆଇକେଏସ୍) ଗଜପତି ଜିଲା ଶାଖା ପକ୍ଷରୁ କୃଷକଙ୍କ ବିଭିନ୍ନ ଦାବି ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି । ଅଖିଳ ଭାରତ କୃଷକ ସଭା ଗଜପତି ଜିଲା କମିଟି ପକ୍ଷରୁ ଜେନା ସୁଭାଷ ଚନ୍ଦ୍ର ରାଓଙ୍କ ନେତୃତ୍ୱରେ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାନା ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଆୟୋଜିତ ସଭାରେ କୃଷକଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ଆଲୋଚନା ହୋଇଥିଲା। ଦାବିଗୁଡିକ ମଧ୍ୟରେ କୃଷକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦେବା, ଭାଗଚାଷୀଙ୍କ ସମସ୍ୟା ସମାଧାନ କରିବା, ଭୂସଂସ୍କାର ଆଇନ କାର୍ଯ୍ୟକାରୀ କରାଯିବା, ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଘରଡିହ ଯୋଗାଇବା, ଗ୍ରାମାଞ୍ଚଳରେ ବସୁନ୍ଧରା ଯୋଜନା କାର୍ଯ୍ୟକାରୀ କରିବା ଇତ୍ୟାଦି ରହିଛି। ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନେଉନଥିବା ଅଖିଳ ଭାରତ କୃଷକ ସଭା ଅଭିଯୋଗ କରିଛି। ଦିନକୁ ଦିନ କୃଷକଙ୍କ ଆତ୍ମହତ୍ୟା ଘଟଣା ବଢିଚାଲିଛି। ଅମଳ ଫସଲର ଉଚିତ ଦର ନ ମିଳିବା, ଋଣ ଶୁଝି ନ ପାରିବା ଇତ୍ୟାଦି କାରଣରୁ କୃଷକମାନେ ହତୋତ୍ସାହିତ ହୋଇ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି । ସେହିଭଳି ଓଡ଼ିଶାରେ ଜଳ ଥାଇ ମଧ୍ୟ ଚାଷୀଙ୍କୁ ମରୁଡ଼ିର ସମ୍ମୁଖୀନ ହେବାକୁ ପଡୁଛି। ବ୍ୟାଙ୍କର ମୋଟ ଋଣ ୪୧.୭୧ ପ୍ରତିଶତ ଶିଳ୍ପପତି ପାଉଥିବାବେଳେ କୃଷକଙ୍କୁ ମାତ୍ର ୧୩.୪୯ ପ୍ରତିଶତ ଦିଆଯାଉଛି ବୋଲି ରାଓ ଅଭିଯୋଗ ଆଣିଛନ୍ତି। ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଅବସରରେ ଶତାଧିକ କୃଷକ ଉପସ୍ଥିତ ଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
BHUBANESWAR 7682826300, 7682826301
BRAHAMPUR 7682826307, 7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar 8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

Get Instant Cash Against Gold
Gold Cash
Sell Your Gold at 100% Market Value
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

FINANCE
P.M.J.S.Y ଜନଧନ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଘରେ ବସି ଆୟ କରନ୍ତୁ
9911436726, 9540938429

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
FREE Mobile + Laptop + Bike + 20000/-
Ph- 7739216167, 9973805993

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW: 08570958738, 08570958378

SUHANA FINANCE
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି
ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
7325861595
7325861352

MONEY WIZZ FINANCE
07991019691
07750048332
moneywizz27@gmail.com

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
Mahinder Finance
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

SMS JOB
Send SMS, Earn MONEY
WORK From Home
FREE
9667693638
9667693639

JAGANNATH FINANCE COMPNAY
8860754025
8860754032

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339

ଏବିଏସ୍ ଫାଇନାନ୍ସ
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ତ୍ରୁଟିପୂର୍ଣ୍ଣ ଭୋଟ ଗଣତି ହାରିଥିବା ୱାର୍ଡମେମ୍ବର ପ୍ରାର୍ଥୀ କୋର୍ଟରେ ବିଜୟୀ

**ଗୁଣପୁର,୧୯(ଡି.ଏନ.ଏ):** ତ୍ରୁଟିପୂର୍ଣ୍ଣ ଭୋଟ ଗଣତି ଯୋଗୁ ୱାର୍ଡମେମ୍ବର ପ୍ରାର୍ଥୀ ସବିତା ସନାସେଠୀ ହାରିଥିଲେ। ହେଲେ କୋର୍ଟରେ ସେ ବିଜୟୀ ହୋଇଛନ୍ତି। ୨୦୧୭ ଫେବୃୟାରୀ ୧୭ ତାରିଖରେ ଗୁଣପୁର ବ୍ଲକ ଚିନାସାରି ପଞ୍ଚାୟତ ପଦାସାହି ୧ ନଂ ୱାର୍ଡମେମ୍ବର ପାଇଁ ନିର୍ବାଚନ ହୋଇଥିଲା । ଏଥି ନିମନ୍ତେ ସବିତା ସନାସେଠୀ ଏବଂ ସଞ୍ଜିବିତା ଲିମା ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ନିର୍ବାଚନରେ ସବିତା ୧୬୭ ଏବଂ ସଞ୍ଜିବିତା ୧୦୩ ଖଣ୍ଡ ଭୋଟ ପାଇଥିଲେ । ୮ ଖଣ୍ଡ ଭୋଟ ନାକଚ ହୋଇଥିବା ଗଣତି ସମୟରେ ଜଣାପଡିଥିଲା । ତେବେ ୭।୩।୨୦୧୮ ଫର୍ମ ନଂ.୮ରେ ନିର୍ବାଚନ ଅଧିକାରୀଙ୍କଠାରୁ ମିଳିଥିବା ତଥ୍ୟରେ ସଞ୍ଜିବିତା ୧୬୭ ଏବଂ ସବିତା ୧୦୩ ଖଣ୍ଡ ଭୋଟ ପାଇଛନ୍ତି । ତେଣୁ ସଞ୍ଜିବିତା ବିଜୟୀ ହୋଇଛନ୍ତି ବୋଲି ଘୋଷଣା ହୋଇଥିଲା । ଏଥିରେ ସନ୍ଦେହ ହେବାରୁ ସବିତା ଏହାର ପୁନଃ ଗଣତି ପାଇଁ ଦାବି କରିଥିଲେ । ହେଲେ ଏହାକୁ ନିର୍ବାଚନ ଅଧିକାରୀ ଖାରଜକରି ଦେଇଥିଲେ । ଶେଷରେ ସବିତା ବାଧହୋଇ ଏହାର ପୁନଃ ଗଣତି କରାଯାଇ ନ୍ୟାୟ ପ୍ରଦାନ କରାଯାଉ ବୋଲି ଏସଡିଜେଏମଙ୍କ ନିକଟରେ ମାମଲା ରୁଜୁ କରିଥିଲେ। ଏଥିରେ ସେ ସଞ୍ଜିବିତା, ନିର୍ବାଚନ ଅଧିକାରୀ ତଥା ଗୁଣପୁର ବିଡିଓ ଏବଂ ଜିଲାପାଳଙ୍କୁ ପକ୍ଷଭୁକ୍ତ କରି କୋର୍ଟରେ ମାମଲା ରୁଜୁ କରିଥିଲେ । ଏହି ମାମଲାର ବିଚାର କୋର୍ଟରେ ହେଇଥିଲା । ୨୦୧୮ ଅଗଷ୍ଟ ୧୬ ତାରିଖରେ ରୁଦ୍ଧ ଦ୍ୱାର କୋର୍ଟରେ ଓକିଲ ଏବଂ ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ପୁନଃ ଗଣତି ହୋଇଥିଲା। ସେହି ଗଣତିରେ ସବିତାଙ୍କୁ ୧୬୭ ଭୋଟରୁ ୩ଟି ନାକଚ ହୋଇ ୧୬୪ ଖଣ୍ଡ ଭୋଟ ପାଇଥିଲେ । ସେହିପରି ପୂର୍ବପରି ସଞ୍ଜିବିତା ୧୦୩ ଖଣ୍ଡ ଭୋଟ ହିଁ ରହିଥିଲା । ଶେଷରେ ସମସ୍ତ ତଥ୍ୟ ଏବଂ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବୁଧବାର ଏସଡିଜେଏମ ବିଭୁଦତ୍ତ ନାୟକ ଏହି ମାମଲାର ରାୟ ଶୁଣାଇ ସବିତାଙ୍କୁ ବିଜୟୀ ଘୋଷଣା କରିଥିଲେ । ସବିତାଙ୍କ ପାଇଁ କୈଳାସ ସେନାପତି, ଗୋବିନ୍ଦ ସାହୁ ଏବଂ ସଞ୍ଜିବିତାଙ୍କ ପାଇଁ ଆଇନଜୀବୀ ଉମାଚରଣ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ ।

## ଜଙ୍ଗଲ ଜମି ପଟ୍ଟା ବଣ୍ଟନ

**ବିଷମକଟକ,୧୯(ଡି.ଏନ୍.ଏ.):** ରାୟଗଡ଼ା ଜିଲା ବିଷମକଟକସ୍ଥିତ ତହସିଲ କାର୍ଯ୍ୟାଳୟରେ ଗୁଣୁପୁର ଉପଜିଲାପାଳ ଅମୃତ ଋତୁରାଜ ଜଙ୍ଗଲଜମି ପଟ୍ଟା ବଣ୍ଟନ କରିଛନ୍ତି । ୨୦୦୮ ମସିହା ଜଙ୍ଗଲ ଜମି ଆଇନ ଅଧିକାର ଅନୁଯାୟୀ ମଟାମୁଣ୍ଡା ଗ୍ରାମର ୪୦ ଜଣ ହିତାଧିକାରୀଙ୍କ ଏହି ପଟ୍ଟା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମର ସୁପରଭାଇଜର ରମେଶ ଚନ୍ଦ୍ର ମିଶ୍ର, ରାଜସ୍ୱ ନୀରିକ୍ଷକ ସୁକାନ୍ତ ବେହେରା, ଏଆରଆଇ କେ. ଶାନ୍ତ କୁମାରୀ, ବରିଷ୍ଠ କିରାଣି ମୋତିଲାଲ ସାମଲ ଉପସ୍ଥିତ ଥିଲେ ।

## ଦୃଢ ଇଚ୍ଛାଶକ୍ତି ଥିଲେ ସ୍ୱପ୍ନ ସାକାର ହେବ

**ରାୟଗଡା ଅଫିସ୍, ୧୯:** ରାୟଗଡା ସହରର ପୁରାତନ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଗୁହା ପୁନମ ତାପସ କୁମାର ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ନୂତନ ୱେବ୍‌ସାଇଟକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟ ସମ୍ବନ୍ଧୀୟ ତଥ୍ୟ ଅପ୍‌ଲୋଡ କରାଯାଇଛି। ଏହାଛଡା ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କ ତଥ୍ୟ ଓ ସେମାନେ ଯେଉଁ କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି ତାହା ମଧ ସୂଚନା ଦିଆଯାଇଛି। ଏଥିସହ ଯେଉଁ ପୁରାତନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଉନ୍ନତି ସକାଶେ ଅର୍ଥ ପ୍ରଦାନ କରିଛନ୍ତି ତାହାର ସୂଚନା ରହିଛି। ଭବିଷ୍ୟତରେ କିଭଳି ଅର୍ଥ ପ୍ରଦାନ କରାଯାଇ ପାରିବ ସେ ସୁବିଧା ମଧ ଏଠାରେ ଉପଲବ୍ଧ କରାଯାଇଛି। ଦୃଢ଼ ଇଚ୍ଛା ଶକ୍ତି ଥିଲେ ଯେ କୌଣସି ସ୍ୱପ୍ନକୁ ସାକାର କରିବା ସମ୍ଭବ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପି.କେଶବ ରାଓ, ଶିକ୍ଷକ ବିଭୂତି ରଥଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ବିଭିନ୍ନ ସମସ୍ୟା ସମାଧାନ ନେଇ ଦାବିପତ୍ର

**ରାୟଗଡା ଅଫିସ୍, ୧୯**



ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରାୟଗଡା ବ୍ଲକ୍ କତାପେଟା ଗ୍ରାମ ପଞ୍ଚାୟତ ଅଧିନସ୍ଥ ସିଙ୍ଗାନାପୁର ଗ୍ରାମରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ଭାଜପା ପକ୍ଷରୁ ଶନିବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଭାଜପାର ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚାର ଉପସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୀରାମ ମାଝି, କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ରଜତ ମାଦଲାଙ୍କ ନେତୃତ୍ୱରେ ଭାଜପାର ନେତୃବୃନ୍ଦ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ସିଙ୍ଗାନାପୁର ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର କୋଠା ସମ୍ପୂର୍ଣ୍ଣ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ ଛାତରୁ ପାଣି ଗଳୁଥିବାରୁ ଛାତ୍ରୀଛାତ୍ରମାନେ ଅନ୍ୟତ୍ର ଏକ ଜଳ ପ୍ରକଳ୍ପ ଅମଳ କୋଠାରେ ବସି ଅଧ୍ୟୟନ କରୁଛନ୍ତି । ତେଣୁ ତୁରନ୍ତ ନିଜସ୍ୱ ଶ୍ରେଣୀ ଗୃହକୁ ମରାମତି କିମ୍ବା ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ନୂତନ କୋଠା ନିର୍ମାଣ କରିବାକୁ ଦାବି କରାଯାଇଛି । ଏଥିସହିତ ଉକ୍ତ ଗ୍ରାମରେ ବହୁଦିନଧରି ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ବହୁବାର ଗ୍ରାମ୍ୟ ଜଳ ଯୋଗାଣ ଓ ସରପଞ୍ଚ ତଥା ବିଡିଓଙ୍କୁ ଜଣାଇଲେ ମଧ ଏହାର କୌଣସି ସୁଫଳ ମିଳିପାରିନାହିଁ । ତେଣୁ ଉକ୍ତ ଗ୍ରାମରେ ଏକ ବୋରୱେଲ ସହ ଓଭରହେଡ୍ ଟ୍ୟାଙ୍କି ନିର୍ମାଣ କରାଯାଉ । ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତକଲେ ବର୍ଷା ସମୟରେ ନାଳରେ ପଶି ଯିବା ଆସିବା କଷ୍ଟସାଧରୁ ଗ୍ରାମବାସୀ ଉପକୃତ ହୋଇପାରିବେ । ଉକ୍ତ ଗ୍ରାମରେ ତୁରନ୍ତ ବିଦ୍ୟୁତ ସଂଯୋଗ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି । ଉପରୋକ୍ତ ସମସ୍ତ ସମସ୍ୟା ୭ଦିନ ମଧ୍ୟରେ ପୂରଣ କରିବାକୁ ଭାଜପା ପକ୍ଷରୁ ନିବେଦନ କରାଯାଇଛି। ଯଦି ଏହାର ସମାଧାନ କରା ନ ଯାଏ ତେବେ ବିକ୍ଷୋଭ ଓ ଧାରଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ରାୟଗଡା ଜିଲା ଶିକ୍ଷାଧିକାରୀ, ଗ୍ରାମ୍ୟ ଜଳ ଯୋଗାଣର ମୁଖ୍ୟ ନିର୍ବାହୀଯନ୍ତ୍ରୀ, ଗ୍ରାମ୍ୟ ସଡକ ଉନ୍ନୟନ ବିଭାଗର ମୁଖ୍ୟ ନିର୍ବାହୀଯନ୍ତ୍ରୀ, ପୋଲିସ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମେଶ ଖୋସ୍ଲା, ରାୟଗଡା ମଣ୍ଡଳ ସଭାପତି କୃଷ୍ଣ ପଣ୍ଡା , ସୋମନାଥ ହିମିରିକା, ଲାଚିକା ହିମିରିକା, ରାଜେଶ ନିଶିକା, ଜ୍ୟୋତି ହିମିରିକା, ସୁନଦୂର ହିମିରିକା, ଭେଙ୍କେଟରାଓ ହିମିରିକା, ଜଗନ୍ନାଥ ହିମିରିକା ଓ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

**ସେଲ୍‌ଫି କର୍ନର**



@ ପପୁନ



@ ରାଜ



@ ସଞ୍ଜୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ରାୟଗଡ଼ାରେ ପହଞ୍ଚିଲା ସନ୍ଥ ପଦଯାତ୍ରା

**ରାୟଗଡା ଅଫିସ୍, ୧୯**



ରାୟଗଡ଼ାରେ ପହଞ୍ଚିଥିବା ପଦଯାତ୍ରା ।

ଫୁଲବାଣୀର ଜଲେଶପେଟାରୁ ସ୍ୱାମୀ ଶ୍ରୀ ଜୀବନମୁକ୍ତା ନନ୍ଦ ପୁରୀଜୀ ମହାରାଜ ଧର୍ମ ଜାଗରଣ ସନ୍ଥ ପଦଯାତ୍ରାରେ ବାହାରି ଶନିବାର ରାୟଗଡ଼ାରେ ପହଞ୍ଚିଛନ୍ତି । ଏହି ପଦଯାତ୍ରା ଥେରୁବାଲିରୁ ଜେକେପୁର ଅଭିମୁଖେ ଯାତ୍ରା କରିବା ସମୟରେ ଜିଞ୍ଜିଲିବାଡି ଗ୍ରାମଠାରେ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ବିଭିନ୍ନ ମନ୍ଦିରରୁ ଆସିଥିବା ସଂକୀର୍ତ୍ତନ ଦଳ ଓ ଚାନ୍ଦିଲି, ଅମ୍ଳାଭଟ୍ଟା, ପେଣ୍ଟା ଗ୍ରାମବାସୀ ସ୍ୱାମିଜୀଙ୍କୁ ଜେକେପୁର ଶିଶୁ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇ ସ୍ୱାଗତ କରାଯାଇଥିଲା । ସନ୍ଧ୍ୟାରେ ଜେକେପୁରସ୍ଥିତ ଭେଙ୍କଟେଶ୍ୱର ମନ୍ଦିର ପରିସରରେ ଏକ ଧର୍ମ ଜାଗରଣ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ହିନ୍ଦୁ ସଂସ୍କୃତି, ପରମ୍ପରା ଓ ସମାଜ ପରିବର୍ତ୍ତନରେ ସାଧୁ ସନ୍ଥଙ୍କ ଭୂମିକା ବିଷୟରେ ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା କରିଥିଲେ। ଜନ୍ମାଷ୍ଟମୀ ତିଥିରେ ଜେକେପୁରରୁ ଯାଇ ରାୟଗଡ଼ାଠାରେ କୃଷ୍ଣ ଜନ୍ମ ପର୍ବ ପାଳନ କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମକୁ ହରିକଥା ପ୍ରଚାରକ ପଦୀପ ଭାଇ, ଏକଲ ଅଭିଯାନ ରାଜ୍ୟ ଉପାଧକ୍ଷ ପ୍ରିୟରଞ୍ଜନ ଚୌଧୁରୀ, ସଂଘ ଚାଳକ ବିଜୟ ମଲ୍ଲ, ନୀଳାମ୍ବର ମିଶ୍ର, ସତ୍ୟନାରାୟଣ ସେଠୀ, ୱାଇଚନ୍ଦ୍ର ରାଓ, ହଳଧର ମିଶ୍ର, ସୂର୍ଯ୍ୟନାରାୟଣ ପଣ୍ଡା, ଅଧାପକ ଭବାନୀଶଙ୍କର ଦାସ, ପ୍ରଫୁଲ୍ଲ ପଲେଇ, ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ଜିଆଇଇଟି ମେକାନିକାଲ ବିଭାଗର କର୍ମଶାଳା

**ଗୁଣପୁର,୧୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଜିଆଇଇଟି ଠାରେ ମେକାନିକାଲ ବିଭାଗର ୨ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପାଇପ ଡିଜାଇନ ସନ୍ଦର୍ଭକୁ ନେଇ ଆୟୋଜିତ କର୍ମଶାଳାରେ ଆଇଆଇଟି ବନାରସସ୍ଥିତ ଇନୋଭେସନ ଟେକ୍ନୋଲଜିର ପ୍ରଶିକ୍ଷକ ଏମ.ଡି. ଇମରାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଇପ ଇଞ୍ଜିନିୟରର ଉପଯୋଗିତା ଏବଂ ନୂତନ ଜ୍ଞାନ କୌଶଳ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରିନ୍ସିପାଲ ଡଃ. ସେଛିଲ କୁମାର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ନିଜର ବୃତ୍ତିଗତ ବିକାଶ ପାଇଁ ପାଇପ ଡିଜାଇନ ଇଂଜିନିୟର ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ଆବାହକ ତଥା ବିଭାଗୀୟ ମୁଖ୍ୟ ଡ.ଅଜିତ କୁମାର ସେନାପତି କର୍ମଶାଳା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସହ ଆବାହକ ସନ୍ତୋଷ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ । ଅଧାପକ ଦେବବ୍ରତ ପଣ୍ଡା, ଶିବବ୍ରତ ମହାନ୍ତି, କାଳିଚରଣ ରଥ, ଶକ୍ତି ପ୍ରସନ୍ନ ଖାଡଙ୍ଗା, ସ୍ମିତାରାଣୀ ପଣ୍ଡା, ନଳିନୀକାନ୍ତ ପଣ୍ଡା, ସୁନୀଲ ରାଉତ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷକ ମହାସଂଘ ପକ୍ଷରୁ ଦାବିପତ୍ର




ଶିକ୍ଷୟିତ୍ରୀଶିକ୍ଷକମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

**ରାୟଗଡା ଅଫିସ୍, ୧୯**

ବିଭିନ୍ନ ଦାବି ନେଇ ଓଡ଼ିଶା ମିଳିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ମହାସଂଘର ନିର୍ଦ୍ଦେଶକ୍ରମେ ରାୟଗଡା ଜିଲା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଶନିବାର ଅତିରିକ୍ତ ଜିଲାପାଳ ସୁଧାକର ଶବରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ସଭାପତି ଶେଖ୍ ନୁର ବାସା, ମହାସଚିବ ନରେଶ ସିଂ, ପୂର୍ବତନ କ୍ୟାଡର ଜିଲା ସଂଘର ସଭାପତି ବିଜୟ ମିଶ୍ର, ଏଲ୍‌ଏଲ୍‌ଇ ସଂଘର ଶ୍ରୀନିବାସ ପିଡିକା, ତନୁଶ୍ରୀ ମିଶ୍ର, ରଘୁନାଥ ମିଶ୍ରଙ୍କ ନେତୃତ୍ୱରେ ଜିଲାରେ କାର୍ଯ୍ୟରତ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଏକତ୍ରିତ ହୋଇଥିଲେ । ଏଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ଜିଲାପାଳ ଅନୁପସ୍ଥିତ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଶବରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସପ୍ତମ ବେତନ କମିଶନରେ ପେ ଲାଗୁ କରିବା, କନିଷ୍ଠ ଶିକ୍ଷକମାନଙ୍କୁ ସପ୍ତମ ବେତନ କମିଶନ ଅନୁଯାୟୀ ୨୫ପ୍ରତିଶତ ଦରମା ବୃଦ୍ଧି କରିବା, ଏକ୍ସ କ୍ୟାଡର ଉଚ୍ଛେଦ କରି ରାଜ୍ୟ ଟ୍ରେଜେରୀ ମାଧ୍ୟମରେ ଦରମା ପ୍ରଦାନ କରିବା, କ୍ରୀଡା ଓ କଳା ଶିକ୍ଷକମାନଙ୍କୁ ୬ବର୍ଷରେ ନିୟମିତ କରିବା, ବିଷୟଭିତ୍ତିକ ଶିକ୍ଷକ ପଦବୀ ସୃଷ୍ଟି କରି ତଦନୁଯାୟୀ ଦରମା ନିର୍ଦ୍ଧାରଣ କରିବା ଆଦି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସୁରେଶ ପଣ୍ଡା, ମନୋରଞ୍ଜନ ମିଶ୍ର, ଗଙ୍ଗାପ୍ରସାଦ ବ୍ରହ୍ମା, ବାବୁଲା ଗରଡିଆ, ନୃସିଂହ ବେହେରା, ଆନନ୍ଦ ତାଡିଙ୍ଗୀଙ୍କ ସମେତ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ ।

# ସେଣ୍ଟ ଜାଭିୟର ସ୍କୁଲରେ ଜନ୍ମାଷ୍ଟମୀ ପାଳିତ

**ରାୟଗଡା ଅଫିସ୍, ୧୯**



ଜନ୍ମାଷ୍ଟମୀ ଉତ୍ସବରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ରାୟଗଡା ସହରର ନ୍ୟୁକଲୋନୀଠାରେ ଥିବା ସେଣ୍ଟ ଜାଭିୟର ସିନିୟର ସେକେଣ୍ଡାରୀ ସ୍କୁଲଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଛାତ୍ରୀଛାତ୍ର ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ କୌତୁକ ପୋଷାକ ପ୍ରତିଯୋଗିତାରେ ଭାଗ ନେଇ ଦେଖଣାହାରୀଙ୍କ ମନ ମୋହିଥିଲେ। ବିଦ୍ୟାଳୟ ଅଧକ୍ଷ ନିରଞ୍ଜନ ପାତ୍ର ଜନ୍ମାଷ୍ଟମୀର ମହତ୍ତ୍ୱ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇଥିଲେ । ବିଦ୍ୟାଳୟରେ ପିଲାମାନେ ଶ୍ଳୋକ ଗାନ, ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷୟିତ୍ରୀମାନେ ଶ୍ରୀକୃଷ୍ଣ ଉପରେ ଆଧାରିତ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

■ଦୋକାନୀଙ୍କୁ ଆକ୍ରମଣ ମାମଲା

# ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ

**ଗୁଣପୁର,୧୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଏଡିଜେ କୋର୍ଟରେ ଶନିବାର ଜଣେ ଦୋକାନୀଙ୍କୁ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି । ଏଡିଜେ ନିଶିଥ ନିଶଙ୍କ ଅଭିଯକ୍ତ ବାଳକୃଷ୍ଣ ଗମାଙ୍ଗଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ତାଙ୍କର କୋର୍ଟରୁ ଜାମିନ ହୋଇଥିବାରୁ ସେ ଜେଲର ମୁକୁଳିଛନ୍ତି । ୨୦୧୫ ଅକ୍ଟୋବର ୭ ତାରିଖରେ ଚାଲକମ୍ବା ଗ୍ରାମରେ ଭି. ଚିନିକ୍ରିଷ୍ଣା ଦୋକାନରେ ବସିଥିଲେ । ରାତି ୭ଟାରେ ସେହି ଗ୍ରାମର ବାଳକୃଷ୍ଣ ଦୋକାନକୁ ଆସିଥିଲେ । କୌଣସି କାରଣକୁ ନେଇ ଚିନି କ୍ରିଷ୍ଣା ଏବଂ ବାଳକୃଷ୍ଣଙ୍କ ମଧରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ବାଳକୃଷ୍ଣ ଏକ କାତି ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ । ଫଳରେ ସେ ଗୁରୁତର ହୋଇ ପଡିଥିଲେ । ଏ ନେଇ ଚିନି କ୍ରିଷ୍ଣାଙ୍କ ଭାଇ ରାମକ୍ରିଷ୍ଣା ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ବାଳକୃଷ୍ଣଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ଆସିଥିଲେ । ଏହି ମାମଲାରେ ଗୁଣପୁର ଏଡିଜେଙ୍କ କୋର୍ଟରେ ବିଚାରଣା ହୋଇଥିଲା । ୧୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା । ସମସ୍ତସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏଡିଜେ ନିଶିଥ ନିଶଙ୍କ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତଙ୍କ ପାଇଁ ଉମାଚରଣ ପଟ୍ଟନାୟକ ଏବଂ ସରକାରଙ୍କ ପକ୍ଷରୁ ଗଦାଧର ପଣ୍ଡା ମାମଲା ପରିଚାଳନା କରିଥିଲେ ।

# ଡିଆର୍‌ଏମ୍‌ଙ୍କ ମୁନିଗୁଡା ଷ୍ଟେଶନ ପରିଦର୍ଶନ

**ମୁନିଗୁଡା/ଅମ୍ବାଦୋଳା, ୧୯(ଡି.ଏନ.ଏ)**



ଡିଆରଏମ ଆଲୋଚନା କରୁଛନ୍ତି ।

ସମ୍ବଲପୁର ଡିଆର୍‌ଏମ ଜୟଦୀପ ଗୁପ୍ତା ଶନିବାର ରାୟଗଡ଼ା ଜିଲା ମୁନିଗୁଡା ରେଳ ଷ୍ଟେଶନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମୁନିଗୁଡା ବିକାଶ ପରିଷଦର ସଭାପତି ମହମ୍ମଦ ଆୟୁବ, ସମ୍ପାଦକ ସୁଧାକର ମହାରଣା, ଭାଜପା ଜିଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରା, ବିଜେଡି ବ୍ଲକ ସଭାପତି ରତନ ଲାଲ ଜୈନ, ପ୍ରେସ କ୍ଲବ ସଭାପତି ରାଜୀବ ଲୋଚନ ଦାସ, ସିମାଞ୍ଚଳ ପଣ୍ଡା, ବଣିକ ସଂଘର ସଞ୍ଜୟ ଖଣ୍ଡେଲୱାଲ, ବଜରଙ୍ଗ ଦଳର ଭୀମ ବେହେରା, କଳିଙ୍ଗ ବୈଶ୍ୟ ସଂଘର ସଭାପତି ଜାମି ମହେଶ ପ୍ରମୁଖ ଡିଆର୍‌ଏମ ଗୁପ୍ତାଙ୍କୁ ଭେଟି ଷ୍ଟେଶନର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ଜଣାଇଥିଲେ। ଏଥିସହ ମୁନିଗୁଡା ରେଳ ଫାଟକଠାରେ ଭୂତଳ ରାସ୍ତା ନିର୍ମାଣ ଏବଂ ସକାଳ ସମୟରେ ରାୟଗଡ଼ା ଅଭିମୁଖେ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯିବା ନିମନ୍ତେ ଦାବି ଉପସ୍ଥାପନ କରାଯାଇଥିଲା। ଷ୍ଟେଶନ ଚାରିପାଟ ଆବର୍ଜନାମୟ ହୋଇପଡ଼ିଛି, ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ ଅବସ୍ଥାରେ ଅଛି, ବିଦ୍ୟୁତ କାଟ ହେଲେ ଷ୍ଟେଶନ ଅନ୍ଧାର ହୋଇଯାଉଛି ଏବଂ ଏଠାରେ ପାନୀୟଜଳ ସମସ୍ୟା ରହିଥିବା ମଧ ଡିଆର୍‌ଏମଙ୍କୁ ଅବଗତ କରାଯାଇଥିଲା। ପରେ ଡିଆର୍‌ଏମ ଗୁପ୍ତା ଷ୍ଟେଶନ ମ୍ୟାନେଜର ପୁରୁଷୋତ୍ତମ ପାଟ୍ଟଯୋଶୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ବିଭିନ୍ନ ସମସ୍ୟା ଦୂର ପାଇଁ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷେ, ତୁରନ୍ତ ଦୁଇଟି ମୁଖ୍ୟ ସମସ୍ୟାର ସମାଧାନ ନ ହେଲେ ରେଳରୋକୋ କରାଯିବ ବୋଲି ପ୍ରତିନିଧି ଦଳର ସଦସ୍ୟମାନେ କହିଛନ୍ତି।